

ଇସ୍ରାଏଲ୍ ଯିବେ ପ୍ରଧାନମନ୍ତ୍ରୀ ମୋଦୀ

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 307 | ଭାଗ ୩୩ | ସଂଖ୍ୟା ୩୦୭ | Friday 30 January 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର ୩୦ ଜାନୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ୟୁଜିସିକୁ ଝଟ୍‌କା | ନୂଆ ନିୟମରେ 'ସୁପ୍ରିମ' ରୋକ




- ମାର୍ଚ୍ଚ ୧୯ରେ ପରବର୍ତ୍ତୀ ଶୁଣାଣି
- ଅପବ୍ୟବହାର ଆଶଙ୍କା ପ୍ରକଟ କଲେ ସିଜେଆଇ

**ନୂଆଦିଲ୍ଲୀ,୨୯।୧:** ସୁପ୍ରିମକୋର୍ଟ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି)ଙ୍କ ନୂଆ ନିୟମ ବିରୋଧରେ ଆଗତ ଆବେଦନ ଉପରେ ଶୁଣାଣି କରି ରୋକ ଲଗାଇଛନ୍ତି। ଆଜି ଏହି ମାମଲା ଉପରେ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆମକୁ ଜାତିବିହୀନ ସମାଜ ଦିଗରେ ଆଗକୁ ବଢ଼ିବାକୁ ପଡ଼ିବ ବୋଲି କହିଛନ୍ତି। ଏଥିସହ ଏହି ମାମଲାରେ। ସୁପ୍ରିମ୍‌କୋର୍ଟ କେନ୍ଦ୍ର ଓ ୟୁଜିସିକୁ ମଧ ନୋଟିସ୍ ଜାରି କରିଛନ୍ତି। ୟୁଜିସି ନୂଆ ନିୟମ ସାଧାରଣ ବର୍ଗଙ୍କ ବିରୋଧରେ ଭେଦଭାବ ପୂର୍ଣ୍ଣ ବୋଲି କୁହାଯାଇଛି। ଆଜି ମାମଲାର ଶୁଣାଣି ସମୟରେ କୋର୍ଟ କହିଛନ୍ତି ଯେ ୨୦୧୨ର ନିୟମ ନୂଆ ଆଦେଶ ନ ଆସିବା ପର୍ଯ୍ୟନ୍ତ ବଳବତ୍ତର ରହିବ। ଏଥିସହ ୨୦୧୨ରେ ଲାଗୁ ହୋଇଥିବା ୟୁଜିସି ନିୟମ ସେ ପର୍ଯ୍ୟନ୍ତ କାଏମ ରହିବ ବୋଲି ୩ଟି ମାମଲାର ଶୁଣାଣି ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କରିଛନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ବେଶ୍ କଡ଼ା ଟିପ୍ପଣୀ ଦେଇଛନ୍ତି। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ନୂଆ ନିୟମ ଅସ୍ପଷ୍ଟ ଓ ଏହାର ଦୁରୁପଯୋଗ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କୋର୍ଟ ୟୁଜିସିର ନୂଆ ନିୟମ ଉପରେ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ରୋକ ଲଗାଇଛନ୍ତି। ଏହି ମାମଲାରେ କୋର୍ଟ ଆସନ୍ତା ମାର୍ଚ୍ଚ ୧୯ ତାରିଖରେ ପରବର୍ତ୍ତୀ ଶୁଣାଣି କରିବେ।

ଏହି ମାମଲାର ଆବେଦନକାରୀ ଭିନୀତ ଜିନ୍ଦଲ କହିଛନ୍ତି ଯେ ଆଜି ସିଜେଆଇ ତାଙ୍କ ତର୍କକୁ ପ୍ରଶଂସା କରିଛନ୍ତି, ତେଣୁ ଏହା ତାଙ୍କ ପାଇଁ ବଡ଼ ବିଜୟ। ବିଶେଷ କରି ୩ଟି ପ୍ରସଙ୍ଗରେ ଚର୍ଚ୍ଚା ହୋଇଛି। ଏଥିରେ ଏକ ସେକ୍ସନ ୩-ସି ଯାହା ଜାତିଭେଦ ସମ୍ପର୍କିତ ହୋଇଥିବା ବେଳେ ଶ୍ରୀ ଜିନ୍ଦଲ କହିଛନ୍ତି ଯେ ସିଜେଆଇ ତାଙ୍କ ତର୍କକୁ ସ୍ୱୀକାର କରିବା ସହ ଯଦି ଏପରି ➪ପୃଷ୍ଠା-୬

## ଅର୍ଥମନ୍ତ୍ରୀ ଦେଖାଇଲେ ସଶକ୍ତ ଭାରତର ପ୍ରତିଛବି

# ଅଭିବୃଦ୍ଧି ୭.୨% ଆକଳନ



- ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପିତ
- ଯାନବାହନ ଶିଳ୍ପ ହୋଇଛି ଅଭିବୃଦ୍ଧି ଇଞ୍ଜିନ୍
- ଦେଶରେ ବଢ଼ିଛି ଏଆଇର ଉପଯୋଗ
- ଇଭି କ୍ଷେତ୍ରରେ ଆସିଛି ବିପ୍ଳବ

**ନୂଆଦିଲ୍ଲୀ,୨୯।୧(ସଂଚାର ବ୍ୟୁରୋ):** ଆସନ୍ତା ୧ ତାରିଖରେ କେନ୍ଦ୍ର ବଜେଟ୍ ଉପସ୍ଥାପନ ହେବାକୁ ଥିବା ବେଳେ ଆଜି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ବର୍ଷ ପାଇଁ ଆର୍ଥିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହି ରିପୋର୍ଟରେ ସ୍ଥାନ ପାଇଥିବା ବିଭିନ୍ନ ସୂଚନାନୁସାରେ, ପ୍ରତି କ୍ଷେତ୍ରରେ ଭାରତ ସଶକ୍ତ ପ୍ରଦର୍ଶନ କରୁଥିବାରୁ ଅର୍ଥ ମନ୍ତ୍ରୀ ସଶକ୍ତ ଭାରତର ପ୍ରତିଛବି ଏହି ରିପୋର୍ଟରେ ଦେଖାଇଛନ୍ତି। ରିପୋର୍ଟ ଅନୁସାରେ, ସାମ୍ପ୍ରତିକ ସମୟରେ ବିଶ୍ୱ ବଜାରରେ ସ୍ଥିରତା ରହିଥିଲେ ବି ଭାରତ ନିଜକୁ ଏକ ଦ୍ରୁତତମ ଅଭିବୃଦ୍ଧିଶୀଳ ପ୍ରମୁଖ ଶିଳ୍ପ ଅର୍ଥବ୍ୟବସ୍ଥା ଭାବେ ଆଗକୁ ବଢ଼ିଚାଲିଛି। ଏହା ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନ ଆଡ଼କୁ ଏକ ବଡ଼ ପରିବର୍ତ୍ତନ ଏବଂ ଏହାର ଭୌତିକ ଓ ଡିଜିଟାଲ୍ ଭିତ୍ତିଭୂମିର ଏକ ବୃହତ୍ ସଂସ୍କାର କାରଣରୁ ସମ୍ଭବପର ହୋଇପାରିଛି। ଇସ୍ପାତ, ସିମେଣ୍ଟ ଓ ରାଜପଥ ଭଳି ଶିଳ୍ପ ଆଧାରଠାରୁ ଆରମ୍ଭ କରି ଔଷଧ, ଇଲେକ୍ଟ୍ରୋନିକ୍ସ, ଏଆଇ ଓ ବୈଦ୍ୟୁତିକ ପରିବହନ ଭଳି କ୍ଷେତ୍ରରେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଆଧାରିତ ଲକ୍ଷ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ର ନୀତିଗତ ସମର୍ଥନ, ଘରୋଇ କ୍ଷମତା ନିର୍ମାଣ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାର ଏକ ସମନ୍ୱିତ ମିଶ୍ରଣ ଦେଖିବାକୁ ମିଳିଛି। ଚଳିତ ଆର୍ଥିକ ବର୍ଷରେ ଭାରତର ଶିଳ୍ପ ପ୍ରଗତି ଗତିଶୀଳ ହୋଇଛି। ୨୦୨୫-୨୬ର ପ୍ରଥମାର୍ଦ୍ଧରେ ଜିଭିଏ ଅଭିବୃଦ୍ଧି ୭ ପ୍ରତିଶତ ରହିଛି। ଏହି ପ୍ରଦର୍ଶନ ବିଶ୍ୱ ଉତ୍ପାଦନ ଫଳାଫଳ ତୁଳନାରେ ସମ୍ପୂର୍ଣ୍ଣ ଓଲଟା, ଯାହାକି ଲାଟିନ ଆମେରିକା ଓ ୟୁରୋପରେ ହ୍ରାସ ସହ ମାତ୍ର ୦.୭ ପ୍ରତିଶତ ରହିଛି। ଉତ୍ପାଦନ କ୍ଷେତ୍ରରେ ପ୍ରଥମ ତ୍ରୈମାସରେ ୭.୭୨ ପ୍ରତିଶତ ଓ ଦ୍ୱିତୀୟ ତ୍ରୈମାସରେ ୯.୧୩ ପ୍ରତିଶତ ଅଭିବୃଦ୍ଧି ହୋଇଛି। ସେହିପରି ମଧମ ଓ ➪ପୃଷ୍ଠା-୬

### ଏନ୍‌ଏସ୍‌ଡିପିରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ

**ଭୁବନେଶ୍ୱର:** କେନ୍ଦ୍ର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଓଡ଼ିଶା ସଫଳତାର ଚିତ୍ର। ୨୦୨୩-୨୪ ତୁଳନାରେ ୨୦୨୪-୨୫ରେ ରାଜ୍ୟ ସାମଗ୍ରିକ ଘରୋଇ ଘରୋଇ ଉତ୍ପାଦ (ଏନ୍‌ଏସ୍‌ଡିପି)ରେ ୧୨.୪୪ ପ୍ରତିଶତ ବୃଦ୍ଧି ହୋଇଥିବା ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦର୍ଶାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟ ଘରୋଇ ଉତ୍ପାଦ ୬.୯୯ ଲକ୍ଷ କୋଟିରୁ ୨୦୨୪-୨୫ରେ ୭.୯୦ ଲକ୍ଷ କୋଟିକୁ ବୃଦ୍ଧି ହୋଇଛି। ଏଥିସହ ➪ପୃଷ୍ଠା-୬

## ବିଶ୍ୱ ବ୍ୟାଙ୍କ ସଭାପତି-ମୁଖ୍ୟମନ୍ତ୍ରୀ ଆଲୋଚନା

# ନିରନ୍ତର ବିକାଶରେ ସହଯୋଗ ପ୍ରତିଶ୍ରୁତି

- ପୁଞ୍ଜିନିବେଶରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ: ମୁଖ୍ୟମନ୍ତ୍ରୀ
- ରାଜ୍ୟ ଯୋଜନା ଓ ରୂପାନ୍ତରଣ ଧାରାକୁ ପ୍ରଶଂସା
- ବିଶ୍ୱ ଅର୍ଥନୈତିକ ଚ୍ୟାଲେଞ୍ଜର ମୁକାବିଲା ନେଇ ଆଲୋଚନା



**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ରାଜ୍ୟରେ ଭିତ୍ତିଭୂମି ବିକାଶ, ରୂପାନ୍ତରଣ ଯୋଜନା, ଏମଏସଏମଇ ଶିଳ୍ପର ବିକାଶ ସାଙ୍ଗକୁ ସ୍ଥାୟୀ ଓ ନିରନ୍ତର ଅଭିବୃଦ୍ଧି ନେଇ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଶ୍ୱ ବ୍ୟାଙ୍କ ସଭାପତି ଅଜୟ ବାଙ୍ଗାଙ୍କ ସହ ଆଲୋଚନା କରିଛନ୍ତି। ସମ୍ପ୍ରତି ଓଡ଼ିଶା ଗସ୍ତରେ ଥିବା ବିଶ୍ୱ ବ୍ୟାଙ୍କ ସଭାପତିଙ୍କୁ ଲୋକସେବା ଭବନରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ କରିଥିଲେ।

ମୁଖ୍ୟମନ୍ତ୍ରୀଙ୍କ ସହ ବିଶ୍ୱ ବ୍ୟାଙ୍କ ସଭାପତିଙ୍କ ଆଲୋଚନା ସମୟରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଓ ବିଶ୍ୱ ବ୍ୟାଙ୍କର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଶ୍ୱ ବ୍ୟାଙ୍କ ସହ ରାଜ୍ୟରେ ଘରୋଇ କ୍ଷେତ୍ରର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯୁବ ଶକ୍ତିର ଦକ୍ଷତା ବିକାଶ, ଦୀର୍ଘସ୍ଥାୟୀ ବିକାଶ, ସାମାଜିକ କ୍ଷେତ୍ରର ଅଭିବୃଦ୍ଧି ଏବଂ ଟେକ୍ନୋଲୋଜିଭିତ୍ତିକ ବିକାଶ ଉପରେ ଆଲୋଚନା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶ୍ୱ ବ୍ୟାଙ୍କ ସଭାପତିଙ୍କ ନିକଟରେ ରାଜ୍ୟ ସରକାରଙ୍କ ପ୍ରମୁଖ ଲୋକାଭିମୁଖୀ ଯୋଜନା ଓ ରୂପାନ୍ତରଣ ସହ ଭିତ୍ତିଭୂମି ବିକାଶରେ ଅଧିକ ପୁଞ୍ଜିନିବେଶ ନେଇ ତଥ୍ୟ ରଖିଛନ୍ତି। ସେହିଭଳି ଅଧିକ ➪ପୃଷ୍ଠା-୬

# ପଞ୍ଚାୟତ ଲଢ଼େଇ ପାଇଁ ତିଆରି ହେଲା ବ୍ଲୁପ୍ରିଣ୍ଟ

- ଦଳୀୟ ପଦାଧିକାରୀଙ୍କୁ ଗୁରୁମନ୍ତ୍ର ଦେଲେ ମୁଖ୍ୟମନ୍ତ୍ରୀ ଓ ସଭାପତି
- ବିରୋଧୀ ଦଳର ଦୁର୍ବଳତାର ଫାଇଦା ନେବାକୁ କର୍ମୀଙ୍କୁ ଆହ୍ୱାନ
- ସରକାରଙ୍କ ସଫଳତା ବାବଦରେ ସଚେତନତା ସୃଷ୍ଟି ପାଇଁ ଅପିଲ




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ପଞ୍ଚାୟତ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଲା ବିଜେପି। ସାଙ୍ଗଠନିକ ସ୍ତରରେ ଶକ୍ତି ବୃଦ୍ଧି ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ସବୁ ସ୍ତରର ନେତାଙ୍କୁ ଦିଆଯାଇଛି ଦାୟିତ୍ୱ। ରାଜ୍ୟରେ ବିଜେପି ସରକାର ଗଠନକୁ ପ୍ରାୟ ଦୁଇ ବର୍ଷ ହେବାକୁ ଯାଉଥିବା ବେଳେ ଦଳ ପଞ୍ଚାୟତ ନିର୍ବାଚନର ସମ୍ମୁଖୀ ହେବ। ତେଣୁ ବିରୋଧୀ ଦଳରେ ଥିବା କନ୍ଦଳର ଫାଇଦା ନେବାକୁ ସବୁ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ପ୍ରଭାରୀ ଓ ପ୍ରାର୍ଥୀଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଦଳର ବିଧାୟକ, ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି, ଜିଲ୍ଲା ପ୍ରଭାରୀ, ବିଧାନସଭା ପ୍ରାର୍ଥୀଙ୍କୁ ନେଇ ଏକ ବିଶେଷ ପ୍ରଦେଶସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଶ୍ରୀ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଦଳର ସାଙ୍ଗଠନିକ କାର୍ଯ୍ୟ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଦଳର ସାଙ୍ଗଠନିକ ବ୍ୟବସ୍ଥାର ସମୀକ୍ଷା, ବୁଥଠାରୁ ଆରମ୍ଭ କରି ଜିଲ୍ଲା କମିଟି ଗଠନ, ମଣ୍ଡଳ କମିଟି ଓ ବିଭିନ୍ନ ମୋର୍ଚ୍ଚା କମିଟି ଗଠନ ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହିସବୁ କାର୍ଯ୍ୟକୁ ଆସନ୍ତା ପଞ୍ଚାୟତ ନିର୍ବାଚନ ପୂର୍ବରୁ ସାରିବାରୁ ରୂପରେଖ ପ୍ରସ୍ତୁତ କରାଯାଇଛି। ➪ପୃଷ୍ଠା-୬

## ୫ ପଞ୍ଜିକାକୁ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଅନୁମୋଦନ



**ପୁରୀ,୨୯।୧(ସଂଚାର ବ୍ୟୁରୋ):** ୨୦୨୬-୨୭ବର୍ଷ ପାଇଁ ଆଜି ୫ଟି ପଞ୍ଜିକାକୁ ଅନୁମୋଦନ ଦେଇଛି ମୁକ୍ତିମଣ୍ଡପ ପଣ୍ଡିତ ସଭା। ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ନୂତନ ପଞ୍ଜିକା ସମୀକରଣ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏପରି ନିଷ୍ପତ୍ତି ହୋଇଛି। ଉକ୍ତ ପଞ୍ଜିକା ସମୀକରଣ ବୈଠକରେ ୮ଟି ପଞ୍ଜିକା ପ୍ରକାଶନ ସଂସ୍ଥାକୁ ଚିଠି ଦିଆଯାଇଥିବା ବେଳେ କେବଳ ୫ଟି ସଂସ୍ଥା ପାଣ୍ଡୁଲିପି ଦାଖଲ କରିଥିଲେ। ତେଣୁ ଆଗାମୀ ଦିନରେ ଏହି ପଞ୍ଜିକା ପ୍ରକାଶନ କିଭଳି ବୃଦ୍ଧି ପାଇବ ଓ ନିର୍ଭୁଲ ହେବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା, ଗଜପତି ମହାରାଜା ଓ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ୱୀକୃତ ୫ଟି ପାଞ୍ଜି ଗୋଟିଏ ପ୍ରକାରରେ ପ୍ରସ୍ତୁତ ହୋଇଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସଂଶୋଧନ ପରେ ଏହି ୫ଟି ପାଞ୍ଜି ନିର୍ଭୁଲ ଓ ➪ପୃଷ୍ଠା-୬

# ଭାରତ ବିଶ୍ୱ ପାଇଁ ଆଶାର ଆଲୋକ

- ବଜେଟ୍ ଅଧିବେଶନ ପୂର୍ବରୁ ଦେଶକୁ ମୋଦିଙ୍କ ବାର୍ତ୍ତା
- ବିକଶିତ ଭାରତ ଲାଗି ଆଗାମୀ ୨୫ ବର୍ଷ ମହତ୍ତ୍ୱପୂର୍ଣ୍ଣ
- ଏବେ ସମାଧାନ ଓ ସଂକଳ୍ପର ସମୟ
- ଐତିହାସିକ ଚୁକ୍ତିର ଭରପୂର ଫାଇଦା ନେବାକୁ ପରାମର୍ଶ



**ନୂଆଦିଲ୍ଲୀ,୨୯।୧(ସଂଚାର ବ୍ୟୁରୋ):** ଚଳିତ ବଜେଟ୍ ଅଧିବେଶନ ଆରମ୍ଭ ପୂର୍ବରୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦରେ ଗଣମାଧମକୁ ସମ୍ବୋଧନ କରିଛନ୍ତି। ସେ କହିଛନ୍ତି ଯେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଦେଶର ୧୪୦ କୋଟି ଜନତାଙ୍କ ଆତ୍ମବିଶ୍ୱାସର ପରିପ୍ରକାଶ, ସେମାନଙ୍କ କଠିନ ପରିଶ୍ରମର ପ୍ରମାଣ ଓ ଯୁବପିଢ଼ିଙ୍କ ଆକାଂକ୍ଷାର ପ୍ରତିଫଳନ। ଏହି ଅଧିବେଶନ ଆରମ୍ଭରେ ଓ ବର୍ଷ ୨୦୨୬ ପାଇଁ ରାଷ୍ଟ୍ରପତି ସମସ୍ତ ସଦସ୍ୟଙ୍କ ଆଗରେ ବିଭିନ୍ନ ପ୍ରସଙ୍ଗ ରଖିଛନ୍ତି। ରାଷ୍ଟ୍ରମୁଖ୍ୟ ଭାବେ ରାଷ୍ଟ୍ରପତି ସରଳ ଭାଷାରେ ଯେଉଁ ଆଶା ରଖିଛନ୍ତି, ସେଗୁଡ଼ିକୁ ସମସ୍ତ ସାଂସଦ ଗୁରୁତ୍ୱର ସହ ନେଇ ଅଧିବେଶନକୁ ଗୁରୁତ୍ୱପୂର୍ଣ୍ଣ କରିବାର ଆବଶ୍ୟକତା ରହିଛି। ଏହି ବଜେଟ୍ ଅଧିବେଶନ ଏକବିଂଶ ଶତାବ୍ଦୀର ପ୍ରଥମ ଚତୁର୍ଥାଂଶର ଶେଷ ଓ ଦ୍ୱିତୀୟ ଚତୁର୍ଥାଂଶର ଆରମ୍ଭ। ଆଗାମୀ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଆଗାମୀ ୨୫ ବର୍ଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଚଳିତ ବର୍ଷର ବଜେଟ୍ ହେଉଛି ଶତାବ୍ଦୀର ଦ୍ୱିତୀୟ ଚତୁର୍ଥାଂଶର ପ୍ରଥମ ବଜେଟ୍। ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲଗାତାର ନବମ ଥର ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିବେ, ଯାହା ଭାରତର ସଂସଦୀୟ ଇତିହାସ ପାଇଁ ଏକ ଗୌରବମୟ ମୁହୂର୍ତ୍ତ ବୋଲି ଶ୍ରୀ ମୋଦି କହିଛନ୍ତି।

ସେ କହିଛନ୍ତି ଯେ ସାମ୍ପ୍ରତିକ ସମୟରେ ଭାରତ ବିଶ୍ୱ ପାଇଁ ଏକ ଆଶାର ଆଲୋକ ଓ ଆକର୍ଷଣ କେନ୍ଦ୍ର ପାଲଟିଛି। ନିକଟରେ ଭାରତ ଓ ୟୁରୋପୀୟ ସଂଘ ମଧରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଭାରତର ଯୁବପିଢ଼ି ପାଇଁ ଉଜ୍ଜଳ ଭବିଷ୍ୟତ ଓ ଆଗାମୀ ଦିଗଦର୍ଶନର ପ୍ରତିଫଳନ। ଏହି ଚୁକ୍ତିନାମା ଏକ ମହତ୍ତ୍ୱାକାଂକ୍ଷୀ ଭାରତ, ଆକାଂକ୍ଷୀ ଯୁବପିଢ଼ି ଓ ଏକ ଆତ୍ମନିର୍ଭରଶୀଳ ଭାରତ ➪ପୃଷ୍ଠା-୬

## ମୁଡ୍ ଅଫ୍ ଦି ନେସନ ସର୍ଭେ | ଏକାକୀ ସରକାର କରିବ ବିଜେପି




- ୪୭ ପ୍ରତିଶତ ଛୁଇଁବ ଏନ୍‌ଡିଏ ଭୋଟ୍ ହାର
- ପଶ୍ଚିମ ବଙ୍ଗରେ ରହିବ ଦିଦିଙ୍କ ଦବ୍‌ଦବା

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ନିର୍ବାଚନ ଦୃଷ୍ଟିକୋଣରୁ ୨୦୨୪ ପରେ ୨୦୨୫ରେ ବିଜେପି ନେତୃତ୍ୱାଧୀନ ଏନଡିଏର ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ୨୦୨୫ରେ ଦିଲ୍ଲୀ ଓ ବିହାର ବିଧାନସଭା ନିର୍ବାଚନ ଜିତିଥିଲା ଏନଡିଏ। ୨୦୨୬ ପ୍ରାରମ୍ଭରୁ ମଧ ଏନଡିଏକୁ ମିଳିଛି ନିର୍ବାଚନୀ ସଫଳତା। ବିଏମସି ଓ ମହାରାଷ୍ଟ୍ର ମ୍ୟୁନିସିପାଲିଟି ନିର୍ବାଚନଗୁଡ଼ିକରେ ଏହାକୁ ମିଳିଛି ବିପୁଳ ସଫଳତା। ଏଭଳି ଏକ ସମୟରେ ଇଣ୍ଡିଆ ଟୁଡେ-ସି-ଭୋଟର ମୁଡ ଅଫ ଦ ନେସନ ସର୍ଭେ ଏନଡିଏ ପାଇଁ ଆଣିଦେଇଛି ଡବଲ ଖୁସି। ଏହି ସର୍ଭେ ଅନୁସାରେ ଯଦି ଆଜି ଦେଶରେ ➪ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT,
Please visit: www.soa.ac.in


# ପଶ୍ଚିମ-ଉପକୂଳ ଲଢ଼େଇର ମଜା ନେଉଛନ୍ତି ନବୀନ

- ଅରବିନ୍ଦ ମାମଲା ଚାପିବାକୁ ନାଟକ
- ମୁଣ୍ଡ ଟେକିପାରେ କୋଶଳ ଦାବି



**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ବିଜେଡି ରାଜନୀତିରେ ଆରମ୍ଭ ହୋଇଛି ପଶ୍ଚିମ-ଉପକୂଳ ଲଢ଼େଇ। ଦଳର ଦାୟିତ୍ୱ ହସ୍ତାନ୍ତରକୁ ନେଇ ପଶ୍ଚିମ ଓ ଉପକୂଳ ନେତାମାନେ ଏବେ ବେଶ୍ ବୟାନବାଜି ଚଳାଇଥିବା ବେଳେ ନବୀନ ପଟ୍ଟନାୟକ ଏହାର ମଜା ନେଉଥିବା ଚର୍ଚ୍ଚା ହେଉଛି। ଏହାରି ଭିତରେ ନିଲମ୍ବିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ନେଇ ଉଠିଥିବା ବିବାଦ ଲୁଚି ଯାଉଥିବା ବେଳେ ଆଗାମୀ ଦିନରେ କୋଶଳ ବିବାଦ ମୁଣ୍ଡ ଟେକିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

ବିନା ମେଘରେ ବଜ୍ରପାତ ଭଳି ହଠାତ୍ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ବିଜେଡି ଦାୟିତ୍ୱ ବଲାଙ୍ଗୀର ବିଧାୟକ କଳିକେଶ ସିଂହଦେଓଙ୍କୁ ଦେବା ସପକ୍ଷରେ ମତ ରଖିଲେ। କଳିକେଶ ବର୍ତ୍ତମାନ ବିଧାୟକ ଥିବା ସହ ସେ ହେଉଛନ୍ତି ନବୀନଙ୍କ ବନ୍ଧୁ ଅନଙ୍ଗ ଉଦୟ ସିଂହଦେଓଙ୍କ ପୁତ୍ର। ଅଳ୍ପଦିନ ତଳେ ହଠାତ୍ ନବୀନ ନିବାସରେ ପହଞ୍ଚି ଅନଙ୍ଗ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେଇଥିଲେ। ଉଭୟଙ୍କ ଭେଟ୍‌ଘାଟ୍ ପରେ ପଶ୍ଚିମା ନେତା ଦିବ୍ୟଶଙ୍କରଙ୍କ ଏଭଳି ବୟାନକୁ ନେଇ ହଇଚଇ ସୃଷ୍ଟି ହୋଇଥିଲା। କ୍ୟାପଟେନଙ୍କ ବକ୍ତବ୍ୟ ବଜାରକୁ ଆସିବା ମାତ୍ରେ ଦଳର ଦୁଇ ଉପକୂଳିଆ ନେତା ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଓ ବିଧାୟକ ଗଣେଶ୍ୱର ବେହେରା ସେମାନଙ୍କ ମତ ରଖି ଏଭଳି ବୟାନକୁ ନାପସନ୍ଦ କରିବା ସହ ପରୋକ୍ଷରେ ଏହାକୁ ବିରୋଧ କରିଥିଲେ।

ତେବେ ଦିନକ ପରେ ଅର୍ଥାତ୍ ଆଜି କ୍ୟାପଟେନ ସାମ୍ବାଦିକ ସମ୍ମିଳନୀ କରି ତାଙ୍କର ବକ୍ତବ୍ୟରୁ ଏକପ୍ରକାର ଓହରି ଯାଇଥିବା ବେଳେ ଆଉ ଜଣେ ଟାଣୁଆ ପଶ୍ଚିମା ନେତା ତଥା ପୂର୍ବତନ ବିଜେଡି ବିଧାୟକ ଦେବେଶ ଆଚାର୍ଯ୍ୟ କ୍ୟାପଟେନଙ୍କ ମନ୍ତବ୍ୟକୁ ଏକପ୍ରକାର ସମର୍ଥନ କରିଛନ୍ତି। ଦେବେଶଙ୍କ ମନ୍ତବ୍ୟକୁ ବି କିଛି ଉପକୂଳିଆ ନେତା ନାପସନ୍ଦ କରିବା ଆରମ୍ଭ କଲେଣି। ବିଜେଡିର ଦାୟିତ୍ୱ ହସ୍ତାନ୍ତରକୁ ନେଇ ପଶ୍ଚିମା ଓ ଉପକୂଳିଆ ନେତାଙ୍କ ଲଢ଼େଇକୁ ନବୀନ ବେଶ୍ ଉପଭୋଗ କରୁଥିବା ନେଇ ଦଳୀୟ ମହଲରେ ଆଲୋଚନା ହେଉଛି।

ତେବେ ବିଜେଡିର ଏଭଳି ବିବାଦ ଭିତରେ ଧିରେ ଧିରେ ଅରବିନ୍ଦଙ୍କ ନିଲମ୍ବନ ପ୍ରସଙ୍ଗଟି ପଛକୁ ଠେଲି ହୋଇଯାଉଛି। କାରଣ ନବୀନ ପଟ୍ଟନାୟକ ଦଳର ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ନିଲମ୍ବନ କରିବା ପରେ ଅରବିନ୍ଦ ସିଧାସଳଖ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରିଥିଲେ। ତାଙ୍କ ଉପରେ ଦଳ ପକ୍ଷରୁ ଦୁର୍ନୀତିଗ୍ରସ୍ତ, ବିଶ୍ୱାସଘାତକ, ପାଟକୁରାବାସୀଙ୍କ ପ୍ରତି ➪ପୃଷ୍ଠା-୬

# ଚୋରାମଦ ଜବତ, ୪ଗିରଫ



**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟାରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ପାଟକୁରା ଓ ନିକିରେଇ ଥାନା ଅଧିନସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ଯମରା ଗ୍ରାମର ଭଗବାନ ମଲିକ(୪୭)ଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ଗରଜଙ୍ଗା ଗ୍ରାମର ପ୍ରତାପ ଚନ୍ଦ୍ର ପରିଡା(୫୯)ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, ବରତୁଙ୍ଗା ଗ୍ରାମର ବିଜୟ ବସନ୍ତିଆ(୫୨)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ ଓ ବାଳକାଟି ଗ୍ରାମର ସୁଶାନ୍ତ ମଲିକ(୩୧)ଙ୍କ ଠାରୁ ୩୨ ଲିଟର ଦେଶୀ ଚୋରାମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୦୩ ଲିଟର ଦେଶୀ ଓ ବିଦେଶୀ ଚୋରାମଦ ଜବତ କରାଯାଇ ୪ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, କଳ୍ପନା ରାଉତ, ସୁଶ୍ରୀ ଋତୁପ୍ରଭା ସ୍ୱାଇଁ, ସହକାରୀ ଉପନିରୀକ୍ଷକ ସୁନୀଲ କୁମାର ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଢିଙ୍କିଆରେ କଂଗ୍ରେସର ପ୍ରତିବାଦ ସଭା

# ହୀନ ରାଜନୀତି ବନ୍ଦ କରିବାକୁ ସ୍ଥାନୀୟ ଲୋକଙ୍କ ଦାବି

**ପାରାଦୀପ,୨୯।୧ (ସଂଚାର ବ୍ୟୁରୋ):** ଦୀର୍ଘ ଦିନର ନୀରବତା ପରେ ପୁଣି ଥରେ ଆଜି ଢିଙ୍କିଆରେ ଆରମ୍ଭ ହୋଇଛି ପ୍ରତିବାଦ ସଭା। ପ୍ରଶାସନ ବିରୋଧରେ ବିକ୍ଷୋଦଗାର କରିଛନ୍ତି ପିସିସି ମୁଖିଆ ଭକ୍ତ ଚରଣ ଦାସ ଓ ଏଆଇସିସି ସାଧାରଣ ସମ୍ପାଦକ ଅଜୟ କୁମାର ଲଲ୍ଲୁ। ଲୋକଙ୍କ ଅଧିକାର ପାଇଁ ଆରମ୍ଭ ହେବ ଲଢେଇ, ଜଙ୍ଗଲ ଜମି ଆଇନ୍ ପାଇଁ ଲଢେଇ କରିବା ସହ ଗ୍ରାମସଭା ବିନା ଜଙ୍ଗଲ ଜମି ଇଙ୍ଖେ ଦିଆଯିବ ନାହିଁ ଓ କମ୍ପାନୀ ଠାରୁ ସମସ୍ତ ଜମି ଫେରାଇ ଆଣିବାକୁ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ଆଜି ପ୍ରତିବାଦ ସଭାରେ କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ କୁମ୍ଭିର କାନ୍ଦଣା କାନ୍ଦୁଚି ଓ ହୀନ ରାଜନୀତି ବନ୍ଦ କରୁ ବୋଲି ଅନେକ ସ୍ଥାନୀୟ ଲୋକେ ଆଜି ମତ ଦେଇଛନ୍ତି। ପାରାଦୀପ ଅନ୍ତର୍ଗତ ଢିଙ୍କିଆ ଚାରିଦେଶ ଅଞ୍ଚଳରେ କଳକାରଖାନା ନାହିଁ। ସ୍ଥାନୀୟ ଲୋକେ ଜୀବିକା ନିର୍ବାହ ପାଇଁ ମାଛ ଧରିବା ଠାରୁ ଆରମ୍ଭ କରି ଚାଷବାସ କରି ବହୁ କଷ୍ଟେ ମଷ୍ଟେ ଜୀବିକା



ନିର୍ବାହ କରୁଥିଲେ। ୨୦୦୫ରେ ପୋସ୍କୋ ଆସିଥିଲା କିନ୍ତୁ ୨୦୧୭ ରେ ଫେରିଯିବା ପରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପ୍ରତିଷ୍ଠା କୁ ଢିଙ୍କିଆ ଚାରିଦେଶ ଅଞ୍ଚଳର ଲୋକମାନେ ବିପୁଳ ସମର୍ଥନ ଦେଉଛନ୍ତି। ଏଠାରେ ଶିଳ୍ପ ପ୍ରତିଷ୍ଠା ହେଲେ ଚାକିରି ପାଇବା ସହ ଲୋକେ କ୍ଷତି ପୂରଣ ମଧ ପାଇଛନ୍ତି। କମ୍ପାନୀ ପ୍ରତିଷ୍ଠା ହେଲେ ଆମ ପିଲା ଚାକିରି ପାଇବେ, ଆମ ଅଞ୍ଚଳର ଦୃତ ବିକାଶ ଘଟିବ। ଏ ନେଇ ଦଳମତ ନିର୍ବିଶେଷରେ ବହୁ ବୁଦ୍ଧିଜୀବୀ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପ୍ରତିଷ୍ଠା କୁ ସମର୍ଥନ କରିଆସୁଥିବା ବେଳେ ଗୁରୁବାର ପ୍ରଦେଶ କଂଗ୍ରେସ ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଶତାଧିକ ଲୋକ କମ୍ପାନୀ ପ୍ରତିଷ୍ଠାକୁ ବିରୋଧ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବି ବିରୋଧ କରିଛନ୍ତି। ଅତୀତରେ ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠିଙ୍କ ପାଇଁ ପୋସ୍କୋ ଭଳି ଭଲ କମ୍ପାନୀକୁ ବିରୋଧ କରୁଥିଲେ। ପୁଣି ଏବେ ଗୋଟେ ଭଲ କମ୍ପାନୀ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲକୁ ବିରୋଧ କରୁଛନ୍ତି ବୋଲି ମତ ପ୍ରକାଶ ପାଇଛି।

ଏ ନେଇ ଢିଙ୍କିଆ ଗ୍ରା.ପ ର ପୂର୍ବତନ ସରପଞ୍ଚ ଶିଶିର କୁମାର ମହାପାତ୍ର କହିଛନ୍ତି ଯେତେ ସବୁ କମ୍ପାନୀ ପାରାଦୀପକୁ ଆସିଛନ୍ତି ସମସ୍ତେ ଶିଳ୍ପ ପ୍ରତିଷ୍ଠା ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପ୍ରକଳ୍ପ ଆରମ୍ଭ ନ କରିବା ପୂର୍ବରୁ ଢିଙ୍କିଆ ଚାରିଦେଶର ୧୫୦ ଜଣଙ୍କୁ ନିଯୁକ୍ତି ଦେଇ ସାରିଛି। ପ୍ରକଳ୍ପ ଆରମ୍ଭ ହେବା ପରେ ଆମ ଅଞ୍ଚଳର ବୈଷୟିକ ଡିଗ୍ରୀ ଧାରି ପିଲାଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କାରଖାନା ନ ହେବା ପୂର୍ବରୁ ଢିଙ୍କିଆ ଚାରି ଦେଶରେ ନିଜର ସିଏସଆର ଫଣ୍ଡରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ,ଗମନାଗମନ, ମହିଳା ସଶକ୍ତିକରଣ, କୃଷକ ମାନଙ୍କୁ ଆତ୍ମ ନିର୍ଭରଶିଳ ଆଦି କାମ କରି ଚାଲିଛି। ଜେଏସଡବ୍ଲ୍ୟୁ କମ୍ପାନୀ ପ୍ରତିଷ୍ଠା ହେଲେ ଆମ ଅଞ୍ଚଳର ଦୃତ ପ୍ରଗତି ହେବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

# କ୍ଷମତାର ଅପବ୍ୟବହାର କରି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ

**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ପଂଚାୟତ ଗରାପୁର ଗ୍ରାମର ଶତାଧିକ ଚାଷୀ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ଭେଟି ତାଙ୍କ ଜମିକୁ ମୁଗ ଚାଷ ପାଇଁ ବିଦ୍ୟୁତ୍ ସଂଯୋଗ ନେବାକୁ ବିରୋଧ କରୁଥିବା ପିଏସଓଙ୍କ ବିରୋଧରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସ୍ଥାନୀୟ ଅଂଚଳର ଶତାଧିକ ଚାଷୀ ଉଠା ଜଳ ସେଚନ ପ୍ରକଳ୍ପ କାର୍ଯ୍ୟରେ ଟ୍ରାନ୍ସଫରମର ରୁ ବିଦ୍ୟୁତ୍ ତାର ସଂଯୋଗ କରାଇ ପ୍ରକଳ୍ପ ଚାଲୁ କରି ଖରିଫ ମୁଗ, ବିରିରେ ପାଣି ମଡାଇବାକୁ ଥିବାବେଳେ ଜିଲ୍ଲାପାଳଙ୍କ ପିଏସଓ ଏହାର କାର୍ଯ୍ୟ କରୁଥିବା ଏହାର ପ୍ରତିବାଦ କରି କାର୍ଯ୍ୟ ବନ୍ଦ କରଇଥିଲେ । ତାଙ୍କ ଜମି ବାହାରେ ବିଦ୍ୟୁତ୍ ଖୁଣ୍ଟ ପକାଇ ତାର ସଂଯୋଗ କରିବାପାଇଁ ଚାଷୀମାନେ ବ୍ୟବସ୍ଥା କରିଥିବା ବେଳେ କ୍ଷମତାର ଅପ ବ୍ୟବହାର କରି ତାର ପକାଇ ନଦେବା ଫଳରେ ସ୍ଥାନୀୟ ଚାଷୀମାନେ ଚାଷରୁ ବଂଚିତ ହେଉଛନ୍ତି । ଏ ବିଷୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅଭିଯୋଗ କଲାପରେ ତାଙ୍କ ନିର୍ଦ୍ଦେଶରେ କେନ୍ଦ୍ରାପଡା ତହସିଲଦାର ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳର ଚାଷୀ ମାନଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

# ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଉଡ଼ିନି ପତାକା

## ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ



**କେନ୍ଦ୍ରାପଡ଼ା, ୨୯।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ତହସିଲ ଅଧିନ ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇନାହିଁ କି ଜାତୀୟ ପତାକା ଉଡିନାହିଁ। ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହେବ ବୋଲି ନିର୍ଦ୍ଦେଶ ଦେଇଥିବା ବେଳେ ସେହି ନିର୍ଦ୍ଦେଶ ଏଠାରେ ପାଳନ ହୋଇନଥିବା ଅଭିଯୋଗ ହୋଇଛି । ଏନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ସେଦିନ ଆୟବା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ଗେଟ ଖୋଲାଯାଇନଥିଲା କି ସାଧାରଣତନ୍ତ୍ର ଦିବସ ପାଳନ ହୋଇନାହିଁ । ଜାତୀୟ ପତାକା ମଧ ଉତୋଳନ ହୋଇନଥିବା ସର୍ମ୍ପକରେ ସ୍ଥାନୀୟ ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ବୁଦ୍ଧିଜିବୀଙ୍କ ମହଲରେ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଛି । ସୁମନ୍ତ ରାଉତ, ଭାଷ୍କର ସାହୁ, ରାଜିବ ସ୍ୱାଇଁ, ସୁକାନ୍ତ ପ୍ରଧାନ, ରାମନନ୍ଦ ସାହୁ ଓ ସୁଧାକର ନାୟକ ପ୍ରମୁଖ ଏନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ରାଜସ୍ୱ ନିରୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେବି ତାହା ସମ୍ଭବ ହୋଇପାରିନି। ଏସର୍ମ୍ପକରେ କେନ୍ଦ୍ରାପଡା ତହସିଲଦାର କୁଇନି ଜେନାଙ୍କୁ ପଚାରିବାରେ ସେ କହିଥିଲେ ଯେ ଘଟଣାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ମହିଳା ବହୁମୁଖୀ ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ



**ମାର୍ଶାଘାଇ,୨୯।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ତହସିଲ ଅଫିସ ରୋଡ଼ ନିକଟରେ ଚିତ୍ରୋତ୍ପଳା ମହିଳା ବହୁମୁଖୀ ସମବାୟ ସମିତି ଗୁରୁବାର ଉଦଘାଟିତ ହୋଇଯାଇଛି । ସମବାୟ ସମିତିର ସଭାନେତ୍ରୀ ଉଷାରାଣୀ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ରାଜ୍ୟ ମହିଳା କମିସନ ସଦସ୍ୟା ଡ଼ କଳ୍ପନା ମଲିକ,କେନ୍ଦ୍ରାପଡ଼ା ଜିଲ୍ଲା ଉନ୍ନୟନ ଅଧିକାରୀ ଅଶ୍ୱିନୀ ମହାନ୍ତି, ସମବାୟବିତ ପ୍ରମୋଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମବାୟ ସମିତି କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ, ସମବାୟ ସମିତି ସମ୍ପାଦିକା ଦିପ୍ତିମୟୀ ଶତପଥୀ ପ୍ରମୁଖ ଉଦଘାଟନ ମଞ୍ଚରେ ଉପସ୍ଥିତ ଥିଲେ । ମହିଳା ସମବାୟ ସମିତିର ବହୁ ମହିଳା ସଦସ୍ୟା ଉଦଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ମଣ୍ଡପଡ଼ାରେ ଉଷୁ ଖେଳାଳିଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୨୯।୧ (ସଂଚାର ବ୍ୟୁରୋ):** ରାଜ୍ୟସ୍ତରୀୟ ଉଷୁ ପ୍ରତିଯୋଗିତାରେ ଅନନ୍ୟ ସଫଳତା ପାଇ ଆସୁଥିବା ପଟ୍ଟାମୁଣ୍ଡାଇ ବ୍ଲକ ମଣ୍ଡପଡା ଭଗଜେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନିତ୍ୟଧାମ ମଣ୍ଡପଡା ଅଭିରାମ ଆଶ୍ରମ ପରିସରରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ସରୋଜିନୀ ସାମଲ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ



କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ସଂଗ୍ରାମ ସାମଲ ଖେଳାଳି ମାନଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ୧୫ଟି ସ୍ୱର୍ଣ୍ଣ ଓ ୫ଟି ରୌପ୍ୟ ପଦକ ଜିତି ମଣ୍ଡପଡା ସ୍କୁଲ ଛାତ୍ର ଛାତ୍ରୀ ପଟ୍ଟାମୁଣ୍ଡାଇ ସହିତ କେନ୍ଦ୍ରାପଡ଼ା ଜିଲ୍ଲାକୁ ଗୌରବାନ୍ୱିତ କରିଛନ୍ତି।ଅନୁଷ୍କା ପ୍ରଧାନ, ପ୍ରାର୍ଥନା ପ୍ରଧାନ, ଶୁଭସ୍ମିତା ପ୍ରଧାନ, ଅନନ୍ୟା ଗେରୁ, ବିଶ୍ୱଜିତ ପ୍ରଧାନ, ସଂକେତ ଭୂୟାଁ, ଆଦର୍ଶ ପ୍ରଧାନ, ସାଇ ପ୍ରକାଶ ନାୟକ, ବିଶାଳ ଗେରୁ, ସରୋଜ ପ୍ରଧାନ ପ୍ରମୁଖ ୧୫ଜଣ ଛାତ୍ର ଛାତ୍ରୀଙ୍କ ସହିତ କୋଚ ସୁଶୀଲ ସାମଲ ଓ ମ୍ୟାନେଜର ସୁପ୍ରିୟା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଜନ ସମାବେଶ



**ଆଳି, ୨୯।୧ (ସଂଚାର ବ୍ୟୁରୋ):** ଆଳିର ଆରାଧ ଦେବତା ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉ ନିକଟରେ ଚଳିତ ବର୍ଷ ମଧ ବହୁ ଧୂମଧାମରେ ପାଳନ ହେଉଛି ବରାହ ଦ୍ୱାଦଶୀ। କେନ୍ଦ୍ରାପଡ଼ା, ରାଜନଗର ପଟ୍ଟାମୁଣ୍ଡାଇ, ରାଜକନିକା ଓ ଆଳିର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଭକ୍ତମାନଙ୍କ ବହୁମାତ୍ରାରେ ସମାଗମ ଦେଖିବାକୁ ମିଳୁଛି । ମାଘ ମାସ ଦ୍ୱାଦଶୀ ଦିନ ବଡ଼ି ଭୋରୁ ପହଡ଼ ଖୋଲିଲା ପରେ ମଙ୍ଗଳ ଆଳତି ହୁଏ, ବରାହ ଜୀଉଙ୍କ ସ୍ନାନ କାର୍ଯ୍ୟ ସମାପନ ପରେ ଆଳିର ବର୍ତ୍ତମାନ ଆଳି ରାଜା ଶ୍ରୀ ବ୍ରଜ କେଶରୀ ଦେବ ଓ ରାଣୀ ସାହେବାଙ୍କ ଉପସ୍ଥିତିରେ ଠାକୁରଙ୍କୁ ସେବକ ମାନେ ଅଭିଷେକ କରନ୍ତି ଏହା ପରେ ଶ୍ରୀଜିଉ ରଜାବେଶ ହୁଅନ୍ତି ଏହା ପରେ ସର୍ବ ସାଧାରଣ ଦର୍ଶନ ପାଇଁ ଅନୁମତି ମିଳେ। ଶ୍ରୀ ବରାହ ଜୀଉଙ୍କ ଏହି ବିଶେଷ ଉତ୍ସବ ଉପଲକ୍ଷେ ମନ୍ଦିର ଠାରୁ ଆଳି ବଜାର ପର୍ଯ୍ୟନ୍ତ ତ୍ୱରଣ ଆଲୋକସଜା କରାଯାଇ ଆକର୍ଷଣୀୟ ପରିପାଟିରେ ସାଜସଜା ଦେଖିବାକୁ ମିଳିଥିଲା । ପବିତ୍ର ବରାହ ଦ୍ୱାଦଶୀ ଆଳି ଅଂଚଳରେ ଏକ ସାର୍ବଜନୀନ ମହୋତ୍ସବ ଭାବେ ପାଳିତ ହେଉଥିବା ଦେଖିବାକୁ ମିଳିଛି ।

## କେନ୍ଦ୍ରାପଡ଼ା ପୌର ପରିଷଦ ବୈଠକ

# ଉନ୍ନୟନମୂଳକ କାର୍ଯ୍ୟରେ ବିଳମ୍ବ ପାଇଁ ପୌରସଭ୍ୟଙ୍କ କ୍ଷୋଭ



**କେନ୍ଦ୍ରାପଡା,୨୯।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ସମ୍ମିଳନୀ କକ୍ଷରେ ପୌରାଧକ୍ଷା ସରିତା ସାହୁଙ୍କ ସଭାପତିତ୍ୱ ରେ ପୌର ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ବୈଠକ ମାନଙ୍କରେ ଯେଉଁ ଯେଉଁ ପ୍ରସ୍ତାବ ଗୁଡିକ ଆଗତ କରାଯାଇ ଥିଲା ସେଗୁଡିକ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଧାୟକ ଗଣେଶ୍ୱର ବେହେରାଙ୍କ ସମେତ ପୌରାଧକ୍ଷା ଓ ସମସ୍ତ ସଦସ୍ୟ, ସଦସ୍ୟା ମାନେ କ୍ଷୋଭ ପ୍ରକାଶ କରିଥିଲେ।

ଡିସେମ୍ବର ୨୦୨୫ ମସିହାର ଆୟ ବ୍ୟୟ ସଂପର୍କରେ ସମୀକ୍ଷା, ଆଇଏଲଡବ୍ଲୁ କଟକ ଠାରେ ପଡି ରହିଥିବା ନଥି ଗୁଡିକ କାର୍ଯ୍ୟାଳୟକୁ ଆଣିବା ସମ୍ବନ୍ଧରେ ଓ କଜଳା ଶ୍ମଶାନର ଉନ୍ନତିକରଣ ର ବିଳମ୍ବ ସଂପର୍କରେ ଆଲୋଚନା କରାଯାଇ ଥିଲା । କଲ୍ୟାଣ ମଣ୍ଡପର ଉନ୍ନତିକରଣ ଅଗ୍ରଗତି ରେ ବିଳମ୍ବ ସଂପର୍କରେ କର୍ମଚାରୀଙ୍କୁ ତାଗିଦା କରାଯାଇ ନୂତନ ପୌର କାର୍ଯ୍ୟାଳୟ ନିର୍ମାଣ କାର୍ଯ୍ୟର ଅଗ୍ରଗତିରେ ବିଳମ୍ବ ହେବାରୁ ଉପସ୍ଥିତ ଥିବା ସଭ୍ୟ, ସଭ୍ୟା ମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏଥି ସହିତ ଭୂମିହୀନ ମାନଙ୍କୁ ଜମି ପଟା ପ୍ରଦାନ, ଡମ୍ପିଂ ୟାର୍ଡର ନିୟମିତ ସଫା କରିବା, ଗୋଶାଳା ନିମନ୍ତେ ଜମି ଯୋଗାଇବା ଆଦି ସଂପର୍କରେ ଆଲୋଚନା କରାଯାଇଛି। ପୌର ପରିଷଦ ବୈଠକ ଗୁଡିକରେ ପାରିତ ହେଉଥିବା ଯୋଜନା ଗୁଡିକର କାର୍ଯ୍ୟରେ କେତେ ଅଗ୍ରଗତି ହେଲା ଏହା ଆସନ୍ତା ୪ ତାରିଖ ଦିନ ପୁଣି ଏକ ବୈଠକରେ ସମୀକ୍ଷା କରାଯିବ ବୋଲି ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ସାଂସଦଙ୍କ ପ୍ରତିନିଧି ମହମ୍ମଦ ସଲିମ ଖାନ, ଉପାଧକ୍ଷା ଆକବରୀ ଖାତୁନ, କାଉନସିଲର ନିରାକାର ସ୍ୱାଇଁ, ଫରଜନା ବେଗମ, ପ୍ରଦୀପ୍ତ କୁମାର ଜେନା, ଉମେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସିଦ୍ଧ ସାଧକ ଅଚ୍ୟୁତାନନ୍ଦ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ




**ନିଶ୍ଚିନ୍ତକୋଇଲି,୨୯।୧ (ସଂଚାର ବ୍ୟୁରୋ):** ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ଶ୍ରୀ ଅଚ୍ୟୁତ ଯୁବ ପରିଷଦ ମିଳିତ ଆନୁକୂଲ୍ୟରେ ୨୯ ତାରିଖ ଗୁରୁବାର ସନ୍ଧ୍ୟାରେ ସିଦ୍ଧ ସାଧକଙ୍କ ଜନ୍ମ ପୀଠ ନେମାଳ ନିକଟବର୍ତ୍ତୀ ତିଳକଣା ଭଗବାନପୁର ଠାରେ ସିଦ୍ଧ ସାଧକ ଅଚ୍ୟୁତାନନ୍ଦ ଦାସଙ୍କ ରାଜ୍ୟ ସ୍ତରୀୟ ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ବିଶିଷ୍ଟ ସାହିତ୍ୟିକ ଡ଼ଃ (ଇଂ) ପ୍ରଭାକର ସ୍ୱାଇଁ, ମୁଖ୍ୟ ବକ୍ତା ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ବୀରେନ୍ଦ୍ର କିଶୋର ତ୍ରିପାଠୀ ବେଦ ବାଚସ୍ପତି, ସମ୍ମାନୀୟ ବକ୍ତା ଭାବେ ପଞ୍ଚସଖା ଗବେଷକ ଇଂ.ଗୁରୁପ୍ରସାଦ ପୃଷ୍ଟି ଯୋଗ ଦେଇ ସିଦ୍ଧ ସାଧକଙ୍କ ବିଭିନ୍ନ ରଚନାବଳୀ ବିଷୟରେ ଆଲୋକପାତ କରିଥିଲେ। ସୁସାହିତ୍ୟିକ ଗୋଲକଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଯୁବ ପ୍ରବଚକ ସୁଶାନ୍ତ କୁମାର ନାୟକ ଯୋଗ ଦେଇ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ପଞ୍ଚସଖାଙ୍କ ମଧରେ ସିଦ୍ଧ ସାଧକ ଅଚ୍ୟୁତାନନ୍ଦ ଦାସ ଜଣେ ରହସ୍ୟବାଦୀ କବି ବୋଲି ମତବ୍ୟକ୍ତ କରିଥିଲେ।

# ଶିବାନନ୍ଦ ଆଶ୍ରମରେ ମହିଳାଙ୍କ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ 'ଶକ୍ତି ରୂପେଣ ସଂସ୍ଥିତା'

**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ମହିଳାମାନଙ୍କ ପାଇଁ ଆଧାତ୍ମିକ କାର୍ଯ୍ୟକ୍ରମ "ଶକ୍ତି ରୂପେଣ ସଂସ୍ଥିତା" ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଶ୍ରମର ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଅଧକ୍ଷତା କରି ଅଶୀର୍ବଚନ ପ୍ରଦାନ କରିଥିଲେ । ଏହି ଉତ୍ସବରେ ଏସ.ଲକ୍ଷ୍ମୀ ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ବର୍ତ୍ତମାନ ମନୁଷ୍ୟ ଭୋଗବିଳାଷରେ ବୁଡିରହି ଜୀବନର ପ୍ରକୃତ ମୂଲ୍ୟବୋଧକୁ



ଭୁଲିଯାଇଛି । ଏହି ଭଳିକାର୍ଯ୍ୟକ୍ରମ ମାଧମରେ ମନୁଷ୍ୟ କେଉଁ ଉଦେଶ୍ୟ ଓ ଲକ୍ଷ୍ୟ ରଖି ଧରାପୃଷ୍ଠକୁ ଆସିଛି ତାହା ହୃଦୟଙ୍ଗମ କରିପାରିବ। ଫଳରେ ମନୁଷ୍ୟ ମୁକ୍ତିପଥର ପଥିକ ହୋଇପାରିବ ବୋଲି ସେ କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଗୁଲନଗର ସରପ ସନ୍ଧ୍ୟାରାଣୀ ସାହୁ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଗୀତା, ଭାଗବତ ଓ ଲକ୍ଷ୍ମୀପୁରାଣ ଉପରେ ଉପସ୍ଥିତ ଶତାଧିକ ମା'ମାନଙ୍କ ମଧରେ ଆଧାତ୍ମିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା ।

# କେଏମ୍‌ଏଚ୍‌ଏସ୍ ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପିକରାଳୀସ୍ଥିତ କପିଳ ମୁନି ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହା ବ୍ୟାଚ ବିଦ୍ୟାର୍ଥୀମାନଙ୍କର ଗତ ୨୫ ତାରିଖ ରବିବାର ଦିନ ଏକ ବନ୍ଧୁ ମିଳନ ପାରାଦୀପ ନେହେରୁ ବଙ୍ଗଳା ସମୁଦ୍ର ତଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନକୁ ଇଂ. ସଂଗ୍ରାମ କେଶରୀ ସାମଲ, ଧିରେନ କୁମାର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ପରିଡ଼ା, ନବଘନ ବେହେରା, ଖଗେଶ୍ୱର ନାୟକ, ସନ୍ତୋଷ କୁମାର ଦାସ, ସଞ୍ଜୁକ୍ତା ବେଉରା, ପୁଷ୍ପାଞ୍ଜଳି ପଣ୍ଡା, ସୁଜାତା ଦାସ, ଅଶ୍ୱିନୀ ସାମନ୍ତରାୟ ପ୍ରମୁଖ ପରିଚାଳନା କରିଥିଲେ । ୨୦୧୮ ମସିହାରୁ ଏହିପରି ବ୍ୟାଚ ବନ୍ଧୁମିଳନ ଆୟୋଜିତ ହେଉଛି ଓ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ଜାତୀୟ ଶିଶୁକନ୍ୟା ଦିବସ ପାଳିତ



**ଆଳି,୨୯।୧(ସଂଚାର ବ୍ୟୁରୋ):** ଶିଶୁକନ୍ୟାର ସୁରକ୍ଷା, ସ୍ୱାସ୍ଥ୍ୟ ଓ ଆଇନଗତ ଅଧିକାରର ସଚେତନତା ହିଁ ସମାଜର ମୁଖ୍ୟ କାର୍ଯ୍ୟ। ଜନସାଧାରଣଙ୍କୁ ଏହି ଅଧିକାର ଓ ସେଥିପାଇଁ ଥିବା ଆଇନଗତ ବ୍ୟବସ୍ଥା ସର୍ମ୍ପକରେ ଅବଗତ କରାଇବା ସମସ୍ତ ସଚେତନ ନାଗରିକ ମାନଙ୍କର କର୍ତ୍ତବ୍ୟ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଜେଏମଏଫସି ଅଧୀନ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଳିର ସର୍ବପୁରାତନ ବେସରକାରୀ ଶିକ୍ଷାନୁଷ୍ଠାନ ଆଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବୈଦ୍ଧିକ ମଣ୍ଡପରେ ଆୟୋଜିତ ଜାତୀୟ ଶିଶୁକନ୍ୟା ଦିବସର ଉତ୍ସବ ପାଳନ ଅବସରରେ ଆଳି କୋର୍ଟର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ତାଲୁକ ଆଇନ ସେବା ସମିତିର ଅଧକ୍ଷ ଦେବାନ ସତ୍ୟଦର୍ଶୀ ନନ୍ଦ ତାଙ୍କ ମାର୍ଗଦର୍ଶନରେ ପ୍ରକାଶ କରିଛନ୍ତି। ଭୃଣ ହତ୍ୟା ଠାରୁ ଆରମ୍ଭ କରି ବୃଦ୍ଧାବସ୍ଥାରେ ଅବହେଳାର ଶିକାର ହେଉଥିବା ସମସ୍ତ ସମସ୍ୟାର ପ୍ରତିକାର ପାଇଁ ଭାରତୀୟ ନ୍ୟାୟିକ ବ୍ୟବସ୍ଥାରେ ଥିବା ଆଇନ ବ୍ୟବସ୍ଥା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଶିଶୁ ଅଧିକାର ଓ ସେଥିପାଇଁ ଥିବା ଆଇନଗତ ବ୍ୟବସ୍ଥା ସର୍ମ୍ପକରେ ସଚେତନ କରାଇଥିଲେ। ଏଥିରେ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା' ମାନଙ୍କ ସହିତ ବିଦ୍ୟୁତ ପରିଷଦ ଓ ପରିଚାଳନା ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

# ତାରିଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ମାର୍ଶାଘାଇ,୨୯।୧(ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୫୩ ପାର୍ଶ୍ୱସ୍ଥ ମା ତାରିଣୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅଧାପକ ସମୀର କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଅଧକ୍ଷ ଉମାକାନ୍ତ ଦାସ, ଅଧାପକ ବିକାଶ ଚନ୍ଦ୍ର ଦାସ, ଅଧାପକ ମନୋଜ କୁମାର ଦାସ, ଶରତ ଚନ୍ଦ୍ର ସେଠୀ,ଜ୍ଞାନ ମହାପାତ୍ର, ସୁଶାନ୍ତ ବିଶୋଇ, ଅଧାପିକା ଶୈଳବାଳା ମହାନ୍ତି, ସୁଜାତା ସ୍ୱାଇଁ, ଗୌରାଙ୍ଗ ଚରଣ ସାହୁ, ମମତା ଶତପଥି ପ୍ରମୁଖ ମଞ୍ଚାସିନ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ କ୍ରୀଡାର ଚମ୍ପିୟାନ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ଉମାକାନ୍ତ ଦାସ ଅବସର ନେବାକୁ ଥିବାରୁ ପୁରାତନଛାତ୍ର ସଙ୍ଘ ପକ୍ଷରୁ ପୁରାତନ ଛାତ୍ର ତଥା ଉତ୍କଳ ସାମ୍ବାଦିକ ସଙ୍ଘ କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ହିମାଂଶୁ ନାୟକ, ପୁରାତନ ଛାତ୍ରୀ ତଥା ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝା ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର



**ପଟ୍ଟାମୁଣ୍ଡାଇ,୨୯।୧(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବଣିକ ସଂଘ ଆନୁକୂଲ୍ୟରେ ଦୀର୍ଘ ୭୭ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏ ଅଂଚଳର ଅନ୍ୟତମ ଗଣପର୍ବ ତଥା ମହାନ ଆଧାତ୍ମିକ କାର୍ଯ୍ୟକ୍ରମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବ ମୁଖର ହୋଇ ପଡିଛି । ଯଜ୍ଞ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ଘରେ ଘରେ ଝିଅ ଝିଆଣି ଓ ବନ୍ଧୁ ମାନଙ୍କ ଭିଡ଼ ଦେଖିବାକୁ ମିଳିଛି। ଗତ ୨୪ ତାରିଖ ଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ୯ଦିନ ବ୍ୟାପି ଅନୁଷ୍ଠିତ ହୋଇ ଆସନ୍ତା ଫେବୃୟାରୀ ୧ତାରିଖରେ ପୂର୍ଣ୍ଣାହୁତି ଦିଆଯିବ ବୋଲି କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ।

ଏହି ଯଜ୍ଞକୁ ପଣ୍ଡିତ ବ୍ରହ୍ମାନନ୍ଦ ନନ୍ଦ ଭ୍ରମରବର ତ୍ରିପାଠୀ ଯଜ୍ଞର ସମସ୍ତ ପୂଜାବିଧି ନୀତିକ୍ରାନ୍ତି ସମ୍ପନ୍ନ କରୁଛନ୍ତି।ପଟ୍ଟାମୁଣ୍ଡାଇର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରୁଛନ୍ତି । ଏହି ମହାନ ଆଧାତ୍ମିକ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବଣିକ ସଂଘ ସଭାପତି ଗୋପୀନାଥ କର, ଉପସଭାପତି ମୋହନ ଦାସ (ନମି ), ମୁଖ୍ୟ ଉପଦେଷ୍ଟା କିରଣ କୁମାର ଭୂୟାଁ, ସମ୍ପାଦକ ପ୍ରଫୁଲ୍ଲ ଲେଙ୍କା, ସହସମ୍ପାଦକ ସରୋଜ ପାଢ଼ୀ, କୋଷାଧକ୍ଷ ପର୍ଶୁରାମ ଷଣ୍ଢ, କିଶୋର ଜେନା ( ବାଇନ) ସୁଦର୍ଶନ ଦାସ,ଅଚ୍ୟୁତ ଜେନା, ହରିହର ସାହୁ,ବ୍ରଜ କିଶୋର ତ୍ରିପାଠୀ, ସମ୍ବିତ ଦାସ,ପ୍ରତାପ ସାହୁ ( ବାବୁଲି ) ସଂଗ୍ରାମ ଦାସ ଓ ଅଜୟ ପାଢ଼ୀ ପ୍ରମୁଖ ବହୁ ସଦସ୍ୟ ସାମିଲ ହୋଇ ଯଜ୍ଞ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ ପୂର୍ଣ୍ଣପ୍ରାଣରେ ସହଯୋଗ କରିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞକୁ ସରସ ସୁନ୍ଦର କରିବା ପାଇଁ ମିନା ବଜାର, ରାମ ଦୋଳି, ଚିଡ଼ିଆ ଖାନା ଆଦି ବିଭିନ୍ନ ମନୋରଞ୍ଜନକାରୀ ସଂସ୍ଥା ଯୋଗ ଦେଇଛନ୍ତି ।

# କେନ୍ଦ୍ରାପଡ଼ାରେ ବିଶାଳ ହିନ୍ଦୁ ସମ୍ମିଳନୀ



**କେନ୍ଦ୍ରାପଡ଼ା,୨୯।୧(ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତ ବାର୍ଷିକ ଅବସରରେ କେନ୍ଦ୍ରାପଡ଼ାର ନିଳିକଣା ସ୍ଥିତ ଚେମା ଦାସ ମଠ ପଡିଆରେ ତିନି ଦିନ ଧରି ସମଗ୍ର ହିନ୍ଦୁ ସମାଜ ଦ୍ୱାରା ଏକ ଭବ୍ୟ ହିନ୍ଦୁ ସମ୍ମିଳନୀ ଓ ଭାରତ ମାତାଙ୍କ ପୂଜାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରମ ପୂଜ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜାଜୀଙ୍କ କରକମଳରେ ସୋମବାର ଉଦ୍‌ଘାଟନ ହୋଇ ବୁଧବାର ଅଖିଳ ଭାରତ ଧର୍ମ ଜାଗରଣ କ୍ଷେତ୍ର ପ୍ରମୁଖ ବିନୟ କୁମାର ଭୂୟାଁଙ୍କ ଦ୍ୱାରା ସମାରୋପ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ତଥା ଓଡ଼ିଶା ପ୍ରାନ୍ତର ମହାନ ସାଧୁସନ୍ଥମାନଙ୍କ ସମେତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବହୁ ବରିଷ୍ଠ ନେତୃମଣ୍ଡଳୀ ମୁଖ୍ୟଅତିଥି ଓ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଶତବାର୍ଷିକ ଅବସରରେ ସମ୍ମିଳନୀରେ ଉପସ୍ଥିତ ଥିବା ଶତାଧିକ ଜନ ସମାବେଶକୁ ନିଜର ଦିବ୍ୟ ବାଣୀ ପ୍ରଦାନ କରିଥିଲେ । ଏଥିସହିତ ଭାରତ ରାଷ୍ଟ୍ର ତଥା ହିନ୍ଦୁ ସମାଜର ଅଭ୍ୟୁଥାନ ନିମି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ ପରିର୍ବନ ସାମାଜିକ ସମରସତା, ପରିବାର ପ୍ରବୋଧନ, ପର୍ଯ୍ୟାବରଣ, ସ୍ୱଭାବ ଓ ନାଗରିକ କର୍ତ୍ତବ୍ୟକୁ ନିଶ୍ଚିନ୍ତ ଅନୁପାଳନ କରିବାର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟରେ ଦୃଢୋକ୍ତି ପ୍ରକାଶ କରି ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ନାଗରିକ, ରାଷ୍ଟ୍ର ସେବକ, ଗୋମାତା ସେବକ, ପରିବେଶବିତ୍ ଓ ହିନ୍ଦୁ ସମାଜରେ ସୁରକ୍ଷା ନିମି କାର୍ଯ୍ୟ କରି ଉଦାହରଣ ସୃଷ୍ଟି କରିଥିବା ବ୍ୟକ୍ତିତ୍ୱ ମାନଙ୍କୁ ସମ୍ମାନିତ କରିଥିଲେ ।

ଏହି ସମ୍ମିଳନୀରେ ମୁଖ୍ୟ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା ସମଗ୍ର ହିନ୍ଦୁ ସମାଜ ଦ୍ୱାରା ନିର୍ମିତ ହୋଇଥିବା ଭାରତ ମାତାଙ୍କ ମୃଣ୍ମୟୀ ପ୍ରତିର୍ମୂ, ଦେଶ ପ୍ରେମ ବିଷୟ ବସ୍ତୁ ଆଧାରିତ କେଳିକୁଞ୍ଜ ଓ ବାଲୁକା ଶିଳ୍ପୀଙ୍କ ଦ୍ୱାରା ପ୍ରସ୍ତୁତ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତ ବାର୍ଷିକ ବାର୍ତ୍ତା।

# ବେଡ଼ାରୀ ସୋଲାପାଟ ଗ୍ରାମରେ ସରସ୍ୱତୀ ପୂଜା ପାଳିତ

**ଗରଦପୁର,୨୯।୧(ସଂଚାର ବ୍ୟୁରୋ):** ବିଦ୍ୟା ଦାୟିନୀ, ଜ୍ଞାନ ପ୍ରଦାୟିନୀ ମାଆ ସରସ୍ୱତୀଙ୍କ ପୂଜା ପୁର ପଲ୍ଲୀରେ ବହୁ ଆଡମ୍ବର ସହକାରୀ ପାଳିତ ହୋଇଯାଇଛି। କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବେଡ଼ାରୀ ସୋଲାପାଟ ଗ୍ରାମରେ ବହୁ ଆନନ୍ଦ ଉଲ୍ଲାସ ସହକାରେ ପାଳନ ହୋଇଯାଇଛି ମାଆ ସରସ୍ୱତୀଙ୍କ ପୂଜା। ପାଞ୍ଚଦିନ ବ୍ୟାପି ମାଆଙ୍କ ପୂଜା କରାଯାଇଥିଲା ଯାହାଦ୍ୱାରା ପରିବେଶ ଏବଂ ଅଞ୍ଚଳରେ ଏକ ଆଧାତ୍ମିକତା ପରିବେଶ ସୃଷ୍ଟି ହୋଇଥିଲା। ପ୍ରତେକ ସନ୍ଧ୍ୟାରେ ନାମୀ ଦାମୀ କଳାକାର ଓ କଣ୍ଠଶିଳ୍ପୀ ମାନଙ୍କୁ ନେଇ ଭଜନ ସନ୍ଧ୍ୟା ସହ ସେହି ଗ୍ରାମର ଶିଶୁ କଳାକାରଙ୍କୁ ନେଇ ନୃତ୍ୟ ପରିବେଶଣ କରି ସଭିଙ୍କୁ ଏକ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଶେଷରେ କୃତି ପିଲାଙ୍କୁ ଗ୍ରାମର ବରିଷ୍ଠ ଓ ସମାଜସେବୀ ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

# ବେଦାନ୍ତ ଲିମିଟେଡର ତ୍ରୈମାସିକ ଫଳାଫଳ ଘୋଷଣା




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ବେଦାନ୍ତ ଲିମିଟେଡ ପକ୍ଷରୁ ଆଜି ତା'ର ଚଳିତ ୨୦୨୪-୨୫ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ଫଳାଫଳ ଘୋଷଣା କରାଯାଇଛି। ଗତ ବର୍ଷ ୩୧ ଡିସେମ୍ବରରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଓ ୯ ମାସ ପାଇଁ ଏହାର ଅନିରୀକ୍ଷିତ ସମନ୍ୱିତ ଫଳାଫଳ ଅନୁସାରେ, ଲାଭ ୬୦ ପ୍ରତିଶତ ବୃଦ୍ଧି ପାଇ ୭,୮୦୭ କୋଟିରେ ପହଞ୍ଚିଛି। ସେହିପରି କମ୍ପାନୀ୧୫,୧୭୧ କୋଟିର ରେକର୍ଡ ତ୍ରୈମାସିକ ଏବିଟା ରିପୋର୍ଟ ପ୍ରକାଶ କରିଛି, ଯାହା ୬୨୯ ବିପିଏସ୍ ମାର୍ଜିନ୍ ସହ ୩୪ ପ୍ରତିଶତ ବୃଦ୍ଧି ପାଇଛି। କମ୍ପାନୀ୪୫,୮୯୯ କୋଟିର ସର୍ବାଧିକ ତ୍ରୈମାସିକ ରାଜସ୍ୱ ମଧ୍ୟ ରେକର୍ଡ କରିଛି, ଯାହାକି ବାର୍ଷିକ ୧୯ ପ୍ରତିଶତ ବୃଦ୍ଧି ପାଇଛି।

ବେଦାନ୍ତର ନେଟ୍ ଋଣ ଓ ଏବିଟା ଅନୁପାତ ୧.୪୦ ଗୁଣରୁ ୧.୨୩ ଗୁଣକୁ ବୃଦ୍ଧି ପାଇଛି। ପୁଞ୍ଜି ଉପରେ ଦୁଇ ଅଙ୍କ ବିଶିଷ୍ଟ ରିଟର୍ଣ୍ଣ ୨୭ ପ୍ରତିଶତ ହୋଇଛି ଯାହା ବାର୍ଷିକ ୨୯୬ ବିପିଏସ୍ ବୃଦ୍ଧି ପାଇଛି। ସାମ୍ପ୍ରତିକ ଏନସିଏଲଟି ବିମର୍ଜ ଅର୍ଡର ପରେ ବେଦାନ୍ତର କ୍ରେଡିଟ୍ ରେଟିଂ କ୍ରିସିଲ୍ ଓ ଆଇସିଆର୍ଏ ଦ୍ୱାରା ଏଏ'ରେ ପୁନଃସ୍ଥାପିତ ହୋଇଛି। ବେଦାନ୍ତ ଆର୍ଥିକ ବର୍ଷ ୨୦୨୬ର ପ୍ରଥମ ୯ ମାସରେ ଅଭିବୃଦ୍ଧି ପୁଞ୍ଜି ଖର୍ଚ୍ଚରେ ପ୍ରାୟ ୧.୩ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। କମ୍ପାନୀ ପ୍ରମୁଖ ବ୍ୟବସାୟଗୁଡ଼ିକରେ ରେକର୍ଡ ଉତ୍ପାଦନ ସହ ତ୍ରୈମାସିକ ସମୟରେ ଦୃଢ଼ କାର୍ଯ୍ୟକ୍ଷମ ପ୍ରଦର୍ଶନ ପ୍ରଦାନ କରିଛି। ଆଲୁମିନିୟମ ଏହାର ସର୍ବୋଚ୍ଚ ତ୍ରୈମାସିକ ଉତ୍ପାଦନ ୬୨୦ କେଟି ରେକର୍ଡ କରିଛି, ଯାହା ବାର୍ଷିକ ୧ ପ୍ରତିଶତ ବୃଦ୍ଧି ପାଇଛି। ଆଲୁମିନା ଉତ୍ପାଦନ ବାର୍ଷିକ ୫୭ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଉନ୍ନତ କାର୍ଯ୍ୟକ୍ଷମ ଦକ୍ଷତା ଓ ବୃଦ୍ଧି ପଦକ୍ଷେପକୁ ପ୍ରତିଫଳିତ କରୁଛି। ଜିଙ୍କ ଇଣ୍ଡିଆ ତୃତୀୟ ତ୍ରୈମାସିକରେ ଖଣିରୁ ଧାତୁ ଉତ୍ପାଦନ ସର୍ବାଧିକ ୨୭୬ କୋଟିରେ ପହଞ୍ଚିଛି, ଯାହା ବାର୍ଷିକ ୪ ପ୍ରତିଶତ ବୃଦ୍ଧି ପାଇଛି ଓ ରିଫାଇଣ୍ଡ ଧାତୁ ଉତ୍ପାଦନ ୨୭୦ କୋଟି ସହ ୪ ପ୍ରତିଶତ ବୃଦ୍ଧି ପାଇଛି।

# ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟରେ ବ୍ୟାପକ ଅନିୟମିତତା

● ସୂଚନା ଆଇନରୁ ମିଳିଲା ସାଙ୍ଘାତିକ ତଥ୍ୟ
● ମିଥ୍ୟା ସତ୍ୟପାଠ ଉପରେ ମାମଲା ଲଢୁଛି ଗଣଶିକ୍ଷା ବିଭାଗ




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ବେସରକାରୀ ବିଦ୍ୟାଳୟରେ ଶିକ୍ଷା ପ୍ରଦାନ ନିମନ୍ତେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ (ଡିଏସ୍ଇ) ପକ୍ଷରୁ ଦିଆଯାଉଥିବା ଏନ୍ଓସିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହେଉଥିବା ଜଣାପଡ଼ିଛି। ବିଭାଗୀୟ ନିୟମାବଳୀକୁ ଉଲ୍ଲଂଘନ କରି ଏନ୍ଓସି ପ୍ରଦାନ କରାଯିବା ସହ ବହୁ ବର୍ଷ ଧରି ଏନ୍ଓସି ନବୀକରଣ କରାଯାଇନଥିଲେ ମଧ୍ୟ ବେସରକାରୀ ବିଦ୍ୟାଳୟ କାର୍ଯ୍ୟ କରୁଥିବା ଭଳି ଘଟଣା ସୂଚନା ଅଧିକାର ଆଇନ୍ (ଆର୍‌ଟିଆଇ) ମାଧ୍ୟମରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ଏପରିକି ନିର୍ଦ୍ଦେଶାଳୟର ଏକ ମିଥ୍ୟା ସତ୍ୟପାଠ ଉପରେ ଗଣଶିକ୍ଷା ବିଭାଗ ହାଇକୋର୍ଟରେ ମାମଲା ଲଢୁଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀମାନେ ସବୁ ଜାଣିଥିଲେ ବି ଚୁପ୍ ହୋଇ ବସିଥିବା ଅଭିଯୋଗ କରିଛନ୍ତି ରାଷ୍ଟ୍ରୀୟ ମାନବାଧିକାର ସାଲିସ୍‌ଖ୍ୟ ସଭାପତି ରମେଶ ଭାରତୀ ଓ ଆବାହକ ଭୁମୋହନ ବେବର୍ତ୍ତା ପଟ୍ଟନାୟକ।

ଉଭୟ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ବେସରକାରୀ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ଅର୍ଥାତ୍ ନବମ ଦଶମ ଶ୍ରେଣୀ ଖୋଲିବା ନିମନ୍ତେ ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ତ୍ତମୂଳକ ଏନ୍ଓସି ଦିଆଯାଉଛି। ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଏନ୍ଓସି ପ୍ରଦାନ ନିମନ୍ତେ ଧାର୍ଯ୍ୟ ନିୟମାବଳୀକୁ ତର୍ଜମା କରି ସର୍ତ୍ତମୂଳକ ଏନ୍ଓସି ପ୍ରଦାନ କରୁଥିବା ବେଳେ ଏହା ପ୍ରତିବର୍ଷ ନବୀକରଣ ହେବା ବିଧେୟ। କିନ୍ତୁ ଆଶ୍ଚର୍ଯ୍ୟର କଥା, ରାଜ୍ୟରେ ବହୁ ବେସରକାରୀ ବିଦ୍ୟାଳୟ ବିନା ଏନ୍ଓସିରେ କାର୍ଯ୍ୟ କରୁଛନ୍ତି, ଯେଉଁଥିରୁ ସର୍ବାଧିକ ରାଜଧାନୀରେ ରହିଛନ୍ତି। କେତେକ ବିଦ୍ୟାଳୟ ଜାଲ୍ କାଗଜପତ୍ର ମାଧ୍ୟମରେ ସିବିଏସଇ ସହ ଅନୁବନ୍ଧିତ ବି ହୋଇଛନ୍ତି। ଖଣ୍ଡଗିରିଠାରେ ଥିବା ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଦୀର୍ଘ ୨୨ ବର୍ଷ ହେଲା ବିନା ଏନ୍ଓସିରେ କାର୍ଯ୍ୟ କରୁଛି। ତା'ଛଡ଼ା ଏହା ସରକାରଙ୍କ ବିଭିନ୍ନ ନିର୍ଦ୍ଦେଶର ମଧ୍ୟ ନିୟମିତ ଭାବେ ଅବମାନନା କରିଚାଲିଛି। ଏହି କାରଣରୁ ଗତ ୨୦୨୩ ମସିହାରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ସୁପାରିସ୍ କ୍ରମେ ଉଚ୍ଚକ୍ଷମତାସମ୍ପନ୍ନ କମିଟି ଏକ ବୈଠକରେ ଉକ୍ତ ସ୍କୁଲ୍‌ର ଏନ୍ଓସି ପ୍ରତ୍ୟାହାର କରିବା ସକାଶେ ନିଷ୍ପତ୍ତି ହୋଇଥିଲା। ଏହି ମାମଲାରେ ସ୍କୁଲ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ହାଇକୋର୍ଟ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସ୍କୁଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ଏକ ଅନ୍ତରୀଣ ଆଦେଶ ଦେଇଥିଲେ। ଏହି ମାମଲା ଏବେ ବି ବିଚାରାଧୀନ ରହିଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ବି ଦେଇପାରୁନାହାନ୍ତି। ତେଣୁ ମାନବାଧିକାର ସାଲିସ୍‌ଖ୍ୟ ପକ୍ଷରୁ ଏହି ଅନିୟମିତତା ନେଇ ଗଣଶିକ୍ଷା ବିଭାଗ ସଚିବଙ୍କ ନିକଟରେ ଅଭିଯୋଗ କରାଯାଇଛି।

## ଜଗତସିଂହପୁରରେ କଂଗ୍ରେସର ଜନସମାବେଶ

# ସରକାରଙ୍କ କମ୍ପାନୀ ପ୍ରୀତିକୁ କଡ଼ା ସମାଲୋଚନା



**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲାରେ ଜଙ୍ଗଲ ଅଧିକାର ଆଇନକୁ ଆଖିଠାର ଦେଖାଇ ହଜାର ହଜାର ଏକର ଜଙ୍ଗଲ ଜମି ଏକତରଫା କମ୍ପାନୀକୁ ଦେଇଦେବା ପ୍ରତିବାଦରେ ଆଜି ଜଗତସିଂହପୁରର ଢିଙ୍କିଆଠାରେ କଂଗ୍ରେସ ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ଜନସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ଶ୍ରୀ ଦାସ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କମ୍ପାନୀ ପ୍ରୀତିକୁ କଡ଼ା ସମାଲୋଚନା କରିବା ସହ କଂଗ୍ରେସ କଦାପି ଏହାକୁ ବରଦାସ୍ତ କରିବ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ସରକାରଙ୍କ ନିଷ୍ପତ୍ତି ଯୋଗୁଁ ନିୟମଗିରି ଆଦିବାସୀ ସମୁଦାୟ ବିସ୍ଥାପିତ ହୋଇ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତେ। କିନ୍ତୁ ସରକାରଙ୍କୁ କଡ଼ା ବିରୋଧ କରାଯିବା ପରେ ସୁପ୍ରିମକୋର୍ଟ ମଧ୍ୟ ଏପରି ଉଦ୍ୟମକୁ ବେଆଇନ ବୋଲି କହିଛନ୍ତି। ଆଦିବାସୀଙ୍କ ସହ ମିଶି କଂଗ୍ରେସ ଅହିଂସାତ୍ମକ ଆନ୍ଦୋଳନ କରିବାରୁ ସରକାର ଖଣି ଖନନରେ ସକ୍ଷମ ହୋଇନଥିଲେ। ଏବେ ସୁନ୍ଦରଗଡ଼ର ରାଜଗାଙ୍ଗପୁରଠାରେ ସମାନ ଢଙ୍ଗରେ ସରକାର ଓ ଖଣି କମ୍ପାନୀଙ୍କ ବେଆଇନ କାର୍ଯ୍ୟ ପାଇଁ ୧୦ ହଜାର ଆଦିବାସୀ ଓ ସାଧାରଣ ଜନତା ଏକଜୁଟ ହୋଇ ଆନ୍ଦୋଳନ କରୁଛନ୍ତି। କଂଗ୍ରେସ ବି ସେମାନଙ୍କୁ ସହଯୋଗ ଦେଉଛି। ଏବେ ବି ସେ ଏହି ଆନ୍ଦୋଳନ ଜାରି ରଖିଛି। ବିସ୍ଥାପିତମାନଙ୍କ ଥଇଥାନ ନ କରିବା ପର୍ଯ୍ୟନ୍ତ ବିସ୍ଥାପନ ପ୍ରଶ୍ନ ଉଠୁନାହିଁ। ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଉଦ୍ୟମରେ ୨୦୧୩ରେ ସରକାର ବଜାର ଦରରେ ଜମି ମୂଲ୍ୟ ପୈଠ କରିବା ପାଇଁ ଆଇନ ଲାଗୁ କରିଥିଲେ। କିନ୍ତୁ ଏବକାର ସରକାର ଆମ ଜମି, ଜଳ ଓ ଜଙ୍ଗଲକୁ ଯେପରି ଅନାୟାସରେ ବେକି ଦେଉଛନ୍ତି, ତା' କଦାପି ଗ୍ରହଣୀୟ ନୁହେଁ। ଗରିବ, ଦଳିତ, ବଞ୍ଚିତ ଓ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ନ୍ୟାୟ ପାଇବା ପାଇଁ ଯୋଗ୍ୟ। କମ୍ପାନୀ କଦାପି ସରକାରଙ୍କ ଉପରେ ନୁହେଁ। ତେଣୁ ସରକାର କମ୍ପାନୀମାନଙ୍କୁ ଜନସାଧାରଣଙ୍କ ତୁଳନାରେ ଅଧିକ ଗୁରୁତ୍ୱ ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି।

● ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ

# ନୀଳ ଓ ସବୁଜ ଅର୍ଥନୀତି ଉପଯୋଗରେ ବିକାଶକୁ ଗୁରୁତ୍ୱ




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ରାଜ୍ୟର ବିକାଶର ଧାରାକୁ ଏକ ସ୍ଥାୟୀ, ସୁଦୃଢ଼ ଓ ନିରନ୍ତରତା ଭିତ୍ତିରେ ଆଗକୁ ନେବା ଉଦ୍ଦେଶ୍ୟରେ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ରହିଥିବା ସୁଯୋଗର ଉପଯୋଗିତା ବୃଦ୍ଧି ଉଦ୍ଦେଶ୍ୟରେ ଏକ ଦୁଇ ଦିନିଆ କର୍ମଶାଳା ଆଜିଠାରୁ ଆରମ୍ଭ ହୋଇଛି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ସମନ୍ୱିତ ବିକାଶ ଲକ୍ଷ୍ୟ ସେଲ୍ ପକ୍ଷରୁ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି କର୍ମଶାଳାକୁ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଅଂଶୀଦାରମାନଙ୍କୁ ଏ କ୍ଷେତ୍ରରେ ସମ୍ଭାବନା ଦିଗ ସମ୍ପର୍କରେ ଭଲ ଭାବେ ବୁଝିବା, ଏହାର ସୁଯୋଗ କିଭଳି ଜନସାଧାରଣ ନେଇପାରିବେ ଓ ତା' ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ, ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଯୋଜନା ଓ ସଂଯୋଜନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଟି. ଆଓ ସ୍ୱାଗତ ଅଭିଭାଷଣରେ କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ଭାରତ)ର ଶକ୍ତି ଓ ସହନଶୀଳତା ସ୍ତମ୍ଭ ପରିବେଶ ମୁଖ୍ୟ ଡଃ ଆଶିଷ ଚତୁର୍ବେଦୀ ଯୋଗଦେଇ ନୀଳ ଓ ସବୁଜ ଅର୍ଥନୀତି କ୍ଷେତ୍ରରେ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ପ୍ରତି ରହିଥିବା ପ୍ରତିବଦ୍ଧତା ନେଇ ସୂଚନା ଦେଇଥିଲେ।

# ବିପିଏନ୍ଏସ୍ଆଇରେ ଆଦାନପ୍ରଦାନ କର୍ମଶାଳା




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍ଏସ୍ଆଇ), ଇସ୍ପାତ ମନ୍ତ୍ରଣାଳୟ ପକ୍ଷରୁ ଆଜି ସମ୍ବଲପୁରସ୍ଥିତ ଶ୍ୟାମ ମେଟାଲିକ୍ସ ଆଣ୍ଡ ଏନର୍ଜି ଲିମିଟେଡରେ ଏକ ଦିନିକିଆ ଜ୍ଞାନ ଆଦାନପ୍ରଦାନ କର୍ମଶାଳାର ବୃତ୍ତିଗତ ପ୍ରାକ୍-ପ୍ରୋଗ୍ରାମ (ଥ୍ରିପି'ର ଏକ ଅଂଶ ଭାବେ) ଆୟୋଜିତ ହୋଇଯାଇଛି। ଶ୍ୟାମ ମେଟାଲିକ୍ସ ଲପାଙ୍ଗାର ଜିଏମ୍ (ମାନବ ସମ୍ବଳ) ଭୂପିନ୍ଦର ସିଂହ କୁଶୱାହା ଉକ୍ତ କର୍ମଶାଳାକୁ ଉଦଘାଟନ କରିଲେ। ସେହିପରି ପ୍ରତିଷ୍ଠାନ ପକ୍ଷରୁ ପ୍ରଫେସର ସତ୍ୟପ୍ରିୟ ଶତପଥୀ ଉଦ୍‌ଘାଟନୀ ଭାଷଣ ଦେଇଥିବା ବେଳେ ଶ୍ୟାମ ମେଟାଲିକ୍ସର କାର୍ଯ୍ୟରତ ବୃତ୍ତିଗତ ଇଞ୍ଜିନିୟମାନଙ୍କୁ କାର୍ଯ୍ୟକ୍ରମର ସୂଚୀ ଉପସ୍ଥାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇଆଇଟି, ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତ ଡିଆର୍ଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଅପରାହ୍ନ ଅଧିବେଶନରେ ଡକ୍ଟର ସାବତ, ଶ୍ୟାମ ମେଟାଲିକ୍ସ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କୁ ଇଣ୍ଡ୍ୟୁସିଅନ୍ ଫର୍ଣ୍ଣେସ୍ ଦ୍ୱାରା ଇସ୍ପାତ ତରଳାଇବା, ବୈଦ୍ୟୁତିକ ଆର୍କ ଫର୍ଣ୍ଣେସ୍, ହିଟ୍ ଟ୍ରିଟମେଣ୍ଟ ଓ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ଏକ ବିସ୍ତୃତ ଆଦାନପ୍ରଦାନ ଅଧିବେଶନ ଉପସ୍ଥାପନ କରିଥିଲେ।

## ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଦକ୍ଷତା ବିକାଶ କର୍ମଶାଳା

# ଭାଗନେଲେ ୨୩୦ ଅଧ୍ୟକ୍ଷ




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ନେଇ ଏକଦିବସୀୟ ଦକ୍ଷତା ବିକାଶ କର୍ମଶାଳାର ଆୟୋଜନ କରାଯାଇଛି। ରାଜ୍ୟର ସମସ୍ତ ୨୩୦ ଗୋଟି ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଏହି କର୍ମଶାଳାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ବିନୀତା ସେନାପତି, ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ସୁସ୍ମିତା ସାହୁ, ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ରାଜଧାନୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗ ଦେଇ ନିର୍ଦ୍ଦେଶକ ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ ଜାତୀୟ ଶିକ୍ଷା ନୀତି-୨୦୨୦ରେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଇଛି। ଏହାକୁ ଆଧାର କରି ଆଜିର କର୍ମଶାଳା ଧନ୍ଦାମୂଳକ ଶିକ୍ଷାର ଅଧ୍ୟକ୍ଷମାନଙ୍କୁ ସଶକ୍ତ କରିବ ଓ କର୍ମଶାଳା ପରସ୍ପର ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବ। ଏହି କର୍ମଶାଳା ସମସ୍ୟା ଓ ସମାଧାନ ଉପରେ ଗୁରୁତ୍ୱାରୋପ କରିବ। ସେହିପରି ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସେନାପତି କହିଛନ୍ତି ଯେ ଧନ୍ଦାମୂଳକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ କରିବ। ଛାତ୍ରଛାତ୍ରୀମାନଙ୍କର ଯେଉଁ କ୍ଷେତ୍ର ପ୍ରତି ଆଗ୍ରହ ସେ କ୍ଷେତ୍ରରେ ସେମାନଙ୍କୁ ଅଧିକ ପ୍ରେରିତ କରିବା ନିମନ୍ତେ ଅଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇଥିଲେ। ରାଜଧାନୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚୌଧୁରୀ କହିଛନ୍ତି ଯେ ଧନ୍ଦାମୂଳକ ଶିକ୍ଷାକୁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବାକୁ ହେଲେ ଶିକ୍ଷାନୁଷ୍ଠାନକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଧନ୍ଦାମୂଳକ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭରଶୀଳ କରିପାରିଲେ ହିଁ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିପାରିବା ବୋଲି ସେ ମତ ଦେଇଛନ୍ତି। ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ମଞ୍ଚ ପରିଚାଳନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଏକଦିବସୀୟ କର୍ମଶାଳାରେ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ, ପରୀକ୍ଷା ପରିଚାଳନା, ଏକାଡେମିକ ବ୍ୟବସ୍ଥା, ସାମ୍ସ ପୋର୍ଟାଲ୍ ପରିଚାଳନା, କ୍ୟାରିୟର ମାର୍ଗଦର୍ଶନ ଆଦି ସମ୍ପର୍କରେ ଆଲୋଚନା କରାଯାଇଛି।

## ନବୀନ ଅଦ୍ୱିତୀୟ: ଦିବ୍ୟଶଙ୍କର



**ଭବାନୀପାଟଣା,୨୯।୧(ସଂଚାର ବ୍ୟୁରୋ):** ପୂର୍ବତନ ସାଂସଦ ତଥା ବଲାଙ୍ଗୀର ବିଧାୟକ କଳିକେଶ ସିଂହଦେଓଙ୍କ ସମ୍ପର୍କରେ ଦେଇଥିବା ମତାମତ ନେଇ ଆଜି ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଆଜି ସ୍ପଷ୍ଟୀକରଣ ଦେଇଛନ୍ତି । ସେ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସର୍ବମାନ୍ୟ ଓ ଅଦ୍ୱିତୀୟ ନେତା। ରାଜ୍ୟବାସୀ ତାଙ୍କୁ ଯଥେଷ୍ଟ ଭଲ ପାଇବା ଦେଇଛନ୍ତି। ବର୍ତ୍ତମାନର ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜ୍ୟରେ ନାରୀ ଓ ଶିଶୁ ନିର୍ଯାତନା ଘଟଣା ବଢ଼ିଛି। ଯୁବକ ଓ ଚାଷୀଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ ହୋଇଛନ୍ତି। ଏଣୁ ଆଗାମୀ ୨୦୨୯ରେ ପୁଣି ଥରେ ଲୋକଙ୍କ ଆଶୀର୍ବାଦ ପାଇ ଶ୍ରୀ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବେ ବୋଲି ଶ୍ରୀ ମିଶ୍ର ଆଶା କରିଛନ୍ତି। ତେବେ ଜଣେ ବିଧାୟକ ଭାବେ ସେ ବଲାଙ୍ଗୀରର ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଯୋଗଦେଇ ସେଠାକାର ବିଧାୟକ କଳିକେଶ ସିଂହଦେଓଙ୍କ ପ୍ରଶଂସା କରିଥିଲେ। କାରଣ କଳୀକେଶ ଜଣେ ଜାତୀୟ ସ୍ତରର ରାଇଫଲ ପ୍ରତିଯୋଗୀ ସହ ଏବେ ଜାତୀୟ ରାଇଫଲ ସଂଘର ସଭାପତି ଅଛନ୍ତି। ସେ ଜଣେ ଦାୟିତ୍ୱସମ୍ପନ୍ନ ପୂର୍ବତନ ସାଂସଦ ମଧ୍ୟ। ଲୋକେ ତାଙ୍କୁ ଭଲ ପାଉଥିବାରୁ ଏବେ ବି ସେ ବିଧାୟକ ଅଛନ୍ତି। ତେଣୁ ଯୁବପିଢ଼ି ତାଙ୍କୁ ଜଣେ ରୋଲ ମଡେଲ ଭାବେ ଗ୍ରହଣ କରି ଆଗକୁ ବଢ଼ିପାରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି। ତେବେ କଳିକେଶଙ୍କୁ ବିଜେଡିର ପରବର୍ତ୍ତୀ ମୁଖ୍ୟ ହେବା ନେଇ ଗତକାଲି ଦେଇଥିବା ମନ୍ତବ୍ୟକୁ କିଛି ଗଣମାଧ୍ୟମ ନିଜ ତରିକାରେ ଉପସ୍ଥାପିତ କରିଛନ୍ତି। କିନ୍ତୁ ତାଙ୍କର କୌଣସି ବାଇଟ୍ କି ଭାଷଣରେ ସେ ଏପରି କିଛି ବି କହିନାହାନ୍ତି ବୋଲି ଶ୍ରୀ ମିଶ୍ର ସ୍ପଷ୍ଟ କରିବା ସହ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ତାଙ୍କୁ ବଦନାମ କରିବାକୁ ଉଦ୍ୟମ କରୁଥିଲେ ହେଁ ସେମାନେ କଦାପି ଏଥିରେ ସଫଳ ହେବେ ନାହିଁ ବୋଲି ସେ କହିଛନ୍ତି।

# ଡ. ଚନ୍ଦ୍ରକଳା ନାୟକଙ୍କ 'ପ୍ରଥମ ପ୍ରେମ' ଲୋକାର୍ପିତ



**ଯାଜପୁର,୨୯।୧(ସଂଚାର ବ୍ୟୁରୋ):** ଗାଳ୍ପିକ, ଲେଖକ ତଥା କବି ଡ ଚନ୍ଦ୍ରକଳା ନାୟକଙ୍କ କବିତା ସଂକଳନ 'ପ୍ରଥମ ପ୍ରେମ' ପୁସ୍ତକକୁ ଜୟ ଜଗନ୍ନାଥ ମହୋତ୍ସବରେ ବରିଷ୍ଠ ଜନନେତା ବିଜୟ ମହାପାତ୍ର, ପୂର୍ବତନ ସାଂସଦ ତଥା ବିଶିଷ୍ଟ ସାମ୍ବାଦିକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଭଜନ ଗାୟକ ସୁବାଷ ଦାସ, ଶ୍ରୀ ମନ୍ଦିରର ମା' ଲକ୍ଷ୍ମୀଙ୍କ ସେବକ ଯୋଗୀ ଯଜ୍ଞେଶ୍ୱର ଖୁଣ୍ଟିଆ ଲୋକାର୍ପଣ କରିଥିଲେ। ପୂର୍ବତନ ମନ୍ତ୍ରୀ ଶ୍ରୀ ଶତପଥୀ କହିଛନ୍ତି ଯେ ନିବିଡ଼ ଆବେଗ, ଅନୁଭବ, ଉପଲବ୍ଧ, ଭାବପ୍ରବଣତା ଚନ୍ଦ୍ରକଳାଙ୍କ ପ୍ରତ୍ୟେକ କବିତା ଓ ଗଳ୍ପକୁ ଜୀବନ୍ତ କରିଥାଏ। ଏଥିପାଇଁ ଚନ୍ଦ୍ରକଳାଙ୍କ କବିତା, ଗଳ୍ପ ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ପାଠକ ମହଲରେ ଗ୍ରହଣୀୟ ହୋଇପାରିଛି। ଆଲୋକ ରଞ୍ଜନ ବିଶ୍ୱାଳ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ସୁନାମଧନ୍ୟ ଗୀତିକାର ଶ୍ରୀକାନ୍ତ ଗୌତମ, ବିଶିଷ୍ଟ ଅଭିନେତ୍ରୀ ଭୂମିକା ଦାସ, ସଙ୍ଗୀତ ନିର୍ଦ୍ଦେଶକ ସୁରେଶ ପଣ୍ଡା, ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ବିଜୟ ଶତପଥୀ, ଯାଜପୁର ଜିଲ୍ଲା ସାମ୍ବାଦିକ ସଂଘ ପ୍ରତିଷ୍ଠାତା ସଭାପତି ତଥା ବିରଜାଭୂମି ସମ୍ବାଦପତ୍ରର ସମ୍ପାଦକ ନିର୍ମଳ ଚନ୍ଦ୍ର ସାମଲ, ବରିଷ୍ଠ ସମାଜସେବୀ ଅକ୍ଷୟ କୁମାର ରାଉତ, ସନ୍ତୋଷ ବିଶ୍ୱାଳ, ନଳିନୀପ୍ରଭା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ନାରୀ ନିର୍ଯାତନା ମାମଲାରେ ସରକାରଙ୍କୁ ବିଜେଡିର ଟାର୍ଗେଟ୍

# ବିଜେପି ନେତାଙ୍କ ବିରୋଧରେ ହେଉନି କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ରାଜ୍ୟରେ ମହିଳା ନିର୍ଯାତନା ମାମଲା ଦିନକୁ ଦିନ ବୃଦ୍ଧି ପାଇ ଚାଲିଥିବା ବେଳେ ଏହି ମାମଲାଗୁଡ଼ିକରେ ବିଜେପି ନେତାଙ୍କ ସମ୍ପୃକ୍ତି ରହୁଛି ଓ ସେମାନଙ୍କୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରୁଛନ୍ତି। ଫଳତଃ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି ବୋଲି ବିଜେଡି ପକ୍ଷରୁ ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ଦଳର ପ୍ରବକ୍ତା ଲୋରା ମହାପାତ୍ର ଅଭିଯୋଗ କରିଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ



ଦଶପଲ୍ଲାରୁ ଗତ ବିଧାନସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ବିଜେପି ରାଘବ ମଲ୍ଲିକ ବିବାହିତ ହୋଇଥିଲେ ମଧ୍ୟ ଜନୈକା ମହିଳାଙ୍କୁ ଅପହରଣ କରିନେଇ ନିଜ କବ୍‌ଜାରେ ରଖିଥିବା ନେଇ ଉକ୍ତ ମହିଳାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିଛନ୍ତି। ଗତ ବର୍ଷ ଡିସେମ୍ବର ୩୧ରୁ ଉକ୍ତ ମହିଳା ଜଣଙ୍କ ଅପହୃତ ହୋଇଥିବା ନେଇ ସ୍ୱାମୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ଚୁପ୍ ରହିଛି। ଫଳତଃ ଆଜି ପର୍ଯ୍ୟନ୍ତ ଉକ୍ତ ମହିଳାଙ୍କ ପତ୍ତା ମିଳିପାରିନାହିଁ। ଉକ୍ତ ମହିଳାଙ୍କ ସ୍ୱାମୀ ଶ୍ରୀ ମଲ୍ଲିକଙ୍କ ବିରୋଧରେ ପ୍ରମାଣ ସ୍ୱରୂପ ହ୍ୱାଟ୍ସଆପ୍ ଚାଟ୍ ପୁଲିସ୍‌ରେ ଦାଖଲ କରିଛନ୍ତି। ଉକ୍ତ ଚାଟ୍‌ରେ ଶ୍ରୀ ମଲ୍ଲିକ ମହିଳାଙ୍କୁ ପ୍ରେମ ନିବେଦନ କରିବା ସହ ଆବଶ୍ୟକ ପଡ଼ିଲେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ଧମକ ଦେଇଥିବାର ପ୍ରମାଣ ରହିଛି ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି। ଶ୍ରୀମତୀ ମହାପାତ୍ର କହିଛନ୍ତି ଯେ ବିଜେପି କ୍ଷମତାସୀନ ହେବା ପରଠାରୁ ନାରୀ ନିର୍ଯାତନା ଘଟଣା ବଢ଼ିଚାଲିଛି। ଫଳସ୍ୱରୂପ ଗତ ୧୮ ମାସରେ ରାଜ୍ୟରେ ୪୦ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନା ମାମଲା ରୁଜୁ ହୋଇଛି। ବିଭିନ୍ନ ଘଟଣାରେ ବିଜେପି ନେତାଙ୍କ ସମ୍ପୃକ୍ତି ଅଭିଯୋଗ ହେଉଥିଲେ ମଧ୍ୟ ପୁଲିସ୍ ଚୁପ୍ ବସିଛି ବୋଲି ଶ୍ରୀମତୀ ମହାପାତ୍ର କହିଛନ୍ତି।

# ୟୁଏସ୍ଏମ୍‌ରେ 'ହିନ୍ଦୁସ୍ତାନୀ ସଙ୍ଗୀତ' ଆଲୋଚନାଚକ୍ର

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ (ୟୁଏସ୍ଏମ୍) ପକ୍ଷରୁ ଗତକାଲିଠାରୁ ଜାତୀୟ ସ୍ତରୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଆସନ୍ତା ୩୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଆଲୋଚନାଚକ୍ରର ଦ୍ୱିତୀୟ ଦିନରେ 'ହିନ୍ଦୁସ୍ତାନୀ ସଙ୍ଗୀତ' ଉପରେ ଆଲୋଚନା ହୋଇଛି। ଏଥିରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ଗୁରୁ ଡ. ନିରଞ୍ଜନ ପାଣି, ହିନ୍ଦୁସ୍ତାନୀ ବେହେଲା ବାଦକ ଗୁରୁ ଡ. ଦିବ୍ୟଦର୍ଶନ ବିଶ୍ୱାଳ, ସୀତାର ଗୁରୁ ଅସୀମ ଚୌଧୁରୀ ଯୋଗଦେଇ ହିନ୍ଦୁସ୍ତାନୀ ସଙ୍ଗୀତର ଇତିହାସ ସମ୍ପର୍କରେ ବିବରଣୀ ଦେଇଥିଲେ। ଏହି ଆଲୋଚନାଚକ୍ରରୁ ଛାତ୍ରଛାତ୍ରୀମାନେ ଫାଇଦା ପାଇବେ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ ଜେନା ମତ ଦେଇଛନ୍ତି। ଏହି ଆଲୋଚନା ଚକ୍ରକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।

# ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ମହାସଂଘର ବିକ୍ଷୋଭ




**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍ ପକ୍ଷରୁ ପାୱାର୍ ହାଉସ୍ ଛକ ନିକଟସ୍ଥ ଟାଟା ପାୱାର୍ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଶତାଧିକ ବିଦ୍ୟୁତ୍ କର୍ମଚାରୀ ଯୋଗଦେଇ ଶେଷରେ ଏକ ଦାବିପତ୍ର ମୁଖ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହଙ୍କୁ ପ୍ରଦାନ କରାଯାଇଛି। ମହାସଂଘ ପକ୍ଷରୁ ହୋଇଥିବା ବିଭିନ୍ନ ଦାବି ମଧ୍ୟରେ ୩୩/୧୧ କେଭି ଷ୍ଟ୍ରକ୍‌ଚରରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ନିୟମିତ ନିଯୁକ୍ତି ପାଇଁ ହୋଇଥିବା ପରୀକ୍ଷାର ଯଥାଶୀଘ୍ର ଫଳ ପ୍ରକାଶନ, ଚୁକ୍ତି ଅନୁଯାୟୀ ୨୨୦ ପଦବୀରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ସହ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କର୍ମଚାରୀମାନଙ୍କର ପ୍ୟାନେଲ୍ ଲିଷ୍ଟ ପ୍ରସ୍ତୁତ କରି ଫେଜ୍‌ଡ୍ ଅନୁସାରେ ନିଯୁକ୍ତି, ସମାନ କାର୍ଯ୍ୟକୁ ସମାନ ଦରମା ନୀତି, ସମସ୍ତ ଠିକା କର୍ମଚାରୀଙ୍କୁ ଅଭିଜ୍ଞତା ଭିତ୍ତିରେ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ, ଉଚ୍ଚ କୁଶଳୀ ରୂପେ ଗ୍ରେଡେସନ୍ ଦେଇ ତଦନୁସାରେ ଦରମା ପ୍ରଦାନ, କର୍ମଚାରୀଙ୍କର ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ପ୍ରଚଳିତ ବୀମା ବ୍ୟବସ୍ଥାର ସରଳୀକରଣ, ନିୟମିତ କର୍ମଚାରୀଙ୍କ ସିପିଏଫ୍ ଓ ଇପିଏଫ୍ ହିସାବ ଠିକ୍ ଭାବରେ ପ୍ରଦାନ ଓ ଜାତୀୟ ପେନ୍‌ସନ୍ ସ୍କିମ୍‌ର ପ୍ରବର୍ତ୍ତନ, ଚାକିରି ସର୍ତ୍ତାବଳୀର ଉଚିତ ପ୍ରୟୋଗ, ବଦଳି ନୀତି ପ୍ରଣୟନ ପ୍ରମୁଖ। ଏହିସବୁ ଦାବି ପୂରଣ ସକାଶେ ମହାସଂଘର ଅଧ୍ୟକ୍ଷ ତଥା ଏଆଇଟିୟୁସିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

# କୃତୀ ବୃତ୍ତି ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା



**ଜଗତସିଂହପୁର,୨୯।୧(ସଂଚାର ବ୍ୟୁରୋ):** ପଲ୍ଲୀ ପଞ୍ଚାୟତସ୍ଥିତ ପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଜଗତସିଂହପୁର ବ୍ଲକରେ ଦ୍ୱିତୀୟ ସ୍ଥାନରେ ରହି ଛାତ୍ରବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପଲ୍ଲୀ ଗ୍ରାମର ଶ୍ରୀକାନ୍ତ କୁମାର ଦାଶ ଓ ସସ୍ମିତା ମିଶ୍ରଙ୍କ ଝିଅ ତଥା ମେଧାବୀ ଛାତ୍ରୀ ପ୍ରତୀକ୍ଷାଙ୍କୁ ଆଜି ବିଦ୍ୟାଳୟ ପରିସରରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଛି।

# ଆଜି ପରଦାକୁ ଆସିବ 'ପରୀ'

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** 'ପରୀ' ହେଉଛି ଏକ ନିରୀହ, କୋମଳ ଶିଶୁ କନ୍ୟାର ମାନବିକ ଓ ହୃଦୟସ୍ପର୍ଶୀ କାହାଣୀ। ବାପା-ମା'ଙ୍କ ଅନେକ ସ୍ୱପ୍ନ ଓ ଆଶା ନେଇ ବଢୁଥିବା ପରୀ, କିଛି ଯୌନ ରାକ୍ଷସଙ୍କ ଅମାନବୀୟ ଅତ୍ୟାଚାରରେ ଅକାଳରେ ଝରିପଡ଼େ। ବିଭିନ୍ନ ଚାପରେ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ଅସହାୟ ବାପା-ମା'ଙ୍କ ଯନ୍ତ୍ରଣା ଓ ପ୍ରଶ୍ନ- ପରିଶେଷରେ ପରୀ କ'ଣ ନ୍ୟାୟ ପାଇବ? ଏହା ଆସନ୍ତାକାଲି ମୁକ୍ତିଲାଭ କରିବ। କାହାଣୀ ରଚନା ସହ ପ୍ରଯୋଜନା ସଞ୍ଜୟ ମହାନ୍ତି କରିଥିବା ବେଳେ ସହନିର୍ମାତା ଅଛନ୍ତି ଚନ୍ଦନ ସ୍ୱାଇଁ ଓ ଅନିଲ ବଲିୟାରସିଂହ। ସଂଳାପ ଡଃ ରଜନୀ ରଞ୍ଜନ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ ଭାଇ। ପ୍ରମୋଦ ପରିଡ଼ାଙ୍କ ଗୀତଗୁଡ଼ିକୁ ତାରିକ୍ ଅଜିଜ୍, ଅନ୍ତରା ଚକ୍ରବର୍ତ୍ତୀ, ଜ୍ୟୋତିର୍ମୟୀ ନାୟକ, ରୁକୁ ସୁନା ଓ ଡଃ ରୋହନ ବିଶ୍ୱାଳ ଗାଇଛନ୍ତି। ଧ୍ରୁବାନନ୍ଦ ପଣ୍ଡା ଡିଓପି ଦାୟିତ୍ୱ ତୁଲାଇଥିବା ବେଳେ ଚନ୍ଦ୍ରଶେଖର ମିଶ୍ର ସମ୍ପାଦନା କରିଛନ୍ତି। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି ତ୍ରିପତି ସାହୁ। ନୃତ୍ୟ ନିର୍ଦ୍ଦେଶନା ଏସ୍‌କେ ମୁରଲୀଧରନ ଓ ଅମିତ ନାୟକ ଦେଇଛନ୍ତି । ପ୍ରଚାର ଓ ପ୍ରସାର ଦାୟିତ୍ୱରେ ପ୍ରଣୟ ଜେଠୀ ଅଛନ୍ତି।




# ଇଟାଲିରୁ ଆସିଥିଲା ଗାନ୍ଧୀ ହତ୍ୟା ବନ୍ଧୁକ

**ଭୁବନେଶ୍ୱର,୨୯।୧:** ଯେଉଁ ବନ୍ଧୁକରେ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା ତାହା ଗାନ୍ଧୀ ହତ୍ୟାର ୧୪ବର୍ଷ ପୂର୍ବରୁ ଇଟାଲିରେ ନିର୍ମିତ ହୋଇଥିଲା। ଏହି ବନ୍ଧୁକଟି ଏବେ ବି ନୂଆଦିଲ୍ଲୀର ରାଜଘାଟ ସ୍ଥିତ ମହାତ୍ମା ଗାନ୍ଧୀଙ୍କ ସମାଧି ନିକଟବର୍ତ୍ତୀ ଗାନ୍ଧୀ ଜାତୀୟ ସଂଗ୍ରହାଳୟରେ ସଂରକ୍ଷିତ ହୋଇ ରହିଛି। ଯେଉଁ ବନ୍ଧୁକରେ ଗାନ୍ଧିଙ୍କୁ ହତ୍ୟା କରାଯାଇଥିଲା ତାହା ଥିଲା ଏକ ୯ଏମ୍ଏମ୍ ବେରେଟା ସେମି ଅଟୋମେଟିକ୍ ପିସ୍ତଲ। ଯାହାର କ୍ରମିକ ନମ୍ବର ଥିଲା ୬୦୬୮୨୪। ସେ ସମୟରେ ଏହି ପିସ୍ତଲ ବିଦେଶରେ ବେଶ୍ ଆଦୃତି ଲାଭ କରିଥିଲା। ବିଶେଷକରି ସାମରିକ ଓ ପୁଲିସ କାର୍ଯ୍ୟାନୁଷ୍ଠାନରେ ଏହା ବ୍ୟବହୃତ ହେଉଥିଲା। ନିକଟବଳୟରୁ ଏହି ପିସ୍ତଲରୁ ଯାହା ଉପରକୁ ଗୁଳି ଚଳାଯାଏ ସେମାନଙ୍କର ବଞ୍ଚିବା ସମ୍ଭାବନା ପ୍ରାୟ କ୍ଷୀଣ ଥାଏ। ୧୯୩୪ରେ ଇଟାଲିରେ ତିଆରି ହୋଇଥିବା ଏହି ବେରେଟା ସେମି



ଅଟୋମେଟିକ୍ ପିସ୍ତଲର ଗାନ୍ଧୀ ହତ୍ୟାସ୍ଥଳ ନୂଆଦିଲ୍ଲୀର ବିରଳା ଭବନକୁ ଯାତ୍ରାର ଏକ ଲମ୍ବା କାହାଣୀ ରହିଛି। ଇଟାଲିର ଏକଛତ୍ରବାଦୀ ଶାସକ ବେନିତୋ ମୁସଲିନ୍‌ଙ୍କ ସେନା ବାହିନୀର ଜଣେ ଅଧିକାରୀଙ୍କୁ ଏହି ବନ୍ଧୁକ ଦିଆଯାଇଥିଲା। ଆବିସିନିଆ ଯୁଦ୍ଧରେ ମୁସଲିନ୍‌ଙ୍କ ଏହି ସାମରିକ ଅଧିକାରୀ ଜଣକ ଉକ୍ତ ବେରେଟା ପିସ୍ତଲ ବ୍ୟବହାର କରିଥିଲେ। ତେବେ ଏହି ଯୁଦ୍ଧରେ ମୁସଲିନ୍‌ଙ୍କ ସେନାର ପରାଜୟ ହୋଇଥିଲା ଏବଂ ସେ ସମୟରେ ଚତୁର୍ଥ ଗ୍ୱାଲିଅର ପଦାତିକ ବାହିନୀ ବ୍ରିଟିଶ ସେନାକୁ ସହାୟତା କରିବା ପାଇଁ ଆବିସିନିଆ ଯାଇଥିଲା। ମୁସଲିନ୍‌ଙ୍କ ସେନାର ପରାଜୟ ପରେ ଗ୍ୱାଲିଅର ପଦାତିକ ବାହିନୀର ଲେଫ୍ଟନାଣ୍ଟ କର୍ଣ୍ଣେଲ ଭି.ଭି. ଯୋଶୀ ଇଟାଲି ସେନାଧିକାରୀଙ୍କଠାରୁ ଏହା ଜବତ କରିଥିଲେ ଓ ଯୁଦ୍ଧ ବିଜୟର ସ୍ମାରକୀ ଭାବେ ସେ ଏହାକୁ ନିଜ ପାଖରେ ସାଇତି ରଖିଥିଲେ। ପରବର୍ତ୍ତୀ ସମୟରେ ଲେଫ୍ଟନାଣ୍ଟ ଯୋଶୀ ଗ୍ୱାଲିଅର ମହାରାଜା ଜିଆଜି ରାଓ ସିନ୍ଧିଆଙ୍କ ଏଡିସି ଭାବେ ମୁତୟନ ହୋଇଥିଲେ। ତେବେ କର୍ଣ୍ଣେଲ ଯୋଶୀଙ୍କଠାରୁ ଏହା କିପରି ଜଗଦୀଶ ପ୍ରସାଦ ଗୋଏଲ ନାମକ ଜଣେ ବ୍ୟକ୍ତିଙ୍କ ହାତକୁ ଆସିଲା, ତାହା ଏବେ ବି ରହସ୍ୟାବୃତ୍ତ ହୋଇ ରହିଛି। ଗୋଏଲ କିନ୍ତୁ ପରବର୍ତ୍ତୀ ସମୟରେ ଗାନ୍ଧୀ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ଦଣ୍ଡବତିଙ୍କୁ ଉକ୍ତ ପିସ୍ତଲଟି ବିକ୍ରି କରିଥିଲେ। ଗ୍ୱାଲିଅରର ଜଣେ ଡାକ୍ତରଙ୍କ ଘରେ ୧୯୪୮ ଜାନୁଆରୀ ୨୮ ସନ୍ଧ୍ୟାରେ ଦଣ୍ଡବତିଙ୍କଠାରୁ ଏହି ସେମି ଅଟୋମେଟିକ୍ ପିସ୍ତଲଟି ଅନ୍ୟତମ ଗାନ୍ଧି ହତ୍ୟାକାରୀ ନାଥୁରାମ ଗଡ଼ସେ କିଣିଥିଲେ। ଉକ୍ତ ଡାକ୍ତର ମଧ୍ୟ ଗାନ୍ଧୀ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ୧୯୪୮ ଜାନୁଆରୀ ୩୦ ଅପରାହ୍ଣ ୫ଟା ୧୭ ମିନିଟ୍‌ରେ ଗାନ୍ଧୀଜୀ ପ୍ରାର୍ଥନା ସଭାକୁ ଆସିବା ବାଟରେ ବିରଳା ଭବନ ପରିସରରେ ମାତ୍ର ୨ଫୁଟ ଦୂରରୁ ନାଥୁରାମ ଏହି ପିସ୍ତଲରୁ ତିନୋଟି ଗୁଳି ଗାନ୍ଧିଙ୍କ ଉପରକୁ ଚଳାଇଥିଲା ଓ ସେ 'ହେ ରାମ୍' କହି ସେହିଠାରେ ଟଳି ପଡ଼ିଥିଲେ। ପୂର୍ବରୁ ସେହିମାସ ୨୦ ତାରିଖରେ ନାଥୁରାମ ସଦଳବଳେ ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ବିରଳା ଭବନ ଆସିଥିଲା। ତେବେ ସେମାନଙ୍କ ଗୋଷ୍ଠୀ ମଧ୍ୟରେ ତାଳମେଳ ରହିନଥିବାରୁ ଅନ୍ୟତମ ଅପରାଧୀ ଶଙ୍କରଲାଲ ପାହ୍ୱା ବୋମା ବିସ୍ଫୋରଣ କରି ପଳାଇଯିବାକୁ ଉଦ୍ୟମ କରିଥିବାବେଳେ ଜଣେ ମହିଳା ତାକୁ କାବୁ କରିନେଇଥିଲେ। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶୁକ୍ରବାର ୩୦ ଜାନୁଆରୀ ୨୦୨୬, ଭୁବନେଶ୍ୱର

Friday 30 January 2026, Bhubaneswar

# ଟାର୍ଗେଟରେ ଇମେଲ ଆକାଉଣ୍ଟ




ଡିଜିଟାଲ ଯୁଗରେ ଇଣ୍ଟରନେଟ ଆମ ଜୀବନର ଅବିଚ୍ଛେଦ୍ୟ ଅଂଶ ହୋଇପଡ଼ିଛି। କିନ୍ତୁ ଏହି ସୁବିଧା ସହିତ ବୃଦ୍ଧି ପାଉଛି ସାଇବର ଅପରାଧର ଭୟାବହ ଛାୟା। ସମ୍ପ୍ରତି ଏକ ବଡ଼ ଖବର ପ୍ରକାଶ ପାଇଛି – ପ୍ରାୟ ୪୮ ମିଲିୟନ (୪.୮ କୋଟିରୁ ଅଧିକ) ଜି-ମେଲ ଆକାଉଣ୍ଟର ଲଗଇନ ତଥ୍ୟ ଓ ପାସୱାର୍ଡ ଅନଲାଇନ ଲିକ ହୋଇଛି। ଏହା ଏକ ବୃହତ୍ତର ୧୪୯ ମିଲିୟନ କ୍ରେଡେନ୍ସିଆଲ ଡାଟାବେସର ଅଂଶ, ଯାହା ଇନଫୋଷ୍ଟିଲର ମାଲୱେୟାର ଦ୍ୱାରା ଚୋରି ହୋଇଥିବା ବୋଲି ସାଇବର ନିରାପତ୍ତା ବିଶେଷଜ୍ଞମାନେ କହୁଛନ୍ତି। ଏହି ଘଟଣା ପୁଣି ଥରେ ପ୍ରମାଣ କରୁଛି ଯେ ହ୍ୟାକରମାନେ ବର୍ତ୍ତମାନ ଜି-ମେଲ ଆକାଉଣ୍ଟକୁ ବିଶେଷ ଭାବେ ଟାର୍ଗେଟ କରିଛନ୍ତି। ଗୁଗଲର ଜିମେଲ ବିଶ୍ୱର ସବୁଠାରୁ ବ୍ୟାପକ ଇମେଲ ସେବା, ଯାହା ପ୍ରାୟ ୨.୫ ବିଲିୟନ ଉପଭୋକ୍ତାଙ୍କୁ ସେବା ଦେଉଛି। ଏହା କେବଳ ଇମେଲ ପଠାଇବା ପାଇଁ ନୁହେଁ, ବରଂ ଅନେକ ଅନ୍ୟାନ୍ୟ ସେବା ଯେପରି ଗୁଗଲ ଡ୍ରାଇଭ, ୟୁଟ୍ୟୁବ, ଆଣ୍ଡ୍ରଏଡ ଫୋନ, ବ୍ୟାଙ୍କ ଆକାଉଣ୍ଟ ରିକଭରୀ ଆଦି ସହିତ ସଂଯୁକ୍ତ। ତେଣୁ ଜଣେ ବ୍ୟକ୍ତିଙ୍କ ଜି-ମେଲ ଆକାଉଣ୍ଟ ହ୍ୟାକ ହେଲେ ତାଙ୍କର ସମଗ୍ର ଡିଜିଟାଲ ଜୀବନ ବିପଦରେ ପଡ଼ିପାରେ–ବ୍ୟକ୍ତିଗତ ଫଟୋ, ଡକ୍ୟୁମେଣ୍ଟ, ଆର୍ଥିକ ତଥ୍ୟ, ଏମନକି ପରିଚୟ ଚୋରି ହୋଇପାରେ। ଭାରତରେ କୋଟି କୋଟି ଲୋକ ଜିମେଲ ବ୍ୟବହାର କରନ୍ତି, ଏବଂ ଓଡ଼ିଶାରେ ମଧ ଏହାର ବ୍ୟବହାର ବହୁଳ। ଏଭଳି ଲିକ ଘଟଣା ଆମ ସମାଜରେ ସାଇବର ଅପରାଧକୁ ଆହୁରି ବଢ଼ାଇବାର ଆଶଙ୍କା ସୃଷ୍ଟି କରୁଛି।

ହ୍ୟାକରମାନେ ଏହି ଆକ୍ରମଣ ପାଇଁ ବିଭିନ୍ନ ପଦ୍ଧତି ବ୍ୟବହାର କରୁଛନ୍ତି। ପ୍ରଥମତଃ ଫିଶିଂ- ନକଲି ଇମେଲ ପଠାଇ ପାସୱାର୍ଡ ଚୋରି କରିବା। ସମ୍ପ୍ରତି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସହାୟତାରେ ଏହି ଇମେଲଗୁଡ଼ିକ ଅତ୍ୟନ୍ତ ବାସ୍ତବବାଦୀ ହୋଇପଡ଼ୁଛି। ଦ୍ୱିତୀୟତଃ ମାଲୱେୟାର ଯାହା ଉପଭୋକ୍ତାଙ୍କ ଡିଭାଇସରେ ପ୍ରବେଶ କରି ପାସୱାର୍ଡ ଚୋରି କରେ। ତୃତୀୟତଃ କ୍ରେଡେନ୍ସିଆଲ ଷ୍ଟଫିଂ – ପୁରୁଣା ଲିକ ପାସୱାର୍ଡ ବ୍ୟବହାର କରି ଅନ୍ୟ ଆକାଉଣ୍ଟ ଖୋଲିବା। ଗୁଗଲର ସର୍ଭର ସିଧାସଳଖ ହ୍ୟାକ ହୋଇନଥିଲେ ମଧ, ଉପଭୋକ୍ତାଙ୍କ ଦୁର୍ବଳତା ହିଁ ମୁଖ୍ୟ କାରଣ ହୋଇଛି।

ଏହି ପରିସ୍ଥିତିରେ ଆମେ କଣ କରିବା ଉଚିତ୍? ପ୍ରଥମେ, ମଜବୁତ ଓ ଅନନ୍ୟ ପାସୱାର୍ଡ ବ୍ୟବହାର କରନ୍ତୁ–ଅତି କମରେ ୧୨ ଅକ୍ଷର, ଅକ୍ଷର, ସଂଖ୍ୟା ଓ ଚିହ୍ନ ମିଶ୍ରିତ ପାସୱାର୍ଡ। ମ୍ୟାନେଜର ବ୍ୟବହାର କରି ସମସ୍ତ ପାସୱାର୍ଡ ସୁରକ୍ଷିତ ରଖନ୍ତୁ। ଟୁ-ଫ୍ୟାକ୍ଟର ଅଥେଣ୍ଟିକେସନ (୨ଏଫଏ) ସକ୍ରିୟ କରନ୍ତୁ – ଏହା ହ୍ୟାକରଙ୍କ ପାଇଁ ବଡ଼ ବାଧା। ଅଜଣା ଲିଙ୍କ କ୍ଲିକ କରନ୍ତୁ ନାହିଁ, ଇମେଲରେ ପଠାଯାଇଥିବା ଆଟାଚମେଣ୍ଟ ଖୋଲିବା ପୂର୍ବରୁ ଯାଞ୍ଚ କରନ୍ତୁ। ନିୟମିତ ଭାବେ ଆକାଉଣ୍ଟ ଆକ୍ଟିଭିଟି ଚେକ କରନ୍ତୁ। ଗୁଗଲ ପାସ୍କି ଭଳି ପାସୱାର୍ଡ-ମୁକ୍ତ ବିକଳ୍ପ ଗ୍ରହଣ କରନ୍ତୁ।

ଏହି ଘଟଣା ଆମକୁ ସଚେତନ କରୁଛି ଯେ ସାଇବର ନିରାପତ୍ତା କେବଳ କମ୍ପାନୀଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ଉପଭୋକ୍ତାଙ୍କର ବ୍ୟକ୍ତିଗତ ଦାୟିତ୍ୱ। ଡିଜିଟାଲ ସାକ୍ଷରତା ବୃଦ୍ଧି କରିବା ଓ ସତର୍କ ରହିବା ଦ୍ୱାରା ହିଁ ଆମେ ଏହି ବିପଦରୁ ରକ୍ଷା ପାଇପାରିବା। ନହେଲେ ହ୍ୟାକରମାନଙ୍କର ଏହି ଆକ୍ରମଣ ଆହୁରି ତୀବ୍ର ହେବା ସମୟ ଆସିଛି। ଆମେ ଡିଜିଟାଲ ଜଗତରେ ସତର୍କ ନାଗରିକ ହେବା।

# ସତ୍ୟ ଅସତ୍ୟ ଠିକକରି ବୁଝି ଟିପ୍ପଣୀ ଦିଅନ୍ତୁ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଆପଣ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଛନ୍ତି, ଆପଣ ଉଚ୍ଚ ଶିକ୍ଷା ପାଇଛନ୍ତି, ଆପଣ ଜଣେ ଶିଳ୍ପପତି, ବଡ଼ ବ୍ୟବସାୟୀ। କୌଣସି ବିଷୟରେ ଭଲ ଭାବରେ ଟିକିନିଖି ନଜାଣି ସେ ବିଷୟରେ ମନ୍ତବ୍ୟ ଦିଅନ୍ତୁ ନାହିଁ, ମାନ ଅପମାନ ସୂତା ଖିଅରେ ଝୁଲୁଛି, ଏବେ କାମେରାରେ, ଫୋନ, ମାଇକ୍ରୋଫୋନରେ ମନ୍ତବ୍ୟ ଦେଉ ଦେଉ ଦୁନିଆ ଜାଣିଯିବ, ଯନ୍ତ୍ରରେ ଥିବା ଅପବାଦ ଯଦି ଥାଏ, ମୁହୂର୍ତ୍ତ କରେ ସୁନାମରେ ସୁନାମୀ ଆସିଯିବ। ଶତ୍ରୁର ଜାଲ ସର୍ବତ୍ର ବସିଛି। ଆପଣମାନେ ଜାଣନ୍ତି ବାଦୁଡ଼ି ପକ୍ଷୀ ନୁହେଁ, କି ଦିବାରେ ନୁହେଁ, ତାକୁ ବଞ୍ଚିବାକୁ ପଡ଼ିବ ଏ ପାଇଁ ସେ ଖାଦ୍ୟ ଯୋଗାଡ଼ କରିବ ଯିବ ମାତ୍ର ଜାଲରେ ପଡ଼ିଯାଇପାରେ। ଏପରି ବୁଦ୍ଧିରେ ଜୀବିକା ବୃତ୍ତି ଲିପ୍ତମାନେ କଷ୍ଟ ଭୋଗ କରିବାକୁ ପଡ଼େ। ଦେଖିଲେ ରାଜା, ଜମିଦାର ମାନେ ତାଙ୍କ ପକ୍ଷରେ କେହି ମୁଣ୍ଡ ଟେକିଲେ, ସ୍ୱର ଉତ୍ତୋଳନ କଲେ ତାଙ୍କ ଗର୍ଜନ କରୁଥିଲେ, ନାନାଦି ଶାରୀରିକ ଦଣ୍ଡ ମିଳୁଥିଲା। ଛଳନା ବନ୍ଧୁତ୍ୱ ବାନ୍ଧି ମହଲ ଡାକି ଭୋଜନରେ ପାନୀୟରେ କାଳକୂଟ ଦେଇ ପଥ ପରିଷ୍କାର କରୁଥିଲେ। ରାଜା ତାଙ୍କ କାମନା ତୃପ୍ତି ପାଇଁ ଏକାଧିକ ନାରୀ ସହ ସମୟ ନିତ୍ୟ କାଟିଲେ ବି କିଛି ଯୁବକ ମାନଙ୍କୁ ବର୍ଷ ବର୍ଷ ଧରି ବେଠି ଖଟାଇ ମହଲ, ପୁଷ୍କରିଣୀ, ମନ୍ଦିର କରାଇ, ଯୁବକର ଯୌବନ କାଳ ସ୍ତ୍ରୀ ସଙ୍ଗ ଛେଦ କରାଇ ଦେଉଥିଲେ। ଯେଉଁ କୋଣାର୍କ ମନ୍ଦିର, ତାଜମହଲ ଆଜି ସ୍ୱାମୀ ସ୍ତ୍ରୀ ଯୋଡ଼ି ଦେଖୁଛନ୍ତି, ଆନନ୍ଦ ଅନୁଭବ କରୁଛନ୍ତି, ଟିକେ ଭାବିଲେ, ତାହାର ନିର୍ମାଣ କାଳର ସମୟରେ କେତେ ଯୁବକ କଳାକାର ଶିଳ୍ପୀ ତାଙ୍କ ଯୁବତୀ ପତ୍ନୀଙ୍କ ଠାରୁ କେତେ ଦିନ ବିଚ୍ଛେଦ ନଥିବେ। ରାଜା, ଧର୍ମକୁ ନିଜ ନିୟମରେ ନିଅନ୍ତି, ନେଲେ ବି ତତ୍କାଳୀନ ଜ୍ଞାନୀ ଗୁଣୀ ଆଖି ଥାଇ ଅନ୍ଧ ଅଭିନୟ କରୁଥିଲେ, ରାଜାଙ୍କ ସୁନ୍ଦରୀ ଗଣ୍ଡବଂଶର ଭେଟଦେଲେ ସେ ସୁନ୍ଦରୀ ଶିକାର ହେଉଥିଲେ। ସେ ଯେଉଁ ଜାତିର କନ୍ୟା ହେଉ ନା କାହିଁକି ସେ ସୁନ୍ଦରୀ ରାଜମହଲ ଦାସୀ, ତାଙ୍କ ସନ୍ତାନ ଦାସୀ ପୁତ୍ର ଦାସ ହେଉଥିଲେ। ଏତିକିରେ କଥା ସରୁନଥିଲା ରାଜାଙ୍କର ସ୍ତ୍ରୀ ଜ୍ଞାନକୁ ସମସ୍ତେ ତରିହରି ମାନ୍ୟତା ଦେଇ ତାହା ଉଚ୍ଚସ୍ତ କହି ସାର୍ବଜନୀନ ମାନ୍ୟତା ଦେଉଥିଲେ। ଆମ ଦେଶରେ ପିତୃ କେନ୍ଦ୍ରିକ ଗୋତ୍ର, ଜାତି, ଧର୍ମ ଯେଉଁ କାରଣରୁ ଧାର୍ଯ୍ୟ ଥିଲା ଓ ତାକୁ ପରବର୍ତ୍ତୀ କାଳରେ ଭାରତକୁ ବାରବାର ଆକ୍ରମଣକାରୀମାନେ ଫାଇଦାରେ ନେଇକି ଆଜି ତାଙ୍କ ବଂଶ ବିସ୍ତାର କରିଛନ୍ତି, ଆମେ ଦୁଇ ଆମର ଦୁଇ ସ୍ଲୋଗାନ ଯାହା କିଛି ବର୍ଷ ଆଗରୁ ପ୍ରଚାର ଚାଲିଥିଲା ସେଥିରେ ସେମାନେ କେବେ ସାମିଲ ହୋଇନାହାନ୍ତି ହେଲେ ଜନଗଣନା ଯେଉଁ ପ୍ରତି ଦଶ ବର୍ଷରେ ହେବା କଥା ନିୟମ ଅନୁସାରେ ୨୦୨୧ର କ୍ରମ ଆଜି ୨୦୨୬ରେ ପହଞ୍ଚିଲାଣି ଯଦି ଏହା ସ୍ୱଚ୍ଛରୂପରେ ନ ହୁଏ, ଅସମ୍ଭାଳ ସ୍ଥିତି ହେବା ଅସମ୍ଭବ ନୁହେଁ, ଯାହାବେ ଚାହିଁ ଖାଲି ଘର ହିଁ ଘର, ମାଳ ମାଳ ଲମ୍ବା ଚଉଡା ରାସ୍ତା କଳକାରଖାନା, ଶସ୍ୟ କ୍ଷେତ୍ର ବିଲୁପ୍ତ, ଲୋକେ ଖାଇବେ କଣ? ଧର୍ମ ବଦଳାଇ ଲୋକେ ରାଜ ଅନୁଗ୍ରହିତ ହେଉଥିଲେ, ଏବେ ଦେନ ଦବଳାଇ ରାଜାନୁଗ୍ରହ ପ୍ରାପ୍ତି ଚିନ୍ତା ଗ୍ରାସ କଲାଣି। ଗୀତା ବର୍ଣ୍ଣିତ ବର୍ଣ୍ଣଶଙ୍କର ବେଳକୁ ବେଳ ମାନବକାତିରେ, ପଶୁରେ, ପକ୍ଷୀରେ, ବୃକ୍ଷଲତାରେ ବଢ଼ି ଚାଲିଲାଣି। ଅନେକ ଜ୍ଞାନୀ ଅଛନ୍ତି କେହି ଆମର ଧର୍ମ ଶାସ୍ତ୍ରକୁ ଥରେ ବି ପଢ଼ି ନାହାନ୍ତି, ପଢ଼ିବାକୁ ଅବସର ପାଉନାହାନ୍ତି। ଇଂରାଜୀ ପାଠ ପଢ଼ା ପ୍ରାଥମିକରୁ ଆମଙ୍କୁ ପିଲାମାନଙ୍କର ହେଲାଣି, ସେମାନେ ଆଉ ସେ ପୁରୁଣା ଶାସ୍ତ୍ରକୁ କେମିତି ପଢ଼ିବେ? ରାଜନୀତରେ ରାଜା ମୁଖ୍ୟ, ଏବେ ପ୍ରଧାନ ମନ୍ତ୍ରୀ, ମୁଖ୍ୟ ମନ୍ତ୍ରୀ ଆଦ ସେ ପଦବୀରେ ଜମିଦାରୀରେ ସେମିତିକା ନେତା ଛାର ହୋଇ ରହି ଅଛନ୍ତି କିନ୍ତୁ ଧର୍ମ ଜ୍ଞାନର ଜ୍ଞାନୀ ଅଭାବ ବଢ଼ି ବଢ଼ି ଚାଲିଛି।

**ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ସ୍ମୃତିରେ ଗାନ୍ଧିଜୀ, କୁଷ୍ଠରୋଗ ନିରୋଧୀ ଦିବସ

ଡକ୍ଟର ସୁରେଶ କୁମାର ନାୟକ



ଜାତିର ଜନକ ଭାବେ ମହାତ୍ମା ଗାନ୍ଧୀ କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଏକ ସମ୍ମାନସ୍ପଦ ବ୍ୟକ୍ତିତ୍ୱ, ତାଙ୍କ ଅହିଂସା ନୀତି ଆଜି ପୃଥିବୀରେ ସମସ୍ତ ରାଷ୍ଟ୍ରର ଜାତୀୟ ବାର୍ତ୍ତା ଭାବେ ପ୍ରମାଣ ସିଦ୍ଧ ହୋଇଛି। ସଶସ୍ତ୍ର ଗୋରା ଫଉଜଙ୍କୁ ଜଣେ ଆଣ୍ଠୁ ଲୁଚୁ ନଥିବା ପୋଷାକର ସାଧାରଣ ସେହି ବାପୁଜୀ ଭାରତମାତାରୁ ବିତାଡ଼ିତ କରିବାକୁ ସକ୍ଷମ ହୋଇଥିଲେ। ସମଗ୍ର ଭାରତର ଯେଉଁ ଅହିଂସା ନୀତିକୁ ଆଜି ସମଗ୍ର ବିଶ୍ୱ ସମ୍ମାନର ସହିତ ମଥାପାତ କରୁଛି ତାହା ପଛର ଘଟଣାଟି ହେଉଛି ସେହି ମହାନ ନାୟକଙ୍କ କୃତୀ। ପୃଥିବୀରେ ମହାତ୍ମା ଗାନ୍ଧୀ ଏପରି ଜଣେ ବିରଳ ବ୍ୟକ୍ତିତ୍ୱ ଯାହାଙ୍କ ନାମରେ ସାରା ପୃଥିବୀର ବିଭିନ୍ନ ଭାଷାରେ ଅନେକ ଚଳଚ୍ଚିତ୍ର ଓ ପୁସ୍ତକ ମଧ ଲେଖା ହୋଇଛି। କୁହାଯାଏ ଗାନ୍ଧିଜୀଙ୍କ ନାମରେ ଯେ କୌଣସି ପୁସ୍ତକ ତାହା ନିଶ୍ଚିତ ପ୍ରଚୁର ପାଠକୀୟ ଆଦୃତ୍ତି ପାଇଥାଏ। ଆଜିର ଦିନରେ ଆମେ ଜାତିର ପିତାଙ୍କୁ ହରାଇ ଥିଲୁ। ସମଗ୍ର ବିଶ୍ୱ ମଧ ସ୍ତବ୍ଧ ହୋଇଯାଇଥିଲା ସେ ଦିନର ଏହି ଅଭାବନୀୟ ଘଟଣାକୁ ନେଇ। କିନ୍ତୁ ଗାନ୍ଧିଜୀଙ୍କ ଆଦର୍ଶ, ଚିନ୍ତା ଓ ଚେତନା ଯୁଗ ଯୁଗ ପାଇଁ କେବଳ ପ୍ରତିଟି ଭାରତୀୟଙ୍କ ହୃଦୟରେ ନୁହେଁ ସମଗ୍ର ବିଶ୍ୱବାସୀଙ୍କ ହୃଦୟରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବ।

ସେହିପରି ପିଲାମାନେ ଆଜି ହେଉଛି ସହୀଦ ଦିବସ ଏବଂ ଏହାକୁ ସର୍ବୋଦୟ ଦିବସ ଭାବେ ମଧ ପାଳନ କରାଯାଏ। ତେବେ ଅନ୍ୟ ଗୋଟିଏ ସଚେତନଧର୍ମୀ ଚେତନାଦାୟୀ କାର୍ଯ୍ୟକ୍ରମ ପାଇଁ ଆଜିର ଦିବସଟି ମଧ ପରିଚିତ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ସାରା ଭାରତବର୍ଷରେ କୁଷ୍ଠ ରୋଗ ନିରୋଧୀ ଦିବସ ଭାବେ ପାଳନ କରାଯାଏ। କୁଷ୍ଠ ଭଳି ସଂକ୍ରାମକ ରୋଗରେ ପୀଡ଼ିତ ରୋଗୀଙ୍କ ଯତ୍ନ ଓ ସେମାନଙ୍କ କଲ୍ୟାଣ ପାଇଁ ଗାନ୍ଧୀଙ୍କ ନିସ୍ୱାର୍ଥପର ପଦକ୍ଷେପକୁ ମନେପକାଇବାକୁ ଏହି ଦିବସ ପାଳିତ ହୋଇଥାଏ। ଶିକ୍ଷାନୁଷ୍ଠାନମାନଙ୍କରେ କୁଷ୍ଠ ନିରୋଧୀ ଅଭିଯାନ ଅନୁଷ୍ଠିତ ହୋଇଥାଏ। ନାଟକ, ଚଳଚ୍ଚିତ୍ର ମାଧ୍ୟମରେ କୁଷ୍ଠ ପ୍ରତି ଲୋକଙ୍କୁ ସଚେତନ କରାଯାଏ। ଚିକିତ୍ସା ଦ୍ୱାରା ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରେ, ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଭାରତରେ ଏହି ସନ୍ଦେଶ ପ୍ରେରଣ କରାଯାଇଥାଏ। ରୋଗ ସହ ଲଢ଼ିବାର ସାହସ ଜାଗ୍ରତ କରାଯାଇଥାଏ। ରୋଗକୁ ନେଇ ଲୋକଙ୍କ ମନର ଭ୍ରମ ଦୂର କରିବା ଏହି ଦିବସର ଲକ୍ଷ୍ୟ। ଲୋକଙ୍କୁ କୁଷ୍ଠ ପ୍ରତି ସଚେତନ କରାଇବା, ପୀଡ଼ିତଙ୍କୁ ନିୟମିତ ଓ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦେବା, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ମାନସିକ ସ୍ତରରେ ମଜବୁତ କରିବା ସହ



ରୋଗ ସମୟରେ ଅନ୍ୟ ଶାରୀରିକ ସମସ୍ୟା ପ୍ରତି ସଚେତନ କରିବା କୁଷ୍ଠ ନିରୋଧୀ ଦିବସ ପାଳନର ଉଦ୍ଦେଶ୍ୟ। ଅନେକ ସମୟରେ କୁଷ୍ଠରୋଗୀ ମାନଙ୍କ ପ୍ରତି ଘୃଣା ଓ ସେ ବର୍ଗର ଭିକ୍ଷାର୍ଥୀଙ୍କ ପ୍ରତି ଅସମ୍ବେଦନଶୀଳ ମନ୍ତବ୍ୟ ସମ୍ପର୍କରେ ବେଳେ ବେଳେ ଆମେ ଗଣମାଧମରେ ଖବର ଦେଖୁ। କେହି କେହି ସେମାନଙ୍କୁ ଏକ ପ୍ରକାର ସାମାଜିକ ଅସ୍ପୃଶ୍ୟ ଓ ଅଲୋଡ଼ା ଭାବେ ବିଚାର କରିଥାନ୍ତି। କିନ୍ତୁ ବାପୁଜୀଙ୍କ ପ୍ରିୟ ବାଣୀଟି ହେଉଛି - 'କୁଷ୍ଠରୋଗକୁ ଘୃଣା କର-କୁଷ୍ଠ ରୋଗୀକୁ ନୁହେଁ।' କହିବାକୁଗଲେ ବର୍ତ୍ତମାନର ସମୟରେ କୁଷ୍ଠରୋଗ ଆଉ ଘୃଣ୍ୟ ବା ଆରୋଗ୍ୟ ହେଉ ନଥିବା ରୋଗ ହୋଇ ରହିନାହିଁ। ଏହାର ଚିକିତ୍ସା ପଦ୍ଧତି ସହିତ ଲୋକମାନଙ୍କର ମଧ କୁଷ୍ଠରୋଗୀ ମାନଙ୍କ ପ୍ରତି ସହାନୁଭୂତି ବୃଦ୍ଧି ପାଇଛି। ଆଜିର ଦିବସରେ କେବଳ ଜାତିର ଜନକ ପ୍ରିୟ ବାପୁଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ନୁହେଁ ବରଂ ଏହା ସହିତ କୁଷ୍ଠ ରୋଗ ପ୍ରତି ଥିବା ଆମର ଘୃଣାକୁ ବିତାଡ଼ିତ କରି ଏହି ବର୍ଗର ପୀଡ଼ିତ ମାନଙ୍କୁ ଭଲ ପାଇବା, ସେବା କରିବା ଆଜିର ଦିବସର ଅନ୍ତର୍ନିହିତ ପ୍ରେରଣା ଯୋଗାଉ।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ**
**ମୋବାଇଲ୍: ୯୪୩୭୨୨୫୫୯୨**

# ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱପ୍ନ ଏବେବି ଅଧୁରା



ଆଶୁତୋଷ ନାୟକ

ଗୋଦାବରୀଶ ମହାପାତ୍ରଙ୍କ ଲେଖନୀ ନିଃସୃତ ବାଣୀ ଆମ ସମାଜ ପାଇଁ ଅତୀବ ପ୍ରେରଣାଦାୟୀ। ଦୁର୍ଗମ ଗିରି ପ୍ରାଚୀର ଜୀର୍ଣ୍ଣ ଦୁଆରେ ବସି ଡାକେ ତାନ୍ତ୍ରିକ ମନ୍ତ୍ର ସାଧନେ ଜାଗ୍ରତ ପୁରବାସୀ,। ପୃଥ୍ୱୀ ବିଦାରି ବାରବାଟୀ ମଡ଼ା, ଉଠ ଉଠ ଚଞ୍ଚଳ ଖୋରଦାର ଶତ ସରଦାର ଶିର କର ଉନ୍ନତତର! ଉଠ କଙ୍କାଳ, ଛିଡ଼ୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରିବାକୁ ଯାଉଛୁ ଏହା ଆମ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ଆମ ଦେଶକୁ ସ୍ୱାଧୀନ ହେବାର ୭୯ବର୍ଷ ଅତିକ୍ରାନ୍ତ ହୋଇସାରିଛି ଆମେ ଶିକ୍ଷା, ଅର୍ଥନୀତି, ସାମରିକ ଓ ବେସାମାରିକ, ପ୍ରତିରକ୍ଷା, ବାଣିଜ୍ୟ, କ୍ରୀଡ଼ା, ସାହିତ୍ୟ, କଳା, ସ୍ଥାପତ୍ୟ, ବିଜ୍ଞାନ, ପ୍ରଯୁକ୍ତିବିଦ୍ୟାରେ ଅବିଶ୍ୱାସନିୟ ସଫଳତା ହାସଲ କରିଛୁ। ଆମ ରାଷ୍ଟ୍ର ସମଗ୍ର ବିଶ୍ୱ ମାନଚିତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଆଉ କିଛି ଦିନ ମଧରେ ଆମ ରାଷ୍ଟ୍ର ଭାରତ ବିଶ୍ୱର ଚତୁର୍ଥ ବଡ଼ ଅର୍ଥନୀତି ଥିବା ରାଷ୍ଟ୍ର ହେବାକୁ ଯାଉଛି। ଆମେ ଉଭୟ ଜଳ, ସ୍ଥଳ, ଆକାଶରେ ନିଜର ପରାକ୍ରମ ଦେଖାଇ ସାରା ବିଶ୍ୱକୁ ଆଚମ୍ବିତ କରାଇଛୁ। ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର ଆମେରିକା, ରୁଷିଆ, ଜାପାନ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଇତ୍ୟାଦି ଆମ ଦେଶ ସହ ବାଣିଜ୍ୟ ଚୁକ୍ତି କରିବା ପାଇଁ ଇଚ୍ଛା ପ୍ରକାଶ କରୁଛନ୍ତି। ଏହା ଆମ ରାଷ୍ଟ୍ର ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ। ପାକିସ୍ତାନ, ଚୀନ, ଆମେରିକାକୁ ନିଜର କଡ଼ା ସନ୍ଦେଶ ଦେବାରେ ଆମ ଦେଶ ସକ୍ଷମ ହୋଇଛି।ଆତଙ୍କବାଦୀଙ୍କ ବିରୁଦ୍ଧରେ ସେମାନଙ୍କ ଦୌମୁହାଁ ନୀତିକୁ ସାରା ବିଶ୍ୱ ଆଗରେ ସଠିକ ଭାବେ ପ୍ରମାଣ ସହ ଉପସ୍ଥାପନା କରିଛୁ। ବିଶ୍ୱର ଏକମାତ୍ର ରାଷ୍ଟ୍ର ଭାରତ ଯିଏକି ଆତଙ୍କବାଦୀ ମାନଙ୍କୁ ଦୃଢ଼ହସ୍ତରେ ଦମନ କରିଛି। ଏବେ ନିକଟରେ ଜାମ୍ମୁକାଶ୍ମୀର ପହଲଗ୍ରାମରେ ନରରାକ୍ଷସ ପିଶାଚ ଆତଙ୍କବାଦୀ ମାନେ ଯେଉଁଭଳି କାପୁରୁଷ ଭାବରେ ନିରୀହ ପ୍ରଯ୍ୟଟକଙ୍କୁ ହତ୍ୟା କରିଥିଲେ ସେମାନଙ୍କୁ ଅପରେସନ ସିନ୍ଦୁର ଏବଂ ଅପେରସନ ମହାଦେବ ମାଧମରେ ପାକିସ୍ତାନ ଦ୍ୱାରା ପ୍ରାୟୋଜିତ ସମସ୍ତ ଆତଙ୍କବାଦୀଙ୍କୁ ନିପାତ କରିଛୁ।ସେମାନଙ୍କ ଟ୍ରେନିଂ କ୍ୟାମ୍ପ, ସାମରିକଘାଟି, ବିପୁଳ ଅସ୍ତ୍ରଶସ୍ତ୍ର, ଯୁଦ୍ଧ ବିମାନକୁ ଧ୍ୱଂସବିଦ୍ଧ୍ୱସ୍ତ କରିଦେଇଛୁ। କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ଆମ ଦେଶ ସ୍ୱାଧୀନତାର ୭୯ବର୍ଷ ପରେ ମଧ ନାରୀ ନିର୍ଯ୍ୟାତନା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ପ୍ରତି ମିନିଟରେ ଦେଶର କୋଣ ଅନୁକୋଣରେ ମହିଳାଙ୍କ ପ୍ରତି ଅସଦାଚରଣ, ମାନସିକ ଓ ଶାରୀରିକ ନିର୍ଯ୍ୟାତନାର ଘଟଣା ଘଟିଚାଲିଛି। କେତେବେଳେ ସମାଜରେ ବଡ଼ପଣ୍ଡା ବୋଲାଉଥିବା ବ୍ୟକ୍ତିବିଶେଷ ଏବଂ ବଡ଼ ବଡ଼ ନେତା, ମନ୍ତ୍ରୀ, ଅଫିସରଙ୍କ ଛତ୍ରଛାୟା ତଳେ ଗଢ଼ି ଉଠିଥିବା ଅସାମାଜିକ ବ୍ୟକ୍ତି ନିର୍ଭୟରେ ମହିଳାଙ୍କ ଉପରେ ଏସିଡ ମାଡ଼ କଲେଣି ତ ପୁଣି କେତେବେଳେ ଧର୍ଷଣ, ଗଣଧର୍ଷଣ ପରି ଅମାନବିୟ ପାଶବିକ କୁକର୍ମ କରି ଖୋଲା ଚ୍ୟାଲେଜ ଦେଉଛନ୍ତି। ସବୁଠୁ ଘୃଣ୍ୟ ଏବଂ ଲଜ୍ୟାଜନକ ଘଟଣା ଏହାକି ଅନେକ ବିଧର୍ମୀ ପାପୀ ମନୁଷ୍ୟ ଜୀବନ ସୂର୍ଯ୍ୟାଦୟ ଦେଖିନଥିବା କୋମଳମତି ଦୁଇ, ତିନି ବର୍ଷର ନାବାଳିକା ସହିତ ଧର୍ଷଣ, ଗଣଧର୍ଷଣ ପରି ଘୃଣ୍ୟ କାମ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି।

ଆମ ରାଜ୍ୟ ଓଡ଼ିଶାରେ ମଧ ଆଇନ ଶୃଙ୍ଖଳା ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଲାଣି।ପ୍ରତିଦିନ ରାଜ୍ୟରେ କୋଉଠି ନା କୋଉଠି ଦୁଷ୍କର୍ମ, ହିଂସା, ଏସିଡ ଆକ୍ରମଣ ଓ ଯୌନ ଉତ୍ପୀଡ଼ନ ଶିକାର ହେଉଛନ୍ତି ମହିଳା।ଯାହାକୁ ନେଇ ସରକାର ଅନେକ ପଦକ୍ଷେପ ନେଉଥିଲେ ମଧ କିଛି ସୁଫଳ ମିଳୁନାହିଁ।ରାଜ୍ୟରେ ଦୈନିକ ପନ୍ଦରମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ଗୋପାଳପୁର ବେଳାଭୂମିରେ ଘଟିଥିବା ଛାତ୍ରୀ ଗଣଦୁଷ୍କର୍ମ ଘଟଣା ଠାରୁ ଆରମ୍ଭ କରି, ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମଦାହ ଘଟଣା, ବଳଙ୍ଗା ପୀଡିତା ନାବାଳିକା ଛାତ୍ରୀ ନିଆଁରେ ଜଳିବା ଘଟଣା, କେନ୍ଦ୍ରାପଡ଼ା ଜିଲ୍ଲା ବଡପଡା ମହାବିଦ୍ୟାଳୟର ଯୁକ୍ତ ତିନିଛାତ୍ରୀ ନିଆଁରେ ଜଳିଯିବା ଘଟଣା ଏହିପରି ଅନେକ ଘଟଣା ଯାହାକି ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟ ବିଦାରକ। ଆମ ବ୍ୟବସ୍ଥା ଯେପରି ଅସହାୟ ହେଇପଡ଼ିଛି ଏବଂ ପୁଲିସ ପାରିବାପଣିଆ ଉପରେ ବାରମ୍ବାର ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହିସବୁ ଘଟଣାରେ ପୁଲିସର ଦାୟିତ୍ୱହୀନତା ଏବଂ ଚରମ ଅବହେଳାକୁ ପଦାରେ ପକାଇଛି।

ଆମ ଦେଶକୁ ସ୍ୱାଧୀନ ହେବାର ୭୯ବର୍ଷ ପରେ ମଧ ଅସହାୟ ଗରିବ ଓ ମଧବିତ୍ତ ବ୍ୟକ୍ତି ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଅନେକ ସମୟରେ ଆମ୍ବୁଲାନ୍ସ ଉପାନ୍ତ ଅଞ୍ଚଳରେ ପହଞ୍ଚିପାରୁନାହିଁ ବାଧ ହୋଇ କୌଣସି ଉପାୟ ନପାଇ ଗୁରୁତର ରୋଗୀ କେତେବେଳେ ଖଟିଆରେ, ଟ୍ରଲିରେ ଆଉ କେତେବେଳେ ଅଟୋରେ ବୁହାହୋଇ ଆସୁଛନ୍ତି। ଠିକ ସମୟରେ ହସ୍ପିଟାଲ ପହଞ୍ଚିପାରୁନଥିବାରୁ ଅନେକ ରୋଗୀ ମଝି ରାସ୍ତାରେ ହିଁ ପ୍ରାଣତ୍ୟାଗ କରୁଛନ୍ତି। ଏବେ ନିକଟରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଥିଲା ସ୍ୱାସ୍ଥ୍ୟ ସେବାର ବିକଳ ଚିତ୍ର।ଆମ୍ବୁଲାନ୍ସ ନମିଳିବାରୁ ବାଧ ହୋଇ ଜଣେ ମହିଳା ଅଟୋରେ ଆସୁଥିଲେ। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭିତରେ ପହଞ୍ଚିବା ସମୟରେ ହିଁ ଅଟୋରେ ମହିଳାଙ୍କ ପ୍ରସବ ହୋଇଯାଇଥିଲା ଏବଂ ଅଟୋରେ ହିଁ ମହିଳା କନ୍ୟା ସନ୍ତାନ ଜନ୍ମ ଦେଇଥିଲେ।

ଆମ ଦେଶରେ ଆତ୍ମହତ୍ୟା ଏବେ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ। ଅନେକ ସମୟରେ ଅସହାୟ ଗରିବ ଓ ମଧବିତ୍ତ ବର୍ଗର ବ୍ୟକ୍ତି ନିଜର ସମସ୍ୟା ସମାଧାନ ପାଇଁ ପୋଲିସର ବଡ଼ବାବୁମାନଙ୍କୁ, ବଡ଼ ବଡ଼ ଉଚ୍ଚପ୍ରଦସ୍ତ ଅଫିସରମାନଙ୍କୁ ବାରମ୍ବାର ଅଭିଯୋଗ କରି ସବୁଆଡୁ ନିରାଶ ହୋଇ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏନସିଆରବି ରିପୋର୍ଟ ଅନୁସାରେ ପ୍ରତିଦିନ ଆମ ରାଜ୍ୟରେ ହାରାହାରି ପ୍ରତି ଲକ୍ଷେ ଲୋକଙ୍କ ମଧରେ ବର୍ଷକୁ ବାରଜଣ ଆତ୍ମହତ୍ୟା କରୁଛନ୍ତି।ଗତ ଏକବର୍ଷ ମଧରେ ଆମ ଦେଶର ସାତଟି ଆଇଆଇଟିରେ ଚଉଦଜଣ ଛାତ୍ର ଆତ୍ମହତ୍ୟା କରିଛନ୍ତି।ସର୍ବାଧିକ ଆଇଆଇଟି ଖଡ଼ଗପୁରରେ ଚାରିଜଣ ଆତ୍ମହତ୍ୟା କରିଛନ୍ତି। ସୁପ୍ରିମକୋର୍ଟ ଏବେ ନିକଟରେ ଆଇଆଇଟି ଖଡ଼ଗପୁର ଏବଂ କୋଟାରେ ଆତ୍ମହତ୍ୟା ମାମଲାରେ ଏଫଆଇଆର ଦାଖଲର ସ୍ଥିତି ପରଖି ଥିଲେ ଏବଂ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜନ୍ମ ରୁ ମୃତ୍ୟୁ ପଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ବିଭିନ୍ନ ବଡ ଅନୁଷ୍ଠାନ, ସଂସ୍ଥା ଦ୍ୱାରା ଆମ ସରକାର ପ୍ରଶଂସା, ପୁରସ୍କାର ଗୋଟାଉଛନ୍ତି କିନ୍ତୁ ଏବେବି ଅନେକ ଗରିବ ଅସହାୟ ବ୍ୟକ୍ତିଙ୍କ ପାଖରେ ଏହି ଯୋଜନାର ଲାଭ କିମ୍ବା ସୁବିଧା ଅପହଞ୍ଚ। ବିଭିନ୍ନ ଜାତୀୟ ଆଗ ଧାଡିର ଗଣମାଧମର ରିପୋର୍ଟ ଅନୁସାରେ ଏବେବି ଆମ ଦେଶରେ ଅନେକ ଅସହାୟ ବ୍ୟକ୍ତି କ୍ଷୁଦାର ଜ୍ୱଳା ସହ୍ୟ କରି ନପାରି ଅର୍ଥ ଅଭାବରୁ ଅତି ନିମ୍ନମାନର ଖାଦ୍ୟ ଖାଇବାକୁ ବାଧ ହେଉଛନ୍ତି। ଏହା ଆମ ଦେଶ ପାଇଁ ଅତ୍ୟନ୍ତ ଲଜ୍ୟାଜନକ ଘଟଣା।

ଗାନ୍ଧିଜୀ ମନୁଷ୍ୟ ମନ ମଧରେ ଛୁଆଁ ଅଛୁଆଁ, ଉଚ୍ଚ ନୀଚର ଭେଦଭାବକୁ ନାପସନ୍ଦ କରୁଥିଲେ। ସମାଜରେ ଧନୀ ଓ ଗରିବ ମଧରେ ଥିବା ତାରତମ୍ୟକୁ ଦୂର କରିବା ପାଇଁ ଅନେକ ସଂଘର୍ଷ କରିଥିଲେ ଏବଂ ଅନେକ ଦୁଃଖ, ଯନ୍ତ୍ରଣା, ପୀଡ଼ା ସହିଥିଲେ।ସମାଜରେ ଅବହେଳିତ ଅସହାୟ ଗରିବ ବ୍ୟକ୍ତି କିପରି ଶିକ୍ଷା ମାଧମରେ ଆଗକୁ ବଢ଼ିପାରିବ ସେଥିପାଇଁ ସେ ପ୍ରଚେଷ୍ଟା କରିଥିଲେ। ଗାନ୍ଧିଜୀ ସଦାସର୍ବଦା ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଇଥିଲେ ସେଥିପାଇଁ ସେ କହୁଥିଲେ 'କୁଟି ଖାଅ କାଟି ପିନ୍ଧ ' ତାଙ୍କର କହିବାର ତାତ୍ପର୍ଯ୍ୟ ଏହାଥିଲା କି ଶିକ୍ଷା ମାଧମରେ କିପରି ଜଣେ ଆତ୍ମନିର୍ଭରଶୀଳ ହେଇପାରିବ ତାର ପରିବାରକୁ ପ୍ରତିପୋଷଣ କରିପାରିବ। ଗାନ୍ଧିଜୀଙ୍କ ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ସରକାର ଏବେ ଧନ୍ଦାମୂଳକଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦେଉଛନ୍ତି। ଗାନ୍ଧିଜୀଙ୍କ ଅହିଂସା ନୀତି ଏବଂ ସତ୍ୟର ମାର୍ଗ। ଗାନ୍ଧିଜୀ ସତ୍ୟ, ଧର୍ମ, ନ୍ୟାୟ ଅହିଂସାର ପୂଜାରୀ ଥିଲେ। ତାଙ୍କ ନୀତି ଆଦର୍ଶ ଆଜିର ବିଶୃଙ୍ଖଳିତ ଯୁବ ସମାଜ ପାଇଁ ଅତ୍ୟନ୍ତ ପ୍ରେରଣା ଦାୟୀ। ଏବେ ନିକଟରେ ଆମ ରାଜ୍ୟର ମୋହନ ସରକାର ବିଦ୍ୟାଳୟରେ ନୈତିକ ଶିକ୍ଷା ଅତ୍ୟନ୍ତ ଉପାଦୟ ଗୀତାର ପଠନର ବ୍ୟବସ୍ଥା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନିୟମ, ନୈତିକତାର ଅଭାବ ପରିଲକ୍ଷିତ ହେଉଛି। ଧୀରେ ଧୀରେ ଆମ ଦେଶର ରାଜନୀତି କଳୁଷିତ ହେବାକୁ ଲାଗିଛି ଏହା ଅପ୍ରିୟ ସତ୍ୟ।

ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜନସାଧାରଣ ସର୍ବେସର୍ବା ହୋଇଥାନ୍ତି। ପ୍ରକୃତ କ୍ଷମତା ଜନସାଧାରଣଙ୍କ ହାତରେ ରହିଥାଏ। ସବୁଠାରୁ ଶକ୍ତିଶାଳୀ ବୃହତ୍ତର ଗଣତାନ୍ତ୍ରିକ ରାଷ୍ଟ୍ର ଆମ ଭାରତ ଯେଉଁଠି ୧୪୦କୋଟିରୁ ଅଧିକ ଜନସାଧାରଣ ବସବାସ କରନ୍ତି କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହିକି ଏବେବି ଅନେକ ଗରିବ ମଧବିତ୍ତ ନିଜର ୩ଟି ମୌଳିକ ଚାହିଦା ଖାଦ୍ୟ, ବସ୍ତ୍ର, ବାସଗୃହ ପାଇଁ ଏବେବି ସଂଘର୍ଷ କରୁଛନ୍ତି। ଉନ୍ନତ ସ୍ୱାସ୍ଥ୍ୟସେବା, ପକ୍କାଘର ତ ଦୂରର କଥା ପ୍ରତିଦିନ ଦୁଇଓଳି ଦୁଇ ମୁଠା ଖାଦ୍ୟ ସେମାନଙ୍କ ପାଇଁ ଆକାଶ କଇଁଆ ଚିଲିକା ମାଛ ସଦୃଶ। ଆମ ଦେଶର କ୍ଷମତାଲୋଭୀ ରାଜନେତା ମାନେ ଜାଣିଶୁଣି ସରକାରୀ ବିଦ୍ୟାଳୟ, ସରକାରୀ ଚିକିତ୍ସାଳୟକୁ ଅବେହେଳା କରୁଛନ୍ତି କାରଣ ସେମାନଙ୍କ ନିଜର ବିଦ୍ୟାଳୟ ଏବଂ ଚିକିତ୍ସାଳୟ ଦେଶର କୋଣ ଅନୁକୋଣରେ ଚାଲିଛି ଆଉ ସେମାନେ କୋଟି କୋଟି ଟଙ୍କାର ମୁନଫା କମାଉଛନ୍ତି।

ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମୀ ଆଦର୍ଶ ରାଜନେତା ଲାଲବାହାଦୁର ଶାସ୍ତ୍ରୀ ରେଳମନ୍ତ୍ରୀ ଥିବା ସମୟରେ ଏକ ବଡ଼ ରେଳ ଦୁର୍ଘଟଣା ହୋଇଥିଲା। ଏଥିରେ ୨୦୦ରୁ ଅଧିକ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ।

ଏହାପରେ ନୈତିକତା ଦୃଷ୍ଟିରୁ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ସେହିପରି ମହାନ ରାଷ୍ଟ୍ରବାଦୀ, ସାହିତ୍ୟପ୍ରେମୀ, ଆଦର୍ଶ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଲୋକସଭାରେ ମାତ୍ର ଏକ ଖଣ୍ଡ ଭୋଟ ପାଇଁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବାରେ ବିଫଳ ହୋଇଥିଲେ ଏବଂ ତାଙ୍କ ସରକାର ଭାଙ୍ଗିଯାଇଥିଲା।ରାଜନୀତିରେ ଘୋଡାବେପାରକୁ ସେ ନାପସନ୍ଦ କରୁଥିଲେ।କ୍ଷମତା ଲାଳସା ତାଙ୍କୁ ସ୍ପର୍ଶ କରିପାରିନଥିଲା। ତାଙ୍କ ପାଇଁ ନିଜ ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା।ସେଥିପାଇଁ ଡ଼ିସେମ୍ବର୨୫ ତାରିଖକୁ ଆମ ଦେଶରେ ଗୁଡ଼ ଗବେରନାନ୍ସ ଡ଼େ ଭାବେ ପାଳନ କରାଯାଉଛି।

ଆମ ଦେଶର ରାଜନେତା ଗୋଟିଏ ଉଦେଶ୍ୟ ସାଧାରଣ ଗରିବ ମଧବିତ୍ତ ଅଶିକ୍ଷିତ ରହିଲେ ସେମାନଙ୍କୁ କିଛି ଲୋଭନୀୟ ମାଗଣା ଯୋଜନା, ଆଉ କିଛି ଅର୍ଥ ପ୍ରଲୋଭନ ଦେଇ ଏବଂ ଭୋଟିଙ୍ଗର ଗୋଟିଏ ଦିନ ପୂର୍ବରୁ ମଦ, ମାଂସ, ବିଭିନ୍ନ ପ୍ରସାଦନ ସାମଗ୍ରୀ, ଅଳଙ୍କାର ଇତ୍ୟାଦି ଦେଇ ସହଜରେ ଭୋଟ ହାତେଇ ପାରିବେ।ସାଧାରଣ ଗରିବ ମଧବିତ୍ତ ଶିକ୍ଷିତ ହେଲେ ରାଜନେତାଙ୍କ ପାଇଁ ସମସ୍ୟା ହେଇଯିବ ଏବଂ ସେମାନଙ୍କ ଇଲେକ୍ସନରେ ଜିତିବା କଷ୍ଟସାଧ ହେଇଯିବ। ଏକବିଂଶ ଶତାବ୍ଦୀର ରାଜନେତାଙ୍କ ପାଖରେ ନୀତି, ନୈତିକତା, ମୂଲ୍ୟବୋଧ ଏସବୁ ନିରର୍ଥକ।ଯେକୌଣସି ଉପାୟରେ କଳେବଳେକୌଶଳରେ କ୍ଷମତାହାସଲ କରିବା ସେମାନଙ୍କ ମୁଖ୍ୟ ଲକ୍ଷ। ରାଜନୀତି ମୈଦାନକୁ ଆସିବା ପୂର୍ବରୁ ରାଜନେତାଙ୍କ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଏବଂ ରାଜନୀତିରେ ପ୍ରବେଶ କରି ବିଧାୟକ, ବିଧାୟିକା, ସାଂସଦ, ଏବଂ ବିଭିନ୍ନ ରାଜନୈତିକ ପଦପଦବୀରେ ରହିବା ପରେ ସେମାନଙ୍କ ସମ୍ପତ୍ତି ଅହେତୁକ ବୃଦ୍ଧି ଘଟେ, ଅନେକଙ୍କ ସମ୍ପତ୍ତି ୫୦, ୧୦୦ ଗୁଣା ଏପରିକି ୩୦୦ଗୁଣାରୁ ଅଧିକ ବୃଦ୍ଧି ଘଟେ ଯାହାକି ଆମ ପରି ସାଧାରଣ ଗରିବ ମଧବିତ୍ତଙ୍କ କଳ୍ପନାର ବାହାରେ।

ଏବେ ନିକଟରେ ମଧପ୍ରଦେଶର ଜଣେ ବିଜେପି ବିଧାୟକ ଗୁଲୁ ସୁକୁଲାଙ୍କ ପୁଅ ବିଭାଘରରେ ୭୦ଲକ୍ଷରୁ ଅଧିକ ଟଙ୍କା କେବଳ ଆତସବାଜିରେ ଖର୍ଚ୍ଚ ହେଇଥିଲା।ଏବେ ଆମ ଦେଶର ବିଭିନ୍ନ ବଡ଼ ବଡ଼ ସହର ଦିଲ୍ଲୀରୁ ଆରମ୍ଭ କରି ମୁମ୍ବାଇ, କଲିକତା, ଆମ ରାଜ୍ୟର ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା ପ୍ରଯ୍ୟନ୍ତ ବାୟୁ ପ୍ରଦୂଷଣର ସ୍ଥିତି ଉଦବେଗ ଜନକ ରହିଛି, ପ୍ରଦୂଷଣ ପାଇଁ ଅନେକ ବ୍ୟକ୍ତି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଯେପରିକି ଶ୍ୱାସକ୍ରିୟାରେ ଭୀଷଣ ଯନ୍ତ୍ରଣା ଅନୁଭବ କରିବା, ଶ୍ୱାସରୋଗ, ଫୁସଫୁସ, ଯକୃତରେ ସମସ୍ୟା ପରି ବିଭିନ୍ନ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି ସେପରିସ୍ଥଳେ ଜଣେ ଜନ ପତିନିଧି କିପରି ଖୋଲାଖୋଲି ବାୟୁ ପ୍ରଦୂଷଣ କରିପାରିଲେ ଏପରି କାର୍ଯ୍ୟ ପାଇଁ ତାଙ୍କୁ ସହଜରେ ଅନୁମତି ମିଳିଗଲା।ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଏବଂ ବିଡମ୍ବନାର ବିଷୟ।

ସବୁଠାରୁ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଆମ ସମାଜରେ ବଡ଼ପଣ୍ଡା ବୋଲାଉଥିବା ଭିଭିଆପି ନେତା, ମନ୍ତ୍ରୀ ଅଫିସର ମାନେ ନିଜକୁ ସୁରକ୍ଷିତ ରଖିବା ପାଇଁ ନିଜ ବାସଭବନରେ ଏକାଧିକ ଏୟାର ପୁରିଫାଇର ଲଗାଉଛନ୍ତି।ଏବେ ନିକଟରେ ରାଜଧାନୀ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନିଜକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ପାଇଁ ୧୫ଟି ଏୟାର ପୁରିଫାଇର ଅର୍ଡର କରିଛନ୍ତି ଯାହାର ମୂଲ୍ୟ ୫.୫ ଲକ୍ଷରୁ ଅଧିକ। ବିଭିନ୍ନ ସ୍ୱାଧୀନ ସର୍ବେକ୍ଷଣ ସଂସ୍ଥା କରିଥିବା ରିପୋର୍ଟ ଅନୁସାରେ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରତିବର୍ଷ ଆମ ଦେଶରେ ୧୮ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଅକାଳ ବିୟୋଗ ଘଟୁଛି। ୨୦୨୨ ମସିହାରେ ଭାରତରେ କେବଳ ବାୟୁ ପ୍ରଦୂଷଣ ପାଇଁ ୧୭ଲକ୍ଷରୁ ଅଧିକ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନୀ ଘଟିଛି। ତଥାପି ଆମ ସରକାର, ପ୍ରଶାସନ ପ୍ରଦୂଷଣ ଜନିତ ସମସ୍ୟାକୁ ଗୁରୁତର ଭାବେ ନେଉନାହାନ୍ତି।କ୍ଷମତାଲୋଭୀ ରାଜନେତା ପରସ୍ପର ଦୋଷାରୋପ କରି କାଦୁଅପିଙ୍ଗା ରାଜନୀତିରେ ନିମଗ୍ନ।ସାଧାରଣ ଗରିବଓ ମଧବିତ୍ତ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ବିଭିନ୍ନ ଅପମିଶ୍ରିତ ରଙ୍ଗ ଓ କେମିକାଲ ବୋଳା ଖାଦ୍ୟ ଏପରିକି ଜୀବନ ରକ୍ଷାକାରୀ ମେଡ଼ିସିନକୁ ଅଧିକ ମୁନଫା କମାଇବା ପାଇଁ ନକଲି ମେଡ଼ିସିନ ବଜାରରେ ବହୁଳ ମାତ୍ରାରେ ବିକ୍ରୟ କରାଯାଇଛି। ସ୍ୱାସ୍ଥ୍ୟକର ପରିବେଶ ଏବଂ ସୁନ୍ଦର ଜଳବାୟୁ ସତେ ଯେପରି ଅନେକ ବ୍ୟକ୍ତିଙ୍କ ପାଇଁ ଏହା ସ୍ୱପ୍ନ ହେଇଗଲାଣି।ନିଜର ତେଲଲୁଣର ସଂସାର ଗୁଜୁରାଣ ମେଣ୍ଟାଇବା ପାଇଁ ଗରିବ ଓ ମଧବିତ୍ତ ପ୍ରତିଦିନ ସଂଘର୍ଷ କରୁଛନ୍ତି ଏହା ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ।

ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ରାଜ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ଼ ରହିଥିଲେ ମଧ ପ୍ରଦୂଷଣ ନିୟନ୍ତ୍ରଣରେ ଆସୁନାହିଁ। ସତେଯେପରି ଆମ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ସରକାର, ପ୍ରଶାସନ ସମସ୍ତେ ଯେପରି ଅସହାୟ ହେଇପଡ଼ିଛନ୍ତି, କୋମାରେ ରହିଛନ୍ତି। ରାଜଧାନୀ ଦିଲ୍ଲୀରୁ ଆରମ୍ଭ କରି ଆମ ଓଡିଶାର ରାଜଧାନୀ ଭୁବନେଶ୍ୱରରେ ପ୍ରଦୂଷଣ ସ୍ତର ଭୟାବହ ସ୍ଥିତିରେ ରହିଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଏକପ୍ରକାର ନିରବଦ୍ରଷ୍ଟା ପାଲଟିଛି। ବୋର୍ଡ଼ ଅଧିକାରୀମାନେ କାଚ ଘରେ ବସି ପରିସ୍ଥିତି ଉପରେ ନଜର ରଖାଯାଇଛି ବୋଲି କହୁଛନ୍ତି ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ବିଶ୍ୱ କ୍ଷୁଧା ତାଲିକା ୨୦୨୫ ଅନୁସାରେ ଆମ ଦେଶ ଭାରତର ସ୍ଥାନ ୧୦୨ ରହିଛି। ଏହା ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଆମ ଦେଶ ତଥା ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟରୂପ ଧାରଣକରିଛି। ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ପିଅନ, କନେଷ୍ଟବଲ, ହୋମଗାର୍ଡ, ସିକ୍ୟୁରିଟି ଗାର୍ଡ ପରି ପଦବୀ ଯେଉଁଥିରେ ଶିକ୍ଷାଗତ ଯୋଗ୍ୟତା ଦଶମ ଶ୍ରେଣୀ ରହିଥାଏ ସେହି ପଦବୀ ପାଇଁ ଲକ୍ଷ ଲକ୍ଷ ଆବେଦନ ଆସୁଛି ଏବଂ ଇଚ୍ଛା ନଥିଲେ ମଧ ଅନେକ ଉଚ୍ଚଶିକ୍ଷିତ ଯୁବକ, ଯୁବତୀ ସେହି କାର୍ଯ୍ୟ କରିବା ପାଇଁ ବାଧ ହେଉଛନ୍ତି ନିଜର ତଥା ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ତାଙ୍କ ପାଖରେ କୌଣସି ବିକଳ୍ପ ପନ୍ଥା ନାହିଁ ଏହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ।

ଯେଉଁ ସ୍ୱପ୍ନ, ଆଶା, ଭରସା ବିଶ୍ୱାସକୁ ନେଇ ଆମ ଦେଶର ସ୍ୱାଧୀନତା ସଂଗ୍ରାମୀ ମାନେ ଆମ ଦେଶକୁ ସ୍ୱାଧୀନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ତାହା ଏବେବି ଅସପୂର୍ଣ୍ଣ ଅଛି। ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଏବେବି ଅନେକ ଅସହାୟ ବ୍ୟକ୍ତି ଆମ ଦେଶରେ ପ୍ରତିଦିନ ଦୁଇ ଓଳି ଦୁଇ ମୁଠା ଖାଦ୍ୟ ପାଇଁ ସଂଘର୍ଷ କରୁଛନ୍ତି। ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ ଅନୁସାରେ ପାଖାପାଖି ୧୯କୋଟି ଜନତା ଆମ ଦେଶରେ ପ୍ରତିଦିନ ଖାଇବାକୁ ନପାଇ ଭୋକରେ ଶୋଇବାକୁ ବାଧ ହେଉଛନ୍ତି। ୪୫୦୦ ଶିଶୁ ଯେଉଁ ମାନଙ୍କ ବୟସ ୫ବର୍ଷରୁ କମ ପ୍ରତିଦିନ ଖାଦ୍ୟ ଅଭାବରୁ ସେମାନଙ୍କ ଜୀବନ ପ୍ରଦୀପ ଲିଭିଯାଉଛି। ଏବେବି ସାଧାରଣ ଗରିବ ଓ ମଧବର୍ତ୍ତୀ ବର୍ଗ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ପ୍ରତି ମୁହୂର୍ତ୍ତରେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ସଂଘର୍ଷ କରୁଛନ୍ତି। ତାଙ୍କ ସହିତ ହେଉଥିବା ଅନ୍ୟାୟକୁ ସହ୍ୟ କରିନପାରି, , ଆତ୍ମହତ୍ୟା କରିବା ପାଇଁ ବାଧ ହେଉଛନ୍ତି। ଏଥିପାଇଁ ଆମ ଦେଶର ସରକାରି କଳରେ ଉଦାସୀନତା ଓ ଭ୍ରଷ୍ଟ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଦାୟୀ। ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ୪କୋଟି ଶିଶୁ କ୍ଷୁଧା କବଳରେ ପଡ଼ିବେ ବୋଲି ଆକଳନ କରିଛି ବିଲ ଆଣ୍ଡ ମେଲିଣ୍ଡା ଗଟେସ ଫାଉଣ୍ଡସନ।ଏହି ରିପୋର୍ଟରେ କୁହାଯାଇଛି ଚାରିକୋଟି ଶିଶୁ ଖାଦ୍ୟ ପାଇଁ ସଙ୍ଘର୍ଷ କରିବେ। ଏଥିପାଇଁ ତୁରନ୍ତ ପଦକ୍ଷେପ ନିଆନଗଲେ ଅପପୃଷ୍ଟି ସମସ୍ୟା ଆହୁରି ସାଙ୍ଘାତିକ ହେବ।

ଆମ ରାଜ୍ୟ ଓଡିଶା ଏବେବି ଅନେକ ବ୍ୟକ୍ତି ଦାରିଦ୍ର କଷାଘାତରେ କବଳିତ। ରାଜ୍ୟରେ ବେକାରୀ ହାର ଉତ୍କଟ ଥିବାବେଳେ ରାଜ୍ୟର ଆର୍ଥିକ ସ୍ଥିତି ମଧ ନୈରାଶ୍ୟଜନକ ରହିଛି। ରାଜ୍ୟର ପ୍ରତ୍ୟେକ ବିଭାଗ ସଚିବାଳୟଠାରୁ ଆରମ୍ଭ କରି ଶୌଚାଳୟ ଏପରିକି ବିଭିନ୍ନ ସରକାରୀ ହସ୍ପିଟାଲ ରେ ମଧ ଆଉଟସୋର୍ସିଂ ସଂସ୍ଥା ମାଧମରେ ଅନେକ ବ୍ୟକ୍ତି ଅତି ନଗଣ୍ୟ ଦରମାରେ କାର୍ଯ୍ୟ କରୁଛନ୍ତି। ତାଙ୍କ ଦୁଃଖ ଶୁଣିବାକୁ କେହି ନାହାନ୍ତି। ଏପରି ସ୍ଥିତିରେ ଓଡିଶାର ବିଧାୟକ, ନେତା, ମନ୍ତ୍ରୀ ମାନଙ୍କର ମାତ୍ରାଧିକ ଦରମା ୩ଗୁଣା ବୃଦ୍ଧି ଗରିବ ମଧବିତ୍ତଙ୍କ ପ୍ରତି ଉପହାସ କରିବା ସହିତ ସମାନ। ଏହି ଦରମା ବୃଦ୍ଧି କଦାପି ଗ୍ରହଣୀୟ ନୁହଁ ଏହା ଅତ୍ୟନ୍ତ ନିନ୍ଦନୀୟ ଏବଂ ବିଡମ୍ବନାର ବିଷୟ।

**ଗୋପାଳପୁର, ବାଲେଶ୍ୱର**
**ମୋବାଇଲ-୭୦୨୦୬୧୧୩୦୦**

ବିଶ୍ୱର ସାମରିକ ରାଙ୍କିଙ୍ଗ

# ଚତୁର୍ଥ ସ୍ଥାନରେ ଭାରତ, ୧୪ ତମ ସ୍ଥାନରେ ପାକିସ୍ତାନ



**ଇସଲାମାବାଦ,୨୯।୧:** ଅପରେସନ୍ ସିନ୍ଦୂରରେ ଭାରତ ସହ ମୁକାବିଲା କରି ଅଣ୍ଟା ଭାଙ୍ଗି ତଳେ ପଡ଼ିଛି ପାକିସ୍ତାନ। ଯେତେ ଚାହିଲେ ବି ଆଉ ଅଣ୍ଟା ସଳଖିପାରୁନି। ଅପରେସନ୍ ସିନ୍ଦୂରରେ ପାକିସ୍ତାନର ସୈନ୍ୟ ଶକ୍ତି ଉପରେ ବଡ଼ ପ୍ରଭାବ ପଡ଼ିଛି। ବିଶ୍ୱ ସାମରିକ ରାଙ୍କିଙ୍ଗ ତାଲିକାରେ ପାକିସ୍ତାନ ସୈନ୍ୟ ଶକ୍ତିର ସ୍ଥାନ ତଳକୁ ଖସିଛି। ତେଣୁ ଏଥିରୁ ସ୍ପଷ୍ଟ ଯେ, ପାକିସ୍ତାନର ହ୍ରାସ ପାଉଥିବା ରାଙ୍କିଙ୍ଗ ତା'ର ଦୁର୍ବଳ ସ୍ଥିତିକୁ ପ୍ରତିଫଳିତ କରୁଛି।

ବିଶ୍ୱର ସାମରିକ ରାଙ୍କିଙ୍ଗରେ ଆମେରିକା ଶୀର୍ଷ ସ୍ଥାନ ଅଧିକାର କରିଛି, ତା'ପରେ ଋଷ ଏବଂ ଚୀନ୍ ରହିଛି। ଭାରତ ଚତୁର୍ଥ ସ୍ଥାନରେ ରହିଛି। ଏହା ଦର୍ଶାଉଛି ଯେ, ଭାରତର ସାମରିକ ବାହିନୀ କେବଳ ଶକ୍ତିଶାଳୀ ନୁହେଁ ବରଂ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ମଧ୍ୟ ପ୍ରସ୍ତୁତ। ଭାରତ ନିରନ୍ତର ଭାବରେ ଏହାର ସାମରିକ ଶକ୍ତିକୁ ସୁଦୃଢ଼ କରୁଛି। ଭାରତର ଏକ ବିଶାଳ ସେନା, ଏକ ଶକ୍ତିଶାଳୀ ବାୟୁସେନା ଏବଂ ଏକ ଶକ୍ତିଶାଳୀ ନୌସେନା ଅଛି। ଭାରତ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରେ ଏବଂ ଦେଶ ମଧ୍ୟରେ ପ୍ରତିରକ୍ଷା ଉପକରଣ ଉତ୍ପାଦନ ଉପରେ ଗୁରୁତ୍ୱ ଦିଏ। କେବଳ ଏତିକି ନୁହେଁ ଭାରତ ସୈନିକଙ୍କ ତାଲିମ ଏବଂ ଉନ୍ନତ ଟେକନିକ୍ କ୍ଷେତ୍ରରେ ବି ନିରନ୍ତର ପ୍ରୟାସ କରେ। ହେଲେ ପାକିସ୍ତାନ ୧୪ତମ ସ୍ଥାନକୁ ଖସିଆସିଛି। ୨୦୨୪ରେ ୯ମ ସ୍ଥାନରେ ପାକିସ୍ତାନ ରହିଥିବା ବେଳେ ୨୦୨୫ରେ ୧୨ତମ ସ୍ଥାନକୁ ଖସିଆସିଥିଲା। ତେବେ ବିଶ୍ୱର ସାମରିକ ରାଙ୍କିଙ୍ଗରେ ଦକ୍ଷିଣ କୋରିଆ ୫ମ, ଫ୍ରାନ୍ସ ଷଷ୍ଠ, ଜାପାନ ସପ୍ତମ ସ୍ଥାନରେ ରହିଥିବା ଜଣାପଡ଼ିଛି।

## ଅଜିତ ପାୱାରଙ୍କ ପତ୍ନୀ ହେବେ ଉପମୁଖ୍ୟମନ୍ତ୍ରୀ!

**ସ୍ୱାମୀଙ୍କ ଆସନରୁ ଲଢ଼ିବେ ନିର୍ବାଚନ!**

**ମୁମ୍ବାଇ, ୨୯।୧:** ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ସହିତ ସମ୍ଭାବ୍ୟ ମିଶ୍ରଣ ନେଇ ପରବର୍ତ୍ତୀ ସମୟରେ ଆଲୋଚନା ହୋଇପାରେ। ମହାନଗର ନିଗମ ନିର୍ବାଚନ ସମୟରୁ ଏନ୍‌ସିପି ସହିତ ମିଶ୍ରଣ ନେଇ ଅଜିତ ପାୱାର କଥାବାର୍ତ୍ତା ଜାରି ରଖିଥିଲେ ବୋଲି କୁହାଯାଉଛି। ମହାରାଷ୍ଟ୍ରର ଦିବଂଗତ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାରଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ଏନ୍‌ସିପି ପ୍ରସ୍ତାବ ଦେବ ବୋଲି ଗୁରୁବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ସୁନେତ୍ରା ଏବେ ରାଜ୍ୟସଭା ସାଂସଦ ଅଛନ୍ତି। ଏନ୍‌ସିପି ନେତା ତଥା ମହାରାଷ୍ଟ୍ରର ଏଫଡିଏ ମନ୍ତ୍ରୀ ନରହରି ଜିରୱାଲ କହିଛନ୍ତି ଯେ, ସୁନେତ୍ରା ପାୱାରଙ୍କୁ ରାଜ୍ୟ ସରକାରଙ୍କ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଉ ବୋଲି ଲୋକେ ଚାହୁଁଛନ୍ତି।



# ବିମାନ ଦୁର୍ଘଟଣାରେ ସାଂସଦଙ୍କ ସମେତ ୧୪ ମୃତ

**ନୂଆଦିଲ୍ଲୀ,୨୯।୧:** ମହାରାଷ୍ଟ୍ରର ବାରାମତୀରେ ବୁଧବାର ବିମାନ ଦୁର୍ଘଟଣାରେ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ପ୍ରାଣ ହରାଇଛନ୍ତି। ଏହି ଘଟଣା ମନରୁ ନଲିଭୁଣୁ କଲମ୍ବିଆରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ବୁଧବାର ଏଠାରେ ବିଚ କ୍ରାଫ୍ଟ ୧୯୦୦ ନାମକ ଏକ ବିମାନ ନିଖୋଜ ହୋଇଯାଇଥିଲା। ଯାହାର ଭଗ୍ନାବଶେଷକୁ ସୁରକ୍ଷାକର୍ମୀ ଖୋଜି ପାଇଛନ୍ତି। ତେବେ ଏଥିରେ ଥିବା ୧୩ଜଣ ଯାତ୍ରୀ ଏବଂ ୨ଜଣ କ୍ରୁ ମେମ୍ବର ପ୍ରାଣ ହରାଇଥିବା କୁହାଯାଉଛି। ରିପୋର୍ଟ ଅନୁସାରେ, ବିଚ କ୍ରାଫ୍ଟ ୧୯୦୦ ନାମକ ବିମାନଟି କଲମ୍ବିଆ ସାଂସଦ ଏବଂ ଅନ୍ୟ ଜଣେ ନେତାଙ୍କ ସହ ୧୫ଜଣଙ୍କୁ ନେଇ ଉଡାଣ ଭରିଥିଲା। ଦିନ ୧୧ଟା ୪୨ରେ କଲମ୍ବିଆ ଏବଂ ଭେନେଜୁଏଲା ସୀମା ନିକଟରେ ଏହା ନିଖୋଜ ହୋଇଯାଇଥିଲା। ରାଡାର ସହ ଏହାର ସମସ୍ତ ସମ୍ପର୍କ ବିଛିନ୍ନ ହୋଇଥିଲା। ଯାହା ପରେ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ସବୁଠାରୁ ବଡ଼ କଥା ହେଉଛି ଯେ, ଉଡାଣ ଭରିବାର ମାତ୍ର ୧୧ ମିନିଟ୍ ପରେ ଏହା ରାଡାର ସହ କୌଣସି ସମ୍ପର୍କ ରଖିନଥିଲା। ତେବେ ବହୁ ଖୋଜାଖୋଜି ପରେ ବିମାନର ଭଗ୍ନାବଶେଷକୁ କାଟାଟୁମ୍ବୋର ପାହାଡିଆ ଅଞ୍ଚଳରେ ଠାବ କରାଯାଇଛି। ଏହି ଅଞ୍ଚଳ ଖରାପ ପାଣିପାଗ ପାଇଁ ପରିଚିତ। ତେଣୁ ତଲାସି ଅଭିଯାନ ବିଲମ୍ବିତ ହୋଇଥିଲା। କଲମ୍ବିଆ ବେସାମରିକ ବିମାନ ମନ୍ତ୍ରାଳୟ କହିଛି ଯେ, ମଳିଥିବା ଭଗ୍ନାବଶେଷର ଯାଞ୍ଚ କରାଯାଉଛି। ଏହାଦ୍ୱାରା ଦୁର୍ଘଟଣାର ପ୍ରକୃତ କାରଣ ଜଣାପଡିବ। ତେବେ ଯାନ୍ତ୍ରିକ ତ୍ରୁଟି ନା ଖରାପ ପାଗ ପାଇଁ ଏପରି ଅଘଟଣ ଘଟିଛି ତାହା ସ୍ପଷ୍ଟ ହୋଇପାରି ନାହିଁ । କିନ୍ତୁ ଏଥିରେ ଥିବା ସମସ୍ତ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଲମ୍ବିଆର ସାଂସଦ ଡିୟୋଜେନେସ କିନ୍ତେରେ ଏବଂ ରାଲୋସ ସାଲସେଡି ରହିଥିଲେ। ସେମାନେ ଏକ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି।

**ଉଡ଼ାଣର ୧୧ ମିନିଟ୍ ପରେ ରାଡାର ସହ ସମ୍ପର୍କ କଟିଲା**

**ପାହାଡ଼ିଆ ଅଞ୍ଚଳରେ ବିମାନ ଠାବ କରାଗଲା**

**ମିଳିଥିବା ଭଗ୍ନାବଶେଷର ଯାଞ୍ଚ ଚାଲିଛି**

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପାୱାରଙ୍କ ଶେଷକୃତ୍ୟ ସମ୍ପନ୍ନ

**ଦୁଇ ପୁଅ ଦେଲେ ମୁଖାଗ୍ନି**



**ମୁମ୍ବାଇ,୨୯।୧:** ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଶେଷକୃତ୍ୟ ବାରାମତୀ ବିଦ୍ୟା ପ୍ରତିଷ୍ଠାନରେ ସମ୍ପନ୍ନ ହୋଇଛି। ଦୁଇ ପୁଅ ପାର୍ଥ, ଜୟ ଦେଇଛନ୍ତି ମୁଖାଗ୍ନି। ସେପଟେ ଅଜିତ ଦାଦାଙ୍କୁ ହରାଇ ଝୁରୁଛନ୍ତି ପ୍ରଶଂସକ। ତେବେ ଏହି ଅବସରରେ ବାରାମତୀ ପାଲଟିଥିଲା ଜନ ସମୁଦ୍ର। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, ବିଜେପି ସଭାପତି ନୀତିନ ନବୀନ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସମେତ ଅନେକ ବରିଷ୍ଠ ନେତା ଅନ୍ତିମ ସଂସ୍କାର ପାଇଁ ପହଞ୍ଚିଥିଲେ। ବୁଧବାର ସନ୍ଧ୍ୟାରେ ଅଜିତ ପାୱାରଙ୍କ ପାର୍ଥିବ ଶରୀରକୁ ପୁଣେ ଜିଲ୍ଲାର ବାରାମତୀର ଏକ ଶିକ୍ଷାନୁଷ୍ଠାନକୁ ଅଣାଯାଇଥିଲା। ଏନସିପି କର୍ମୀଙ୍କ ସହିତ ବହୁ ସଂଖ୍ୟକ ସ୍ଥାନୀୟ ବାସିନ୍ଦା ସେଠାରେ ଏକତ୍ରିତ ହୋଇ ଦିବଂଗତ ନେତାଙ୍କ ସମ୍ମାନରେ ସ୍ଲୋଗାନ ଦେଇଥିଲେ। ବିମାନ ଦୁର୍ଘଟଣାରେ ଅଜିତ ପାୱାରଙ୍କ ମୃତ୍ୟୁ ପରେ ମହାରାଷ୍ଟ୍ର ସରକାର ତିନି ଦିନିଆ ରାଜ୍ୟ ଶୋକ ଘୋଷଣା କରିଛନ୍ତି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏଏଆଇବି ଦୁର୍ଘଟଣାର ତଦନ୍ତ କରୁଛି। ପୁଲିସ ଏକ ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ ମଧ ଦାଖଲ କରିଛି। ଜଣେ ଅଧିକାରୀ କହିଛନ୍ତି ଯେ, ଦୁର୍ଘଟଣାର କାରଣ ଜାଣିବା ପାଇଁ ବିମାନରୁ ଉଦ୍ଧାର ହୋଇଥିବା 'ବ୍ଲାକ୍ ବାକ୍ସ'ର ବିଶ୍ଳେଷଣ କରାଯିବ।




# ଠାବ ହେଲା ପାୱାରଙ୍କ ବିମାନର ବ୍ଲାକ୍ ବକ୍ସ

**ନୂଆଦିଲ୍ଲୀ, ୨୯।୧:** ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଅଜିତ୍ ପାୱାରଙ୍କ ଶେଶକୃତ୍ୟ ସରିଛି। ଗୁରୁବାର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ କହିଛି ଯେ, ଜାନୁଆରୀ ୨୮ ତାରିଖରେ ବାରାମତିରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏବଂ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ମୃତ୍ୟୁ ହୋଇଥିବା ବିମାନର ବ୍ଲାକ ବକ୍ସ ଉଦ୍ଧାର କରାଯାଇଛି। ଆଉ ଏହି ଘଟଣାରେ ତଦନ୍ତ ଦ୍ରୁତ ଗତିରେ ଚାଲିଛି। ଏକ୍ସ ରେ ଏକ ପୋଷ୍ଟ ସେୟାର କରି ମନ୍ତ୍ରଣାଳୟ ଉଲ୍ଲେଖ କରିଛି ଯେ, ସମ୍ପୂର୍ଣ୍ଣ ସ୍ୱଚ୍ଛ ଏବଂ ସମୟସୀମା ମଧ୍ୟରେ ତଦନ୍ତ ସୁନିଶ୍ଚିତ କରିବା ଏକ ସର୍ବୋଚ୍ଚ ପ୍ରାଥମିକତା ଅଟେ। ଦିଲ୍ଲୀର ଏଏଆଇବିର ତିନି ଜଣ ଅଧିକାରୀଙ୍କ ଏକ ଦଳ ଓ ମୁମ୍ବାଇ ଆଞ୍ଚଳିକ କାର୍ଯ୍ୟାଳୟର ଡିଜିସିଏର ତିନି ଜଣ ଅଧିକାରୀଙ୍କ ଏକ ଦଳ ୨୮ ଜାନୁଆରୀରେ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଏଏଆଇବିର ମହାନିର୍ଦ୍ଦେଶକ ମଧ ସେହି ଦିନ ଘଟଣାସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ଦ୍ରୁତ ଗତିରେ ଚାଲିଛି ଓ ବିମାନର ବ୍ଲାକ୍ ବକ୍ସ ଉଦ୍ଧାର କରାଯାଇଛି। ଏହି ଦୁର୍ଘଟଣା ରାଜନୈତିକ ଦୃଷ୍ଟିରୁ ମଧ ଗୁରୁତ୍ୱପୂର୍ଣ୍ଣ କାରଣ ଅଜିତ ପାୱାର ଜଣେ ପ୍ରମୁଖ ନେତା ଥିଲେ। ତଦନ୍ତ ଦ୍ୱାରା ପାଣିପାଗ, ପାଇଲଟ୍ ତ୍ରୁଟି, ବୈଷୟିକ ତ୍ରୁଟି କିମ୍ବା ବିମାନବନ୍ଦରର ଅଭାବ ଦାୟୀ କି ନାହିଁ ତାହା ନିର୍ଣ୍ଣୟ କରାଯିବ।

# ମିନିବସ୍-ଟ୍ରକ ଧକ୍କା, ୧୧ ମୃତ



**ନୂଆଦିଲ୍ଲୀ,୨୯।୧:** ଦକ୍ଷିଣ ଆଫ୍ରିକାରେ ଗୁରୁବାର ଦିନ ପୂର୍ବ କ୍ୱାଜୁଲୁ-ନାଟାଲ ପ୍ରଦେଶର ଡର୍ବାନ ସହର ନିକଟରେ ଏକ ମିନିବସ୍ ଏବଂ ଏକ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ସ୍ଥାନୀୟ ସରକାରୀ ଅଧିକାରୀ ଏବଂ ଜରୁରୀକାଳୀନ ସେବା ସଂସ୍ଥା ଏନେଇ ସୂଚନା ଦେଇଛନ୍ତି। ଏହି ଭୟଙ୍କର ଦୁର୍ଘଟଣାରେ ଅତି କମରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି। ପ୍ରକାଶଥାଉ କି, ଗୋଟିଏ ସପ୍ତାହ ପୂର୍ବରୁ ସମାନ ଏକ ସଡ଼କ ଦୁର୍ଘଟଣାରେ ୧୪ ଜଣ ସ୍କୁଲ ପିଲାଙ୍କର ମୃତ୍ୟୁ ହୋଇଥିଲା। ପ୍ରାଦେଶିକ ପରିବହନ ବିଭାଗର ଜଣେ ଅଧିକାରୀ ସିବୋନିସୋ ଡୁମା ଏକ ବିବୃତ୍ତିରେ କହିଛନ୍ତି ଯେ, ଘଟଣାସ୍ଥଳରେ ସମସ୍ତ ୧୧ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ପିଲା ମଧ ଅଛନ୍ତି। ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି ଯେ, ଟ୍ରକ୍ ଡ୍ରାଇଭର ୟୁ-ଟର୍ଣ୍ଣ ନେଇଥିଲେ, ଯାହା ଫଳରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘରୋଇ ପାରାମେଡିକ୍ ସେବା ମୁଖପାତ୍ର ଗାରିଥ ଜାମିସନ୍ କହିଛନ୍ତି ଯେ, ୧୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି।

ଅଯୋଧ୍ୟା ଗଣଦୁଷ୍କର୍ମ ମାମଲା

## ଏସପି ନେତା ନିର୍ଦ୍ଦୋଷ ଚାକରକୁ ୨୦ ବର୍ଷ ଜେଲ

**ନୂଆଦିଲ୍ଲୀ,୨୯।୧:** ଅଯୋଧ୍ୟା ଗଣଦୁଷ୍କର୍ମ ମାମଲାରେ କୋର୍ଟ ରାଜୁ ଖାନକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଏବଂ ୫୦,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି । ପୁରକାଲନ୍ଦର ଥାନା ଅଞ୍ଚଳର ଜଣେ କିଶୋରୀଙ୍କୁ ଗଣଦୁଷ୍କର୍ମ ମାମଲାରେ କୋର୍ଟ ମୁଖ୍ୟ ଅଭିଯୁକ୍ତ, ଏସପି ନେତା ମୋଇଦ ଖାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ। ଗୁରୁବାର ଦ୍ୱିତୀୟ ଅଭିଯୁକ୍ତ, ରାଜୁ ଖାନକୁ ଦଣ୍ଡାଦେଶ ଦେଇଛନ୍ତି। ପୁଲିସ ୩୦ ଜୁଲାଇ, ୨୦୨୪ ରେ ମୋଇଦ ଖାନ ଏବଂ ରାଜୁ ଖାନକୁ ଗିରଫ କରିଥିଲା। ସମ୍ବେଦନଶୀଳ ମାମଲାକୁ ନେଇ ରାଜନୈତିକ ହଇଚଇ ସୃଷ୍ଟି କରିଥିଲା।

ପୀଡିତାଙ୍କ ପରିବାର ପୁରକାଲନ୍ଦର ପୁଲିସ ଷ୍ଟେସନରେ ଏନେଇ ଏକ ମାମଲା ଦାୟର କରିଥିଲେ। କୋର୍ଟର ଶୁଣାଣି ପରେ, ମୋଇଦ ଖାନ ଏବଂ ରାଜୁ ଖାନ ଉଭୟଙ୍କର ଡିଏନଏ ପରୀକ୍ଷା କରାଯାଇଥିଲା। ମୋଇଦ ଖାନଙ୍କ ଡିଏନଏ ପରୀକ୍ଷା ନେଗେଟିଭ୍ ଥିଲା। ତାଙ୍କ ଚାକର ରାଜୁ ଖାନର ଡିଏନଏ ପରୀକ୍ଷା ପଜିଟିଭ୍ ଥିଲା। ସେପଟେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ସତ୍ତ୍ୱେ ମୋଇଦ ଖାନ ଜେଲରୁ ବାହାରକୁ ଆସିବାର ସମ୍ଭାବନା ବହୁତ କମ୍ । କାରଣ ତାଙ୍କ ଉପରେ ଗ୍ୟାଙ୍ଗଷ୍ଟର ଆଇନରେ ମାମଲା ରହିଛି।

ୟୁରୋପ ପରେ ଟାର୍ଗେଟରେ ଆମେରିକା

# ଆମେରିକା ଗସ୍ତରେ ଯିବେ ଜୟଶଙ୍କର

**ନୂଆଦିଲ୍ଲୀ,୨୯।୧:** ଆସନ୍ତା ସପ୍ତାହରେ 'କ୍ରିଟିକାଲ୍ ମିନେରାଲ୍ସ' ମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆମେରିକା ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ୱାଶିଂଟନ୍ ଡିସିରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଉଚ୍ଚସ୍ତରୀୟ ବୈଠକ। ଏହି ଅବସରରେ ଜୟଶଙ୍କର ଓ ରୁବିଓ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଏହି ବୈଠକର ଲକ୍ଷ୍ୟ ହେଉଛି ବିଶ୍ୱର ଦେଶଗୁଡ଼ିକୁ ଏକତ୍ରିତ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ପାଇଁ ସହଯୋଗ ବୃଦ୍ଧି କରିବା, ଯେଉଁଥିରେ ଲିଥିୟମ୍, କୋବାଲ୍ଟ ଓ ନିକେଲ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ବୈଦ୍ୟୁତିକ ଯାନବାହନ ଏବଂ ନବୀକରଣୀୟ ଶକ୍ତି ଭିତ୍ତିଭୂମି ଠାରୁ ଆରମ୍ଭ କରି ପ୍ରତିରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ସବୁକିଛିର ମୂଳଦୁଆ।



ଏହି ଉଚ୍ଚସ୍ତରୀୟ ବୈଠକ ଏପରି ଏକ ସମୟରେ ହେଉଛି, ଯେତେବେଳେ କି ଟ୍ରେଡ୍ ଡିଲକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଏଭଳି ପରିସ୍ଥିତିରେ ବିଶ୍ୱାସ କରାଯାଉଛି ଯେ, ଜୟଶଙ୍କରଙ୍କ ଆମେରିକା ଗସ୍ତ ଭାରତ ଓ ଆମେରିକା ସମ୍ପର୍କରେ ଉତ୍ତେଜନା କମ କରିବା ପାଇଁ ଏକ ପ୍ରୟାସ ଭାବରେ କାର୍ଯ୍ୟ କରିବ। ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ହେବାର ସମ୍ଭାବନା ଉପରେ ମଧ ଆଲୋଚନା ହୋଇପାରେ। ସୂତ୍ର ଅନୁସାରେ ଜୟଶଙ୍କରଙ୍କ ଆମେରିକା ଗସ୍ତ ଏକ ସ୍ପଷ୍ଟ ସୂଚନା ହେବ ଯେ, ଦୁଇ ଦେଶ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଛି। ତେବେ ୟୁରୋପ ସହ ଭାରତର ମୁକ୍ତ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର ହୋଇଛି। ଆମେରିକାର ଚାପ ମଧ୍ୟରେ ଏହି ଚୁକ୍ତିକୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ

# ୭ଦିନ ଭିତରେ ହଟାଅ ବେଆଇନ ମନ୍ଦିର




**ଜୟପୁର,୨୯।୧:** ଜୟପୁରରେ ଫୁଟପାଥ୍ ଓ ରାସ୍ତା କଡ଼ରେ ବେଆଇନ ଭାବରେ ନିର୍ମିତ ମନ୍ଦିରଗୁଡ଼ିକୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜସ୍ଥାନ ହାଇକୋର୍ଟ। ଜଷ୍ଟିସ୍ ସଞ୍ଜିବ ପ୍ରକାଶ ଶର୍ମା ଏବଂ ସଙ୍ଗୀତା ଶର୍ମାଙ୍କ ଖଣ୍ଡପୀଠ ସନି ମୀନାଙ୍କ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

କୋର୍ଟ ନଗର ନିଗମ କମିସନରଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ସହରର ଫୁଟପାଥ ଏବଂ ଅନ୍ୟାନ୍ୟ ସ୍ଥାନରେ, ଯେଉଁଠି ବେଆଇନ ଭାବରେ ମନ୍ଦିର ନିର୍ମିତ ହୋଇଛି ସେଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ କ'ଣ ପଦକ୍ଷେପ ନିଆଯାଇଛି ତାହା ଉଲ୍ଲେଖ କର। ଅନ୍ୟପଟେ ଅବୈଧ ଭାବରେ ନିର୍ମିତ ମନ୍ଦିରଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କ ମୂର୍ତ୍ତିଗୁଡ଼ିକୁ ନିକଟବର୍ତ୍ତୀ ଆଇନଗତ ମନ୍ଦିରକୁ ସ୍ଥାନାନ୍ତର କରିବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଫେବୃଆରୀ ୪ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରିବେ।

ବାସ୍ତବରେ, ପ୍ରତାପ ନଗର ସେକ୍ଟର-୭ରେ ଏକ ସାର୍ବଜନୀନ ରାସ୍ତାରେ ନିର୍ମିତ ଦୋକାନ ଏବଂ ମନ୍ଦିରକୁ ନେଇ ସନି ମୀନା ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ଏଥିରେ କୁହାଯାଇଥିଲା ଯେ କିଛି ଲୋକ ସାର୍ବଜନୀନ ରାସ୍ତାକୁ ଜବରଦଖଲ କରି ଦୋକାନ ଏବଂ ମନ୍ଦିର ନିର୍ମାଣ କରିଛନ୍ତି। ଏହି ଲୋକମାନେ ମନ୍ଦିର ଆଳରେ ଦୋକାନ ଚଳାଉଛନ୍ତି। କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ପରେ, ନଗର ନିଗମ ଦୋକାନଗୁଡ଼ିକୁ ଭାଙ୍ଗି ଦେଇଥିଲା, କିନ୍ତୁ ମନ୍ଦିର ହଟାଇବା ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ନେଇନଥିଲା। ନଗର ନିଗମ ଯୁକ୍ତି ବାଢ଼ିଥିଲା ଯେ, ମନ୍ଦିରଟି ପୁରୁଣା ଏବଂ ଲୋକଙ୍କ ବିଶ୍ୱାସ ସହିତ ଜଡିତ, କିନ୍ତୁ ଅଭିଯୋଗକାରୀ ମନ୍ଦିର ନିର୍ମାଣର ତାଜା ଫଟୋଗ୍ରାଫ୍ କୋର୍ଟରେ ଉପସ୍ଥାପନ କରିଥିଲେ। ଏହା ପରେ, କୋର୍ଟ ମନ୍ଦିରକୁ ଭାଙ୍ଗି ମୂର୍ତ୍ତିକୁ ସାତ ଦିନ ମଧ୍ୟରେ ଅନ୍ୟ ଏକ ମନ୍ଦିରକୁ ସ୍ଥାନାନ୍ତର କରିବାକୁ ନଗର ନିଗମର ଡେପୁଟି କମିସନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଇସ୍ରାଏଲ୍ ଯିବେ ପ୍ରଧାନମନ୍ତ୍ରୀ ମୋଦୀ

**ସୁରକ୍ଷା ଏବଂ ଆତଙ୍କବାଦ ନେଇ ହେବ ଆଲୋଚନା**

**ନୂଆଦିଲ୍ଲୀ,୨୯।୧:** ଇସ୍ରାଏଲ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ମୋଦୀ। ଆସନ୍ତା ମାସ ୨୭-୨୮ରେ ଇସ୍ରାଏଲ୍ ଗସ୍ତ କରିପାରନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ଯଦି ଏହା ହୁଏ, ତେବେ ଏହା ୨୦୧୭ ପରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ଇସ୍ରାଏଲ ଗସ୍ତ ହେବ। ଏହି ଗସ୍ତର ଉଦ୍ଦେଶ୍ୟ ଭାରତ ଏବଂ ଇସ୍ରାଏଲ ମଧ୍ୟରେ ରଣନୈତିକ ସହଭାଗୀତାକୁ ଆହୁରି ମଜବୁତ କରିବ ବୋଲି ବିଶ୍ୱାସ କରାଯାଉଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିମନ୍ତ୍ରଣରେ ଏହି ଗସ୍ତ ହେଉଛି। ପ୍ରତିରକ୍ଷା, ସୁରକ୍ଷା ଏବଂ ପ୍ରଯୁକ୍ତିବିଦ୍ୟା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୁଇ ନେତା ଆଲୋଚନା କରିବେ ବୋଲି ଆଶା କରାଯାଉଛି। ମଧ୍ୟପ୍ରାଚ୍ୟର ବର୍ତ୍ତମାନ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହି ଗସ୍ତକୁ ଭାରତର ବୈଦେଶିକ ନୀତି ପାଇଁ ମଧ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମ୍ଭାବ୍ୟ ଗସ୍ତ ଏପରି ଏକ ସମୟରେ ଆସିଛି ଯେତେବେଳେ ପାକିସ୍ତାନ ହମାସକୁ ସମର୍ଥନ କରୁଥିବା ଅଭିଯୋଗ ହୋଇଛି। ପାକିସ୍ତାନ ମାଟିରେ କିଛି ସ୍ଥାନୀୟ ଆତଙ୍କବାଦୀ ସଂଗଠନ ସହିତ ହମାସ ପ୍ରତିନିଧିମାନଙ୍କୁ ଯୋଗାଯୋଗରେ ଥିବା ଦେଖାଯାଇଛି, ଯାହା ଭାରତ ପାଇଁ ଏକ ବଡ଼ ବିପଦ। ରିପୋର୍ଟରେ ଏହା ମଧ ଦାବି କରାଯାଇଛି ଯେ, ଲସ୍କର-ଏ-ତୈବା ଭଳି ସଂଗଠନ ସହିତ ହମାସର ବଢୁଥିବା ସମ୍ପର୍କ ଅନେକ ଦେଶରେ ଚିନ୍ତା ସୃଷ୍ଟି କରିଛି। ଇସ୍ରାଏଲୀ ରାଷ୍ଟ୍ରଦୂତ ରୁଭେନ ଆଜାର ମଧ ପାକିସ୍ତାନ ଓ ବାଂଲାଦେଶରେ ହମାସର କାର୍ଯ୍ୟକଳାପକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଏବଂ କହିଛନ୍ତି ଯେ ସମସ୍ତ ଦେଶ ସତର୍କ ରହିବା ଉଚିତ। ଏହି ପରିସ୍ଥିତିରେ, ଭାରତ ପାଇଁ ଇସ୍ରାଏଲ ସହିତ ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ସହଯୋଗ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ପାକିସ୍ତାନର ପ୍ରତ୍ୟେକ ପଦକ୍ଷେପକୁ ବିଫଳ କରିବା ପାଇଁ ଏହା ଅତ୍ୟାବଶ୍ୟକ। ତେଣୁ ମୋଦୀଙ୍କ ଗସ୍ତ ପାକିସ୍ତାନର ଟେନସନ୍ ବଢ଼ାଇବ। ପ୍ରକାଶଥାଉ କି, ଦୁଇ ଦେଶ ମଧ୍ୟରେ ବର୍ତ୍ତମାନର ବାଣିଜ୍ୟ ୧୦ ବିଲିୟନ ଡଲାର ଅତିକ୍ରମ କରିଛି ଏବଂ ନୂତନ ଚୁକ୍ତି ନିବେଶ କ୍ଷେତ୍ରରେ ଆହୁରି ଉନ୍ନତି ଆଣିବ ବୋଲି ଆଶା ରହିଛି।

# ଭାରତର ବିକାଶ ଗତି ଦେଖି ଆମେରିକା ଛାନିଆ



**ଭାରତ-ୟୁରୋପୀୟ ସଂଘ ଚୁକ୍ତିକୁ ବିରୋଧ**

**ବ୍ୟବସାୟ ଲାଗି ଇୟୁ ରାଜନୈତିକ ସ୍ୱାର୍ଥ ଭୁଲିଯାଉଛି**

**ଋଷଠାରୁ ତେଲ କିଣିବାରେ ଖର୍ଚ୍ଚ କରିବ ଭାରତ**

**ନୂଆଦିଲ୍ଲୀ,୨୯।୧:** ଭାରତର ବାଣିଜ୍ୟରେ ଆରମ୍ଭ ହୋଇଛି ନୂଆ ଯୁଗ। ୟୁରୋପୀୟ ସଙ୍ଘ ସହ ବଡ଼ ଚୁକ୍ତି ସ୍ୱାକ୍ଷରିତ କରିଛନ୍ତି ସରକାର। ଯାହା ବିଶ୍ୱ ଦରବାରରେ ବଢାଇଛି ଦେଶର ଦବଦବା। ଏହାଦ୍ୱାରା ଦେଶର ଅର୍ଥନୀତି ଅଧିକ ମଜବୁତ ହେବ। ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରପ୍ତାନୀ ମଧ ବୃଦ୍ଧି ପାଇବ। ତେବେ ଭାରତର ଏଭଳି ବିକାଶ ଗତି ଦେଖି ସହିପାରୁନି ଆମେରିକା। ଇୟୁ ସହ ଭାରତ କରିଥିବା ମଦର୍ ଅଫ୍ ଅଲ୍ ଡିଲ୍ସକୁ ଏହା ନୈରାଶ୍ୟଜନକ ବୋଲି କହିଛି।

ଆମେରିକାର ଟ୍ରେଜରୀ ସେକ୍ରେଟାରୀ ସ୍କଟ୍ ବେସେଣ୍ଟ୍ କହିଛନ୍ତି ଯେ, ଭାରତ ଏବଂ ଇୟୁ ମଧ୍ୟରେ ହୋଇଥିବା ଚୁକ୍ତି ନୈରାଶ୍ୟଜନକ। ୟୁରୋପ ଯାହା କରିଛି ତାହା ଠିକ୍ ନୁହେଁ। ଏହା ନିଜର ବ୍ୟବସାୟିକ ସ୍ୱାର୍ଥକୁ ପୂରଣ କରିବା ପାଇଁ ରାଜନୈତିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇଦେଇଛି।

ବେସେଣ୍ଟ୍ କହିଛନ୍ତି ଯେ, ୟୁରୋପୀୟ ଦେଶ ଭାରତଠୁ ଅନେକ କିଛି କ୍ରୟ କରୁଛନ୍ତି। ଯାହାଫଳରେ ଭାରତ ଋଷରୁ ତୈଳ କିଣିବାରେ ଖର୍ଚ୍ଚ କରିବ। ଅଧିକ ଟାରିଫ କାରଣରୁ ୟୁରୋପ ଆମେରିକା ସହ ଚୁକ୍ତି କରିବା ପାଇଁ ପଛଘୁଞ୍ଚା ଦେଇଛି। ଭାରତରୁ ଶସ୍ତାରେ ମିଳୁଥିବା ଜିନିଷ ଏହାପଛର କାରଣ ହୋଇପାରେ। ସେମାନେ ତାଙ୍କ ପାଇଁ ଯାହା ଭଲ କରନ୍ତୁ। କିନ୍ତୁ ଯେଉଁ ଚୁକ୍ତି ହୋଇଛି, ତାହା କଦାପି ଠିକ୍ ନୁହେଁ। ପ୍ରକାଶଥାଉ କି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁରୋପୀୟ ସଂଘର ନେତାମାନେ ନୂଆଦିଲ୍ଲୀରେ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିଥିଲେ। ମଦର ଅଫ୍ ଅଲ୍ ଡିଲ୍ କୁହାଯାଉଥିବା ଏହି ଚୁକ୍ତିନାମା ୧୮ ବର୍ଷ ପରେ ବିଶ୍ୱର ଜିଡିପିର ୨୫% ପ୍ରତିନିଧିତ୍ୱ କରେ।

ଏହି ଚୁକ୍ତିନାମା ଅନୁଯାୟୀ, ଭାରତ ପ୍ରାୟ ସମସ୍ତ ୟୁରୋପୀୟ ରାସାୟନିକ ପଦାର୍ଥ, ବିମାନ ଏବଂ ମହାକାଶ ଯାନ ଉତ୍ପାଦ ଉପରେ ଆମଦାନୀ ଶୁଳ୍କ ଉଚ୍ଛେଦ କରିବାକୁ ରାଜି ହୋଇଛି। ୯୦% ଚିକିତ୍ସା ଏବଂ ଶଲ୍ୟ ଉପକରଣ ମଧ ଏବେ କରମୁକ୍ତ ହେବ। ସବୁଠାରୁ ବଡ଼ ପରିବର୍ତ୍ତନ ସାଧାରଣ ଗ୍ରାହକଙ୍କ ପାଇଁ ହେବ, କାରଣ ୟୁରୋପୀୟ ମଦ, ବିୟର, ସ୍ପିରିଟ୍ ଏବଂ ଅଲିଭ୍ ତେଲ ଉପରେ ଭାରୀ ଶୁଳ୍କ ଯଥେଷ୍ଟ ହ୍ରାସ ପାଇଛି। ଏହା ସହିତ, ଇୟୁ ଆଗାମୀ ଦୁଇ ବର୍ଷ ମଧ୍ୟରେ କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ଶିଳ୍ପ ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ ଭାରତକୁ ୫୦୦ ନିୟୁତ ୟୁରୋ ସହାୟତା ପ୍ରଦାନ କରିବ। ଏହି ଚୁକ୍ତିନାମା ୨୦୩୨ ସୁଦ୍ଧା ୟୁରୋପୀୟ ରପ୍ତାନିକୁ ଦ୍ୱିଗୁଣିତ କରିବା ଏବଂ ଆର୍ଥିକ ଏବଂ ସାମୁଦ୍ରିକ ସେବାରେ ୟୁରୋପୀୟ କମ୍ପାନୀଗୁଡ଼ିକୁ ବିଶେଷ ପ୍ରବେଶ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ବିମାନ ଏବଂ ମହାକାଶଯାନ ସହିତ ଜଡିତ ପ୍ରାୟ ସମସ୍ତ ଉତ୍ପାଦ ଉପରୁ ଶୁଳ୍କ ହଟାଇ ଦିଆଯାଇଛି, ଯାହା ଭାରତର ବିମାନ ଚଳାଚଳ କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର।

# ଖଡ଼ଗେ ଓ ରାହୁଲଙ୍କୁ ଭେଟିଲେ ଥରୁର

**ନୂଆଦିଲ୍ଲୀ, ୨୯।୧:** କଂଗ୍ରେସ ହାଇକମାଣ୍ଡଙ୍କ ସହିତ କଥିତ ମତପାର୍ଥକ୍ୟ ମଧ୍ୟରେ ଶଶି ଥରୁର ଗୁରୁବାର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ଓ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଭେଟିଛନ୍ତି। ୩ ନେତାଙ୍କ ମଧ୍ୟରେ ଏହି ବୈଠକ ସଂସଦ ଭବନ ସ୍ଥିତ ଖଡଗେଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏହି ବୈଠକ ସେତେବେଳେ ଅନୁଷ୍ଠିତ ହୋଇଛି ଯେତେବେଳେ କେରଳ ବିଧାନସଭା ନିର୍ବାଚନ ପ୍ରସ୍ତୁତି ନିମନ୍ତେ ଆୟୋଜିତ ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ବୈଠକରେ ଥରୁର ଯୋଗଦେଇ ନଥିଲେ।

ତେବେ ଥରୁର ଏହି ବୈଠକରେ ଯୋଗଦେଇ ପାରିବେନି ବୋଲି ପୂର୍ବରୁ ପାର୍ଟି ନେତାମାନଙ୍କୁ ଜଣାଇ ଦେଇଥିଲେ। କାରଣ ତାଙ୍କର କେରଳ ଲିଟରେଚର ଫେଷ୍ଟିଭାଲକୁ ଯିବା ପୂର୍ବରୁ ନିର୍ଦ୍ଧାରିତ ଥିଲା। ଏଣୁ ସେ ବୈଠକକୁ ଆସିପାରିବେନି ବୋଲି ସୂଚିତ କରିଥିଲେ। ତେବେ ଆଜିର ସାକ୍ଷାତ ଆଲୋଚନା ପରେ ଥରୁର ସୋସିଆଲ ମିଡିଆ ଏକ୍ସ ରେ ଏକ ପୋଷ୍ଟ ସେୟାର କରିଛନ୍ତି। ଏଥିରେ ବରିଷ୍ଠ କଂଗ୍ରେସ ନେତାଙ୍କ ସହ ତାଙ୍କ ସାକ୍ଷାତ ଆଲୋଚନାକୁ ଏକ ସାର୍ଥକ ବାର୍ତ୍ତା ବୋଲି କହିଥିବା ବେଳେ ଏଥି ପାଇଁ ରାହୁଲ ଓ ଖଡଗେଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଥରୁର ଏକ୍ସ ରେ ଲେଖିଛନ୍ତି ଯେ, 'ଆଜି ଅନେକ ବିଷୟରେ ଉତ୍ସାହଭରା ଓ ସାର୍ଥକ ଚର୍ଚ୍ଚା ନିମନ୍ତେ



ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କୁ ଧନ୍ୟବାଦ। ଭାରତର ଲୋକଙ୍କ ସେବାରେ ଆଗକୁ ଅଗ୍ରସର ହେଉଥିବା ବେଳେ ଆମେ ସବୁ ଗୋଟିଏ ପୃଷ୍ଠାରେ ଅଛୁ'। ଥରୁର ତାଙ୍କର ଏହି ପୋଷ୍ଟରେ ଏକ ଫଟୋ ମଧ ସେୟାର କରିଛନ୍ତି। ଯେଉଁଥିରେ ଥରୁର, ଖଡଗେ ଓ ରାହୁଲ ଗାନ୍ଧି ଏକତ୍ର ବସିଥିବାର ଦେଖାଯାଇଛନ୍ତି।

କଲମା ବ୍ୟାରେଜ ଗସ୍ତ କଲା ମହାନଦୀ ବଞ୍ଚାଅ ଆନ୍ଦୋଳନ

# ପ୍ରତୀକାତ୍ମକ ଭାବେ ବାଲିବନ୍ଧ ଭାଙ୍ଗିବାକୁ ପ୍ରୟାସ

## ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ଜଳ ବିବାଦର ସମାଧାନ ପାଇଁ ସନ୍ଦେଶ




**କଲମା,୨୯।୧(ସଂଚାର ବ୍ୟୁରୋ):** ଆଜି ମହାନଦୀ ବଞ୍ଚାଓ ଆନ୍ଦୋଳନ ଛତିଶଗଡ଼ରେ ଥିବା କଲମା ବ୍ୟାରେଜ ଓ ତା'ର ତଳ ମୁଣ୍ଡରେ ନିର୍ମିତ ବାଲିବନ୍ଧକୁ ପରିଦର୍ଶନ କରିବା ସହିତ ପ୍ରତୀକାତ୍ମକ ଭାବରେ ବାଲିବନ୍ଧକୁ ଭାଙ୍ଗିବାକୁ ପ୍ରୟାସ କରିଛନ୍ତି।

ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆନ୍ଦୋଳନକାରୀମାନେ ଓଡ଼ିଶା ସୀମାରେ ଥିବା କନକତୋରା ପାଖରୁ ସକାଳ ୧୦ଟାରେ ଛତିଶଗଡ଼ର କଲମା ବ୍ୟାରେଜ ଅଭିମୁଖେ ଯାତ୍ରା କରିଥିଲେ। କଲମା ବ୍ୟାରେଜର ଗୋଟିଏ ମୁଣ୍ଡରୁ ଆଉ ଏକ ମୁଣ୍ଡ ଏକ ପଦଯାତ୍ରା କରିବା ସହିତ ବ୍ୟାରେଜର ସ୍ଥିତି ଦେଖିଥିଲେ। ବ୍ୟାରେଜରେ ଥିବା ୬୬ଟି ଗେଟ ମଧ୍ୟରୁ ମାତ୍ର ଗୋଟିଏ ଗେଟ ଖୋଲାଥିଲା। ସେହି ଗୋଟିଏ ମାତ୍ର ଗେଟରୁ ନିଷ୍କାସିତ ପାଣିକୁ ବାଲିବନ୍ଧ ପକାଇ ପାଣିକୁ ଅଟକା ଯାଇଥିବା ଦେଖି ପ୍ରତିନିଧି ମଣ୍ଡଳୀ ଚିନ୍ତା ପ୍ରକଟ କରିଥିଲେ। କଲମା ବ୍ୟାରେଜ ପରିଦର୍ଶନ ପରେ ଆନ୍ଦୋଳନକାରୀମାନେ ବାଲିବନ୍ଧ ନିକଟକୁ ଯାଇ ପ୍ରତୀକାତ୍ମକ ଭାବରେ ତାକୁ ଭାଙ୍ଗିବାକୁ ପ୍ରୟାସ କରିଥିଲେ। ବାଲିବନ୍ଧ ଭାଙ୍ଗିବା କାର୍ଯ୍ୟ ମାଧ୍ୟମରେ ଛତିଶଗଡ ସରକାରଙ୍କୁ ଏକ ଚେତାବନୀ ଦିଆଯାଇଛି ବୋଲି ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି। କାର୍ଯ୍ୟକ୍ରମରେ ଝାରସୁଗୁଡା ଓ ଛତିଶଗଡ଼ର ଅନେକ ସମାଜକର୍ମୀ ଓ ନଦୀ ସୁରକ୍ଷା କର୍ମୀ ଓ ଆନ୍ଦୋଳନକାରୀ ଯୋଗ ଦେଇଥିଲେ। ସେମାନଙ୍କ ଭିତରେ ଛତିଶଗଡ଼ର ଜନ ସଂଘର୍ଷ ମୋର୍ଚ୍ଚାର ରାଜେଶ ଶର୍ମା, ଝାରସୁଗୁଡା କୃଷକ ସଂଗଠନର ପ୍ରବକ୍ତା ବିରଞ୍ଚି ସାହୁ, ହୀରାକୁଦ ବୁଡି ଅଞ୍ଚଳ ସମ୍ପାଦକ ଗୋପୀନାଥ ମାଝୀ, ସଂକୀର୍ତନ କୁମୁରା, ମୁରବି ମାଝୀ, ସୁରେନ୍ଦ୍ର ମାଝୀ, ତରୁଣ ମାଝୀ, ବିନୋଦ ବିଶ୍ୱାଳ, ଗୌତମ ସାହୁ, ଚିଦାନନ୍ଦ ଜେନା, ଜଗନ୍ନାଥ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମ ଶେଷ ହେଲା ପରେ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମକର୍ତ୍ତାମାନେ ଚନ୍ଦ୍ରପୁରର ବିଶିଷ୍ଟ ସମାଜସେବୀ ଜଗନ୍ନାଥ ଶର୍ମା, ସରାଙ୍ଗଗଡ଼ର ବିଶିଷ୍ଟ ପରିବେଶବିତ ଡ଼ ପରିବେଶ ମିଶ୍ରଙ୍କୁ ସାକ୍ଷାତ କରି ମହାନଦୀ ଜାଳବିବାଦର ସମାଧାନ ଓ ନଦୀର ସୁରକ୍ଷା ପାଇଁ ଭବିଷ୍ୟତର ମିଳିତ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ।

## ବରଗଡ଼ ଧନୁଯାତ୍ରା ନନ୍ଦରାଜାଙ୍କ ପରଲୋକ



**ଭୁବନେଶ୍ୱର, ୨୯।୧(ସଂଚାର ବ୍ୟୁରୋ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ନନ୍ଦରାଜା ଭୂମିକାରେ ଅଭିନୟ କରୁଥିବା କଳାକାର ସତ୍ୟନାରାୟଣ ପୋଢ଼ଙ୍କର ଗୁରୁବାର ଭୋରରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୦ ବର୍ଷ ହୋଇଥିଲା। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାରେ ନନ୍ଦରାଜା ଭୂମିକାରେ ଅଭିନୟ କରୁଥିବା କଳାକାର ସତ୍ୟନାରାୟଣ ପୋଢ଼ଙ୍କର ଗୁରୁବାର ଭୋରରେ ପରଲୋକ ହୋଇଯାଇଛି। ବୁଧବାର ବିଳମ୍ବିତ ରାତିରେ ସତ୍ୟନାରାୟଣଙ୍କର ହୃଦଘାତ ହୋଇଥିଲା। ତାଙ୍କୁ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ଭୋରରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସତ୍ୟନାରାୟଣ ପୋଢ଼ଙ୍କର ଦେହାନ୍ତ ଖବର ପାଇ ଧନୁଯାତ୍ରାର କଳାକାରଙ୍କ ସହିତ ବିଭିନ୍ନ ବର୍ଗର ଲୋକେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସତ୍ୟନାରାୟଣଙ୍କ ପୂର୍ବରୁ ତାଙ୍କ ବାପା ବାସୁଦେବ ପୋଢ଼ ବରଗଡ଼ ଧନୁଯାତ୍ରାରେ ନନ୍ଦରାଜ ଭୂମିକାରେ ଅଭିନୟ କରୁଥିଲେ। ତାଙ୍କ ମୃତ୍ୟୁ ପରେ ଗଲା ୨୦ ବର୍ଷ ହେଲାଣି ସତ୍ୟନାରାୟଣ ପୋଢ଼ ବରଗଡ଼ ଧନୁଯାତ୍ରାରେ ନନ୍ଦରାଜା ଭୂମିକାରେ ଅଭିନୟ କରି ଆସୁଥିଲେ।

## ସ୍ୱାଟ କମାଣ୍ଡୋଙ୍କୁ ଡମ୍ବେଲରେ ପିଟି ହତ୍ୟା କଲେ ସ୍ୱାମୀ



**ନୂଆଦିଲ୍ଲୀ, ୨୯।୧:** ଦିଲ୍ଲୀ ପୁଲିସର ୨୭ ବର୍ଷୀୟ ସ୍ୱାଟ କମାଣ୍ଡୋଙ୍କୁ ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛନ୍ତି ତାଙ୍କ ସ୍ୱାମୀ। ସ୍ୱାଟ କମାଣ୍ଡୋଙ୍କୁ ପ୍ରଥମେ ମାଡ଼ମାରିବା ପରେ ତାଙ୍କ ମୁଣ୍ଡକୁ ଗୋଟିଏ ଓଜନିଆ ଡମ୍ବେଲରେ ଛେଚି ଜୀବନ ନେଇ ଯାଇଛନ୍ତି। ଅଭିଯୁକ୍ତ ସ୍ୱାମୀ ଜଣଙ୍କ ହେଉଛନ୍ତି ଅଙ୍କୁର। ସେ ପ୍ରତିରକ୍ଷା ମନ୍ତ୍ରାଳୟରେ ଜଣେ କ୍ଲର୍କ ଭାବେ କାମ କରୁଥିଲେ। ଆର୍ଥିକ ପ୍ରସଙ୍ଗକୁ ନେଇ ପତ୍ନୀ କାଜଲ ଚୌଧୁରୀଙ୍କ ସହ ତାଙ୍କର ନିୟମିତ ଝଗଡ଼ା ହେଉଥିଲା। ଏଥିଯୋଗୁ ସେ ଜାନୁଆରୀ ୨୨ରେ ପତ୍ନୀ କାଜଲଙ୍କୁ ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ମାଡ଼ ମାରିବା ସହ ତାଙ୍କ ମୁଣ୍ଡକୁ ଡମ୍ବେଲରେ ଛେଚି ଦେଇଥିଲେ। ଗୁରୁତର ଅବସ୍ଥାରେ କାଜଲଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ସ୍ୱାଟ କମାଣ୍ଡୋ କାଜଲ ଆଖି ବୁଜିଛନ୍ତି। ପାର୍ଲାମେଣ୍ଟ ଷ୍ଟ୍ରିଟ ପୁଲିସ ଷ୍ଟେସନରେ କନେଷ୍ଟବଲ ଭାବେ କାମ କରୁଥିବା କାଜଲଙ୍କ ଭାଇ ସାହିଲଙ୍କ କହିବା କଥା ଯେ, ଆକ୍ରମଣ ଦିନ ତାଙ୍କ ଭଉଣୀ ତାଙ୍କୁ କଲ କରିଥିଲେ। ସେ ଫୋନ ଲାଇନରେ ଥିବା ସମୟରେ ହିଁ ଅଙ୍କୁର ଡମ୍ବେଲ ଦ୍ୱାରା କାଜଲଙ୍କ ମୁଣ୍ଡକୁ ଆଘାତ ଦେଇଥିଲେ। ଏହାର କିଛି ମିନିଟ ପରେ ଅଙ୍କୁର ଫୋନ ଧରି ଅତ୍ୟନ୍ତ ରାଗରେ ସେ ହିଁ କାଜଲଙ୍କୁ ମାଡ଼ ମାରିଥିବା ସାହିଲଙ୍କୁ ଜଣାଇଥିଲେ। ସାହିଲ ଅଭିଯୋଗ କରିଛନ୍ତି ତାଙ୍କ ଭଉଣୀଙ୍କୁ ଅଙ୍କୁରଙ୍କ ମା' ଓ ଦୁଇ ଭଉଣୀ ନିୟମିତ ଯୌତୁକ ପାଇଁ ନିର୍ଯାତନା ଦେଉଥିଲେ।

## ସୀମାନ୍ତରେ ୨ ମାଓବାଦୀ ନିହତ

**ମାଲକାନଗିରି,୨୯।୧(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ପୁଣି ମାଓବାଦୀ ଏବଂ ପୁଲିସ ମୁହାଁମୁହିଁ ହୋଇଛନ୍ତି। ଏହି ଗୁଳିବିନିମୟରେ ୨ ଜଣ ମାଓବାଦୀ ନିହତ ହୋଇଥିବା ବେଳେ ଏକେ-୪୭ ବନ୍ଧୁକ ସହ ମାଓ ସାମଗ୍ରୀ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବିଶେଷ ସୂତ୍ରରୁ ଖବର ପାଇ ବିଜାପୁର ଜିଲ୍ଲା ପୁଲିସ ଓ ଡିଆରଜି ଯବାନମାନେ ଜିଲ୍ଲାର ଦକ୍ଷିଣ ବସ୍ତର ଅଞ୍ଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଦେଇଥିଲେ। ତେବେ ଆଜି ସକାଳୁ ତେଲେଙ୍ଗାନା ଓ ବିଜାପୁର ଜିଲ୍ଲା ସୀମାନ୍ତ ଅଭୟାରଣ୍ୟରେ ମାଓବାଦୀମାନେ ଯବାନଙ୍କୁ ଦେଖି ସେମାନଙ୍କ ଉପରେ ଅନ୍ଧାଧୁନ୍ଦ ଗୁଳି ଚଳାଇଥିଲେ। ତୁରନ୍ତ ଦୀର୍ଘ ସମୟ ଧରି ଗୁଳି ବିନିମୟ ଚାଲିଥିବା ବେଳେ ଏଥିରେ ଦୁଇ ଜଣ ମାଓବାଦୀ ନିପାତ ହୋଇଥିଲେ। ପରେ ସୁରକ୍ଷାକର୍ମୀମାନେ ଉକ୍ତ ୨ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଏଥିସହ ସେମାନଙ୍କ ନିକଟରୁ ଏକେ-୪୭ ବନ୍ଧୁକ, ୯ ଏମଏମ ପିସ୍ତଲ ସହ ବିପୁଳ ପରିମାଣର ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହି ଏନ୍‌କାଉଣ୍ଟର୍ ଜାରି ରହିଥିବା ଜଣାପଡ଼ିଛି।

୪ର୍ଥ ଜାତୀୟ ନନ୍ ଚାକୁ ପ୍ରତିଯୋଗିତା

# ଓଡ଼ିଶା ଦଳର କାନପୁର ଯାତ୍ରା



**ଭୁବନେଶ୍ୱର, ୨୭।୧(ସଂଚାର ବ୍ୟୁରୋ):** ଚଳିତ ମାସ ୨୮ ତାରିଖ ନନ୍ ଚାକୁ ଆସୋସିଏସନ ଅଫ୍ ଇଣ୍ଡିଆ ଦ୍ୱାରା ଆୟୋଜନ ହେବାକୁଥିବା ୪ର୍ଥ ଜାତୀୟ ନନ୍ ଚାକୁ ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ନନ୍ ଚାକୁ ପ୍ରତିଯୋଗୀମାନେ ଓଡ଼ିଶା ରାଜ୍ୟ ନନ୍ ଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା, ସହସମ୍ପାଦକ ସନ୍ତୋଷ କୁମାର ମହାରଣା ଓ କୋଷାଧ୍ୟକ୍ଷ ସପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାନପୁର, ଉତ୍ତର ପ୍ରଦେଶକୁ ଗସ୍ତ କରିବେ। ଏହି ପ୍ରତିଯୋଗିତା ଜାନୁଆରୀ ୩୦ ତାରିଖରୁ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶାର ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ହେଲେ, ମୁକୁନ୍ଦ ବର୍ଦ୍ଧନ, ଗୋପାଳ ଚନ୍ଦ୍ର କହଁର, କ୍ରିଷ୍ଣା ଶିକାରୀ, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ ମଲ୍ଲିକ, ଆୟୁଷ ପ୍ରସାଦ ରଥ, ଶୁଭମ୍ ଦଳାଇ, ପ୍ରୀୟଂଶୁ ଶେଖର, କୁନାଲ ପଟ୍ଟନାୟକ, ହାର୍ଦ୍ଦିକ ଦାସ, ଖିତିଶ କୁମାର ଯାଦବ, ଓମ୍ ସାଇ ପ୍ରସାଦ, ହରିହର ମହାପାତ୍ର, ଆୟୁଷ୍ମାନ ପୃଷ୍ଟି, ସାନଭି ମିଶ୍ର, ପ୍ରଜ୍ଞା ବର୍ଦ୍ଧନ, ଅଭ୍ୟର୍ଥନା ବରାଳ, ଆରାଧନା ନାୟକ, ମନ୍ମଥ ବରାଳ ଅଫିସିଆଲ ଭାବେ ସପନ କୁମାର ମିଶ୍ର, ଦୀପକ କୁମାର ସାମନ୍ତରା ଓ ସୁବାସ ଚନ୍ଦ୍ର ଦଳାଇ ଦଳ ସହ ଯାତ୍ରା କରୁଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ ପ୍ରତିଯୋଗୀମାନଙ୍କୁ ସୁଭାଶୀର୍ବାଦ ପ୍ରଦାନ କରିଛନ୍ତି।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସାରଳା ଦାସ ସ୍ମୃତି ସମାରୋହ




**ଭୁବନେଶ୍ୱର, ୨୯।୧ (ସଂଚାର ବ୍ୟୁରୋ) :** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଓ ସାରଳା ଦାସ ଚେୟାରଙ୍କ ମିଳିତ ସହଯୋଗରେ ସାରଳା ଦାସ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ଓଡ଼ିଆ ଜାତିକୁ ସାରଳା ଦାସ କିପରି ଚରିତ୍ର, ଚିତ୍ର, ଜୀବନ, ଚଳଣି, ସାହିତ୍ୟ ଓ ସଂସ୍କୃତି ପ୍ରଦାନ କରିଯାଇଛନ୍ତି ସେ ସମ୍ପର୍କରେ ମତ ରଖିଥିଲେ। ସାରଳା ସାହିତ୍ୟ ଓଡ଼ିଶାର ଜନଜୀବନକୁ କେବଳ ନିର୍ମାଣ କରିନାହିଁ ବରଂ ପରବର୍ତ୍ତୀ ପିଢ଼ିଙ୍କୁ କଳା ଓ ସାହିତ୍ୟର ସର୍ଜନା କ୍ଷେତ୍ରରେ ପ୍ରୋତ୍ସାହିତ କରିଛି ବୋଲି ପ୍ରଫେସର ସ୍ୱାଇଁ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଭାଷାବିତ ତଥା ସାହିତ୍ୟିକ ପ୍ରଫେସର ପ୍ରଦୀପ୍ତ କୁମାର ବାରିକ ସାରଳା ସାହିତ୍ୟର ଅଞ୍ଚଳିକତାବୋଧ କିପରି ଜାତୀୟତାବୋଧରେ ରୂପାନ୍ତରିତ ହୋଇଛି ସେ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ସାରଳା ସାହିତ୍ୟରେ ଓଡ଼ିଶାର ସଂସ୍କୃତି, ଜୀବନଚର୍ଯ୍ୟା, ଚଳଣି ପ୍ରତିଫଳିତ ହେବା ସହ ଏହା ଉତ୍ତର ପିଢ଼ିଙ୍କୁ ଚରିତ୍ର, ଚିତ୍ର ଓ କଥାନକ ସାଉଁଟିବାରେ ଯେପରି ଅଭିମନ୍ତ୍ରିତ କରିଛି ପ୍ରଫେସର ବାରିକ ତାହାର ଅବତାରଣା କରିଥିଲେ। ସାରଳା ଦାସ ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସ୍ୱାଗତ ସମ୍ଭାଷଣ ଦେବା ସହ ଓଡ଼ିଆ ସାହିତ୍ୟର ଭିତ୍ତିଭୂମି ନିର୍ମାଣରେ ତାଙ୍କ ସାହିତ୍ୟ କୃତିର ଭୂମିକା ସମ୍ପର୍କରେ ଅବଗତ କରିଥିଲେ। ଓଡ଼ିଶୀ କଣ୍ଠସଂଗୀତ ବିଭାଗର ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନରେ ଛାତ୍ରଛାତ୍ରୀମାନେ ସାରଳା ଦାସଙ୍କ ରଚନାରୁ ଜଗନ୍ନାଥ ବନ୍ଦନା ପରିବେଷଣ କରିବାବେଳେ ଓଡ଼ିଆ ବିଭାଗର ଛାତ୍ର ପ୍ରଣବ କୁମାର ନାୟକ ସାରଳା ଦାସଙ୍କ ସାହିତ୍ୟରେ ସାମାଜିକ ବିଦ୍ରୋହର ପ୍ରସଙ୍ଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୫ ପଞ୍ଜିକାକୁ...

କରିଥିଲେ। ତେଣୁ ଆଗାମୀ ଦିନରେ ଏହି ପଞ୍ଜିକା ପ୍ରକାଶନ କିଭଳି ବୃଦ୍ଧି ପାଇବ ଓ ନିର୍ଭୁଲ ହେବ, ତା' ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର କହିଛନ୍ତି। ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ ସଭା, ଗଜପତି ମହାରାଜା ଓ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ସ୍ୱୀକୃତ ୫ଟି ପାଞ୍ଜି ଗୋଟିଏ ପ୍ରକାରରେ ପ୍ରସ୍ତୁତ ହୋଇଛି। ମୁକ୍ତିମଣ୍ଡପ ପଣ୍ଡିତ ସଭା ଦ୍ୱାରା ସଂଶୋଧନ ପରେ ଏହି ୫ଟି ପାଞ୍ଜି ନିର୍ଭୁଲ ଓ ତ୍ରୁଟିଶୂନ୍ୟ ହୋଇପାରିଛି। ବିଶେଷ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ପର୍ବପର୍ବାଣିକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରାଯାଇଛି। ତେବେ ରାଜ୍ୟରେ ପ୍ରକାଶ ପାଉଥିବା ସମସ୍ତ ପାଞ୍ଜି କିଭଳି ନିର୍ଭୁଲ ହେବ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ପାଞ୍ଜି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ୨୦୨୫ରେ ପୟାଶ୍ରାଦ୍ଧ, ସରସ୍ୱତୀ ପୂଜା, କାଳୀପୂଜା, ଶିବରାତ୍ରି, ଜନ୍ମାଷ୍ଟମୀ ଇତ୍ୟାଦି ବିଭିନ୍ନ ପର୍ବପର୍ବାଣିକୁ ନେଇ ଲୋକମାନେ ଦ୍ୱନ୍ଦ୍ୱରେ ରହିଥିଲେ। ଅନେକ ପାଞ୍ଜି ବ୍ୟାବସାୟିକ ମନୋବୃତ୍ତି ରଖି ଆଗୁଆ ଛାପୁଥିବା ଅଭିଯୋଗ ହୋଇଛି। ଏହି ବୈଠକରେ ଛତିଶା ନିଯୋଗ ମହାନାୟକ ଶ୍ରୀ ପାଟଯୋଶୀ ମହାପାତ୍ରଙ୍କ ସହ ସେବାୟତ ଓ ପଞ୍ଜିକାରମାନେ ଉପସ୍ଥିତ ଥିଲେ।

### ପଶ୍ଚିମ-ଉପକୂଳ...

ପ୍ରତାରଣା ନେଇ ଯେଉଁ ଆରୋପ ଲଗାଯାଇଛି, ତାହା ପ୍ରମାଣିତ କରିବାକୁ ଅରବିନ୍ଦ କହିଥିଲେ। ଏହାକୁ ନେଇ ବିଜେଡି ଏକପ୍ରକାର ଅକଳରେ ପଡ଼ିଥିଲା। ଅବସ୍ଥା ଏଭଳି ହୋଇଥିଲା ଯେ ଏହା ଉପରେ ନବୀନଙ୍କ ସଫେଇ ମଧ ଅସନ୍ତୋଷକୁ ଶାନ୍ତ କରିପାରିନଥିଲା। ପାଟକୁରାରୁ ଉଭୟ ଅରବିନ୍ଦବିରୋଧି ଓ ସପକ୍ଷବାଦୀ ଆସି ରାଜଧାନୀରେ ନବୀନ ନିବାସ ସମ୍ମୁଖରେ ହଙ୍ଗାମା କରିଥିଲେ। ଏହି ମାମଲାକୁ କିନ୍ତୁ ଏବେ ପଶ୍ଚିମ-ଉପକୂଳ ଲଢ଼େଇ ଏକପ୍ରକାର ଥଣ୍ଡା କରିଦେଇଛି। ଦଳରେ ଆଉ ଅରବିନ୍ଦ ପ୍ରସଙ୍ଗ ନେଇ ଆଉ ଆଲୋଚନା ହେଉନାହିଁ କି ସେ ବି ଆଉ କିଛି କହୁନାହାନ୍ତି। ସମସ୍ତେ ଏବେ ଦଳର ନେତୃତ୍ୱ ହସ୍ତାନ୍ତର ପ୍ରସଙ୍ଗ ଉପରେ ନିଜ ନିଜ ମନ୍ତବ୍ୟ ଦେଉଛନ୍ତି। ତେବେ ଏହାରି ଭିତରେ ଯେଭଳି ପଶ୍ଚିମା ଓ ଉପକୂଳିଆ ନେତାମାନେ ମୁହାଁମୁହିଁ ହେଉଛନ୍ତି, ସେଥିରୁ ପୁଣିଥରେ କୋଶଳ ପ୍ରସଙ୍ଗ ଉଠିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଯଦି କୋଶଳ ପ୍ରସଙ୍ଗ ଉଠେ, ତାହାକୁ ଥଣ୍ଡା କରିବା ଏତେ ସହଜ ହେବନାହିଁ ଓ ଏହାର ପ୍ରଭାବ ଆଗାମୀ ରାଜ୍ୟସଭା ନିର୍ବାଚନ ଉପରେ ପଡ଼ିବାର ସମ୍ଭାବନା ରହିଛି। ଏଭଳି ସ୍ଥିତିରେ ଅରବିନ୍ଦଙ୍କ ପ୍ରସଙ୍ଗରେ ସଫେଇ ଦେଇଥିବା ନବୀନ କ'ଣ କରିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର।

### ନୂଆ...

ସେକ୍ସନ ଅଛି ତେବେ ଏହା ସାଧାରଣ ଜାତି ଲାଗି ଭେଦଭାବପୂର୍ଣ୍ଣ ହେବ ଓ ଏଥିରେ ସଂଶୋଧନ ଆବଶ୍ୟକ ବୋଲି କହିଛନ୍ତି। ଏହାଛଡା ଇକ୍ୱିଟି କମିଟି ସମ୍ପର୍କରେ ମଧ ଚର୍ଚ୍ଚା କରାଯାଇଛି, ଯେଉଁଥିରେ ସାଧାରଣ ସମୁଦାୟଙ୍କ ନିମନ୍ତେ କୌଣସି ବିଶେଷ ପ୍ରତିନିଧି ନାହାନ୍ତି। ତେବେ ୟୁଜିସି ନୂଆ ନିୟମକୁ ନେଇ ସାରା ଦେଶରେ ଅସନ୍ତୋଷ ଦେଖା ଦେଇଛି। ୟୁଜିସି ରେଗୁଲେସନ ୨୦୨୬କୁ ଗତ ୨୩ ତାରିଖରେ ଅଧିସୂଚିତ କରାଯାଇଥିଲା। ଏହା ବିରୋଧରେ ସାରା ଦେଶରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ଶ୍ରୀ ଜିନ୍ଦଲଙ୍କ ସମେତ କେତେକ ଆବେଦନକାରୀ ଏହାକୁ ସ୍ୱେଚ୍ଛାଚାରିତା ଓ ଭେଦଭାବପୂର୍ଣ୍ଣ ବୋଲି ମତ ଦେଇ ଏହାକୁ ଆଇନର କାଠଗଡ଼ା ପର୍ଯ୍ୟନ୍ତ ନେଇଛନ୍ତି।

### ଅଭିବୃଦ୍ଧି...

ଉଚ୍ଚ ପ୍ରଯୁକ୍ତି ଆଧାରିତ ଶିଳ୍ପଗୁଡ଼ିକ ବର୍ତ୍ତମାନ ଦେଶର ମୋଟ୍ ଉତ୍ପାଦନ ମୂଲ୍ୟରେ ୪୬.୩ ପ୍ରତିଶତ ଅଂଶଧନ ହାସଲ କରିଛନ୍ତି। ପିଏଲଆଇ ଯୋଜନା ଓ ସେମିକଣ୍ଡକ୍ଟର ମିଶନ କାରଣରୁ ଏହା ସମ୍ଭବ ହୋଇଥିବା ଦର୍ଶାଯାଇଛି। ଏହାଛଡ଼ା ଅଶୋଧିତ ଇସ୍ପାତ ଓ ସିମେଣ୍ଟ ଶିଳ୍ପର ରେକର୍ଡ ପ୍ରଦର୍ଶନ ସହ ନିର୍ମାଣ କ୍ଷେତ୍ରରେ ବ୍ୟାପକ ବିସ୍ତାର ଘଟିଛି। ଭାରତ ଉଭୟ ସାମଗ୍ରୀ କ୍ଷେତ୍ରରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଉତ୍ପାଦନକାରୀ ରାଷ୍ଟ୍ର ହୋଇଛି। ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ୬ ମାସରେ ଅର୍ଥାତ୍ ଗତ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଅଶୋଧିତ ଇସ୍ପାତ ଉତ୍ପାଦନ ୧୧.୭ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ବ୍ୟବହାର ୭.୮ ପ୍ରତିଶତକୁ ବଢ଼ିଛି। ଆହୁରି ସ୍ପେଶାଲିଟି ଷ୍ଟିଲ୍ କ୍ଷେତ୍ରରେ ପିଏଲଆଇ ଯୋଜନାର ସଫଳତା ସହ ୨୩ ହଜାର ୨୨ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିଛି। ଏହା ଦେଶକୁ ଉଚ୍ଚମାନର ଘରୋଇ ଉତ୍ପାଦନ ଆଡ଼କୁ ଅଗ୍ରସର କରିବାରେ ସହାୟତା କରିଛି। ସମାନ ସମୟରେ ସିମେଣ୍ଟ କ୍ଷେତ୍ରର କ୍ଷମତା ୬୯୦ ମେଟ୍ରିକ ଟନ୍‌ରେ ପହଞ୍ଚିଛି, ଯାହା ବିଶ୍ୱର ଦ୍ୱିତୀୟ ସର୍ବବୃହତ। ସେହିପରି ସୁଲଭ ସ୍ଥାନୀୟ ଓ ବ୍ୟାପକ ଭାରତୀୟ ଏଆଇ ବିକାଶ ପାଇଁ ଭାରତ ନିରନ୍ତର କାମ କରୁଛି। ଭାରତ ମୌଳିକ ଏଆଇ ବିକଶିତ କରୁଛି। ଏଥିରେ ନାଗରିକ, ସ୍ଥାନୀୟ ସରକାର, ଷ୍ଟାର୍ଟ-ଅପ୍ ଓ ସମ୍ପ୍ରଦାୟ ସମ୍ମୁଖୀନ ହେଉଥିବା ବାସ୍ତବ-ବିଶ୍ୱ ସମସ୍ୟା ସମାଧାନ ଉପରେ ଧ୍ୟାନ ଦିଆଯାଉଛି। ବିଶ୍ୱ ଜିପିୟୁ ଚାହିଦାରେ ଭାରତର ଅବଦାନ ୬ ପ୍ରତିଶତକୁ ବୃଦ୍ଧି ପାଇଛି। ଘରୋଇ ଏଆଇ କ୍ଷମତାର ପରିସର ବି ବଢୁଛି। ଆମେରିକା ପରେ ଭାରତରେ ଦ୍ୱିତୀୟ ସର୍ବାଧିକ ପ୍ରଶିକ୍ଷିତ ଏଆଇ ଯନ୍ତ୍ରୀ ରହିଛନ୍ତି। ଏଆଇ ଦୈନନ୍ଦିନ ଜୀବନରେ ପରିବର୍ତ୍ତନ ଆଣୁଥିବା ବେଳେ ପୂର୍ବ ଭାରତର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ ଶସ୍ତା ମୁଖ କର୍କଟ ସ୍କ୍ରିନିଂ ଡିଭାଇସଗୁଡ଼ିକ ପ୍ରାରମ୍ଭିକ ଚିହ୍ନଟରେ ସକ୍ଷମ ହୋଇପାରୁଛନ୍ତି। ଏହାଛଡ଼ା ଏଆଇ-ସକ୍ଷମ କୃଷି ପ୍ଲାଟଫର୍ମଗୁଡ଼ିକ ୧୨ଟି ରାଜ୍ୟର ୧୮ ଲକ୍ଷ ଚାଷୀଙ୍କ ପାଇଁ ବଜାର ପ୍ରବେଶ ଓ ମୂଲ୍ୟ ସୁବିଧାକୁ ଉନ୍ନତ କରୁଥିବା ରିପୋର୍ଟରେ କୁହାଯାଇଛି। ଯାନବାହନ ଶିଳ୍ପ ସମ୍ପର୍କରେ ଉକ୍ତ ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁସାରେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଭିବୃଦ୍ଧି ଇଞ୍ଜିନ୍ ଭାବେ କାର୍ଯ୍ୟ କରିଚାଲିଛି। ଭାରତ ଦୁଇ ଓ ତିନିଚକିଆ ଯାନ ପାଇଁ ବିଶ୍ୱର ସର୍ବବୃହତ ବଜାର ଓ ଯାତ୍ରୀବାହୀ ଯାନ ପାଇଁ ତୃତୀୟ ବୃହତ୍ତମ ବଜାର ଭାବେ ନିଜର ସ୍ଥାନ ବଜାୟ ରଖିଛି। ମୋଟ ଜିଏସଟି ରାଜସ୍ୱରେ ପ୍ରାୟ ୧୫ ପ୍ରତିଶତ ଅବଦାନ ସହ ଏହି କ୍ଷେତ୍ର ୩୦ ନିୟୁତରୁ ଅଧିକ ନିଯୁକ୍ତିକୁ ସମର୍ଥନ କରୁଛି। ମୋଟ ଉତ୍ପାଦନ ୩୪ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରପ୍ତାନି ୨୫ ପ୍ରତିଶତ ବୃଦ୍ଧି ପାଇ ୫ ନିୟୁତ ୟୁନିଟ୍ ଅତିକ୍ରମ କରିଛି। ଗତ ଆର୍ଥିକ ବର୍ଷରେ ବୈଦ୍ୟୁତିକ ଯାନ ପଞ୍ଜିକରଣ ୬୨.୫ ପ୍ରତିଶତକୁ ବୃଦ୍ଧି ପାଇଛି। ପିଏଲଆଇ ଅଟୋ ଯୋଜନାରେ ୩୫ ହଜାର ୬୫୭ କୋଟିରୁ ଅଧିକ ଟଙ୍କାର ନିବେଶ ଆସିଛି। ଇଭି ବ୍ୟାଟେରୀ ଉତ୍ପାଦନ ବଢ଼ାଇବା ପାଇଁ ୧୮ ହଜାର ୧୦୦ କୋଟି ଟଙ୍କାର ପିଏଲଆଇ ଏସିସି ବ୍ୟାଟେରୀ ଷ୍ଟୋରେଜ୍ ଯୋଜନା ଆରମ୍ଭ ହୋଇଛି। ପିଏମ୍ ଇ-ଡ୍ରାଇଭ୍ ଯୋଜନାରେ ବୈଦ୍ୟୁତିକ ଯାନ ନିର୍ମାଣ ପାଇଁ ୧୦ ହଜାର ୯୦୦ କୋଟିର ପ୍ରୋତ୍ସାହନ ବ୍ୟବସ୍ଥା ବି କରାଯାଇଛି। ପିଏମ୍ ଇ-ଭେହିକିଲ୍ ସେବା ଜରିଆରେ ୩୮ ହଜାରରୁ ଅଧିକ ଇଲେକ୍ଟ୍ରିକ୍ ବସ ନିୟୋଜିତ କରାଯାଇଛି। ଆହୁରି ଭାରତ ବିଶ୍ୱର ୨୦ ପ୍ରତିଶତ ଜେନେରିକ୍ ଔଷଧ ରପ୍ତାନି କରୁଛି। ଦେଶ ୧୯୧ଟି ଦେଶକୁ ଏହି ଔଷଧ ରପ୍ତାନି କରୁଛି। ଫାର୍ମାସ୍ୟୁଟିକାଲ୍ ରପ୍ତାନି ଗତ ଦଶନ୍ଧି ମଧ୍ୟରେ ୧୫ ବିଲିୟନ ଡଲାରରୁ ୩୦ ବିଲିୟନ ଡଲାରକୁ ଅର୍ଥାତ୍ ୭ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରିଛି। ଭାରତ ଶସ୍ତା ଦରରେ ଟିକା ମଧ ରପ୍ତାନି କରୁଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ୪.୧ ବିଲିୟନ ଡଲାର ଔଷଧ ରପ୍ତାନି କରାଯାଇଥିବା ବେଳେ ଆଲୋଚ୍ୟ ବର୍ଷ ଭାରତ ୧୮୭ଟି ଦେଶକୁ ଚିକିତ୍ସା ଉପକରଣ ମଧ ରପ୍ତାନି କରାଯାଇଛି। ଅଧିକ ପରିମାଣର ଔଷଧ ଓ ଚିକିତ୍ସା ଉପକରଣ ଉତ୍ପାଦନ ପ୍ରୋତ୍ସାହନ ଯୋଜନାରେ ୪ ହଜାର ୭୬୩ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଏହି କ୍ଷେତ୍ରରେ ୧୦୯୩.୬୯ କୋଟିର ନିବେଶ ଆସିଛି। ଏଥିସହ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ମଧ ଭାରତ ଦ୍ରୁତ ଅଭିବୃଦ୍ଧି ହାସଲ କରିଛି। ୨୦୨୫ରେ ବିଶ୍ୱର ତୃତୀୟ ସର୍ବବୃହତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରପ୍ତାନିକାରୀ ଦେଶ ହୋଇଥିବା ବେଳେ ୨୦୨୬ର ପ୍ରଥମାର୍ଦ୍ଧରେ ୨୨.୨ ବିଲିୟନ ଡଲାର ରପ୍ତାନି ସହ ଦ୍ୱିତୀୟ ସର୍ବବୃହତ ରପ୍ତାନିକାରୀର ମାନ୍ୟତା ପାଇଛି। ଘରୋଇ ଉତ୍ପାଦନ ୧୧.୩ ଲକ୍ଷ କୋଟି ଓ ରପ୍ତାନି ୩.୩ ଲକ୍ଷ କୋଟିକୁ ବୃଦ୍ଧି ପାଇଛି। ୨୦୨୫ରେ ଭାରତର ମୋବାଇଲ୍ ୫.୪୫ ଲକ୍ଷ କୋଟିରେ ପହଞ୍ଚିବା ସହ ଏହା ଏବେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ମୋବାଇଲ ଫୋନ୍ ଉତ୍ପାଦନକାରୀ ଦେଶ ପାଲଟିଛି। ଭାରତରେ ଏବେ ୩୦୦ରୁ ଅଧିକ ମୋବାଇଲ୍ ନିର୍ମାଣ ୟୁନିଟ୍ କାର୍ଯ୍ୟ କରୁଛି। ଇଲେକ୍ଟ୍ରୋନିକ୍ସ କ୍ଷେତ୍ରରେ ପିଏଲଆଇ ଯୋଜନା ଫଳରେ ୯.୩୪ ଲକ୍ଷ କୋଟି ଟଙ୍କାର ଉତ୍ପାଦନ, ୫.୧୨ ଲକ୍ଷ କୋଟି ଟଙ୍କାର ରପ୍ତାନି ଓ ୧୩୭୫୯ କୋଟିର ନିବେଶ ଆସିପାରିଛି। ଆଇଟି ହାର୍ଡୱେର କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ପିଏଲଆଇ ଯୋଜନା ଦ୍ୱାରା ୮୯୨.୪୭ କୋଟି ଟଙ୍କାର ନିବେଶ ଓ ୧୪୪୬୨.୭ କୋଟି ଟଙ୍କାର ଉତ୍ପାଦନ ହୋଇଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ୫୮ଟି ପ୍ରକଳ୍ପକୁ ପିଏଲଆଇ ଯୋଜନାରେ ସାମିଲ କରାଯାଇଛି। ଏହି କ୍ଷେତ୍ରରେ ୨୨,୦୮୧ କୋଟି ଟଙ୍କାର ନିବେଶ ଆସିଛି।

### ଏନ୍‌ଏସ୍‌ଡିପିରେ...

ରାଜ୍ୟର ମୁଣ୍ଡପିଛା ଘରୋଇ ଉତ୍ପାଦରେ ୧୨.୩୩ ପ୍ରତିଶତ ବୃଦ୍ଧି ହୋଇ ୧ ଲକ୍ଷ ୬୮ ହଜାର ୯୬୬ ଟଙ୍କାରେ ପହଞ୍ଚିଛି। ସେହିଭଳି ରାଜ୍ୟ ଅର୍ଥନୀତି ମଧ ୧୨.୪୪ରୁ ୧୩.୦୪ ପ୍ରତିଶତକୁ ବଢ଼ିଛି ବୋଲି ସୋସିଆଲ ମିଡିଆ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୂଚନା ଦେଇଛନ୍ତି। ସେହିଭଳି ସୂର୍ଯ୍ୟମୁଖୀ ଫୁଲ ଉତ୍ପାଦନରେ ମଧ ଓଡ଼ିଶା ଦେଶର ଶ୍ରେଷ୍ଠ ୩ ରାଜ୍ୟ ମଧ୍ୟରେ ରହିଛି। ଓଡ଼ିଶାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୦.୦୩ ନିୟୁତ ଟନ୍ ସୂର୍ଯ୍ୟମୁଖୀ ଉତ୍ପାଦନ ହୋଇଛି, ଯାହା ଦେଶର ମୋଟ ଉତ୍ପାଦନର ୧୧.୬ ପ୍ରତିଶତ।

### ନିରନ୍ତର...

ସଂଖ୍ୟାରେ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟିକାରୀ ଏମଏସଏମଇ, କୃଷି ଓ ଆନୁଷଙ୍ଗିକ ଶିଳ୍ପ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ଉପରେ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ବିଜେପି ସରକାର କ୍ଷମତାକୁ ଆସିବା ପରେ ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ରୂପାନ୍ତରଣ ଆଇନ ଲାଗୁ କରିଛନ୍ତି। ଏହାଦ୍ୱାରା ରାଜ୍ୟ ଏବେ ନିବେଶକଙ୍କ ପାଇଁ ପ୍ରମୁଖ ଆକର୍ଷଣ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ଆନ୍ଧ୍ରପ୍ରଦେଶ ପରେ ଓଡ଼ିଶା ନିବେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ବୋଲି ସୂଚନା ଦେଇଛନ୍ତି। ଏଥିସହ ଗତବର୍ଷ ଡିସେମ୍ବର ସୁଦ୍ଧା ରାଜ୍ୟକୁ ୨.୫ ଲକ୍ଷ କୋଟି ଟଙ୍କାର ନିବେଶ ଆସିଥିବା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

ସେହିପରି ଓଡ଼ିଶଶ ସରକାରଙ୍କ ରୂପାନ୍ତରଣ ଓ ବିକାଶ ଧାରାକୁ ବିଶ୍ୱ ବ୍ୟାଙ୍କ ସଭାପତି ପ୍ରଶଂସା କରିଛନ୍ତି। ଯୁବକଙ୍କ ପାଇଁ ଦକ୍ଷତା ବିକାଶ ଅଭିଯାନ ପାଇଁ ମଧ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟକୁ ବୈଷୟିକ ସହାୟତା ସାଙ୍ଗକୁ ବିଭିନ୍ନ ନୀତି ନିର୍ଦ୍ଧାରଣ ଓ ଆର୍ଥିକ ପରିଚାଳନାରେ ସହାୟତା ଯୋଗାଇଦେବାକୁ ବିଶ୍ୱ ବ୍ୟାଙ୍କ ସଭାପତି ଆଶ୍ୱାସନା ଦେଇଛନ୍ତି। ଏଥିସହ ଓଡ଼ିଶାରେ ସେଣ୍ଟ୍ରାଲ ଟୁଲ ରୁମ ଭଳି କେନ୍ଦ୍ରୀୟ ଅନୁଷ୍ଠାନ ପ୍ରତିଷ୍ଠାରେ ମଧ ବିଶ୍ୱ ବ୍ୟାଙ୍କ ସହୟତା କରିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅଧିକ ସରକାରୀ-ଘରୋଇ ଉଦ୍ୟୋଗୀକରଣ ଜରିଆରେ ଦକ୍ଷତା ବିକାଶ ଉପରେ ମଧ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶ୍ୱ ଓ ଆଞ୍ଚଳିକ ସ୍ତରରେ ଦେଖାଦେଇଥିବା ଅର୍ଥନୈତିକ ଚ୍ୟାଲେଞ୍ଜ ନେଇ ଉଭୟ ପକ୍ଷ ଆଲୋଚନା କରିଛନ୍ତି। ଭିତ୍ତିଭୂମି ବିକାଶ, ବ୍ୟାପକ ସହରୀକରଣ ଓ ଦୀର୍ଘସ୍ଥାୟୀ ଆର୍ଥିକ ପରିଚାଳନା ଜରିଆରେ ଏହାର ସମାଧାନ କରାଯାଇପାରିବ ବୋଲି ଏହି ଅବସରରେ ମତପ୍ରକାଶ ପାଇଛି। ବିଶ୍ୱ ବ୍ୟାଙ୍କର ଆଭିମୁଖ୍ୟ ଆଧାରରେ କିଭଳି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ବିକାଶ ଲକ୍ଷ୍ୟ ହସଲ ହୋଇପାରିବ ସେନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ନେଇ ରାଜ୍ୟ ସରକାରଙ୍କ ଭିଜନ ଡକ୍ୟୁମେଣ୍ଟକୁ ମୁଖ୍ୟମନ୍ତ୍ରୀ ବିଶ୍ୱ ବ୍ୟାଙ୍କ ସଭାପତିଙ୍କୁ ପ୍ରଦାନ କରିଥିଲେ।

### ପଞ୍ଚାୟତ...

ସେହିପରି ଗରିବମାନଙ୍କ କଲ୍ୟାଣ ଓ ଉତ୍‌ଥାନ ପାଇଁ ଭିବି ଜି ରାମ୍ ଜି ଯୋଜନାର ତୃଣମୂଳ ସ୍ତରରେ ସଫଳ ରୂପାୟନ ଓ କାର୍ଯ୍ୟାନ୍ୱୟନ କରାଯିବା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା। ତେବେ ଧାନ ଉଠାଣ ସମସ୍ୟାଠାରୁ ଆରମ୍ଭ କରି ବାଲି ଚୋରି, ଗ୍ରାମୀଣ ଗୃହ ନିର୍ମାଣ, ଆଇନଶୃଙ୍ଖଳାକୁ ନେଇ ବିରୋଧୀ ରାଜ୍ୟ ସରକାରଙ୍କ ବିରୋଧରେ ରୀତିମତ ଅଭିଯାନ ଜାରି ରଖିଛନ୍ତି। ତୃଣମୂଳ ସ୍ତରରୁ ଏହାର ଜବାବ ଦେବାକୁ ଦଳୀୟ କର୍ମକର୍ତ୍ତାଙ୍କୁ ବି ଆହ୍ୱାନ ଦିଆଯାଇଛି। ମାତ୍ର ୧୮ ମାସର ସରକାରରେ ଅନେକ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇଛି। କିନ୍ତୁ ସେସବୁ ଯୋଜନା ବାବଦରେ ସାଧାରଣ ଗ୍ରାମୀଣ ଲୋକେ ସଚେତନ ହୋଇପାରୁନାହାଁନ୍ତି। ଦଳର ସର୍ବ କର୍ମକର୍ତ୍ତା ଏନେଇ ଲୋକଙ୍କୁ ଅବଗତ କରିବା ସହ ସରକାରଙ୍କ ସପକ୍ଷରେ ଜନମତ ସୃଷ୍ଟି କରିବାର ଉତ୍ତରଦାୟିତ୍ୱ ନେବାକୁ ଅପିଲ କରାଯାଇଛି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ସମସ୍ତ ଜିଲ୍ଲା ପରିଷଦ ଓ ବ୍ଲକ ଦଖଲ କରିବାକୁ ବିଜେପି ରଣନୀତି ପ୍ରସ୍ତୁତ କରିଛି। ବିଜେଡି ଓ କଂଗ୍ରେସ ଶକ୍ତିଶାଳୀ ବିରୋଧୀ ଦଳ ଭୂମିକାରେ ଥିଲେ ବି ଆଭ୍ୟନ୍ତରୀଣ କନ୍ଦଳ ଉଭୟ ଦଳ ପାଇଁ ବୁମେରାଂ ହୋଇଛି। ଏହାର ଫାଇଦା ନେବାକୁ ବିଜେପିର ସବୁ ସ୍ତରର କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି ରାଜ୍ୟ ନେତୃତ୍ୱ। ସେହିଭଳି ନିଗମ ଓ ବୋର୍ଡ ପୁର୍ନଗଠନ ସାଙ୍ଗକୁ ସମବାୟ ସଂସ୍ଥାଗୁଡିକୁ କିଭଳି ଦଖଲ କରାଯାଇପାରିବ, ସେନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି ଦଳ। ସମବାୟ ସଂସ୍ଥାଗୁଡ଼ିକୁ ଦଳ କିଭଳି ନିଜ ଦଖଲକୁ ନେବ ସେନେଇ ମଧ ଆଜିର ବୈଠକରେ ଆଲୋଚନା ହୋଇଛି।

### ଭାରତ...

ପାଇଁ ମୁକ୍ତ ବାଣିଜ୍ୟର ପ୍ରତିନିଧିତ୍ୱ କରିବ। ଭାରତୀୟ ଉତ୍ପାଦକମାନେ ସେମାନଙ୍କର କ୍ଷମତା ବୃଦ୍ଧି କରିବା ପାଇଁ ଏହି ସୁଯୋଗର ସଦୁପଯୋଗ କରିବାର ଆବଶ୍ୟକତା ରହିଛି। ଏହି ଚୁକ୍ତିନାମା ପୂର୍ବର ସବୁ ବୁଝାମଣାର ଜନନୀ ହୋଇଥିବା ବେଳେ ଏହାଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏକ ବିଶାଳ ବଜାର ଉନ୍ମୁକ୍ତ ହୋଇଛି। ଏବେ ଭାରତୀୟ ସାମଗ୍ରୀଗୁଡ଼ିକ ଅଳ୍ପ ଖର୍ଚ୍ଚରେ ୟୁରୋପୀୟ ସଂଘର ସଦସ୍ୟ ରାଷ୍ଟ୍ରରେ ପହଞ୍ଚିପାରିବ। ସର୍ବୋତ୍ତମ ଗୁଣବତ୍ତା ଉତ୍ପାଦ ସହ ଏହି ମୁକ୍ତ ବଜାରରେ ପ୍ରବେଶ କରିବା ଦ୍ୱାରା ୨୭ଟି ୟୁରୋପୀୟ ସଂଘ ଦେଶର କ୍ରେତାମାନେ କେବଳ ଲାଭ ପାଇବେ ନାହିଁ, ବରଂ ଭାରତ ସେମାନଙ୍କର ବିଶ୍ୱାସ ମଧ ଜିତିପାରିବ। ଦେଶର ବ୍ରାଣ୍ଡ୍ ସହ କମ୍ପାନୀଗୁଡ଼ିକର ବ୍ରାଣ୍ଡ୍ ମିଶିଗଲେ ଏକ ନୂତନ ପ୍ରତିଷ୍ଠା ମିଳିପାରିବ। ୨୭ଟି ଦେଶ ସହ ହୋଇଥିବା ଏହି ଚୁକ୍ତିନାମା ଭାରତର ମତ୍ସ୍ୟଜୀବୀ, ଚାଷୀ, ଯୁବକ ଓ ସେବା କ୍ଷେତ୍ରରେ ସାମିଲ ଥିବା ଲୋକଙ୍କ ପାଇଁ ଅପାର ସୁଯୋଗ ଆଣିଦେବ। ଏହା ଏକ ଆତ୍ମବିଶ୍ୱାସୀ, ପ୍ରତିଯୋଗିତାମୂଳକ ଓ ଉତ୍ପାଦନକ୍ଷମ ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଚଳିତ ବର୍ଷର ବଜେଟ୍ ଏବେ ସମସ୍ତଙ୍କ ଆକାଂକ୍ଷାର କେନ୍ଦ୍ରବିନ୍ଦୁ ହୋଇଥିବା ବେଳେ ଏହା ପଛରେ ସରକାରଙ୍କ ପରିଚୟ ସଂସ୍କାର, ପ୍ରଦର୍ଶନ ଓ ରୂପାନ୍ତରଣ ରହିଛି। ଦେଶ ଏବେ ସଂସ୍କାର ଦିଗରେ ଆଗକୁ ବଢୁଥିବାରୁ ଏହି ଯାତ୍ରାକୁ ତ୍ୱରାନ୍ୱିତ କରିବା ସକାଶେ ଦେଶର ସାଂସଦମାନେ ସକାରାତ୍ମକ ଉର୍ଜ୍ଜାର ସଂଚାର କରିଛନ୍ତି। ଦେଶ ଏବେ ଦୀର୍ଘମିଆଦୀ ସମସ୍ୟାରୁ ଦୀର୍ଘମିଆଦୀ ସମାଧାନ ଆଡ଼କୁ ଗତି କରୁଛି, ଯାହାକି ସମ୍ଭାବ୍ୟ ଓ ବୈଶ୍ୱିକ ଭରସା ସୃଷ୍ଟି କରିପାରିଛି। ଜାତୀୟ ପ୍ରଗତି ପାଇଁ ନିଆଯାଇଥିବା ପ୍ରତ୍ୟେକ ନିଷ୍ପତ୍ତି ମାନବ-କୈନ୍ଦ୍ରିକ ହେବ। ଭାରତ ପ୍ରଯୁକ୍ତିବିଦ୍ୟା ସହ ପ୍ରତିଯୋଗିତା କରିବ। ସରକାର କଦାପି ମାନବ-କୈନ୍ଦ୍ରିକ ବ୍ୟବସ୍ଥା ସହ କେବେ ବି ସାଲିସ କରିବ ନାହିଁ ଏବଂ ସମ୍ବେଦନଶୀଳତା ସହ ପ୍ରଯୁକ୍ତିବିଦ୍ୟାର ସନ୍ତୁଳନ ଏ ବାବଦ ଦୃଷ୍ଟିକୋଣ ସହ ଆଗକୁ ବଢ଼ିବ। ସମାଲୋଚକମାନେ ମଧ ସ୍ୱୀକାର କରିଛନ୍ତି ଯେ ସରକାର ଶେଷ ଧାଡ଼ିର ଲୋକ ପାଖରେ ପହଞ୍ଚିବା ଉପରେ ଗୁରୁତ୍ୱ ଦେଉଛନ୍ତି। କେନ୍ଦ୍ର ସରକାର ଯୋଜନାଗୁଡ଼ିକୁ ଫାଇଲରେ ସୀମିତ ନ ରହି ଲୋକଙ୍କ ପାଖରେ ପହଞ୍ଚାଇବାକୁ ସଦା ତତ୍ପରତା ପ୍ରକାଶ କରିଆସିଛନ୍ତି। ଏହି ପରମ୍ପରା ପରବର୍ତ୍ତୀ ପିଢ଼ିର ସଂସ୍କାର କ୍ଷେତ୍ରରେ ବି ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ସଂସଦର ସମସ୍ତ ସଦସ୍ୟମାନଙ୍କୁ ଦେଶକୁ ପ୍ରଗତି ପଥରେ ଆଗେଇନେବାରେ କେନ୍ଦ୍ର ସରକାର ସୃଷ୍ଟି କରିଥିବା ମାହୋଲ୍‌ରେ ବିରୋଧୀମାନେ କୌଣସି ପ୍ରକାର ବାଧା ସୃଷ୍ଟି ନ କରି ଏହାକୁ ସମାଧାନ ଓ ସଂକଳ୍ପର ସମୟ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ସାଂସଦମାନେ ସମାଧାନର ଯୁଗକୁ ତ୍ୱରାନ୍ୱିତ କରିବା, ନିଷ୍ପତ୍ତିକୁ ସଶକ୍ତ କରିବା ଓ ଶେଷ ମାଇଲ ପର୍ଯ୍ୟନ୍ତ ସଫଳ ବିତରଣ ସୁନିଶ୍ଚିତ କରିବାରେ ସହଯୋଗ ସକାଶେ ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଛନ୍ତି।

### ୫ ପଞ୍ଜିକାକୁ...

ତ୍ରୁଟିଶୂନ୍ୟ ହୋଇପାରିଛି। ବିଶେଷ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନୀତିକାନ୍ତି ଓ ପର୍ବପର୍ବାଣିକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ କରାଯାଇଛି। ତେବେ ରାଜ୍ୟରେ ପ୍ରକାଶ ପାଉଥିବା ସମସ୍ତ ପାଞ୍ଜି କିଭଳି ନିର୍ଭୁଲ ହେବ, ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ପାଞ୍ଜି ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ୨୦୨୫ରେ ପୟାଶ୍ରାଦ୍ଧ, ସରସ୍ୱତୀ ପୂଜା, କାଳୀପୂଜା, ଶିବରାତ୍ରି, ଜନ୍ମାଷ୍ଟମୀ ଇତ୍ୟାଦି ବିଭିନ୍ନ ପର୍ବପର୍ବାଣିକୁ ନେଇ ଲୋକମାନେ ଦ୍ୱନ୍ଦ୍ୱରେ ରହିଥିଲେ। ଅନେକ ପାଞ୍ଜି ବ୍ୟାବସାୟିକ ମନୋବୃତ୍ତି ରଖି ଆଗୁଆ ଛାପୁଥିବା ଅଭିଯୋଗ ହୋଇଛି। ଏହି ବୈଠକରେ ଛତିଶା ନିଯୋଗ ମହାନାୟକ ଶ୍ରୀ ପାଟଯୋଶୀ ମହାପାତ୍ରଙ୍କ ସହ ସେବାୟତ ଓ ପଞ୍ଜିକାରମାନେ ଉପସ୍ଥିତ ଥିଲେ।

### ଏକାକୀ...

ଲୋକସଭା ନିର୍ବାଚନ ଅନୁଷ୍ଠିତ ହୁଏ, ତା'ହେଲେ ଏନଡିଏ ୩୫୨ଟି ଆସନ ପାଇବ। ୨୦୨୪ ସାଧାରଣ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା '୪୦୦ରୁ ଅଧିକ' ନାରାଠାରୁ ଏହା ଦୂରରେ ରହିଥିଲେ ହେଁ ଏହି ସଂଖ୍ୟା ଦର୍ଶାଉଛି ଯେ ଏବେ ବି ବିଜେପି ନେତୃତ୍ୱାଧୀନ ଏନଡିଏ ଉପରେ ଲୋକଙ୍କ ବିଶ୍ୱାସ ବଜାୟ ରହିଛି। ଯଦି ଦଳ ଅନୁସାରେ ଦେଖିବା, ତା' ହେଲେ ଏହି ରିପୋର୍ଟ ବିଜେପିକୁ ଅଧିକ ଉତ୍ସାହିତ କରିବ। କାରଣ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ଯଦି ଆଜି ଲୋକସଭା ନିର୍ବାଚନ ଅନୁଷ୍ଠିତ ହୁଏ, ତା'ହେଲେ ବିଜେପି ୨୮୭ଟି ଆସନ ପାଇ ଏକାକୀ ସରକାର ଗଠନ କରିପାରିବ। ଗତ ୨୦୨୪ ନିର୍ବାଚନରେ ଦଳ ୨୪୦ଟି ଆସନ ପାଇ ସେତେବେଳେ ୨୭୨ର ମ୍ୟାଜିକ ନମ୍ବରଠାରୁ ଦଳ ବହୁ ପଛରେ ରହିଯାଇଥିଲା। ଚଳିତ ବର୍ଷ ପଶ୍ଚିମବଙ୍ଗ, ତାମିଲନାଡ୍ରୁ, କେରଳ, ଆସାମ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏହି ରିପୋର୍ଟ ବିଜେପିକୁ ଉତ୍ସାହିତ କରିବ ବୋଲି କୁହାଯାଉଛି। ଏହି ରାଜ୍ୟଗୁଡ଼ିକ ମଧ୍ୟରୁ ପଶ୍ଚିମବଙ୍ଗ, ତାମିଲନାଡ୍ରୁ ଓ କେରଳରେ ବିଜେପି କେବେ ବି ସରକାର ଗଠନ କରିନାହିଁ। ଅନ୍ୟପକ୍ଷରେ ଏହି ସର୍ଭେ ରିପୋର୍ଟ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ବ୍ଲକ୍‌କୁ ଝଟକା ଦେଇଛି। ୨୦୨୪ରେ ୨୩୪ଟି ଆସନ ଜିତିଥିବା ଇଣ୍ଡିଆ ବ୍ଲକ ଆଜି ଲୋକସଭା ନିର୍ବାଚନ ହେଲେ ୧୮୨ଟି ଆସନ ଜିତିବ ବୋଲି ଉକ୍ତ ସର୍ଭେରେ କୁହାଯାଇଛି। ସେହିପରି ୨୦୨୪ରେ କଂଗ୍ରେସ ୯୯ଟି ଆସନ ଜିତିଥିବା ବେଳେ ଆଜି ନିର୍ବାଚନ ହେଲେ ୮୦ଟି ଆସନ ଜିତିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।



● ୧ ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲା

## କୋଲକାତାରେ ସିବିଆଇ ଚଢ଼ାଉ

**କୋଲକାତା,୨୯।୧(ସଂଚାର ବ୍ୟୁରୋ):** ଭୋରରୁ କୋଲକାତାରେ ସିବିଆଇର ଚଢ଼ାଉ। ପ୍ରାୟ ୧ ହଜାର କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ସହରର ବିଭିନ୍ନ ସ୍ଥାନରେ ତଲାସୀ ଚାଲିଛି। ଏକ ଘରୋଇ କମ୍ପାନୀର ମୁଖ୍ୟ ସୁନୀଲ କାନୋରିଆଙ୍କ କାର୍ଯ୍ୟାଳୟରେ ସିବିଆଇ ଅଧିକାରୀମାନେ ପହଞ୍ଚିଥିଲେ। ଏହା ସହିତ, ଆଲିପୁରରେ ଥିବା କାନୋରିଆ ପରିବାରର ଘରେ ମଧ ତଲାସୀ କରାଯାଇଥିଲା। ସିବିଆଇ ସୂତ୍ର ଅନୁଯାୟୀ, ଏହି ଅଭିଯାନ ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଦ୍ୱାରା କରାଯାଇଥିବା ପ୍ରାୟ ୧ ହଜାର କୋଟି ଟଙ୍କାର ଠକେଇ ମାମଲାର ତଦନ୍ତ।

# ସୋଆ ଓ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମଧ୍ୟରେ ମିଳିତ ଗବେଷଣା ନିମନ୍ତେ ବୁଝାମଣା ସ୍ୱାକ୍ଷରିତ




**ଭୁବନେଶ୍ୱର, ୨୯।୧ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ମଧ୍ୟରେ କୃଷି ବିଜ୍ଞାନ କ୍ଷେତ୍ରରେ ଶୈକ୍ଷିକ, ଗବେଷଣାତ୍ମକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସହଭାଗିତାକୁ ନେଇ ଏଠାରେ ବୁଧବାର ଏକ ବୁଝାମଣା ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣା ଅନୁଯାୟୀ ସୋଆ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୃଷି ଏବଂ ତତ୍‌ସଂଲଗ୍ନ ବିଭିନ୍ନ କ୍ଷେତ୍ରରେ ଗବେଷଣା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ନେଇ ମିଳିତ ଭାବେ କାର୍ଯ୍ୟ କରିବେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡାଙ୍କ ମଧ୍ୟରେ ଏହି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା।

ବୁଝାମଣା ଅନୁଯାୟୀ ଉଭୟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଫ୍ୟାକଲ୍ଟି ଏବଂ ବୈଜ୍ଞାନିକଙ୍କ ମଧ୍ୟରେ ମେଥୋଡଲଜି, ଟେକ୍ନୋଲଜି, ବିଜ୍ଞାନ ଏବଂ ସୂଚନାର ଆଦାନ ପ୍ରଦାନ ହେବ। ଏଥି ସହିତ ଦୁଇଟି ଅନୁଷ୍ଠାନ ମଧ୍ୟରେ ଲାବୋରେଟୋରୀ ସୁବିଧା ମଧ ବ୍ୟବହାର କରାଯିବାର ନିଷ୍ପତ୍ତି ନିଆଯାଇଛି।

# କାମରେ ଆସୁନି କୋଟି କୋଟି ଟଙ୍କାର କେନାଲ

- ପ୍ରତିବର୍ଷ ମରାମତି ନାଁରେ ପେଟି କଣ୍ଟ୍ରାକ୍ଟର ଓ ଅସାଧୁ କର୍ମଚାରୀଙ୍କ ପକେଟ ଗରମ
- ପୁଣି କେନାଲ ନିର୍ମାଣ ପାଇଁ ଚାଲିଛି ମସୁଧା
- ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ



**କାକଟପୁର/ଅସ୍ତରଙ୍ଗ, ୨୯।୧ (ସଂଚାର ବ୍ୟୁରୋ):** ଚାଷୀ ଓ ଚାଷର ଉନ୍ନତି ନିମନ୍ତେ ବିଭିନ୍ନ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲୀ ଓ ଅର୍ଥଖୋର ମନୋଭାବ ଯୋଗୁଁ ଯୋଜନାର ସୁଫଳ ମିଳିପାରୁନାହିଁ। ସରକାରୀ ଅର୍ଥ ବାଟମାରଣା ହେଉଥିବା ବେଳେ ଚାଷୀ ଏହାଦ୍ୱାରା ଲାଭବାନ ହୋଇପାରୁ ନାହାନ୍ତି। ବିଶେଷ କରି ପୁରୀ ଜିଲ୍ଲା ନିମାପଡା ଜଳ ସେଚନ ଖଣ୍ଡ ଅଧୀନ ଅସ୍ତରଙ୍ଗ ବ୍ଲକ ଅଂଚଳରେ ଦୁର୍ନୀତି ଚରମ ସୀମାରେ ପହଁଚିଛି।

ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ କାଢା କେନାଲ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇ ଆସୁଥିବା ଅଭିଯୋଗ ହୋଇଆସୁଛି। ମାତ୍ର ପ୍ରତିବର୍ଷ ପେଟି କଣ୍ଟ୍ରାକ୍ଟର କାମ କରୁଛନ୍ତି କିନ୍ତୁ ଉପଯୁକ୍ତ ତଦନ୍ତ ହେଉନି। ବିଗତ ବର୍ଷ ଗୁଡିକରେ ନିର୍ମାଣ ହୋଇଥିବା ଓ ମରାମତି ହୋଇଥିବା କେନାଲ ଚାଷୀଙ୍କ କାମରେ ଆସୁପାରୁନି। ଅନ୍ୟ ପଟେ କାଢା କେନାଲ ମରାମତି ନାଁରେ ଅର୍ଥ ହଡପ କରିବାକୁ ମସୁଧା ଚାଲିଛି।

ସୂଚନା ଅନୁଯାୟୀ, ନିମାପଡା ଜଳସେଚନ ଖଣ୍ଡ ଅଧୀନ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ଅଂଚଳରେ ଚାଷୀଙ୍କୁ ନେଇ କମିଟି କରାଯାଇ ବିଭାଗ ଦ୍ୱାରା ପୂର୍ବରୁ କୋଟି କୋଟି ଟଙ୍କାର କାଢା କେନାଲ ନିର୍ମାଣ କରାଯାଇଛି। ଯାହାକି ବିନା ଟେଣ୍ଡରରେ କାର୍ଯ୍ୟ ହୋଇଛି। କାଢା କେନାଲ ନିର୍ମାଣ ସମୟରେ ବିଭାଗୀୟ ଅଧିକାରି ତଥା ଯନ୍ତ୍ରୀଙ୍କ ଅନୁପସ୍ଥିତରେ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ବ୍ଲକ ସରିପୁର, ମାଣ୍ଡୁକି ଦେଇ ବିଭିନ୍ନ ଗାଁକୁ କେନାଲ ନିର୍ମାଣ ହୋଇଥିବା ବେଳେ ତାହା ଏବେ କେଁଉ ପରିସ୍ଥିତିରେ ରହିଛି ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବନି। ବାଲି, ସିମେଣ୍ଟ, ଗୋଡିର ଆଦି ମିଶ୍ରଣର ଭାଗ ମାପ ଠିକ ରହୁନଥିବା ବେଳେ ନିମ୍ନମାନର ଛଡ଼ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଥିଲା। ଯାହା ଫଳରେ କେନାଲ ଭାଙ୍ଗି ରୁଜି ଗଲାଣି। କେନାଲ ନିର୍ମାଣ ହୋଇଥିବା ବେଳେ ସେଥିରେ ପାଣି ମାଡିପାରୁନି। ଏତେ ଟଙ୍କା ଖର୍ଚ୍ଚ ହୋଇଥିଲେ ସୁଦ୍ଧା ତାହା ଚାଷୀଙ୍କ କାମରେ ଆସିପାରୁନି। ଠିକାଦାର ଓ ଅଧିକାରୀ ମିଳିମିଶି ସରକାରୀ ଅର୍ଥ ବାଟ ମାରଣା କରିଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି।

ଅନ୍ୟ ପଟେ ଚଳିତ ବର୍ଷ ପୁଣି କାଢା କେନାଲ ନିର୍ମାଣ ନାଁରେ ଅର୍ଥ ହଡପ କରିବାକୁ ମସୁଧା ଚାଲିଥିବା ଜଣାଯାଇଛି। ଏହାର ଭିଜିଲାନ୍ସ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ମାନେ ଦାବୀ କରିଛନ୍ତି।

## ଡକାୟତ ଉଦ୍ୟମ ପଣ୍ଡ, ଛଅ ଗିରଫ



**ବୋରିଗୁମ୍ମା, ୨୯।୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ପୁଲିସକୁ ମିଳିଛି ଏକ ବଡ଼ ସଫଳତା। ଏକ ବଡ଼ ଧରଣର ଡ଼କାୟତ ଯୋଜନାକୁ ପଣ୍ଡ କରିଛି ବୋରିଗୁମ୍ମା ପୁଲିସ। ଛଅରୁ ଉର୍ଦ୍ଧ୍ୱ ଯୁବକ ଡ଼କାୟତ ଯୋଜନା କରିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଛଅ ଜଣଙ୍କୁ ଗିରଫ କରିବାରେ ସଫଳ ହେବା ସହ ବହୁ ମାରଣାସ୍ତ୍ରକୁ ଜବତ କରାଯାଇଛି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ସୂଚନା ଦେଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ପୁରୁଣା ବୋରିଗୁମ୍ମା ର ଲାଇବାନ ହରିଜନ((୪୨), ବାସୁ ହରିଜନ(୧୯), ହାଟପଦାର ଗଗନ ପ୍ରଧାନ(୨୨), ସାନ୍ତୁନୁ ମହାନ୍ତି(୨୦), କେଲାଗୁଡାର ପୁର୍ଣ୍ଣ ହରିଜନ(୨୭) ଓ ହରିହର ହରିଜନ(୩୫)। ଗିରଫ ଯୁବକ ମାନଙ୍କ ପାଖରୁ କାତି, ଲୁହା ରଡ଼, ଛୁରୀ, ଲାଠି ଜବତ କରାଯାଇଛି। ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ କେସ ରହିଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।

## ଗାଡି ଧକ୍କାରେ ଯୁବକ ମୃତ୍ୟୁ ଘଟଣାରେ ଜଣେ ଗିରଫ, କୋର୍ଟ ଚାଲାଣ

**ହିଞ୍ଜିଳିକାଟୁ, ୨୯।୧ (ସଂଚାର ବ୍ୟୁରୋ):** ହିଞ୍ଜିଳି ନିକଟବର୍ତ୍ତୀ ସୋମପୁର ଛକ ନିକଟରେ ମଙ୍ଗଳବାର ଟାଟା ଏସି ଗାଡି ଧକ୍କାରେ ତ୍ରିଲୋଚନ ପାତ୍ର (୬୨)ଙ୍କ ମୃତ୍ୟୁ ଘଟିଥିଲା। ପରେ ପରିବାର ପକ୍ଷରୁ ଥାନାରେ ଏତଲା ପରେ ପୋଲିସ କେସ ନଂ ୬୫/୨୬ରେ ମାମଲା ରୁଜୁ କରି ହିଞ୍ଜିଳି ବ୍ଲକ ସାପୁଆପଲ୍ଲୀ ଗ୍ରାମର ସୋନୁ ଗୌଡ଼ (୨୩)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

## ମହିଳାଙ୍କ ହଜିଥିବା ସୁନାହାର ଫେରାଇଲା ପୁଲିସ



**ଫୁଲବାଣୀ, ୨୯।୧ (ସଂଚାର ବ୍ୟୁରୋ):** ଜଣେ ମହିଳା ବ୍ୟାଙ୍କ ଆସି ନିଜ ସୁନା ହାର ହଜାଇବା ପରେ ପୁଲିସ ସହାୟତାରେ ଫେରି ପାଇଛନ୍ତି। ମହିଳା ଜଣକ ପୁଲିସର ପଦକ୍ଷେପକୁ ପ୍ରସଂଶା କରିବା ସହ ହଜିଥିବା ଚେନ ପାଇ ଆଶ୍ୱସ୍ତ ହୋଇଛନ୍ତି ।

## ଚେକ୍ ବାଉନ୍ସ ମାମଲାରେ ମୁଦାଲାଙ୍କୁ ଏକବର୍ଷ କାରାଦଣ୍ଡ

**ନୀଳଗିରି, ୨୯।୧ (ସଂଚାର ବ୍ୟୁରୋ):** ଏକ ଚେକ ବାଉନସ ମାମଲାରେ ଦୋଷୀଙ୍କୁ ଏକବର୍ଷର ଜେଲଦଣ୍ଡ ଶୁଣାଇଛନ୍ତି ମାନ୍ୟବର ଏସଡିଜେଏମ ନୀଳଗିରି। ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା କେନ୍ଦୁଖୁଣ୍ଟା ଗ୍ରାମର ରମାକାନ୍ତ ବେହେରାଙ୍କ ପୁଅ ଅକ୍ଷୟ କୁମାର ବେହେରା ଗତ ୨୦୨୦ମସିହା ଜୁନ ୨ତାରିଖ ଉକ୍ତ ଥାନା ଅଧୀନସ୍ଥ ଗୋପୀନାଥପୁର ଗ୍ରାମର ସ୍ୱର୍ଗତ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ପୁଅ ନିଶାକର ପ୍ରଧାନଙ୍କ ଠାରୁ ୩ଲକ୍ଷ ୬୦ହଜାର ଟଙ୍କାର ବିଭିନ୍ନ ନିର୍ମାଣସାମଗ୍ରୀ ନେଇ ଏ ବାବଦରେ ଏକ ଚେକ୍ ପ୍ରଦାନ କରିଥିଲେ। ମାତ୍ର ଏହି ଚେକ୍ ବାଉନସ ହେବାରୁ ନିଶାକର ନୀଳଗିରିର ମାନ୍ୟବର ଏସଡିଜେଏମଙ୍କ କୋର୍ଟରେ ୭୨/୨୦ରେ ଏକ ମାମଲା ରୁଜୁ କରିଥିଲେ। ଏହି ଘଟଣାର ବିଚାରକରି ମାନ୍ୟବର ଜଜ୍ ୭/୧/୨୦୨୬ତାରିଖ ମୁଦାଲା ଅକ୍ଷୟ ବେହେରାଙ୍କୁ ଏକବର୍ଷ ଜେଲଦଣ୍ଡ ସହ ୬ମାସ ମଧ୍ୟରେ ୪ଲକ୍ଷ ଟଙ୍କା ଫେରାଇବାକୁ ରାୟ ପ୍ରକାଶ କରିଛନ୍ତି।

# କୁଲଡିହା ରେଞ୍ଜରଙ୍କ ଅତ୍ୟାଚାର ବିରୁଦ୍ଧରେ ଆନ୍ଦୋଳନ ଚେତାବନୀ



**ନୀଳଗିରି, ୨୯।୧ (ସଂଚାର ବ୍ୟୁରୋ):** କୁଲଡିହା ଅଭୟାରଣ୍ୟ ସୁରକ୍ଷା ନାମରେ ନିରୀହ ଅଧିବାସୀ ମାନଙ୍କ ଉପରେ କୁଲଡିହା ରେଞ୍ଜରଙ୍କ ବିନା କାରଣରେ ଅକଥନୀୟ ଅତ୍ୟାଚାର, ମୋକଦ୍ଦମା ରୁଜୁ ମାନବିକତାର ହତ୍ୟା କରିବା, ବିଦ୍ୟୁତ୍ ସକ୍ ଲଗାଇ ଭୟଭୀତ କରିବା ଫଳରେ ଆଦିବାସୀ ଲୋକଙ୍କ ଭିତରେ କୋକୁଆ ଭୟ ସୃଷ୍ଟି ହେବା ସହିତ କ୍ରୋଧ ଓ ବିଦ୍ରୋହର ବହ୍ନି ଲେଲିହାନ ଶିଖା ଭଳି ବ୍ୟାପିବାରେ ଲାଗିଥିବା ଦେଖାଯାଇଛି। ଯାହାକି ଆଗାମୀ ଦିନରେ ନୀଳଗିରିର ଆଦିବାସୀମାନେ ଏହାର ଦୃଢ଼ ଜବାବ ଦେବେ।

ଆଜି ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ପୂର୍ବାହ୍ନ ୧୧ଟା ସମୟ ରେ ଔପଦା ବ୍ଲକ କାଣ୍ଡ ଗରଡି ପଞ୍ଚାୟତର ଖୋଲିଆ ଠାରେ ଏକ ବଡ଼ ଧରଣର ସ୍ଥାନୀୟ ଆଦିବାସୀ ମାନଙ୍କର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ର ଉପସ୍ଥିତ ରହି ରେଞ୍ଜରଙ୍କ ମନମାନି କାର୍ଯ୍ୟକୁ ବିରୁଦ୍ଧ କରିବା ସହିତ ଏହା ବିରୁଦ୍ଧରେ ଦୃଢ଼ ପ୍ରତିବାଦ ପାଇଁ ସଜାଗ ରହିବାକୁ ବକ୍ତବ୍ୟ ପ୍ରଦାନ କରିଥିଲେ।

ଉକ୍ତ ସଭାରେ କାଣ୍ଡଗରଡିହି ପଞ୍ଚାୟତର ପୂର୍ବତନ ସରପଞ୍ଚ ଯୋଗାନନ୍ଦ ଦାଶ, ସତ୍ୟଜିତ ଦାସ, ଜ୍ୟୋତିର୍ମୟ ରାଉତ,ନିହାର ରଞ୍ଜନ ଜେନା ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କୁଲଡିହା ରେଞ୍ଜର ଯଦି ନିଜର ଆଭିମୁଖ୍ୟ ପରିବର୍ତ୍ତନ ନ କରନ୍ତି ତାହାହେଲେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆଗାମୀ ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରୁ କୁଲଡିହା ରେଞ୍ଜ ଅଫିସ ଆଗରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଉକ୍ତ ଆନ୍ଦୋଳନ ପ୍ରସ୍ତୁତି ପରିପେକ୍ଷିରେ ଆଦିବାସୀମାନେ ଗାଁକୁ ଗାଁ ବୁଲି ସଚେତନ କରୁଥିବା ଜଣେ ଅଧିବାସୀ ନେତା କହିଛନ୍ତି। ମହିମହିମ ରାଷ୍ଟ୍ରପତି ବାଲେଶ୍ୱର ଗସ୍ତ ଅବସରରେ ତାଙ୍କୁ ସାକ୍ଷାତ କରି ଦୁଃଖ ଜଣାଇବେ ବୋଲି ମଞ୍ଚ ପକ୍ଷରୁ ସୂଚନା ଦେଇଛନ୍ତି।

## ମଣ୍ଡେଇ ଉପଲକ୍ଷେ ସଫେଇ କାର୍ଯ୍ୟକ୍ରମ



**ବୋରିଗୁମ୍ମା, ୨୯।୧ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ଭୈରବ ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ର ଛାତ୍ରୀମାନଙ୍କୁ ନେଇ ସ୍ଥାନୀୟ ଭୈରବ ମନ୍ଦିର ପରିସରରେ ପବିତ୍ର ମାଘ ମଣ୍ଡେଇ ଉପଲକ୍ଷେ ସଫେଇ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା । ବୋରିଗୁମ୍ମାର ଭୈରବ ମନ୍ଦିର ଠାରେ ପ୍ରତି ବର୍ଷ ମଣ୍ଡେଇ ଯାତ୍ରା ଅନୁଷ୍ଠିତ ହୋଇଥାଏ। ସବୁ ବର୍ଷ ପରି ଏଇବର୍ଷ ମଧ ଜାନୁଆରୀ ୩୦ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ବାଲି ଯାତ୍ରା ଅନୁଷ୍ଠିତ ହେବ। ଏହି ପର୍ବରେ ସ୍ଥାନୀୟ ଲୋକଙ୍କ ସଂଗେ ଜିଲ୍ଲା ବାହାରୁ ମଧ ବହୁତ ଲୋକଙ୍କ ସମାଗମ ହୋଇଥାଏ । ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ମହାବିଦ୍ୟାଳୟର ଏନ.ଏସ.ଏସ ଓ ଯୁବ ରେଡ୍ କ୍ରସ୍‌ର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା।

## ବ୍ଲକ କଂଗ୍ରେସ ସଭାପତି ଓ ନଗର ସଭାପତି ଭାବେ ରମେଶ ଚନ୍ଦ୍ର ବେହେରା ଓ ପ୍ରମୋଦ କୁମାର ସ୍ୱାଇଁ ମନୋନୀତ




**ଧାମନଗର, ୨୯।୧ (ସଂଚାର ବ୍ୟୁରୋ):** ଓଡିଶାରେ କଂଗ୍ରେସ ଦଳ ତାର ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ସ୍ୱିକୃତିକ୍ରମେ ଜିଲ୍ଲା, ବ୍ଲକ ଓ ଏନଏସିରେ ଦଳର ସଂଗଠନକୁ ସୁଦୃଢ଼ କରିବା ପାଇଁ କିଛି ଯାଗାରେ ପୁରୁଣା ନେତୃତ୍ୱଙ୍କୁ ପୁର୍ନବାର ଦାୟିତ୍ୱ ମିଳିଥିବା ବେଳେ କିଛି ଯାଗାରେ ନୂଆ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ଧାମନଗର ବ୍ଲକ କଂଗ୍ରେସର ସଭାପତି ଭାବରେ ଦାୟିତ୍ୱରେ ଥିବା ରମେଶ ଚନ୍ଦ୍ର ବେହେରାଙ୍କୁ ପୁର୍ନ ନିଯୁକ୍ତି ମିଳିଥିବା ବେଳେ, ଧାମନଗର ଏନଏସିରେ ଏକ ନୂଆ ଚେହେରାକୁ ସ୍ୱିକୃତି ମିଳିଛି। ସେହି ବ୍ୟକ୍ତି ହେଉଛନ୍ତି ପ୍ରମୋଦ କୁମାର ସ୍ୱାଇଁ ଯେକି ବ୍ଲକ କଂଗ୍ରେସ ମିଡିଆ ସେଲର ଦିର୍ଘଦିନ ଧରି ଦାୟିତ୍ୱରେ ଥିଲେ। ଉଭୟଙ୍କୁ ଧାମନଗର ବ୍ଲକ ଓ ଏନଏସିର ସଭାପତି ଦାୟିତ୍ୱ ମିଳିଥିବାରୁ କୃତଜ୍ଞତା ଜଣାଇଛନ୍ତି

# ଶାଢ଼ି ଚିହ୍ନିବ ଆପ୍

**ନୂଆ ୱେବ ସାଇଟ ତିଆରି କରି ରାଜ୍ୟ ସରକାରଙ୍କଠାରୁ ୫ଲକ୍ଷ ଟଙ୍କାର ପୁରସ୍କାର ପାଇଲେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ଆଇଏସିଟି ବିଭାଗର ତୃତୀୟ ବର୍ଷ ଛାତ୍ର**



**କଟକ, ୨୯।୧ (ସଂଚାର ବ୍ୟୁରୋ):** ଅନଲାଇନରେ ଦାମିକା ଶାଢ଼ୀ କିଣି ଅନେକ ଲୋକ ନାନା ଅସୁବିଧାରେ ପଡ଼ିଥାନ୍ତି । ବିଶେଷକରି କେଉଁଠି କମ ମୂଲ୍ୟର ଶାଢ଼ୀ କିଣି ଅଧିକ ଟଙ୍କା ଦେବାକୁ ପଡିଥାଏ ତ ଆଉ କେତେବେଳେ ଶାଢ଼ୀର ମାନ କମିଥାଏ । ଏମିତିକି ଜଣେ ବ୍ୟକ୍ତି ଦୋକାନରୁ ଏହି ଶାଢ଼ୀ କିଣି ଠକାମୀର ଶିକାର ହୋଇଥାଏ । ମାତ୍ର ଏପରି ସମସ୍ୟାର ସମାଧାନ ପାଇଁ ଗୋଟିଏ ନୂଆ ବ୍ୟବସ୍ଥା କରି ଚର୍ଚ୍ଚାକୁ ଆସିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ଆଇଏସଟି ବିଭାଗର ତୃତୀୟ ବର୍ଷ ଛାତ୍ର ଦେବୀ ପ୍ରସାଦ ମିଶ୍ର। ଆଉ ଏଥିପାଇଁ ରାଜ୍ୟ ସରକାରଙ୍କ ପାଖରୁ ୫ ଲକ୍ଷ ଟଙ୍କାର ପୁରସ୍କାର ବି ପାଇଛନ୍ତି ଦେବୀ ।

ଦିନେ ଏକ ଅନଲାଇନ୍‌ରୁ ଦେବୀ ପ୍ରସାଦ ତାଙ୍କ ମା'ଙ୍କ ପାଇଁ ଶାଢ଼ୀ କିଣିଥିଲେ । ସେ ଯେଉଁ ଶାଢ଼ୀ କିଣିଥିଲେ, ତାହା ମୂଲ୍ୟ ଅନୁସାରେ ମାନ ସଠିକ ନଥିଲା । ଅର୍ଥାତ ପାଟ ଶାଢ଼ୀର ମୂଲ୍ୟ ଦେଇ ସେ ନକଲି ଶାଢ଼ୀଟିଏ କିଣିଥିଲେ । ଏଥିପାଇଁ ମାଙ୍କ ଗାଳି ମଧ ଶୁଣିବାକୁ ପଡିଥିଲା। ଏହିପରି ସମସ୍ୟାରେ ଅନ୍ୟ କେହି ଯେପରି ନପଡ଼ନ୍ତି, ତାହାକୁ ଚିନ୍ତାରେ ରଖି ସେ ଏହି ୱେବ ସାଇଟ ପ୍ରସ୍ତୁତ କରିଛନ୍ତି । ଏହି ସାଇଟର ନାମ ରଖିଛନ୍ତି 'Dharohar' । ଏହି ୱେବସାଇଟରେ ଜଣେ ବୁଣାକାର, ଶାଢ଼ୀ ପ୍ରସ୍ତୁତ କରିବା ପରେ ସିଧାସଳଖ ଭାବରେ କ୍ରେତାଙ୍କ ସହ ଯୋଡି ହୋଇପାରିବ। ଫଳରେ ଏହି ସାମଗ୍ରୀକୁ ବିକ୍ରି କରି କ୍ରେତାଙ୍କ ଠାରୁ ଉଚିତ ପାରିଶ୍ରମିକ ପାଇପାରିବ ଏବଂ ଲାଭ ଦାୟକ ହୋଇପାରିବ। ସେହିପରି ଏହି ୱେବସାଇଟରେ ପ୍ରତ୍ୟେକଟି ପ୍ରଡକ୍ଟରେ QR କୋର୍ଡ ଭଳି ବ୍ୟବସ୍ଥା ରହିବ । ଏହା ଦ୍ୱାରା ଜଣେ କ୍ରେତା ପ୍ରତ୍ୟେକଟି ପ୍ରଡକ୍ଟର ଉଚିତ ମାନ ଜାଣି ପାରିବ। ଏହାଦ୍ୱାରା ଠକାମୀର ଆଉ ଶିକାର ହେବେ ନାହିଁ।

ଏହି ପ୍ରୋଜେକ୍ଟ ପାଇଁ ତାଙ୍କୁ ରାଜ୍ୟ ସରକାର ଆୱାର୍ଡ ମଧ ଦେଇଛନ୍ତି । ଉଚ୍ଚ ଶିକ୍ଷା ବିଭାଗ ତାଙ୍କ ପ୍ରୋଜେକ୍ଟକୁ ପ୍ରଶଂସା କରିବା ସହ ୫ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ଏନେଇ ଦେବୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦେବୀ ମଧ ଅନ୍ୟ ଛାତ୍ର ଛାତ୍ରୀଙ୍କ ପାଇଁ ପ୍ରେରଣା ଦାୟକ ପାଲଟିଛନ୍ତି।

## ସାକ୍ଷୀଗୋପିନାଥଙ୍କ ଗଜ ଉଦ୍ଧାରଣ ବେଶ



**ସାକ୍ଷୀଗୋପାଳ, ୨୯।୧ (ସଂଚାର ବ୍ୟୁରୋ):** ମାଘମାସ ବଡ ଏକାଦଶୀ ତିଥିରେ ପ୍ରତିବର୍ଷ ପରି ସାକ୍ଷୀଗୋପାଳଙ୍କ ଗଜ ଉଦ୍ଧାରଣ ବଶେ ଅନୁଷ୍ଠିତ ହୋଇଛି। ଏହି ଦୁର୍ଲଭ ବେଶ ଦର୍ଶନ ଓ ପୁଜାର୍ଚ୍ଚନା ପାଇଁ ଗୁରୁବାର ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଏକାଦଶୀ ବଢୋ, ଜାତଭୋଗ, ସନ୍ଧ୍ୟାଧୁପ ପରେ ବଡ଼ସିଂହାର ବଶେରେ ଗଜ ଉଦ୍ଧାରଣ ବେଶ ରେ ଠାକୁରଙ୍କୁ ସଜ୍ଜିତ କରାଯାଇଥିଲା। ସ୍ୱତନ୍ତ୍ର ବଶେଖିରି ଭୋଗଲାଗି କରାଯାଇଥିଲା। ପୁରାଣ ବର୍ଣ୍ଣିତ କଥା ଅନୁଯାୟୀ ପ୍ରଭୁ ଗରୁଡ ପୃଷ୍ଠରେ ବିରାଜମାନ କରି କୁମ୍ଭୀର ଆକ୍ରମଣରୁ ଗଜକୁ ଉଦ୍ଧାର କରିବା ଦୃଶ୍ୟ ଦେଖିବାକୁ ମିଳିଥିଲା। ସାକ୍ଷୀଗୋପିନାଥଙ୍କ ଛନ୍ଦାଚରଣ ଓ ଶ୍ରୀଭୁଜକୁ ଲୁଚାଯାଇ ସୋଲରେ ତିଆରି ଦୁଇଟି ଶ୍ରୀପୟର ଓ ଚାରୋଟି ଖଞ୍ଜା ଶ୍ରୀଭୁଜ ଲାଗି କରାଯାଇଥିଲା। ମହାପ୍ରଭୁ ଚର୍ତ୍ତୁଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବା ବେଳେ ଶ୍ରୀରାଧାଙ୍କର ଦୁଇଟି ଖଂଜା ପୟର ଲାଗି କରାଯାଇଥିଲା। ସିଂହାରୀ ସେବାୟତ ନରହରି ମହାପାତ୍ର, ବିରଜା ପ୍ରସାଦ ମହାପାତ୍ର ଏହି ବଶେ କରିଥିବା ବେଳେ ଭଣ୍ଡାର ମେକାପ ଦୁର୍ଗାଦତ୍ତ ମେକାପ ସହଯୋଗ କରିଥିଲେ। ପାଣିଓରା ଗ୍ରାମର ସ୍ୱର୍ଗତ ଆନନ୍ଦ ସାହୁ ପ୍ରାୟ ୨୫୦ ବର୍ଷ ପୂର୍ବେ ଏହି ବେଶ ଆରମ୍ଭ କରିଥିଲେ ଏବେ ବି ତାଙ୍କ ପରିବାର ପକ୍ଷରୁ ପ୍ରତିବର୍ଷ ଏହି ବେଶ କରାଯାଉଛି।

## ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ବିଜେ ଆଠଗଡଙ୍କ ଦୋଳ ଓ ପଞ୍ଚୁଦୋଳ ଯାତ୍ରା ପ୍ରସ୍ତୁତି ବୈଠକ




**କଟକ, ୨୯।୧ (ସଂଚାର ବ୍ୟୁରୋ):** ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବ ବିଜେ-କଟକ ଜିଲ୍ଲାର ଆଠଗଡ଼ଙ୍କ ଚଳିତ ୨୦୨୬ ଦୋଳ, ପଞ୍ଚୁଦୋଳ ଓ ହୋଲି ଯାତ୍ରାର ସୁପରିଚାଳନା ନିମନ୍ତେ ଆଜି ପୂର୍ବାହ୍ନରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଭା. ପ୍ର. ସେଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଉପଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରି ଆଗାମୀ ଦୋଳ, ପଞ୍ଚୁଦୋଳ ଓ ହୋଲି ଯାତ୍ରାରେ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରିଥିଲେ। ଚଳିତ ବର୍ଷ ମାର୍ଚ୍ଚ ୨ ତାରିଖ ଚତୁର୍ଦ୍ଦଶୀ ଓ ୩ ତାରିଖ ଦୋଳ ପୂର୍ଣ୍ଣିମା ପଡୁଥିବାରୁ ତା ୨୬.୦୨.୨୦୨୬ରିଖ ଠାରୁ ଶ୍ରୀ ଜୀୟୁ ମାନଙ୍କର ବିଭିନ୍ନ ସାହି ବସ୍ତିରେ ସନ୍ଧ୍ୟା ୭ ଘଟିକା ଠାରୁ ୧୦ ଘଟିକା ମଧ୍ୟରେ 'ଚାଚେରୀ' ଭୋଗ ଲାଗି ହେବ। ଏତଦବ୍ୟତୀତ ଆଠଗଡସ୍ଥିତ ଅନ୍ୟାନ୍ୟ ଠାକୁର ଯଥା ଶ୍ରୀ ଶ୍ରୀ ଅଟାଳୀ ଜଗନ୍ନାଥ, ଶ୍ରୀ ଶ୍ରୀ ରଘୁନାଥ, ଶ୍ରୀ ଶ୍ରୀ ନୃସିଂହ, ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବ, ପ୍ରଭୃତି ନଗର ପରିକ୍ରମା କରିବେ । ଶ୍ରୀ ଜୀୟୁ ମାନଙ୍କର ବିମାନକୁ ସରସ ସୁନ୍ଦର ଭାବରେ ସଜାଇ, ଆବଶ୍ୟକ ବାଦ୍ୟ, ପ୍ରସାଦ ଓ ଆଲୋକ ବ୍ୟବସ୍ଥା ଦେବୋତ୍ତର ସଂସ୍ଥା ଦ୍ୱାରା ବ୍ୟବସ୍ଥିତ କରାଯାଇ ଯାତ୍ରା ପାଳନ କରାଯିବ । ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବଙ୍କର ସିଂହାସନ, ମୁଖଶାଳା, ମନ୍ଦିର ପାର୍ଶ୍ୱ ମୂର୍ତ୍ତିଗୁଡିକର ସମ୍ପୂର୍ଣ୍ଣ ରଙ୍ଗରେ ଚିତ୍ରିତ କରିବା ଲାଗି ଆଲୋଚନା କରାଯାଇଥିଲା। ପ୍ରତି ବିମାନକୁ ନିମନ୍ତ୍ରଣ ସମୟରେ ମାନ୍ୟତା ଭେଟି ଭାବେ ଟ ୧୫୦୦ଙ୍କା ଦିଆଯାଉଥିବା ବେଳେ ଚଳିତ ବର୍ଷ ଏହାକୁ ୧୭୦୦ ଟଙ୍କା କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ପଞ୍ଚୁଦୋଳ ଯାତ୍ରା ସମୟରେ ସମସ୍ତ ମଦ ଦୋକାନ ବନ୍ଦ ରଖିବା ଓ ଯାତ୍ରା ସମୟରେ ଯାନବାହାନ ଚଳାଚଳାକୁ ଡାଇଭରସନ ରୁଟ୍ରୁ କରାଇବା ପାଇଁ ଭାରପ୍ରାପ୍ତ ଥାନା ଅଧିକାରୀ ଆଠଗଡ଼ଙ୍କୁ ଦାୟିତ୍ୱ ଦିଆଯାଇଛି ।

## ବେଦାନ୍ତ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ପାଳନ

- ଦୁଇଚକିଆ ଚାଳକଙ୍କୁ ହେଲମେଟ ବଣ୍ଟନ




**ଲାଞ୍ଜିଗଡ଼, ୨୯।୧ (ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ ତରଫରୁ ଜାତୀୟ ସଡ଼କ ସୁରକ୍ଷା ପାଳନ ଅବସରରେ ଲାଞ୍ଜିଗଡ଼ ଜଗନ୍ନାଥ ମନ୍ଦିର ନିକଟରେ ଏକ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ପଦକ୍ଷେପ ଦ୍ୱାରା ଗାଡି ସୁରକ୍ଷିତ ଚଲାଇବା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଜୀବନ ସୁରକ୍ଷା କରିବା ପାଇଁ ଉଦ୍ଦିଷ୍ଟ ଅଟେ। କାର୍ଯ୍ୟକ୍ରମର ଅଂଶ ଭାବରେ, ବ୍ୟକ୍ତିଗତ ସୁରକ୍ଷା ଏବଂ ଦାୟିତ୍ୱପୂର୍ଣ୍ଣ ଯାତାୟାତକୁ ଉତ୍ସାହିତ କରିବା ପାଇଁ ବିନା ହେଲମେଟରେ ଦୁଇଚକିଆ ଯାନ ଚଳାଉଥିବା ଚାଳକମାନଙ୍କୁ ସଡକ ସୁରକ୍ଷା ବିଷୟରେ ଅବଗତ କରାଇ ହେଲମେଟ୍ ମଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଦାନ୍ତ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିରେନ୍ଦ୍ର ସିଂ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ ଉପମୁଖ୍ୟ ସୌରଭ ସିଂ କନୱର, ସଡ଼କ ସୁରକ୍ଷା ମୁଖ୍ୟ ରଶ୍ମି ରଞ୍ଜନ ବେହେରା, ସୁରକ୍ଷା ମୁଖ୍ୟ ବିବେକ କୁମାର, ଉପମୁଖ୍ୟ ସୁରକ୍ଷା ଅଧିକାରୀ ସପମ ରିୟା, ବେଦାନ୍ତ ଅଗ୍ନିଶମ ବିଭାଗ ଭବାନୀ ଶଙ୍କର ନନ୍ଦ, ଲାଞ୍ଜିଗଡ଼ ଥାନା ଏସଆଇ ଡୋଲଓମଣୀ ବିଶି, ଏଏସଆଇ ବଳଭଦ୍ର ଗୌଡ଼ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ପ୍ରଥମ ଥର ପାଇଁ ଷ୍ଟ୍ରବେରି ଅମଳ; ଚାଷୀଙ୍କ ମଧ୍ୟରେ ଆନନ୍ଦର ଲହରୀ



**ଖୋର୍ଦ୍ଧା, ୨୯।୧ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଜିଲ୍ଲାରେ ପ୍ରଥମ ଥର ପାଇଁ ଷ୍ଟ୍ରବେରି ଅମଳ ହୋଇଛି, ଯାହା ଏକ 'ଉଲ୍ଲସିତ ଅନୁଭବ' ସୃଷ୍ଟି କରିଛି। କାରଣ ଚାଷୀମାନେ ଗୋଲାପୀ ହୃଦୟ ଆକୃତିର ଷ୍ଟ୍ରବେରି ଫଳ ଅମଳ କରୁଛନ୍ତି ଯାହା ଖୋର୍ଦ୍ଧା ଜିଲ୍ଲାର ଗରମ ଏବଂ ଆର୍ଦ୍ର ଜଳବାୟୁରେ ସମ୍ଭବ ହୋଇଛି। ଖୋର୍ଦ୍ଧା ଜିଲ୍ଲାର ବେଗୁନିଆ ଏବଂ ବୋଲାଗଡ଼ର ଚାଷୀମାନେ ଯେଉଁମାନେ ସଫଳତାର ସହିତ ଷ୍ଟ୍ରବେରି ଅମଳ କରିଛନ୍ତି ସେମାନେ ହେଲେ ସୁଶାନ୍ତ ଭୋଳା, ଆଲୋକ ବଲିଆରସିଂ, ସନ୍ତୋଷ ପଲେଇ, ଗୋପବନ୍ଧୁ ନାୟକ, ପ୍ରିୟରଞ୍ଜନ ସାହୁ, କୃଷ୍ଣ ଚନ୍ଦ୍ର ଓଝା, ଯାହା କେବଳ ଖୋର୍ଦ୍ଧାରେ ନୂତନ ଫଳର ପରିଚୟ ନୁହେଁ ବରଂ କୃଷକଙ୍କ ନେତୃତ୍ୱରେ ଗ୍ରାମୀଣ ପରିବର୍ତ୍ତନ ପାଇଁ ଏକ ମୋଡ଼ ମଧ।

ଉଦ୍ୟାନ ବିଭାଗ ଏହି ସଫଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏହା ଓଏସ୍‌ଏସ୍‌ସି ଲିମିଟେଡ୍ ମାଧ୍ୟମରେ ହିମାଚଳ ପ୍ରଦେଶରୁ କିଣାଯାଇଥିବା ଉଚ୍ଚମାନର ଷ୍ଟ୍ରବେରି ଚାରା, ଚାଷୀମାନଙ୍କୁ ତାଲିମ, ଡ୍ରିପ୍ ଜଳସେଚନ ବ୍ୟବସ୍ଥା ସ୍ଥାପନ ପାଇଁ ବୈଷୟିକ ଜ୍ଞାନ ଏବଂ ଉଚ୍ଚ ଶଯ୍ୟା ପ୍ରଣାଳୀରେ ପଲିଥିନ୍ ମଲ୍ଚିଂ ପ୍ରଦାନ କରିଛି। ଶ୍ରୀୟା ସାସ୍ୱତୀ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ, ଖୋର୍ଦ୍ଧା କହିଛନ୍ତି "ଆମେ ଚାଷୀମାନଙ୍କୁ ଆମ ଜଳବାୟୁରେ ଷ୍ଟ୍ରବେରୀ ଭଳି ଏକ ଥଣ୍ଡା ଶସ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରିଥିଲୁ, ଚାଷ ଠାରୁ ଅମଳ ପର୍ଯ୍ୟନ୍ତ ସମସ୍ତ ବୈଷୟିକ ସହାୟତା ପ୍ରଦାନ କରି - ସ୍ଥାୟୀତ୍ୱ ଚାଷୀ ଏବଂ ଚାଷୀ ସମ୍ପ୍ରଦାୟକୁ ସୁନିଶ୍ଚିତ କରିଥିଲୁ। ଆମକୁ ଆଶ୍ଚର୍ଯ୍ୟ ଲାଗିଲା ଯେ, ଆମେ ଚାଷ କରିବାର ୪୫ଦିନ ମଧ୍ୟରେ ଗୋଲାପୀ ବ୍ଲଶ ଷ୍ଟ୍ରବେରୀ ସହିତ ସୁସ୍ଥ ଗଛ ଉପରେ ବିପୁଳ ସଫଳତା ଦେଖିଲୁ, ଯାହା ଦ୍ୱାରା ଅଧିକ ଅମଳ ଏବଂ ଉତ୍ତମ ଫଳ ଗୁଣବତ୍ତା ମିଳିପାରିବ।

ଖୋର୍ଦ୍ଧା କଲେକ୍ଟର ଅମ୍ରିତ ଋତୁରାଜ ଜିଲ୍ଲାରେ ପ୍ରଥମ ଷ୍ଟ୍ରବେରିର ବିପୁଳ ସଫଳତା ପାଇଁ ଖୁସି ପ୍ରକାଶ କରିଛନ୍ତି ଏବଂ ଉଦ୍ୟାନ କୃଷି ବିଭାଗ ଏବଂ ଚାଷୀଙ୍କ ପ୍ରୟାସକୁ ସେମାନଙ୍କର ଅବିଚ୍ଛେଦ୍ୟ ସହଯୋଗ ପାଇଁ ପ୍ରଶଂସା କରିଛନ୍ତି। ସେ ପ୍ରକାଶ କରିଥିଲେ ଯେ "ଖୋର୍ଦ୍ଧାରେ ଏକ ଥଣ୍ଡା ଜଳବାୟୁ ଫସଲ ପ୍ରଚଳନ କୃଷକ ସଶକ୍ତିକରଣ ପାଇଁ ଏକ ବ୍ଲୁପ୍ରିଣ୍ଟ। ସେ ସମସ୍ତ ଚାଷୀଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଜୋର ଦେଇଥିଲେ ଯେ ଏହି ପ୍ରକାରର ନୂତନ ହସ୍ତକ୍ଷେପ ଉତ୍ତମ ଆୟ ଆଣିବ ଏବଂ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ବଜାରରେ ଏହାର ସ୍ୱତନ୍ତ୍ରତାକୁ ସ୍ୱୀକୃତି ଦିଆଯିବ"।

ଷ୍ଟ୍ରବେରୀର ସଫଳ ଚାଷ ଦର୍ଶାଏ ଯେ ଚାଷୀମାନେ ଉଚ୍ଚ-ପ୍ରଯୁକ୍ତିବିଦ୍ୟା କୃଷି ପଦ୍ଧତି ଗ୍ରହଣ କରି ଏବଂ ଚାଷୀ ସମ୍ପ୍ରଦାୟରେ ସ୍ଥିରତା ସୃଷ୍ଟି କରି ସ୍ଥାୟୀତ୍ୱକୁ ପରିବର୍ତ୍ତନ କରିପାରିବେ।

# ଫେବୃଆରୀ ୨୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା



**ଯାଜପୁର, ୨୯।୧ (ସଂଚାର ବ୍ୟୁରୋ):** ଯୁବକ ଯୁବତୀମାନଙ୍କ ପାଇଁ ଆସୁଛି ଏକ ସୁବର୍ଣ୍ଣ ସୁଯୋଗ। ଯାଜପୁର ଜିଲ୍ଲାରେ ଆସନ୍ତା ଫେବୃଆରୀ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ବୃହତ୍ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା। ଏହାକୁ ସଫଳ କରିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

ଏହି ନିଯୁକ୍ତି ମେଳା ନରସିଂହ ଚୌଧୁରୀ (ସ୍ୱୟଂଶାସିତ) ମହାବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ବୈଠକରେ ଜିଲ୍ଲାର ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ମହାବିଦ୍ୟାଳୟ ଓ ଆଇଟିଆଇ ସଂସ୍ଥାର ପ୍ରତିନିଧିମାନେ ଯୋଗଦେଇ ଯୁବମାନଙ୍କ ଅଧିକ ସଂଖ୍ୟାରେ ଭାଗୀଦାରି ନିମନ୍ତେ ଯୋଜନା ତିଆରି କରିଥିଲେ। ବେସରକାରୀ କମ୍ପାନୀ + ଦକ୍ଷତା ବିକାଶ ସଂସ୍ଥାମାନଙ୍କ ଯୋଗଦାନ ଏହି ମେଳାରେ ବିଭିନ୍ନ ପ୍ରତିଷ୍ଠିତ ବେସରକାରୀ କମ୍ପାନୀ ସହିତ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହ ଅନୁବନ୍ଧିତ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥାମାନେ ମଧ ଯୋଗଦେବେ। ଜିଲ୍ଲାର ବିଭିନ୍ନ ବୃହତ୍ ଶିଳ୍ପ ସଂସ୍ଥାମାନଙ୍କୁ ମଧ ଆମନ୍ତ୍ରଣ କରାଯିବ। ଗ୍ରାମାଞ୍ଚଳ ଯୁବମାନଙ୍କୁ ବିଶେଷ ଗୁରୁତ୍ୱ ଦେଇ ପ୍ରତ୍ୟେକ ବ୍ଲକରେ ପ୍ରଚାର–ପ୍ରସାର ମାଧ୍ୟମରେ ଗ୍ରାମାଞ୍ଚଳର ନିଯୁକ୍ତି ଆଶାୟୀ ଯୁବମାନଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସଂଚାର THE SANCHAR

### ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ସମୀକ୍ଷା

# ଓଡ଼ିଶାର ପ୍ରଦର୍ଶନକୁ ତାରିଫ କଲେ କେନ୍ଦ୍ର କୃଷିମନ୍ତ୍ରୀ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ କୃଷୋନ୍ନତି ଯୋଜନାର ଆଜି ସମୀକ୍ଷା କରିଛନ୍ତି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ। ଆଭାସି ମାଧ୍ୟମରେ ଦେଶର ସମସ୍ତ ରାଜ୍ୟର କୃଷି ମନ୍ତ୍ରୀମାନେ ଯୋଗଦେଇଥିଲେ। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ କୃଷୋନ୍ନତି ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ପାଣ୍ଠିରୁ ଓଡ଼ିଶା ୭୯ ପ୍ରତିଶତ ଏବଂ କୃଷୋନ୍ନତି ଯୋଜନା ଅଧୀନରେ ୮୦ ପ୍ରତିଶତ ବ୍ୟବହାର କରିସାରିଛି, ଯାହା ରାଜ୍ୟର କୃଷି ପ୍ରଗତିକୁ ଆହୁରି ତ୍ୱରାନ୍ୱିତ କରୁଛି। ବଳକା ପାଣ୍ଠିକୁ କେନ୍ଦ୍ର ସରକାର ଯଥାଶୀଘ୍ର ପ୍ରଦାନ କଲେ ଛଅଟି ନୂତନ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ। ସମୀକ୍ଷା ବୈଠକରେ ଓଡ଼ିଶାର କୃଷି କ୍ଷେତ୍ରରେ ପ୍ରଗତି ଓ ପାଣ୍ଠିର ସୁବିନିଯୋଗ ପାଇଁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଏହି ବିକାଶର ଧାରା ଜାରି ରହିବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ-ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ସ୍ଥାୟୀ କୃଷିକୁ ପ୍ରୋତ୍ସାହିତ କରୁଥିବା ବେଳେ ଖାଦ୍ୟ ସୁରକ୍ଷା ଓ ଆତ୍ମନିର୍ଭରତା ଉପରେ ଧ୍ୟାନ ଦେଉଛି। ଓଡ଼ିଶାର ପଦକ୍ଷେପଗୁଡ଼ିକରେ ପ୍ରାକୃତିକ କୃଷି, ଫସଲ ବିବିଧତା ଏବଂ ଶ୍ରୀଅନ୍ନ ନିମନ୍ତେ ପ୍ରୋତ୍ସାହନ ଅନ୍ତର୍ଭୁକ୍ତ। ବୈଠକରେ ଆଭାସି ମାଧ୍ୟମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଅତିରିକ୍ତ ଶାସନ ସଚିବ ଡ଼ ଗଣେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ଥିଲେ।



### ● ପରିବହନ ବିଭାଗର ବଡ଼ ଘୋଷଣା

## ପ୍ରଦୂଷଣ ସାର୍ଟିଫିକେଟ୍ ବାହାର କଲେ ଛାଡ଼ ହେବ ଜରିମାନା




**କଟକ,୨୯।୧(ସଂଚାର ବ୍ୟୁରୋ):** ଗାଡ଼ି ଚାଳକଙ୍କୁ ଆଶ୍ୱସ୍ତି ମିଳିଛି। ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ପାଇଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ବଡ଼ ଘୋଷଣା କରିଛି ପରିବହନ ବିଭାଗ। ଲୋକେ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ବାହାର କଲେ ସରକାର ଜରିମାନା କ୍ଷମା କରିଦେବେ। ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ଘୋଷଣା ଅନୁସାରେ, ଗାଡ଼ିର ନୂଆ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ ବାହାର କଲେ ପୂର୍ବରୁ ଥିବା ପ୍ରଦୂଷଣ ନିୟମ ଉଲ୍ଲଂଘନଜନିତ ସମସ୍ତ ଜରିମାନାକୁ କ୍ଷମା କରିଦେବେ ସରକାର। ପୂର୍ବରୁ ଯେତେଥର ବି ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ କଟିଥିବା ଚାଲାଣ ଲାଗି ଜରିମାନା ଦେବାକୁ ପଡ଼ିବ ନାହିଁ।

ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନିୟମ କୋହଳ କରାଯିବ ବୋଲି ପୂର୍ବରୁ ପରିବହନ ମନ୍ତ୍ରୀ ଘୋଷଣା କରିଥିଲେ। ଯାହାକୁ ଆଧାର କରି ଜାନୁଆରୀ ପ୍ରଥମ ସପ୍ତାହରୁ ଏହି ନିୟମ ଲାଗୁ ହୋଇଛି। ତେବେ ପ୍ରଦୂଷଣ ବ୍ୟତୀତ ଯଦି ଗାଡ଼ି ଅନ୍ୟ କିଛି ନିୟମ ଉଲ୍ଲଂଘନ ପାଇଁ ଚାଲାଣ କଟିଥିବ। ସେହି ଜରିମାନା ପ୍ରଥମେ ପୈଠ କରିବା ବାଧ୍ୟତାମୂଳକ ବୋଲି ସର୍ତ୍ତ ରଖାଯାଇଛି। ଏଭଳି ନିୟମ ଯୋଗୁଁ ରାଜ୍ୟ ସରକାର ୧୦ କୋଟି ଟଙ୍କାର ଜରିମାନାକୁ କ୍ଷମା କରିଛନ୍ତି। ତେବେ ପରିବହନ ମନ୍ତ୍ରୀଙ୍କ ପୂର୍ବ ଘୋଷଣା ମୁତାବକ ଏପ୍ରିଲ୍ ପହିଲାରୁ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ଯାଞ୍ଚକୁ ପରିବହନ ବିଭାଗ ପକ୍ଷରୁ କଡ଼ାକଡ଼ି କରାଯିବ। ଏହା ପୂର୍ବରୁ ୨୦୨୫ ଡିସେମ୍ବର ୨୦ରେ ରାଜ୍ୟ ପରିବହନ କର୍ତ୍ତୃପକ୍ଷ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଯେଉଁଥିରେ ଗାଡ଼ିର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ୍ ଓ ଡିଜେଲ୍ ନ ଦେବାକୁ ନିର୍ଦ୍ଦେଶ ଥିଲା। ଯାହା ପରେ ଲୋକେ ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ ପାଇଁ ରାସ୍ତାରେ ଲମ୍ବା ଲାଇନ୍ ଲଗାଇଥିଲେ।

### ● ସୁନ୍ଦରପଦାରେ ବୋମା ବିସ୍ଫୋରଣ ଘଟଣା

## ଦ୍ୱିତୀୟ ଦିନରେ ଏନ୍ଆଇଏ ଟିମ୍ର ତଦନ୍ତ

**ଭୁବନେଶ୍ୱର, ୨୯।୧(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସୁନ୍ଦରପଦାରେ ବୋମା ବିସ୍ଫୋରଣ ଘଟଣାରେ ଦ୍ୱିତୀୟ ଦିନରେ ଏନଆଇଏ ଟିମ ର ତଦନ୍ତ ଜାରି ରହିଛି। ଏନଆଇଏ ଟିମ୍ ଆହତମାନଙ୍କୁ ମେଡିକାଲରେ ପଚରାଉଚରା କରିଛି। ବିସ୍ଫୋରଣ ପଛର କାରଣକୁ ନେଇ ତଦନ୍ତ କରୁଛି ଏନଆଇଏ। ସୂଚନାଯୋଗ୍ୟ ଯେ, ଗତ ମଙ୍ଗଳବାର ସୁନ୍ଦରପଦାରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ଘଟଣାରେ ୪ ଜଣ ଆହତ ହୋଇଛନ୍ତି। ଆହତମାନେ ଦୁଇଟି ଘରୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି।

## ଭିଜିଲାନ୍ସ ଜାଲରେ ଏସ୍ସିବିର ସହଯୋଗୀ ପ୍ରଫେସର

- ୨.୬୩ ଲକ୍ଷ ଟଙ୍କା ଲୁଟ୍ ପରେ ଭିଜିଲାନ୍ସ ଧରିଲା
- ୩ ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଛି



**କଟକ,୨୯।୧ (ସଂଚାର ବିରୋ):** ହେପାଟୋଲୋଜି ବିଭାଗକୁ ଚିକିତ୍ସା ଉପକରଣ ଯୋଗାଣ ପାଇଁ ଅଂଶଗ୍ରହଣକାରୀ ବିଡରଙ୍କଠାରୁ ବେଆଇନ ଟଙ୍କା ସଂଗ୍ରହ ମାମଲାରେ ଫସିଛନ୍ତି ଏସ୍ସିବି ମେଡିକାଲର ସହଯୋଗୀ ପ୍ରଫେସର। କଟକର ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲର ହେପାଟୋଲୋଜି ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ସନାତନ ବେହେରାଙ୍କୁ କଟକର କା।ଠଗୋଲାସାହି-ମେଡିକାଲ ରୋଡରେ ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଅଟକାଇ ପଚରାଉଚରା କରିଥିଲା। ସେ ତାଙ୍କ ଆବାସିକ ସରକାରୀ କାର୍ଯ୍ୟାଳୟକୁ ଯାଉଥିବା ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ହିରୋ ହୋଣ୍ଡା ଆକ୍ଟିଭା ସ୍କୁଟରରେ ଥିବା ଏକ କ୍ୱାର୍ଟରରୁ ହିସାବ ବାହାରେ ନଗଦ ଟଙ୍କା ଜବତ କରାଯାଇଛି । ଅଟକ ସମୟରେ, ଡାକ୍ତର ବେହେରାଙ୍କ ପାଖରୁ ଅନୈତିକ ଭାବରେ ଅର୍ଜିତ ସନ୍ଦିଗ୍ଧ ୨,୬୩,୦୦୦ ଟଙ୍କା ମିଳିଥିଲା। ସେ ସନ୍ତୋଷଜନକ ଭାବରେ ହିସାବ ଦେଇପାରି ନ ଥିବାରୁ ତାଙ୍କ ପାଖରୁ ନଗଦ ଜବତ କରାଯାଇଥିଲା। ଡାକ୍ତର ବେହେରାଙ୍କ ସହିତ ଜଡିତ ୩ଟି ସ୍ଥାନରେ ଏକକାଳୀନ ତଲାସି କରାଯାଉଛି। ପାଣ୍ଠିର ଉତ୍ସ ଜାଣିବା ପାଇଁ ତାଙ୍କୁ ଯାଞ୍ଚ କରାଯାଉଛି। ଏହି ସମ୍ପର୍କରେ, ଡାକ୍ତର ସନାତନ ବେହେରାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ କଟକ ଭିଜିଲାନ୍ସ ପିଏସ୍ କେସ୍ ନମ୍ବର ୪/୨୦୨୬ ରୁଜୁ କରାଯାଇଛି।

## ଯୁବତୀଙ୍କୁ ଅସଦାଚରଣ, ଯୁବକ ଗିରଫ

**କଟକ,୨୯।୧(ସଂଚାର ବିରୋ):** ଏବେ ବି ଅନ୍ଧ ବିଶ୍ୱାସରେ ଲୋକମାନେ ଗୁଣି, ତନ୍ତ୍ରବିଦ୍ୟା ଉପରେ ଭରସା କରୁଛନ୍ତି। ଆଜି ଏହିପରି ଘଟଣା ଦେଖିବାକୁ ମିଳିଛି ଏକ ବନ୍ଦଘରେ ଯୁବତୀଙ୍କୁ ଅସଦାଚରଣ ଘଟଣାରେ। ତାନ୍ତ୍ରିକ ତନ୍ତ୍ର ପୂଜା କରି ଘର ଭିତରେ ରିଷ୍ଟ ଖଣ୍ଡନ ଆଳରେ ଜଣେ ଯୁବତୀଙ୍କୁ ଘର ଭିତରେ ଅସଦାଚରଣ କରିଥିବା ସୂଚନା ମିଳିଛି। ଏହି ମାମଲାରେ ପୁରୀଘାଟ ଥାନା ପୁଲିସ ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଞ୍ଚଳର ଜଗନ୍ନାଥ ନାୟକକୁ ଗିରଫ କରିଛି। ସୂଚନା ମୁତାବକ କଟକ ସାଆନ୍ତ ସାହିର ଜଣେ ଯୁବତୀଙ୍କ ଘରେ ଆର୍ଥିକ ସମସ୍ୟା, ପାରିବାରିକ ବିବାଦ ଲାଗି ରହିଥିଲା। ଜଣେ ସମ୍ପର୍କୀୟଙ୍କ ପରାମର୍ଶ ଅନୁଯାୟୀ ଯୁବତୀ ଜଣକ ତାନ୍ତ୍ରିକ ଜଗନ୍ନାଥକୁ ଯୋଗାଯୋଗ କରିଥିଲେ। ଏହାପରେ ତାନ୍ତ୍ରିକ ଜଗନ୍ନାଥ ଉକ୍ତ ଯୁବତୀଙ୍କ ଘର ଭିତରେ ତନ୍ତ୍ର ପୂଜା କରି ରିଷ୍ଟ ଖଣ୍ଡନ କରିବାକୁ ପାଖାପାଖି ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲା । ଏଥିପାଇଁ ଜଗନ୍ନାଥ ପ୍ରଥମେ ୨୫ ହଜାର ଟଙ୍କା ନେଇଥିଲା। ଗତ ମଙ୍ଗଳବାର ସନ୍ଧ୍ୟାରେ ସେ ଯୁବତୀଙ୍କ ଘରେ ଆସି ପୂଜା କରିଥିଲା। ଠିକ୍ ଏହି ସମୟରେ ଯୁବତୀଙ୍କୁ ସେ ଘର ଭିତରେ ଅସଦାଚରଣ କରିଥିଲା। ଯୁବତୀ ଜଣକ ଚିତ୍କାର କରିବାରୁ ତାନ୍ତ୍ରିକ ଫେରାର ହୋଇଯାଇଥିଲା। ଏସଂକ୍ରାନ୍ତରେ ଯୁବତୀ ଜଣକ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ଜଗନ୍ନାଥକୁ ଗିରଫ କରିଛି।

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ



**ଝାରସୁଗୁଡା,୨୯।୧ (ସଂଚାର ବ୍ୟୁରୋ):** ଏକ ପକ୍ସୋ ମାମଲାରେ ମୁଖ୍ୟ ଅଭିଯୁକ୍ତକୁ ଆଜି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି ଝାରସୁଗୁଡା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ। ୨୦୨୪ ଡିସେମ୍ବର ୧୫ ତାରିଖରେ ଅଭିଯୁକ୍ତ ଦିକସାନ ସାଙ୍ଗରିଆକୁ ଝାରସୁଗୁଡା ପୁଲିସ ଗିରଫ କରିଥିଲା। ତା ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪, ଉପଧାରା୨, ୬୫ ଉପଧାରା ୨, ୧୧୫ ଉପଧାରା ୨, ୩୫୧ ଉପଧାର ୨ ଓ ପକ୍ସୋ ଆଇନର ଧାରା ୪ରେ ମାମଲା ରୁଜୁ ହୋଇଥିଲା। ଦିକସାନ ବିରୋଧରେ ୨୦୨୫ ଜାନୁଆରୀ ୨୪ ତାରିଖରେ ଚାର୍ଜସିଟ ଦାଖଲ ହୋଇଥିଲା। ମାମଲାର ଶୁଣାଣି ହୋଇ କୋର୍ଟ ଗତ ୨୨ ତାରିଖରେ ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ। ଆଜି ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡ ସହ ୫୦ ହଜାର ଦଣ୍ଡାଦେଶ ଶୁଣାଇଛନ୍ତି। ଝାରସୁଗୁଡା ଏସପିଙ୍କ ନେତୃତ୍ୱ ଏବଂ ନିୟମିତ ସମୀକ୍ଷା ଯୋଗୁ ଅପରାଧୀଙ୍କ ବିରୋଧରେ ଦଣ୍ଡାଦେଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି।

### କଟକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା

## ନିର୍ଦ୍ଧାରିତ ସମୟରେ ପ୍ରକଳ୍ପ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଉନ୍ନତି ଭବନଠାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କଟକ ସହରର ବିଭିନ୍ନ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ ବିକାଶମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସିଲଭର ସିଟି ବା କଟକର ସହରୀ ଭିତ୍ତିଭୂମିକୁ ସୁଦୃଢ଼ କରିବା, ନାଗରିକ ସୁବିଧା ସୁଯୋଗରେ ଉନ୍ନତି ଆଣିବା ଏବଂ ଜନସାଧାରଣଙ୍କ ଜୀବନଶୈଳୀକୁ ଉନ୍ନତ କରିବା ଲକ୍ଷ୍ୟରେ କଟକ ମହାନଗର ନିଗମ (ସିଏମସି) ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକ ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

ବୈଠକରେ ସିଏମସି କମିଶନର ତଥା ସିଡିଏ ଭିସି କିରଣଦୀପ କୌର ସାହୋତା ପ୍ରାଥମିକତା ଭିତ୍ତିକ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ । ଗୋରା କବର ବିକାଶ ଏହାର ଐତିହାସିକ ଗୁରୁତ୍ୱକୁ ବଜାୟ ରଖିବା ସହ ସୌନ୍ଦର୍ଯ୍ୟକରଣ କରାଯିବା, ରାଜସ୍ୱ ବିଭାଗ ଅଧୀନରେ ଥିବା ପୋଖରୀଗୁଡ଼ିକର ପୁନରୁଦ୍ଧାର ଏବଂ ସେଗୁଡ଼ିକର ଆଖପାଖରେ ଥିବା ଖାଲି ସ୍ଥାନର ସଦୁପଯୋଗ କରି ପରିବେଶରେ ସନ୍ତୁଳନ ରକ୍ଷା ନିମନ୍ତେ ସହରାଞ୍ଚଳରେ ଗୋରୁ ଗାଈଙ୍କ ଉପଯୁକ୍ତ ପରିଚାଳନା ପାଇଁ ଗୋଶାଳାର ଆଧୁନିକୀକରଣ ଓ ସମ୍ପ୍ରସାରଣ, ବହୁମୁଖୀ ପାର୍କର ବିକାଶ, ମାଛ ବଜାରର ସମ୍ପ୍ରସାରଣ ଏବଂ ସହରର ସମସ୍ତ ପାର୍କର ସଠିକ୍ ରକ୍ଷଣାବେକ୍ଷଣ ଏବଂ ସ୍ଥାୟୀ ଏବଂ ସମାବେଶୀ ନଗର ଉନ୍ନୟନ ପାଇଁ ଅନ୍ୟାନ୍ୟ ଜନକଲ୍ୟାଣକାରୀ ପ୍ରକଳ୍ପ ସମ୍ପର୍କରେ ଉପସ୍ଥାପନ କରିଥିଲେ । ଅଧିକାରୀମାନଙ୍କୁ ସମ୍ବୋଧିତ କରି ଡକ୍ଟର ମହାପାତ୍ର ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ପାଇଁ ସିଏମସି ଏବଂ ସିଡିଏ ମଧ୍ୟରେ ସମନ୍ୱୟ ରକ୍ଷା କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବା, ଗୁଣବତ୍ତା ବଜାୟ ରଖିବା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ଉପରେ ଗୁରୁତ୍ୱ ଦେଇଥିଲେ।



### ● ବିଲରେ ପଡ଼ିଛି ଡେଲିଭରୀ ବୟଙ୍କ ମୃତଦେହ

## ହତ୍ୟା ଅଭିଯୋଗ ଆଣିଲେ ବାପା

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ) :** ମଞ୍ଚେଶ୍ୱର ଥାନା ପାଣ୍ଡରା ନିକଟ ପାଚେରି କଡ଼ ବିଲରୁ ଡେଲିଭରୀ ବୟଙ୍କ ମୃତଦେହ ଠାବ କରାଯାଇଛି। ଦୁଇ ଦିନ ଧରି ସେ ନିଖୋଜ ଥିଲେ। ବେକରେ ଏକ କପଡ଼ା ଗୁଡା ଯାଇଥିବା ବେଳେ ପାଖରେ ଏକ ପାଣି ବଟଲ ଓ ସାଇକେଲ ପଡ଼ିଛି। ରାସ୍ତାଠାରୁ ୧୦୦ମିଟର ଦୂର ବିଲରେ ମିଳିଛି ମୃତଦେହ। ଘଟଣାସ୍ଥଳରେ ମଞ୍ଚେଶ୍ୱର ଥାନା ପୁଲିସ ପହଞ୍ଚି ତଦନ୍ତ କରୁଛି। ମୃତକ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ନିଳାମ୍ବର ଭୋଇ (୨୭)। ଏକ ଅନଲାଇନ ଡେଲିଭରୀ ସଂସ୍ଥାରେ ସେ କାମ କରୁଥିଲେ। ମହାଦେବ ନଗରରେ ସେ ରହୁଥିଲେ। ଦୁଇଦିନ ଧରି ନିଖୋଜ ଯୋଗୁଁ ପରିବାର ଲୋକେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ମୋବାଇଲ ଟ୍ରେସ ପରେ ଦୁଇଦିନ ପରେ ମିଳିଛି ମୃତଦେହ। ପୁଲିସ ହତ୍ୟା ସନ୍ଦେହ କରି ସାଇଣ୍ଟିଫିକ୍ ଟିମ୍ ଡକାଇ ଯାଞ୍ଚ ଆରମ୍ଭ କରିଛି।

ସେପଟେ ହତ୍ୟା ଅଭିଯୋଗ ଆଣିଛନ୍ତି ମୃତକଙ୍କ ବାପା। ତାଙ୍କ ପୁଅକୁ କେହି ହତ୍ୟା କରିଛି ବୋଲି ସନ୍ଦେହ କରିଛନ୍ତି। ସେ ଗୋଟିଏ ବୋଲି ରୋଜଗାରିଆ ପୁଅ ଥିଲେ। ସିକ୍ୟୁରିଟି ଗାର୍ଡ ପରେ ଡେଲିଭରୀ ବୟ ଭାବେ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଦୁଇଦିନ ଧରି ନିଖୋଜ ଥିଲେ। ଲକ୍ଷ୍ମୀସାଗର ଥାନାରେ ଜଣାଇଥିଲେ ମୃତକଙ୍କ ବାପା। ପୁଲିସ ସଠିକ ସମୟରେ ପଦକ୍ଷେପ ନେଇନଥିଲା। ଏବେ ପୁଅର ହତ୍ୟା ପୁଲିସ ତଦନ୍ତ କଲେ ସ୍ପଷ୍ଟ ହେବ ବୋଲି ମୃତକଙ୍କ ବାପା କହିଛନ୍ତି। ଅନ୍ୟପଟେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ତନାଘନା କରିଛି। ଏକ ବଡ଼ ଗହିର ବିଲ୍ ମଝିରେ ମୃତଦେହ ଠାବ ଯୋଗୁଁ ପୁଲିସର ସନ୍ଦେହ ଟିକେ ବଢ଼ିଛି। ପୋଷ୍ଟମର୍ଟମ ରିପୋର୍ଟ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି।



### ବହୁଚର୍ଚ୍ଚିତ ମଲ୍ଲୀ ଯେନା ହତ୍ୟାକାଣ୍ଡ

## ୮ଦୋଷୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ଘଟଗାଁ, ୨୯।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ଘଷିପୁରା ନିର୍ବାଚନ ମଣ୍ଡଳୀର ଶାଳଦେଇ ପଞ୍ଚାୟତର ଶାଳଦେଇ ଗ୍ରାମ ବାଲି ଚୋରାଚାଲାଣକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ ଘଟଣାରେ ୫୮ ବର୍ଷର ମହିଳା ମଲ୍ଲୀ ଯେନାକୁ ଘରଭିତରୁ ଘୋଷାରି ଆଣି ରାସ୍ତା ଉପରେ ପକାଇ ତତ୍କାଳୀନ ବାହୁବଳୀ ଶାସକ ଗୋଷ୍ଠୀର ନେତାମାନେ ମିଳିମିଶି ହତ୍ୟାକରିବା ଘଟଣାରେ ବିଚାରକରି ଗୁରୁବାର ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ ଦେବଦତ୍ତ ଦାସ ମହାପାତ୍ର ୮ଜଣ ଦୋଷୀଙ୍କୁ ୧୦ ବର୍ଷ ଲେଖାଏଁ କାରାଦଣ୍ଡାଦେଶ ସହିତ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶର ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ତିନି ମାସର କାରାଦଣ୍ଡ ଭୋଗିବାକୁ ହେବ ବୋଲି ରାୟରେ ପ୍ରକାଶ କରିଛନ୍ତି। ମୋଟ ୨୧ ଜଣ ସାକ୍ଷୀଙ୍କ ବୟାନ ଓ ୪୩ ଗୋଟି ଦସ୍ତାବିଜ ଆଧାରରେ ଏହି ରାୟ ପ୍ରକାଶ ପାଇଥିବା ସରକାରୀ ଅଧିବକ୍ତା ସୌମିତ୍ରୀ କୁମାର ରାଉତ ସୂଚନା ପ୍ରଦାନ କରିଛନ୍ତି।

## ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ ଉଦ୍‌ଘାଟିତ

**ଭୁବନେଶ୍ୱର,୨୯।୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଖଣ୍ଡଗିରି ପାଣ୍ଠିକାଠାରେ ଐର ଖାରବେଳ ମହୋତ୍ସବ କମିଟି ଏବଂ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନୁଚିନ୍ତନମର ମିଳିତ ଆନୁକୂଲ୍ୟରେ ଖଣ୍ଡଗିରି କୁମ୍ଭମେଳା ଅବସରରେ ଅନ୍ତର୍ଜାତୀୟ ଐର ଖାରବେଳ ମହୋତ୍ସବ-୨୦୨୬ କୁ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ ଓ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଯୋଗଦେଇ ଉଦଘାଟିତ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ଯେ, ଐର ଖାରବେଳ ମହୋତ୍ସବ ଆଜିଠାରୁ ଆରମ୍ଭ ହୋଇ ୩୧ ତାରିଖରେ ତିନିଦିନ ବ୍ୟାପୀ ଖଣ୍ଡଗିରୀ ସ୍ଥିତ ପାଣ୍ଠିକା ଠାରେ ପାଳିତ ହେବ। ଅଶ୍ଳୀଳ ପରମ୍ପରା ବିରୁଦ୍ଧରେ ଲଢ଼ି ଓଡିଶା ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ଆମର ଉଦ୍ଦେଶ୍ୟ। ଏଥିରେ ଦେଶ ଓ ବିଦେଶର ବହୁ ସୁନାମ ଧନ୍ୟ କଳାକାର ଯୋଗ ଦେଇଛନ୍ତି। ଆଜି ମଞ୍ଚରେ ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଦେବଜ୍ୟୋତି ନସ୍କର ଓ ଗ୍ରୁପ କଥକ ଓ ବ୍ରେଲି ନୃତ୍ୟ ପରିବେଷଣ କରିଥିଲେ। ବିନାକେଶରି ନୃତ୍ୟ ମଞ୍ଜରି ପକ୍ଷରୁ ପାଲ୍ଲୀ ନୃତ୍ୟ ପରିବେଷଣ କରିଥିଲେ ବୋଲି ଶ୍ରୀ ସିଂ କହିଥିଲେ। ଆନ୍ତର୍ଜାତୀୟ ନୃତ୍ୟ ଗବେଷକ ତଥା ଅନୁଚିନ୍ତନମର ପ୍ରତିଷ୍ଠାତା ଡାଃ ଶ୍ରୀନିବାସ ଘଟୁଆରି ମଞ୍ଚ ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ସରୋଜ କର, କାଳନ୍ଦୀ ସାମଲ, ବିରଞ୍ଚି ତ୍ରିପାଠୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସେକ୍ରେଟେରୀ ଡ.ଚନ୍ଦ୍ର ଶେଖର ହୋତା,ଭୁବନେଶ୍ୱର ଜିଲ୍ଲା ବିଜେପି ସଭାପତି ନିରଞ୍ଜନ ମିଶ୍ର, କର୍ପୋରେଟର ରାମଚନ୍ଦ୍ର ରଣସିଂ, ସୁଜାତା ଛୋଟରାୟ, ସୁଚିତ୍ରା ପାତ୍ର, ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୁପକାର, ମଣ୍ଡଳ ସଭାପତି ଆରତୀ ଭୂଈଆ, ଜିତୁ ପଟ୍ଟନାୟକ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




## ଡାହାଣୀ ସନ୍ଦେହ

## ମାତୃହନ୍ତା ପୁଅ ଗିରଫ

**ବାରିପଦା, ୨୯।୧(ସଂଚାର ବ୍ୟୁରୋ):** ଡାହାଣୀ ସନ୍ଦେହରେ ମାଆକୁ ହତ୍ୟା। ମାତୃହନ୍ତା ପୁଅକୁ ଗିରଫ କରିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ପୁଲିସ। ଅଭିଯୁକ୍ତ ପୁଅ ହେଉଛନ୍ତି ବେତନଟୀ ଥାନା ଅଧୀନ କଲରାଫୁଲିଆ ଗ୍ରାମର ତପନ ସିଂ (୪୫)। ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ତପନର ମାଆ ରାଇମଣି ସିଂ ଘରେ ରୋଷେଇ କାର୍ଯ୍ୟରେ ବ୍ୟସ୍ତ ରହିଥିବା ସମୟରେ ପୁଅ ତପନ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି ମାଆ ରାଇମଣୀଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଥିଲା। ମା’ ରାଇମଣି ପୁଅ ତପନକୁ ମଦ ନ ପିଇବା ପାଇଁ ବୁଝାଇଥିଲେ ଏବଂ ଏହି ମଦ ପାଇଁ ତା’ର ସ୍ତ୍ରୀ ଘର ଛାଡ଼ି ବାପ ଘରକୁ ଚାଲିଗଲା ବୋଲି କହିଥିଲେ। ମାତ୍ର ରାଇମଣିର କଥା ଶୁଣି ପୁଅ ତପନର ରାଗ ମୁଣ୍ଡକୁ ଚଢ଼ି ଯାଇଥିଲା। କ୍ରୋଧରେ ଡାହାଣୀ କହି ଏକ କୁରାଢ଼ୀ ଆଣି ମା’ ରାଇମଣିଙ୍କୁ ଆକ୍ରମଣ କରିଥିଲା। ଏଥିରେ ତା’ର ମୃତ୍ୟୁ ହୋଇଥିଲା।

### ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ପ୍ରସଙ୍ଗ

## ହାଇକୋର୍ଟରେ ହାଜର ହେବେ ଓପିଏସ୍ସିର ପୂର୍ବତନ ସଚିବ

**କଟକ,୨୯।୧(ସଂଚାର ବିରୋ):** ଡେଣ୍ଟାଲ୍ ସର୍ଜନ ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତା ଅଭଯୋଗ ପ୍ରସଙ୍ଗ ନୂଆ ମୋଡ଼ ନେଇଛି। ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍ସି)ର ପୂର୍ବତନ ସଚିବଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଓପିଏସ୍ସିର ତତ୍କାଳୀନ ସଚିବ କୁମୁଦ ଚନ୍ଦ୍ର ମଲ୍ଲିକଙ୍କୁ ଫେବ୍ରୁଆରି ୯ରେ ଉପସ୍ଥିତ ରହିବାକୁ ପୁଲିସ ଜରୁରି ନୋଟିସ୍ ଜାରି କରିବ ବୋଲି ରେଜିଷ୍ଟ୍ରିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ ତାଙ୍କୁ ଖୋଜି ବାହାର କରି ନୋଟିସ୍ ପ୍ରଦାନ କରିବ। ନୋଟିସ୍ ଯଦି ତାଙ୍କୁ ପ୍ରଦାନ କରା ନ ଯାଏ ତେବେ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହିତ ଗ୍ରହଣ କରାଯିବ। ତ୍ରୁଟି କରିଥିବା ପୁଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚାକିରିରୁ ଅବସର ଗ୍ରହଣ କରି ସାରିଥିବା ଶ୍ରୀ ମଲ୍ଲିକଙ୍କ ପେନ୍‌ସନ୍ ରେକର୍ଡରୁ ତାଙ୍କ ସଂପର୍କିତ ତଥ୍ୟ ସରକାରଙ୍କ ତରଫରୁ ପୁଲିସକୁ ତୁରନ୍ତ ପ୍ରଦାନ କରାଯିବ ବୋଲି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ସମୟରେ ଓପିଏସ୍ସି ସଚିବ ବିଜୟ କୁମାର ଖଣ୍ଡାୟତରାୟ ବ୍ୟକ୍ତିଗତ ଭାବେ ହାଜର ହୋଇଥିଲେ। ଘଟଣା ସମୟରେ ସେ ଓପିଏସ୍ସି ସଚିବ ନଥିଲେ ବୋଲି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ତତ୍କାଳୀନ ସଚିବଙ୍କ ଉପସ୍ଥିତି ଆବଶ୍ୟକ ଥିବା ବେଳେ ଶ୍ରୀ ମଲ୍ଲିକ ୨୦୨୧ରୁ ଅବସର ନେଇ ସାରିଥିବା ଜଣାପଡ଼ିଥିଲା।

ମାମଲାର ବିବରଣୀରୁ ପ୍ରକାଶ ଯେ, ୨୦୧୭-୧୮ରେ ଓପିଏସ୍ସି ପକ୍ଷରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଓଡ଼ିଶା ମେଡିକାଲ୍ ସର୍ଭିସେସ୍ (ଡେଣ୍ଟାଲ୍) କ୍ୟାଡର୍ ଗ୍ରୁପ-କ(ଜୁନିୟର୍) ୧୯୮ଟି ଡେଣ୍ଟାଲ୍ ସର୍ଜନ୍ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ନିଯୁକ୍ତି ପ୍ରକ୍ରିୟାର ଚୂଡ଼ାନ୍ତ ଫଳ ପ୍ରକାଶ ପରେ ୧୭୧ଜଣ ପ୍ରାର୍ଥୀଙ୍କ ନାଁ ଓପିଏସ୍ସି ୨୦୧୮ ଅଗଷ୍ଟ ୯ରେ ସୁପାରିସ କରିବା ପରେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ନିଯୁକ୍ତି ପରୀକ୍ଷାରେ ସମ୍ଭାବ୍ୟ ଉତ୍ତର ଭୁଲ୍ ଥିବା ଅଭିଯୋଗ ପରେ ଓପିଏସ୍ସି ବିଶେଷଜ୍ଞ କମିଟିର ରିପୋର୍ଟ ଆଧାରରେ ପ୍ରାର୍ଥୀଙ୍କ ଖାତାର ପୁନଃମୂଲ୍ୟାୟନ କରାଯାଇ ମାର୍କରେ ସଂଶୋଧନ କରାଯାଇଥିଲା। ସଂଶୋଧନ ପରେ ନିଯୁକ୍ତିରୁ ବାଦ୍ ପଡ଼ିଥିବା କେତେକ ପ୍ରାର୍ଥୀଙ୍କ ମାର୍କଠାରୁ କମ୍ ମାର୍କ ରଖିଥିବା ୧୧ ପ୍ରାର୍ଥୀଙ୍କ ନାଁ ଓପିଏସ୍ସି ଅନୁମୋଦନ କରିଥିବା ଓ ଏପରି କମ୍ ମାର୍କ ରଖିଥିବା ପ୍ରାର୍ଥୀ ନିଯୁକ୍ତି ପାଇ ଚାକିରି କରୁଥିବା ସ୍ପଷ୍ଟ ହୋଇଥିଲା। ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ରାୟ ବିରୋଧରେ ଓପିଏସସି ଦୁଇ ଜଣିଆ ଖଣ୍ଡପୀଠରେ ରିଟ୍ ଅପିଲ୍ ଦାୟର କରିଥିଲା। ଏହି ୧୧ଜଣଙ୍କୁ ଚାକିରିରୁ ବହିଷ୍କାର ନ କରିବା ପାଇଁ ଓପିଏସ୍ସି ସରକାରଙ୍କୁ ପରାମର୍ଶ ଦେଇଥିଲା। ସମଗ୍ର ସଂଶୋଧିତ ମେଧା ତାଲିକା ଦାଖଲ ପାଇଁ ଓପିଏସ୍ସିକୁ ହାଇକୋର୍ଟ କହିଥିଲେ।




### ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆଦେଶକୁ ଚ୍ୟାଲେଞ୍ଜ

## ହାଇକୋର୍ଟଙ୍କ ଜବାବ ତଲବ

### ଫେବୃଆରି ୧୦ରେ ପରବର୍ତ୍ତୀ ଶୁଣାଣି

**କଟକ,୨୯।୧(ସଂଚାର ବ୍ୟୁରୋ):** ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଜାନୁଆରି ୫ରେ ଅନୁଷ୍ଠିତ ବୈଠକରେ ସ୍କୁଲଗୁଡ଼ିକର ଭିତ୍ତିଭୂମି ବିକାଶ ପ୍ରସଙ୍ଗରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିର ବୈଧତାକୁ ଚ୍ୟାଲେଞ୍ଜ କରି ଦାୟର ମାମଲାରେ ହାଇକୋର୍ଟ ଜବାବ ତଲବ କରିଛନ୍ତି। ମାମଲାରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଜାନୁଆରି ୫ର ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି କାର୍ଯ୍ୟକାରୀ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ଫେବ୍ରୁଆରି ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁଶ୍ରୀ ସରିତା ଷଡ଼ଙ୍ଗୀ ଓ ଅନ୍ୟ ତିନିଜଣଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବ୍ଲକ ଶିକ୍ଷା ଅଧିକାରୀଙ୍କ ଅଧୀନରେ ବିଭିନ୍ନ ବ୍ଲକରେ ବୈଷୟିକ ପରାମର୍ଶଦାତା ଭାବେ କାର୍ଯ୍ୟରତ ଆବେଦନକାରୀ ଓସେପାର ଜାନୁଆରି ୫ର ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ବେଆଇନ ବୋଲି ଦର୍ଶାଇ ଏହି ଆବେଦନ ଦାୟର କରିଛନ୍ତି। ଓସେପା ପରିଚାଳନା ପରିଷଦ ବା ନିର୍ବାହୀ ପରିଷଦ ବିନା ଅନୁମୋଦନରେ ଏପରି ନିଷ୍ପତ୍ତି ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଗ୍ରହଣ କରାଯାଇଥିବାରୁ ଏହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଜାନୁଆରି ୫ର ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଓ ଜାନୁଆରି ୧୭ର ଚିଠିକୁ ରଦ୍ଦ କରାଯାଉ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ଏପରି ନିଷ୍ପତ୍ତି ଦ୍ୱାରା ଓସେପା ଦ୍ୱାରା ନିୟୋଜିତ ବୈଷୟିକ ପରାମର୍ଶଦାତା ଓ ଅନ୍ୟ କର୍ମଚାରୀ ଚାକିରି ହରାଇ ପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ମାମଲା ପରିଚାଳନା କରୁଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ



# ୟୁରିଆ ଦର ବଢ଼ାଇବାକୁ ପ୍ରସ୍ତାବ

ନୂଆଦିଲ୍ଲୀ, ୨୯।୧: ୟୁରିଆ ସାରର ଖୁଚୁରା ଦାମ୍‌ରେ ସାମାନ୍ୟ ବୃଦ୍ଧି କରିବାକୁ ଅର୍ଥନୈତିକ ସର୍ଭେ ରିପୋର୍ଟରେ ପ୍ରସ୍ତାବ ଦିଆଯାଇଛି। ସୁଲଭ ମୂଲ୍ୟରେ ଉପଲବ୍ଧ ହୋଇଥିବାରୁ ଚାଷୀମାନେ ଏହି ସାରକୁ ଅତ୍ୟଧିକ ମାତ୍ରାରେ ବ୍ୟବହାର କରୁଛନ୍ତି। ଦଶନ୍ଧିରୁ ଅଧିକ ସମୟ ଧରି ଏହାର ମୂଲ୍ୟ ବଢ଼ାଯାଇନାହିଁ। ସେଥିପାଇଁ ସାର ସବ୍‌ସିଡି ପରିମାଣର ପ୍ରତିବର୍ଷ ବଢ଼ୁଛି। ୨୦୨୫-୨୬ରେ ସାର ସବ୍‌ସିଡି ୧.୯୧ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବା ଆକଳନ କରାଯାଇଛି। ସବ୍‌ସିଡି ବିଲ୍ କମ୍ କରିବା ଓ ୟୁରିଆର ଅତ୍ୟଧିକ ବ୍ୟବହାର ରୋକିବା ଲାଗି ତାହାର ଖୁଚୁରା ମୂଲ୍ୟରେ ସାମାନ୍ୟ ବୃଦ୍ଧି କରିବାକୁ ରିପୋର୍ଟରେ କୁହାଯାଇଛି। ଚାଷୀମାନଙ୍କୁ ଏକର ପିଛା ହିସାବରେ ସିଧାସଳଖ ବ୍ୟାଙ୍କ ଖାତାରେ ଟଙ୍କା ଜମା କରିବାକୁ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ଚାଷୀଙ୍କ କ୍ରୟ ଶକ୍ତି ବଜାୟ ରହିବ ଓ ନାଇଟ୍ରୋଜେନ୍‌ର ତୁଳନାତ୍ମକ ମୂଲ୍ୟ ସନ୍ତୁଳିତ ରହିପାରିବ। ଚଳିତ ଆର୍ଥିକ ବର୍ଷରେ ୟୁରିଆ ବ୍ୟବହାର ସର୍ବକାଳୀନ ରେକର୍ଡ ସ୍ତର ୪୦ ନିୟୁତ ଟନ୍‌ରେ ପହଞ୍ଚିବା ଆଶା କରାଯାଉଛି।

କୃଷିର ମୋଟ୍ ମୂଲ୍ୟ ଯୋଗ (ଜିଭିଏ)ରେ ଫସଲର ଭାଗ ଅଧାରୁ ଅଧିକ ରହୁଛି। ଗତବର୍ଷ କିଛି ଏହି କ୍ଷେତ୍ରରେ ଅସ୍ଥିରତା ଦେଖାଦେଇଛି। ଉତ୍ପାଦକତା ବଢୁନଥିବାରୁ ଏହାର ଅଭିବୃଦ୍ଧି ହାର ବଢୁନାହିଁ। କିନ୍ତୁ ପ୍ରାଣୀଧନ ଓ ମତ୍ସ୍ୟଚାଷ ଭଳି ସଂକ୍ରାନ୍ତୀୟ କ୍ଷେତ୍ର ୫-୬ ପ୍ରତିଶତ ଅଭିବୃଦ୍ଧି ହାସଲ କରୁଛି। ରବି ଫସଲ ଚାଷ ଭଲ ହୋଇଛି। ତହା ଚାଷୀଙ୍କ ଆୟ ବଢ଼ାଇବା ଓ ଗ୍ରାମାଞ୍ଚଳ ଆୟକୁ ବଜାୟ ରଖିବାରେ ସହାୟକ ହେବ ବୋଲି ରିପୋର୍ଟରେ କୁହାଯାଇଛି। ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ସଂକ୍ରାନ୍ତରେ କୁହାଯାଇଛି ଯେ ରୁଟ୍ ଉନ୍ନତୀକରଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ପରେ ଗୋଦାମରୁ ଉଚିତ୍ ମୂଲ୍ୟ ଦୋକାନକୁ ସାମଗ୍ରୀ ପରିବହନ ଖର୍ଚ୍ଚରେ ୨୫୦ କୋଟି ଟଙ୍କାର ସଞ୍ଚୟ ହୋଇଛି।

ବଜେଟ୍ ୨୦୨୬



# ଚାଷୀଙ୍କ ଖାତାକୁ ଆସିବ ୫ ଲକ୍ଷ ଟଙ୍କା

ନୂଆଦିଲ୍ଲୀ, ୨୯।୧: କୃଷକଙ୍କ ପାଇଁ ବଡ଼ ଘୋଷଣା କରିପାରନ୍ତି କେନ୍ଦ୍ର ସରକାର। କିସାନ କ୍ରେଡିଟ୍ କାର୍ଡ (କେସିସି) ଧାରକଙ୍କ ପାଇଁ ସର୍ଟ-ଟର୍ମ ଋଣ ସୀମାକୁ ୩ ଲକ୍ଷ ଟଙ୍କାରୁ ବଢ଼ାଇ ୫ ଲକ୍ଷ ଟଙ୍କା କରିବାକୁ ଯୋଜନା କରୁଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୧ ଫେବୃଆରୀରେ ଉପସ୍ଥାପନ କରିବେ। ଏହାର ଲାଭ ଦେଶର ପ୍ରାୟ ୭.୭୫ କୋଟି କୃଷକ ପାଇବେ। ଏହି ବ୍ୟବସ୍ଥା ଆଗାମୀ ଆର୍ଥିକ ବର୍ଷରୁ ଲାଗୁ ହେବାର ସମ୍ଭାବନା ରହିଛି। କୃଷି କ୍ଷେତ୍ରରେ ପର୍ଯ୍ୟାପ୍ତ ଋଣ ପ୍ରବାହ ସୁନିଶ୍ଚିତ କରିବାକୁ କେନ୍ଦ୍ର ସରକାର ଇଣ୍ଟରେଷ୍ଟ ସବଭେନ୍ସନ୍ ସ୍କିମ୍‌କୁ ଅନୁମୋଦନ କରିଛି। ଏହି ଯୋଜନା ଅନୁଯାୟୀ, ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଉଥିବା କୃଷକଙ୍କୁ ୧.୫ ପ୍ରତିଶତ ସୁଧ ରିହାତି ମିଳିବ। ବର୍ତ୍ତମାନ ପ୍ରତ୍ୟେକ କେସିସି ଧାରକଙ୍କ ପାଇଁ ସାଧାରଣ ସର୍ଟ-ଟର୍ମ କ୍ରେଡିଟ ପ୍ରବାହ ପ୍ରାୟ ୧.୬ ଲକ୍ଷ ଟଙ୍କା। ବର୍ତ୍ତମାନ ଦେଶରେ ୭.୭୧ କୋଟି ସକ୍ରିୟ କେସିସି ରହିଛି। ଯେଉଁଥିରେ ମତ୍ସ୍ୟଚାଷ ଓ ପଶୁପାଳନ ସହିତ ଜଡିତ କୃଷକମାନେ ମଧ୍ୟ ସାମିଲ। ଗତ ବର୍ଷ ଜାନୁଆରୀ ମାସରେ ଆରବିଆଇ, କେସିସି ଅଧୀନରେ ବିନା ଗ୍ୟାରାଣ୍ଟି ଋଣ ସୀମାକୁ ୧.୬ ଲକ୍ଷରୁ ୨ ଲକ୍ଷ ଟଙ୍କା କୁ ବଢ଼ାଇଥିଲା। କୃଷି ମନ୍ତ୍ରଣାଳୟର ସଂଶୋଧିତ ଇଣ୍ଟରେଷ୍ଟ ସବଭେନ୍ସନ୍ ସ୍କିମ୍ ଅନୁଯାୟୀ, କେସିସି ଧାରକମାନେ ଆବଶ୍ୟକତା ପାଇଁ ୭ ପ୍ରତିଶତ ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇପାରିବେ। ସମୟରେ ଋଣ ଶୋଧ କରିଲେ ଅତିରିକ୍ତ ୩ ପ୍ରତିଶତ ରିହାତି ମିଳିବ । ଯାହାଦ୍ୱାରା ପ୍ରଭାବୀ ସୁଧ ହାର ୪ ପ୍ରତିଶତ କୁ କମିଯିବ।

# ଆମାଜନରୁ ବିଦାହେଲେ ୧୬୦୦୦ କର୍ମଚାରୀ




## ଏଆଇ ଓ ରିଷ୍ଟ୍ରକ୍ଚରିଂ କାଳରେ ବଡ଼ ନିଷ୍ପତ୍ତି

ନୂଆଦିଲ୍ଲୀ ୨୯।୧: ବିଶ୍ୱର ସର୍ବ ବୃହତ୍ତ ଇ-କମର୍ସ ଓ ଟେକ୍ କମ୍ପାନୀଙ୍କ ମଧ୍ୟରେ ଅନ୍ୟତମ ଆମାଜନ ପୁଣି ଥରେ ବଡ଼ ଧରଣର ଛଟେଇ ଘୋଷଣା କରିଛି। କମ୍ପାନୀ ସାରା ବିଶ୍ୱରେ ପାଖାପାଖି ୧୬ ହଜାର କର୍ମଚାରୀଙ୍କୁ ଛଟେଇ କରିବ ବୋଲି କନଫର୍ମ କରିଛି। ଉଲ୍ଲେଖଯୋଗ୍ୟ ଯେ ଏହି ନିଷ୍ପତ୍ତି କମ୍ପାନୀର ଏବେକା ରିଷ୍ଟ୍ରକ୍ଚରିଂ ପ୍ଲାନର ଅଂଶବିଶେଷ, ଏଥିରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସୀ (ଏଆଇ) ର ସମ୍ପ୍ରସାରଣ ହେବ। ଆମାଜନ ପକ୍ଷରୁ ହାତକୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଗତ ୩ ମାସରେ ଦ୍ୱିତୀୟ ବଡ଼ ମାମଲା। ଏହା ପୂର୍ବରୁ କମ୍ପାନୀ ପାଖାପାଖି ୧୪ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। ଦୁଇଟି ପର୍ଯ୍ୟାୟକୁ ମିସାଇ ଆମାଜନ ଏ ପର୍ଯ୍ୟନ୍ତ ପାଖାପାଖି ୩୦ ହଜାର କର୍ପୋରେଟ ପୋଜିସନସ୍ ସମାପ୍ତ କରିବା ଯୋଜନା ଉପରେ କାମ କରୁଛି। ରିପୋର୍ଟ ଅନୁସାରେ ଆମାଜନର ଛଟେଇ ପ୍ରଭାବ ଏହାର କେତେକ ବଡ଼ ଡିପାର୍ଟମେଣ୍ଟ ଉପରେ ପଡିବ। ଏଥିରେ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲୁଏସ), ରିଟେ୍ଲ ବିଜନେସ୍, ପ୍ରାଇମ ଭିଡିଓ ଏବଂ ଏଚଆର ଭଳି ସେକ୍ଟର ସାମିଲ ଅଛି। ଆମାଜନ ସ୍ୱୀକାର କରିଛି ଯେ କୋଭିଡ-୧୯ କାଳରେ କମ୍ପାନୀ ଦ୍ରୁତ ନିଯୁକ୍ତି ପ୍ରକ୍ରିୟା ହାତକୁ ନେଇଥିଲା। କାରଣ ସେ ସମୟରେ ଅନାଲାଇନ ସପିଂ, କ୍ଲାଉଡ ସର୍ଭିସ ଓ ଡିଜିଟାଲ କଣ୍ଟେଣ୍ଟ ଚାହିଦା ଅଚାନକ ବହୁତ ବଢିଯାଇଥିଲା। ଏବେ ମାର୍କେଟ ସ୍ୱଭାବିକ ହୋଇଥିବା ବେଳେ ଏହି ଓଭର ହାଇରିଂ କମ୍ପାନୀ ପାଇଁ ଅତିରିକ୍ତ ବୋଝ ପାଲଟିଯାଇଛି। ତେବେ ଏହି କର୍ମଚାରୀ ଛଟେଇର ଆଉ ଏକ ବଡ଼ କାରଣ ହେଉଛି ଏଆଇ ଆଧାରିତ ଟୁଲସ୍ ବର୍ଦ୍ଧିତ ଉପଯୋଗ। ଆମାଜନ ତାର କେତେକ ଅପରେସନାଲ ଓ କର୍ପୋରେଟ କାମରେ ଏଆଇ ଟୁଲସକୁ ସାମିଲ କରୁଛି। ଏଣୁ କିଛି ପଦପଦବୀର ଆବଶ୍ୟକତା ସମାପ୍ତ ହୋଇ ଯାଇଛି। ଏଥିରେ କମ୍ପାନୀର ଟପ ଏକଜ୍ୟୁକ୍ୟୁଟିଭଙ୍କ କହିବା କଥା ହେଉଛି ଏହି ନିଷ୍ପତ୍ତି କେବଳ ଖର୍ଚ୍ଚ ହ୍ରାସ ପାଇଁ ନୁହେଁ ଆମାଜନ ତା ମ୍ୟାନେଜମେଣ୍ଟର ଅଣ ଜରୁରି ଲେୟରକୁ କମ୍ କରିବାକୁ ଚାହୁଁଛି। ତେବେ ଆମାଜନ ଏହା ବି କହିଛି ଯେ ଜବ୍ କଟ୍ ଯୋଗୁ ପ୍ରଭାବିତ ହେବାକୁ ଥିବା କର୍ମଚାରୀଙ୍କୁ ଜରୁରି ସପୋର୍ଟ ଦିଆଯିବ।

# ମର୍ସିଡିଜ୍-ବିଏମଡବ୍ଲ୍ୟୁ କାର ଉପରେ ୪୦% ପର୍ଯ୍ୟନ୍ତ ଶୁଳ୍କ ହ୍ରାସ କରିବ ଭାରତ




ନୂଆଦିଲ୍ଲୀ, ୨୯।୧: ଭାରତ ସରକାର ଏବଂ ୟୁରୋପୀୟ ସଂଘ ମଧ୍ୟରେ ଦଶନ୍ଧି ଧରି ଚାଲିଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜାନୁଆରୀ ୨୭, ୨୦୨୬ରେ ବଡ଼ ଘୋଷଣା ହେବାର ସମ୍ଭାବନା ରହିଛି। ଏହି ଐତିହାସିକ "ସମସ୍ତ ଚୁକ୍ତିନାମାର ମାତା" ଅଧୀନରେ, ଭାରତ ଇୟୁରୁ ଆମଦାନି ହେଉଥିବା କାର ଉପରେ ଶୁଳ୍କ ୧୧୦% ରୁ ୪୦% କୁ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। ରଏଟର୍ସ ରିପୋର୍ଟ ଅନୁଯାୟୀ, ଭବିଷ୍ୟତରେ ଏହି ଶୁଳ୍କକୁ ଆହୁରି ୧୦% କୁ ହ୍ରାସ କରାଯାଇପାରେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ୧୫,୦୦୦ ୟୁରୋ (ପ୍ରାୟ ୧୩.୫ ଲକ୍ଷ ଟଙ୍କା)ରୁ ଅଧିକ ମୂଲ୍ୟର କାର ଉପରେ ତୁରନ୍ତ ଟିକସ ହ୍ରାସ ପାଇଁ ରାଜି ହୋଇଛନ୍ତି। ଏହି ପଦକ୍ଷେପ ଭୋକ୍ସୱାଗନ୍, ମର୍ସିଡିଜ୍-ବେଞ୍ଜ ଏବଂ ବିଏମଡବ୍ଲ୍ୟୁ ଭଳି ୟୁରୋପୀୟ ଅଟୋମେକରମାନଙ୍କ ପାଇଁ ଭାରତୀୟ ବଜାରରେ ପ୍ରବେଶକୁ ସହଜ କରିବ। ତଥାପି, ଘରୋଇ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ପ୍ରଥମ ପାଞ୍ଚ ବର୍ଷ ପାଇଁ ଇଲେକ୍ଟ୍ରିକ୍ ଯାନ (EVs) କୁ ଏହି ହ୍ରାସରୁ ବାଦ ଦିଆଯାଇଛି। ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ କାର୍ ବଜାର, କିନ୍ତୁ ଏଠାରେ ଆମଦାନି ଶୁଳ୍କ ବିଶ୍ୱର ସର୍ବାଧିକ।

ସୂତ୍ର ଅନୁସାରେ, ସରକାର ୨୭-ରାଷ୍ଟ୍ରୀୟ ୟୁରୋପୀୟ ସଂଘରୁ ଆମଦାନି ହେଉଥିବା ଚୟନିତ କାରଗୁଡ଼ିକ ଉପରେ ତୁରନ୍ତ ଶୁଳ୍କ ହ୍ରାସ କରିବାକୁ ରାଜି ହୋଇଛନ୍ତି, ଯଦି ସେମାନଙ୍କର ଆମଦାନି ମୂଲ୍ୟ ପ୍ରାୟ ୧୭,୭୩୯ ଆମେରିକୀୟ ଡଲାର ଅତିକ୍ରମ କରେ। ଏହି ହ୍ରାସ ଫକ୍ସୱାଗନ୍, ମର୍ସିଡିଜ୍-ବେଞ୍ଜ୍ ଏବଂ ବିଏମ୍ଡବ୍ଲୁ ଭଳି ୟୁରୋପୀୟ କାର ନିର୍ମାତାଙ୍କ ପାଇଁ ଭାରତୀୟ ବଜାରରେ ପ୍ରବେଶକୁ ଯଥେଷ୍ଟ ସହଜ କରିବ, ଯେଉଁମାନେ ଦୀର୍ଘ ଦିନ ଧରି ଦେଶରେ ଆମଦାନି ପ୍ରତିବନ୍ଧକ ହ୍ରାସ କରିବା ପାଇଁ ଲବି କରୁଛନ୍ତି। ଭାରତ ବର୍ତ୍ତମାନ ବିଶ୍ୱରେ ସମ୍ପୂର୍ଣ୍ଣ ନିର୍ମିତ କାର ଉପରେ ସର୍ବାଧିକ ଆମଦାନୀ ଶୁଳ୍କ ଲାଗୁ କରୁଛି, ଏହା ଘରୋଇ ନିର୍ମାତାମାନଙ୍କୁ ସୁରକ୍ଷା ଦେବା ଏବଂ ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ନୀତି। ତେଣୁ, ଯେକୌଣସି ଗୁରୁତ୍ୱପୂର୍ଣ୍ଣ ହ୍ରାସ ଭାରତ ଏବଂ ଇୟୁ ମଧ୍ୟରେ ଅଟୋ କ୍ଷେତ୍ର, ବାଣିଜ୍ୟ ସମ୍ପର୍କ ଏବଂ ଭବିଷ୍ୟତର ନିବେଶ ପ୍ରବାହ ପାଇଁ ସୁଦୂରପ୍ରସାରୀ ପ୍ରଭାବ ପକାଇବାର ସମ୍ଭାବନା ଅଛି।

## ଗୁଡ ବାଏ ଲାଲ ରଙ୍ଗର ଏଲପିଜି

# ଏବେ ଆସିବ ସୁରକ୍ଷିତ ହାଲୁକା ପ୍ଲାଷ୍ଟିକର ଏଲପିଜି

ନୂଆଦିଲ୍ଲୀ, ୨୯।୧: ଦୀର୍ଘ ସମୟ ଧରି ରୋଷେଇ ଘରର ଶୋଭା ବଢ଼ାଉଥିଲା ଲାଲ ରଙ୍ଗର ସିଲିଣ୍ଡର। ଲୁହାରେ ନିର୍ମିତ ଏଲପିଜି ସିଲିଣ୍ଡର ଭାରତୀୟ ରୋଷେଇ ଘରର ଛାଇ ପରିଥିଲା। ହେଲେ ଏହି ଲୁହାର ସିଲିଣ୍ଡରରେ କଳଙ୍କି ଲାଗିବା ଏବଂ ଲିକେଜ୍ ହେବାର ଭୟ ସର୍ବଦା ରହୁଥିଲା। ନିଆଁ ଲାଗିଲେ ଆଭ୍ୟନ୍ତରୀଣ ଚାପ କାରଣରୁ ଏହି ସିଲିଣ୍ଡର ଫାଟି ଯାଉଥିଲା। ମାତ୍ର ଏବେ ଏହି ଭୟ ସମାପ୍ତ ହେବାକୁ ଯାଉଛି। ହାଇ ଡେନସିଟି ପଲିଥିନ(ଏଚଡିପି) ରେ ନିର୍ମିତ ଏଜି ସିଲିଣ୍ଡର ଯଥା ଶୀଘ୍ର ଲାଲ ଏଲପିଜି ସିଲିଣ୍ଡରର ସ୍ଥାନ ନେବ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀ ଗୋଆରେ ଆନୁଷ୍ଠାନିକ ଭାବେ ଏହାର ଲଞ୍ଚ କରିଛନ୍ତି।

ସିଲିଣ୍ଡର ବିଷୟରେ ଆଲୋଚନା କରି ବିପିସିଏଲର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ବିଜନେସ୍ ହେଡ ଟିଭି ପାଣ୍ଡିଆନ କହିଛନ୍ତି, ହାଲୁକା ସିଲିଣ୍ଡର ଏଚଡିପି ଓ ଫାଇବ୍ରାଣ୍ଡ କମ୍ପୋଜିଟ୍ ଉପାଦାନରେ ନିର୍ମିତ। ଏଥିରେ ଏଲପିଜି ଷ୍ଟୋର ରଖାଯାଏ। ପୁରୁଣା ଲୁହା ସିଲିଣ୍ଡର ଏବଂ ବର୍ତ୍ତମାନ ନୂଆ ସିଲିଣ୍ଡର ବିଷୟରେ ପାର୍ଥକ୍ୟ ଦର୍ଶାଇ ମନ୍ତ୍ରୀ କହିଛନ୍ତି, ଏକ ଲୁହା ସିଲିଣ୍ଡରରେ ସାଧାରଣତଃ ୧୪.୨ କେଜି ଏଲପିଜି ରହିଥାଏ ଏବଂ ସିଲିଣ୍ଡରର ଓଜନ ୧୭ କିଲୋଗ୍ରାମ ରହିଥାଏ। ଏମିତି




ମିଶାଇ ସିଲିଣ୍ଡରର ଓଜନ ୩୦ରୁ ୩୩ କେଜି ରହିଥାଏ।

ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି, ଭାରତ ଗ୍ୟାସ ଲାଇଟ୍ ସିଲିଣ୍ଡରର ଓଜନ ମାତ୍ର ୫.୯ କିଲୋଗ୍ରାମ ରହିଛି। ଏଥିରେ ୧୦ କେଜି ଏଲପିଜି ରହୁଛି। ଏହାକୁ ମିଶାଇ ଲାଇଟ୍ ସିଲିଣ୍ଡରର ଓଜନ ୧୫.୯ କିଲୋଗ୍ରାମ ରହୁଛି, ଯାହା ଲୁହା ସିଲିଣ୍ଡର ତୁଳନାରେ ୧୬ କେଜି କମ। ଏଥିରେ ଘରର ମହିଳାଙ୍କୁ ଉଠାଇବା ସହଜ ହେବ ଏବଂ ଡେଲିଭରି ବୟଙ୍କ ପାଇଁ ମଧ୍ୟ ଲାଇଟ୍ ସିଲିଣ୍ଡର ବେଶ ଆରାମ ଦାୟକ ରହିବ। କାରଣ ଡେଲିଭରି ବୟଙ୍କୁ ଏବେ କାନ୍ଧରେ ୩୩ କିଲୋଗ୍ରାମର ସିଲିଣ୍ଡର ଉଠାଇବାକୁ ପଡ଼ୁଥିଲା।

ଲୁହାର ଏଲପିଜି ସିଲିଣ୍ଡରର ମୁଖ୍ୟ ସମସ୍ୟା ଏଥିରେ କଳଙ୍କି ଲାଗିଥାଏ। କିନ୍ତୁ ଏଚପିଡି ଲାଇଟ୍ ସିଲିଣ୍ଡରରେ ଜଙ୍ଗ ବା କଳଙ୍କି ଲାଗିବାର ସମସ୍ୟା ନାହିଁ। ଏହି ସିଲିଣ୍ଡରର ରଙ୍ଗ ହେଉଛି ନୀଳ ଏବଂ ହଳଦିଆ। ଏଥିରେ ଟ୍ରାସଲୁସେଣ୍ଟ ସ୍ଲଟ୍ ମଧ୍ୟ ରହି, ଯେଉଁଥିରେ ଗ୍ରାହକ ସିଲିଣ୍ଡରରେ କେତେ ଗ୍ୟାସ୍ ଅଛି ଦେଖି ପାରିବ।

ଭାରତ ଗ୍ୟାସର ଅଧିକାରୀ କହିଛନ୍ତି, ଲାଇଟ୍ ସିଲିଣ୍ଡରର ମୂଲ୍ୟ ୨୫ ଶହ ଟଙ୍କା ଏବଂ ବଜାରରେ ସିକ୍ୟୁରିଟି ଡିପୋଜିଟ ମିଶାଇ ଏହାର ଦାମ ପ୍ରାୟ ୩୩୫୦ ଟଙ୍କା ହେବ। ଲୁହା ସିଲିଣ୍ଡର ପାଇଁ ୨୨୦୦ ଟଙ୍କା ଡିପୋଜିଟ୍ କରିବାକୁ ପଡ଼ିଥାଏ। ଯଦି ଆପଣ ଲଞ୍ଚ ସମୟରେ ସିଲିଣ୍ଡର ନେବାକୁ ଚାହାନ୍ତି ତେବେ ଆପଣଙ୍କୁ ଲୁହା ସିଲିଣ୍ଡରକୁ ଲାଇଟରେ ବଦଳାଇବା ପାଇଁ କେବଳ ୩୦୦ ଟଙ୍କା ଡିପୋଜିଟ୍ କରିବାକୁ ପଡ଼ିବ। କିନ୍ତୁ ନୂଆ ଲାଇଟ୍ ସିଲିଣ୍ଡର ନେବା ପାଇଁ ଲଞ୍ଚ ସମୟରେ ୨୫୦୦ ଟଙ୍କା ଏବଂ ପୂରା ବଜାରରେ ଲଞ୍ଚ ହେବା ପରେ ୩୩୫୦ ଟଙ୍କା ଡିପୋଜିଟ୍ କରିବାକୁ ପଡ଼ିବ। ଏହା ସହ ଯଦି ଆପଣ ଏହି ଲାଇଟ୍ ସିଲିଣ୍ଡରରେ ଖୁସି ନାହାନ୍ତି, ତେବେ ଆପଣ ଏହାକୁ ଫେରାଇ ପୁରୁଣା ଲୁହା ସିଲିଣ୍ଡର ନେଇ ପାରିବେ। ବିପିସିଏଲ ଏହାକୁ ପ୍ରଥମେ ୧୦ ସହରରେ ଏବଂ ଆଗାମୀ ଦିନରେ ଦେଶର ସମସ୍ତ ମେଟ୍ରୋ ସହରରେ ପ୍ରଚଳନ କରିବାକୁ ଯୋଜନା କରିଛି। ପ୍ରଥମେ ଗୋଆରେ ଆଜି ଲାଇଟ୍ ସିଲିଣ୍ଡରର ଲଞ୍ଚ ହୋଇଛି।

# ଭାରତରେ ନୂଆ ମାଇଲଖୁଣ୍ଟ ଅତିକ୍ରମ କଲା ଡିଜିଟାଲ୍ ବିପ୍ଳବ

ନୂଆଦିଲ୍ଲୀ,୨୯।୧: ଭାରତରେ ଡିଜିଟାଲ୍ ବିପ୍ଳବ ଏକ ନୂଆ ମାଇଲଖୁଣ୍ଟ ଅତିକ୍ରମ କରିଛି। 'ଇଣ୍ଟରନେଟ୍ ଆଣ୍ଡ ମୋବାଇଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆ' ରିପୋର୍ଟ ଅନୁଯାୟୀ, ୨୦୨୫ ସୁଦ୍ଧା ଭାରତରେ ସକ୍ରିୟ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୯୫ କୋଟି ଟପିଛି। ଭାରତର ମୋଟ ସକ୍ରିୟ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ମଧ୍ୟରୁ ୫୭ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୪୮ ମିଲିୟନ୍ ବ୍ୟବହାରକାରୀ ଗ୍ରାମାଞ୍ଚଳର ଅଟନ୍ତି। ତେବେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପ୍ରାୟ ୪ ଗୁଣ ଅଧିକ ବେଗରେ ବଢ଼ୁଛି। ରିପୋର୍ଟ ଅନୁସାରେ ଭାରତରେ କୃତ୍ରିମ ବୁଦ୍ଧିମତା ବା ଏଆଇ ର ବ୍ୟବହାର ବହୁଳ ଭାବେ ବୃଦ୍ଧି ପାଇଛି। ପ୍ରାୟ ୪୪ ପ୍ରତିଶତ ବ୍ୟବହାରକାରୀ ଭଏସ୍ ସର୍ଚ୍ଚ, ଚାଟ୍‌ବଟ୍ ଏବଂ ଏଆଇ ଫିଲ୍ଟର ଭଳି ସୁବିଧା ବ୍ୟବହାର କରୁଛନ୍ତି। ୧୫ ରୁ ୨୪ ବର୍ଷ ବୟସ୍କ ଯୁବପିଢ଼ିଙ୍କ ମଧ୍ୟରେ ଏଆଇ ବ୍ୟବହାର ସର୍ବାଧିକ (୫୭%) ରହିଛି। ତେବେ ୫୮୮ ମିଲିୟନ୍ (୬୧%) ବ୍ୟବହାରକାରୀ ସର୍ଟ-ଭିଡିଓ ଦେଖିବାକୁ ପସନ୍ଦ କରୁଛନ୍ତି। ସହରାଞ୍ଚଳର ପ୍ରାୟ ୫୬% ବ୍ୟବହାରକାରୀ (୨୩୦ ମିଲିୟନ୍) ଗତ ବର୍ଷ ଅନଲାଇନ୍ ସପିଂ କରିଛନ୍ତି। ଯେଉଁଥିରେ କ୍ୱିକ୍ କମର୍ସର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ସେହିପରି ମଲ୍ଟି-ଡିଭାଇସ୍ ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ୧୯୩ ମିଲିୟନକୁ ବୃଦ୍ଧି ପାଇଛି।



# ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

● ସମ୍ପୂର୍ଣ୍ଣ ପରେ ବି କାର୍ଯ୍ୟରେ ଆସୁନି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର

## ଅଢେଇ କୋଟି ଟଙ୍କାର ୫ଗୋଟି ନୂତନ କୋଠା ନିର୍ମାଣ ହୋଇ ଦେଢ଼ବର୍ଷ ପୂରିଲା



**ବୈପାରିଗୁଡା, ୨ ୯ । ୧ (ସଂଚାର ବ୍ୟୁରୋ):** ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର ନହେଲେ ଆସନ୍ତା ଦିନରେ ଭୁତ କୋଠି ପାଲଟିବ ଉପସ୍ୱାସ୍ଥ୍ୟ କେନ୍ଦ୍ର ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର। ଦେଢ ବର୍ଷ ହେଲା ରୋଗ ଶଯ୍ୟାରେ ଛଟପଟ ହେଉଛି ଆୟୁଷ୍ମନା ଆରୋଗ୍ୟ ମନ୍ଦିର କୋଠା। ଖବର ନେବାରୁ ଜଣା ପଡ଼ିଛି ଯେ, ସମଗ୍ର ବ୍ଲକରେ ସାଧାରଣ ଜନତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ସେବାର ବିକଳ୍ପ ବ୍ୟବସ୍ଥା ନଥିବା ଗ୍ରାମ ପଞ୍ଚାୟତ ମାନଙ୍କରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୧/୨୨ ଆର୍ଥିକ ବର୍ଷରେ ଗୋଟିଏ ଗୋଟିଏ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ବା ଉପ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଆସିଥିଲା। ସ୍ଥାନିୟ ବ୍ଲକର ଚିପାକୁର, ମାଝୀଗୁଡା, ରାମଗିରି, ଚନ୍ଦ୍ରପଡା ଓ ବାଲିଗାଁ ଗ୍ରାମପଞ୍ଚାୟତରେ ଏହି ନିର୍ମାଣ କାର୍ଯ୍ୟ ସରି ଦେଢ ବର୍ଷ ପୁରିଲାଣି। ପ୍ରତି କୋଠାର ନିର୍ମାଣରେ ସରକାରୀ ଭାବେ ଅଟକଳ ମୂଲ୍ୟ ୫୦ ଲକ୍ଷ ବୋଲି ସେଠାରେ ଲାଗିଥିବା ସୂଚନାଫଳକରେ ଲେଖାଥିବା ଦେଖିବାକୁ ମିଳିଛି। ଏହି କୋଠା ନିର୍ମାଣ ପରେ ଏହାକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଗଲେ ସେଠାରେ ଏଏନଏମ ଦିଦି ମାନେ ରହିବା ସହ ସେହି ଅଞ୍ଚଳର ସାଧାରଣ ଜନତାଙ୍କୁ ସେମାନେ ଅହୋରାତ୍ର ଡାକ୍ତରୀ ସେବା ଯୋଗାଇ ଦେବେ। କିନ୍ତୁ ସ୍ଥାନିୟ ବ୍ଲକର ଉପରୋକ୍ତ ୫ ଗୋଟି ସ୍ଥାନରେ ଉକ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଏକ ବର୍ଷ ବିତିଯାଇଥିଲେ ମଧ ଏହା ଆଜି ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବିଭାଗକୁ ହାସ୍ତାନ୍ତର ହୋଇ ନଥିବା ଦେଖିବାକୁ ମିଳିଛି। ଏହାର କାରଣ ବୁଝିବାକୁ ଆମେ ଚେଷ୍ଟା କରିବାରୁ ଜାଣିବାକୁ ପାଇଲୁ ଯେ, ଠିକାଦାର ମାନେ ସେମାନଙ୍କ କାର୍ଯ୍ୟ ସମାପ୍ତ କରିଥିଲେ ମଧ ସେମାନଙ୍କୁ ସେମାନଙ୍କ ବଳକା ପ୍ରାପ୍ୟ ଅର୍ଥ ପ୍ରଦାନ କରିବାରେ ସରକାରୀ କଳ ପକ୍ଷରୁ ବିଳମ୍ବ କରାଯାଉଛି। ଫଳରେ ଉକ୍ତ ନୂତନ ଉପସ୍ୱାସ୍ଥ୍ୟ କେନ୍ଦ୍ର କୋଠା ବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ମାଧମରେ ସାଧାରଣ ଜନତାଙ୍କୁ ଯେଉଁ ସେବା ଯୋଗାଇ ଦେବା କଥା ତାହା ପଦ୍ମ ଘୁଂଚି ଘୁଂଚି ଯାଉଥିବା ସାଧାରଣରେ ଆଲୋଚନା ହେଉଛି।

# ଗୁଟଖା ବିକ୍ରି ନିଷେଧ ପ୍ରହସନ: ଉତ୍ପାଦନରେ ନାହିଁ ଲଗାମ

**କଳାହାଣ୍ଡି, ୨ ୯ । ୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟରେ ଗୁଟଖା ଆମଦାନୀ ଓ ବ୍ୟବସାୟକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଚଳିତବର୍ଷ ଜାନୁୟାରୀ ୨୧ ତାରିଖରେ ସ୍ୱାସ୍ଥ୍ୟ ଓ ପରିବାର ଓ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି କରାଯାଇଛି।ବିକ୍ରି କରୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କଡ଼ା ଚେତାବନୀ ମଧ ଦିଆଯାଇଛି। ସ୍ୱାସ୍ଥ୍ୟ ଗତ କାରଣରୁ ଏହା ଏକ ବରିଷ୍ଠ ପଦକ୍ଷେପ ବୋଲି କୁହାଯାଉଥିବା ବେଳେ ଏଭଳି କଟକଣାକୁ ଦୁର୍ବଳ ବ୍ୟବସ୍ଥା ଯୋଗୁଁ କଡ଼ା ସମାଲୋଚନା କରାଯାଉଛି। ଅର୍ଥାତ୍ ବ୍ୟବସାୟୀ ଓ ଖୁଚୁରା ଦୋକାନୀଙ୍କ ଉପରେ ପ୍ରହାର କରି କମ୍ପାନୀ ପ୍ରତି ଅନୁକମ୍ପା ଦେଖାଇବା ସମ୍ପର୍କରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏପଟେ ଗୁଟଖା, ଖଇନି ବନ୍ଦ ନିର୍ଦ୍ଦେଶ ଯୋଗୁଁ କଳାବଜାରୀ ବଢ଼ିବା ସହିତ ଦର ବଢ଼ି ବଢ଼ି ଚାଲିଛି। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ରେ ଦୀର୍ଘବର୍ଷ ଧରି ନକଲି ତମାଖୁ ସାମଗ୍ରୀ ତିଆରି ହେଉଥିବା ବେଳେ ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଛତିଶଗଡ଼ ରୁ ସହଜରେ ନିଷିଦ୍ଧ ସମଗ୍ରୀ ପ୍ରବେଶ କରି ପାରୁଛି। ଟ୍ରେନ, ବସ, ପିକଅପ୍ ଓ ଅନ୍ୟ ପନ୍ଥାରେ ନିଷିଦ୍ଧ ତମାଖୁ ସାମଗ୍ରୀ ଆମଦାନୀ ହୋଇ ଚଢ଼ା ଦରରେ ସହଜରେ ଉପଲବ୍ଧ ହେଉଛି। ରାୟପୁର ମହାନଗରୀ ନକଲି ସାମଗ୍ରୀର ପେଣ୍ଠସ୍ଥଳୀ ପାଲଟିଥିବା ବେଳେ କଳାହାଣ୍ଡି ସେହି ଧାରାରେ ଗତି କରୁଥବ ଚର୍ଚ୍ଚା ହେଉଛି। କେତେକ ହୋଇସେଲର ବେପାରୀଙ୍କ ଗୋଦାମରେ ଏବେ ବି ତମାଖୁ ସାମଗ୍ରୀ ଗଚ୍ଛିତ ରଖା ଯାଇ ଚୋରାରେ ଲକ୍ଷ ଲକ୍ଷ ଟଙ୍କାର ମୁନାଫା କମା ଯାଉଛି।ପାନ ଦୋକାନରେ ଜିନିଷ ମିଳୁନଥିବା ପ୍ରଚାର କରି ଲୁଚା ଛପାରେ ପ୍ୟାକେଟ ପିଛା ୧୦ ଟଙ୍କାରରେ ବିକ୍ରି ହେଉଥିବା ଅଭିଯୋଗ ମଧ ହେଉଛି। ଗୁଟଖା ବେଆଇନ କରାଗଲେ ମଧ କମ୍ପାନୀ ଉପରେ ଚଢ଼ାଉ କରାଯାଉନାହିଁ। ଏହା ସହିତ ଲୋକପ୍ରିୟ ରାଜପ୍ରିୟ ଅଭିନେତାଙ୍କ ଦ୍ୱାରା ଓ କାନ୍ଥ ବାଡ଼ରେ ଏବେବି ନିଷିଦ୍ଧ ସାମଗ୍ରୀର ବିଜ୍ଞାପନ ପ୍ରଚାଇ ହେଉଛି। ଜନସାଧାରଣଙ୍କ ପ୍ରମୁଖ ମନୋରଞ୍ଜନ ମାଧମ ପାଲଟିଥିବା ଟିଭିରେ ଲଗାତାର ବିଜ୍ଞାପନ ମାଧମରେ ପ୍ରସାର କରାଯାଉଛି। ଯେଉଁ ରାଜ୍ୟରେ ନିଷିଦ୍ଧ ସାମଗ୍ରୀ ବ୍ୟାନ୍, ସେହି ସାମଗ୍ରୀର ବିଜ୍ଞାପନ ମାଧମରେ ପ୍ରଚାର ହେବା ତାହା ଘୋର ଅସଙ୍ଗତି ସୃଷ୍ଟି କରିଛି। ତମାଖୁ ନିଷେଧ ନିଷ୍ପତ୍ତି ସ୍ୱାଗତ ଯୋଗ୍ୟ ପଦକ୍ଷେପ ହୋଇଥିଲେ ମଧ ମଦ୍ୟ ପାନ ଜନିତ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଜନ ସାଧାରଣ ସରକାରଙ୍କୁ କଟୁ ସମାଲୋଚନା କରୁଛନ୍ତି।

## ଦଳପଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



**କନ୍ଧମାଳ, ୨ ୯ । ୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳପଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଜାନୁଆରୀ ମାସ ତା- ୨୭ ଓ ୨୮ ଦୁଇଦିନ ଧରି ୨୦୨୫-୨୬ ଶିକ୍ଷାବର୍ଷର ବାର୍ଷିକ ତଥା କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବଟି ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାରିକ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉତ୍ସବର ଉଦ୍ ଘାଟନ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ମଲିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଉଦ୍ ଯାପନି ଦିବସରେ ମୁଖ୍ୟ ଅତିଥି ଖଜୁରୀପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ ଦତ୍ତାତ୍ରେୟ ବାହିନୀପତି ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲ, ସମାଜ ସେବୀ ରମାକାନ୍ତ ମଲିକ ଯୋଗଦେଇ ଥିଲେ। ଉତ୍ସବର ବିଚାରକ ଭାବେ ନଗଲେଜୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ବିଘ୍ନେଶ୍ୱର ପଣ୍ଡା ଓ ମେଡୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମନୋଜ ମଲିକ ଏବଂ କ୍ରୀଡା ବିଚାରକ ଭାବେ ବୁଡାରା କାଢ଼ି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଇନ୍ଦ୍ରମଣି ନାୟକ ଦାୟିତ୍ୱ ନିର୍ବାହ କରିଥିଲେ।

## ଚୋରି କରିବା ପଡିଲା ମହଙ୍ଗା

**ଥୁଆମୂଳ ରାମପୁର, ୨ ୯ । ୧ (ସଂଚାର ବ୍ୟୁରୋ):** ସରକାରୀ ପ୍ରକଳ୍ପରୁ ସାମଗ୍ରୀ ଚୋରି କରିବା ଚୋରଙ୍କୁ ମହଙ୍ଗା ପଡ଼ିଛି। ଗୋପାଳପୁର ପଞ୍ଚାୟତ ସ୍ଥିତ ପାଟଜୋର ଡଙ୍ଗର ବନୀକରଣ ପ୍ରକଳ୍ପରୁ ଲୁହା ଖୁଣ୍ଟ ଓ ତାରବାଡ଼ ଚୋରି କରୁଥିବା ବେଳେ ବନ ବିଭାଗ ଟିମ୍ ଏବଂ ନାଇଟ୍ ୱାଚର୍ ମାନଙ୍କ ସହାୟତାରେ ୪ ଜଣ ଚୋରଙ୍କୁ ଧରାଯାଇଛି। ଅଟକ ଅଭିଯୁକ୍ତମାନେ ହେଲେ କାଶିପୁର ଥାନା ଝୁଲକାଗୁଡା ଗ୍ରାମର ଦେବ ଗୌଡ (୨୬), ଶ୍ରୀରାମ ଗୌଡ (୪୫), ବାସୁ ଗୌଡ (୩୮) ଓ ଜଗନ୍ନାଥ ଗୌଡ (୩୧)। ଆର୍ଥିକ ବର୍ଷ ୨୦୨୪-୨୫ରେ 'କାମପା' ଯୋଜନାରେ କୁମ୍ଭଯୋର ଗ୍ରାମ ନିକଟସ୍ଥ ପାଟଜୋର ଡଙ୍ଗରର ୩୦ ହେକ୍ଟର ଜାଗାରେ କାଜୁ, ପଣସ, ଶିଶୁ ଓ ବାଉଁଶ ଭଳି ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। ଏହାର ସୁରକ୍ଷା ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ୨୮୦ଟି ଲୁହା ଖୁଣ୍ଟ ଓ ୬୦ଟି ତାର ଜାଲି ଦିଆଯାଇଥିଲା। ତେବେ ଗତ କିଛି ଦିନ ହେବ ଏଠାରୁ ଲଗାତାର ଚୋରି ହେଉଥିବା ବେଳେ ପୂର୍ବରୁ ୪୦ଟି ଖୁଣ୍ଟ ଓ ୧୦ଟି ଜାଲି ଚୋରି ହୋଇସାରିଥିଲା। ଚୋରଙ୍କୁ ଧରିବା ପାଇଁ ରେଞ୍ଜ ଅଧିକାରୀ ତ୍ରିନାଥ ସେଠୀଙ୍କ ତତ୍ତ୍ୱାବଧାନ ଓ ବନପାଳ ଏକାଦଶୀ ନାଏକଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ଓ ନାଇଟ୍ ୱାଚର୍‌ମାନେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ରାତି ତମାମ ଜଗି ରହିଥିଲେ।

## ମଙ୍ଗଳାଙ୍କ ପୀଠରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ



**ଖୋର୍ଦ୍ଧା, ୨ ୯ । ୧ (ସଂଚାର ବ୍ୟୁରୋ):** ଦିବା ୧ ଘଟିକା ସମୟରେ ଉତର ଖୋରଧା ହଳଦିଆ ପାଖଣ୍ଡ ଭଗବାନପୁର ଶାସନ (କଆପୁଟ) ମା' ମଙ୍ଗଳାଙ୍କ ପୀଠରେ ସମସ୍ତ ହିନ୍ଦୁ ସମାଜ ତରଫର ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ମୁଖ୍ୟ ଅତିଥୁ ରୂପେ ଅବସର ଗ୍ରହଣ କରିଥିବା ସେନା ଅଧିକାରୀ ଡ଼କ୍ଟର ଶରତ ଚନ୍ଦ୍ର ମିଶ୍ର, ମୁଖ୍ୟ ବକ୍ତା ରୂପେ ପ୍ରଚାରକ କରିଥବା ରାଜେଶ୍ୱର ରାଉତ, ସମ୍ମାନିତ ଅତିଥ ରୂପେ ଅଧାପକ ଅଶୋକ ନନ୍ଦ, ଆୟୋଜକ ପୁରୁଷୋତମ ମିଶ୍ର, ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମିଶ୍ର, ଅବସର ଗ୍ରହଣ ଗୁଣନିଧି ମହାପାତ୍ର ଯୋଗ ଦେଇଥିଲେ । ସଭାକାର୍ଯ୍ୟ ଆରମ୍ଭରୁ ମା'ଭାରତୀଙ୍କ ନିକଟରେ ପ୍ରଜ୍ୱୋଳନ କରାଯାଇ ଶ୍ରୀମତୀ ସୌଦାମିନୀ ସାହୁ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଅତିଥି ପରିଚୟ ପ୍ରଦାନ ରେ ଦୀପ କରାଯାଇଥିଲା । ଅତିଥମାନେ ସାଂପ୍ରତିକ ପରିସ୍ଥିତିରେ ହିନ୍ଦୁ ଏକତାର ଆବଶ୍ୟକତା ଉପରେ ଏକ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଶ୍ରୀ ରାଉତ ବିଭିନ୍ନ ଉଦାହରଣ ଛଳରେ ହିନ୍ଦୁ ଏକତା ଉପରେ ଯୁବପିଢୀକୁ ରାଷ୍ଟ୍ରପ୍ରେମରେ ବାନ୍ଧି ହେବା ପାଇଁ ଆହ୍ୱାନ ଦେଇଇଥିଲେ। ପ୍ରାୟ ପାଗଦେଇ ହିନ୍ଦୁତ୍ୱବ ରାଷ୍ଟ୍ରପ୍ରେମରେ ନିଜକ ହଜାରରୁ ଅଧିକ ହିନ୍ଦୁପ୍ରେମୀ ଭାଇ ଓ ଭଉଣୀମାନେ ଯୋଗଦେ ସାମିଲ କରିଥିଲେ । ଶ୍ରୀଯୁକ୍ତ ସମରେନ୍ଦ୍ର ଶତପଥୀମଂଚ ପରିଗ ପ୍ରଭାତ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ

**ବୋରିଗୁମ୍ମା, ୨ ୯ । ୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ସରକାରୀ ଏସଏସଡି ଉଚ୍ଚ ବାଳିକା ବିଦ୍ୟାଳୟ, ହରଡାପୁଟ ଠାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, କୋରାପୁଟ ର ଜିଲ୍ଲା ସ୍ତରୀୟ ଦ୍ୱି ଦିବସୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।ଏଥିରେ ଜିଲ୍ଲାର ୧୬୬ ଟି ବିଦ୍ୟାଳୟ ତଥା ଅନ୍‌ବଷୋ ହଷ୍ଟେଲ ରୁ ୧୧୬୫ ଜଣ ଛାତ୍ର ଛାତ୍ରୀ ଚବିଶିଟି ଭିନ୍ନ ଭିନ୍ନ କ୍ରୀଡା ପ୍ରତିଯୋଗିତା ରେ ଭାଗ ନେଇଥିଲେ।ସବ ଜୁନିଅର, ଜୁନିଅର ଏବଂ ସିନିଅର ତିନୋଟି ବିଭାଗ ରେ ଛାତ୍ର ଛାତ୍ରୀ ଙ୍କୁ ନେଇ କ୍ରୀଡା ଅନୁଷ୍ଠିତ ହୋଇଥିଲା।ଏହି ପ୍ରତିଯୋଗିତା କୁ ୧୮ ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ ସହ ୧୩୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଉଦଘାଟନ ଉତ୍ସବ ପୂର୍ବରୁ ସ୍ଥାନୀୟ ବୁଢାରାଜା ପୀଠ ରୁ ମଶାଲ ଅଣାଯିବା ପରେ ଜିଲ୍ଲା ମଙ୍ଗଳ ଅଧିକାରୀ, କୋରାପୁଟ ଶ୍ରୀ ସୁନୀଲ କୁମାର ତାଣ୍ଡି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଉଦଘାଟନ ଉତ୍ସବ ରେ ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ଅର୍ଜୁନ ନାୟକ,ରାକେଶ ବିଶ୍ୱାଳ, ବୈଶାଳୀ ଦୋରା, ଯୋଜନ ବେହେରା,ଜିଲ୍ଲା ଶିକ୍ଷା ଅଧିକାରୀ ଅଜୟ ମିଶ୍ର, ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପୂଜାରୀ ସହ ସ୍ଥାନୀୟ ସରପଞ୍ଚ ସୁଶିଳା ଚଲାଣ ଉପସ୍ଥିତ ଥିଲେ।

# ଅଭିଯୋଗର ସମାଧାନ ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କଲେ ଗ୍ରାମବାସୀ



**ବାରିପଦା, ୨ ୯ । ୧ (ସଂଚାର ବ୍ୟୁରୋ):** ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ଏକ ଜନ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସୟ, ଅତିରିକ୍ତ ଜିଲ୍ଲାପାଳ ଦୁଖବନ୍ଧୁ ନାୟକ ଓ ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା ଯୋଗ ଦେଇଥିଲେ। ଉକ୍ତ ଅଭିଯୋଗ ଶୁଣାଣି ବୈଠକରେ ଭେନକୋ ରିସର୍ଚ୍ଚ ଏଣ୍ଡ ବ୍ରିଡିଙ୍ଗ ଫାର୍ମ ର ହେଚେରୀରେ ହେଉଥିବା ବେନିୟମ କାର୍ଯ୍ୟ ବିରୁଦ୍ଧରେ ମୋରଡା ବ୍ଲକର ମାକୁନ୍ଦା ଓ ରାସଗୋବିନ୍ଦପୁର ବ୍ଲକର ଛାତନା ଗ୍ରାମବାସୀ ମାନେ ବିଭିନ୍ନ ପ୍ରକାର ଅଭିଯୋଗ ମନ୍ତ୍ରଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ ଏବଂ ଏହାର ସମାଧାନ ପାଇଁ ଅନୁରୋଧ କରିଥିଲେ। କମ୍ପାନୀ ବିରୁଦ୍ଧରେ ବିଭିନ୍ନ ଅଭିଯୋଗ ମଧରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି, ରାସାୟନିକ ଦ୍ରବ୍ୟ ପ୍ରୟୋଗ ଦ୍ୱାରା ଅଞ୍ଚଳରେ ରାସାୟନିକ ନିଷ୍କରଣ ହେତୁ ବିଭିନ୍ନ ରୋଗର ଆଶଙ୍କା, ବେଆଇନ ଭାବେ ସରକାରୀ ଜମି ଜବରଦଖଲ, ଘରବାଡି କିସମ ନଥାଇ ଷ୍ଟାଫ କ୍ୱାର୍ଟର ନିର୍ମାଣ, ବିନା ଅନୁମତିରେ ଭୂତଳ ଜଳର ବ୍ୟାପକ ଅପବ୍ୟବହାର, କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ ନିୟମ ଅନୁଯାୟୀ ଦରମା ପ୍ରଦାନ ନକରିବା, ବିଭିନ୍ନ ଯନ୍ତ୍ରପାତି ଚାଲିବା ପାଇଁ ବେଆଇନ ଭାବେ ଧାର୍ଯ୍ୟ ଠାରୁ ଅଧିକ ବିଦ୍ୟୁତ ବ୍ୟବହାର କରିବା, କର୍ମଚାରୀ ନିଯୁକ୍ତିରେ ବ୍ୟାପକ ହେରଫେର, ପ୍ରାଇଭେଟ କମ୍ପାନୀ ହେଲେ ମଧ ଏହର ସି ଏସ ଆର ଫଣ୍ଡ ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ବିନିଯୋଗ ନହେବା, ଅଞ୍ଚଳର ଲୋକମାନଙ୍କୁ କୁକୁଡ଼ା ଚିଆଁ ତଥା କୁକୁଡ଼ା ବିକ୍ରି ନକରିବା ଓ କମ୍ପାନୀ ପାଇଁ ଜମି ଦେଇଥିବା ଲୋକ ମାନଙ୍କ ପରିବାର ବର୍ଗଙ୍କୁ କୌଣସି ନିଯୁକ୍ତି ନଦେବା ଇତ୍ୟାଦି ରହିଥିଲା।

## ପୁଣି ସୀମାନ୍ତ ଗାଁରେ ଆଧାର କାର୍ଡ ଅପଡେଟ୍ କରିବାକୁ ଆନ୍ଧ୍ରର ପ୍ରଚେଷ୍ଟା

**ପଟ୍ଟାଙ୍ଗି, ୨ ୯ । ୧ (ସଂଚାର ବ୍ୟୁରୋ):** ଓଡ଼ିଶାର ସୀମାନ୍ତ ଗ୍ରାମରେ ପଡୋଶୀ ଆନ୍ଧ୍ର ଅନୁପ୍ରବେଶ କରି ଲୋକଙ୍କୁ ପ୍ରଲୋଭିତ କରୁଥିଲେ ମଧ ଏହାର ପ୍ରଭାବ ଓଡିଶା ଉପରେ ପଡୁନାହିଁ । ଏହିପରି ଦୃଶ୍ୟ ପୁଣି କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକ ଅଧିନରେ ରହିଥିବା କୋଟିଆ ପଞ୍ଚାୟତର ଉପର ସେମ୍ଭି ଗ୍ରାମ, ଗଞ୍ଜେଇ ପଦର ପ୍ରମୁଖ ଅଞ୍ଚଳରେ ଦେଖିବାକୁ ମିଳିଛି । ସୂଚନା ମୁତାବକ, ଗୁରୁବାର ଆନ୍ଧ୍ର ରାଜ୍ୟର କିଛି ସରକାରୀ ଅଧିକାରୀ ଉକ୍ତ ସୀମାନ୍ତ ଗ୍ରାମଗୁଡିକରେ ପହଞ୍ଚି ନିଜ ରାଜ୍ୟର ରାସନ କାର୍ଡ ଆଧାର କାର୍ଡକୁ ଆଧାରିତ କରି ପ୍ରଦାନ କରୁଥିବା ବେଳେ ଓଡ଼ିଶାର କୋଟିଆ ପଞ୍ଚାୟତ ସଦର ମହକୁମାରେ ରହିଥିବା ପୋଲିସ ଖବର ପାଇ ପହଞ୍ଚି ଆନ୍ଧ୍ର ରାଜ୍ୟର ଅଧିକାରୀଙ୍କୁ ବାରଣ କରି ଫେରିଯିବା ପାଇଁ କହିଥିଲେ। କିନ୍ତୁ ଏହି ସମୟରେ ଉପସ୍ଥିତ ଗ୍ରାମବାସୀ ଉକ୍ତ ପୋଲିସମାନଙ୍କୁ କାହିଁକି ତୁମେ ମନା କରୁଛ ପ୍ରଶ୍ନ କରି ଆମେ ଆନ୍ଧ୍ର ସହ ରହିଛୁ ଆନ୍ଧ୍ର ରାଜ୍ୟ ପକ୍ଷରୁ ଆମକୁ ରାସନ କାର୍ଡ ପ୍ରଦାନ କରାଗଲେ କିଛି ଅସୁବିଧା ନାହିଁ ବୋଲି ଉତ୍ତର ରଖିଥିଲେ । ଗ୍ରାମବାସୀଙ୍କ ଏହିପରି ପ୍ରତିକ୍ରିୟା ଦେଖି ଉକ୍ତ ସ୍ଥାନରୁ ପୋଲିସ ଫେରି ଆସିଥିଲେ । ଆନ୍ଧ୍ରର ଏହିପରି ବାରମ୍ବାର ଅନୁପ୍ରବେଶ ରାଜ୍ୟ ସରକାରଙ୍କ ଉପରେ କୌଣସି ଫରକ ପଡି ନ ଥିବା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋଟିଆବାସୀ ଆମ ସହିତ ଅଛନ୍ତି ଆମ ସହ ରହିବେ ।

ରେଡ଼କ୍ରସ ସଂସ୍ଥା ଦ୍ୱାରା ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ

## ମୟୂରଭଞ୍ଜ ଜିଲ୍ଲାର ୨୨୩୮ ଜଣ ଯକ୍ଷ୍ମା ରୋଗୀ ହେବେ ଉପକୃତ



**ବାରିପଦା, ୨ ୯ । ୧ (ସଂଚାର ବ୍ୟୁରୋ):** ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଆର୍ଥିକ ସହାୟତାରେ ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା, ମୟୂରଭଞ୍ଜ ତରଫରୁ ଜିଲ୍ଲାର ବିଭିନ୍ନ ବ୍ଲକରେ ଚିକିତ୍ସାଧୀନ ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ୟାକେଟ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଅଛି। ଏହି ଅବସରରେ ୨୯ ଜାନୁଆରୀ, ୨୦୨୬ ରେ ବାରିପଦା ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଯକ୍ଷ୍ମା ବିଭାଗର ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାର ଜିଲ୍ଲାପାଳ ତଥା ଜିଲ୍ଲା ରେଡ଼କ୍ରସର ଅଧକ୍ଷ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା, ମୟୂରଭଞ୍ଜଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ତଥା ରେଡ଼କ୍ରସ ସମ୍ପାଦକ ଶ୍ରୀମତୀ ଶ୍ରଦ୍ଧା ସୁମନ, ଭାରତୀୟ ରେଡ଼କ୍ରସ ସଂସ୍ଥା, ଜିଲ୍ଲା ଶାଖା ମୟୂରଭଞ୍ଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖାର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ ଓ ମୁଖ୍ୟ ବକ୍ତା ଭାବେ ଡ଼ା. କିଶୋର ଚନ୍ଦ୍ର ଆଚାର୍ଯ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ବାରିପଦା, ସହକାରୀ ଜିଲ୍ଲା ଚିକିତ୍ସା ଅଧିକାରୀ (ଯକ୍ଷ୍ମା) ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମ. ନରୁଲ ହୁସେନ ମୟୂରଭଞ୍ଜ, ରାଜ୍ୟ ରେଡ଼କ୍ରସ୍ ର ସହ ସମ୍ପାଦକ, ଅଶୋକ କୁମାର ମହାନ୍ତି, ଭାରତୀୟ ରେଡ଼କ୍ରସ ସଂସ୍ଥା, ଓଡ଼ିଶା ରାଜ୍ୟ ଶାଖା, ଭୁବନେଶ୍ୱର ଓ ବରିଷ୍ଠ ସଦସ୍ୟ ରଞ୍ଜନ କୁମାର ପ୍ରଧାନ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।

## ବିନୋରୀ ୱେଲଫେୟାର ଅର୍ଗାନାଇଜେସନ ଅନୁକୂଲ୍ୟରେ ମକର ମହୋତ୍ସବ



**ବୈଶିଙ୍ଗା, ୨ ୯ । ୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଉପକଣ୍ଠ କେନ୍ଦୁଆ ଗ୍ରାମରେ ଗଢିଉଠିଥିବା ବିନୋରୀ ୱେଲଫେୟାର ଅର୍ଗାନାଇଜେସନ୍ ଆନୁକୂଲ୍ୟରେ ଚଳିତ ବର୍ଷ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ଚାରି ଦିନ ବ୍ୟାପୀ ୧୦ ମ ବାର୍ଷିକ ମକର ମହୋତ୍ସବ ଉଦଯାପିତ ହୋଇଯାଇଛି ଓ ବଳାଙ୍ଗୀ ମହୋତ୍ସବ ର ପ୍ରତିଷ୍ଠାତା ସଭାପତି ଶରତ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଅନୁଷ୍ଠାନର ସ୍ଥାୟୀ ସଭାପତି ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ମାନୀତ ବକ୍ତା ଭାବେ ସାମ୍ବାଦିକ ଦୀପକ କୁମାର ନାୟକ ଯୋଗ ଦେଇ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଦୈନିକ ସନ୍ଧ୍ୟାରେ ଝୁମର, କଣ୍ଢେଇ ନାଚ, ଘୋଡା ନାଚ, ପାଇକ ଆଖଡା ଆଦି ନୃତ୍ୟ ପରିବେଷଣ କରାଯାଇଥିଲା। ଶହ ଶହ ସଂଖ୍ୟାରେ ଦର୍ଶକ ଯୋଗ ଦେଇ ଏହାକୁ ଉପଭୋଗ କରୁଥିଲେ। ଏହି ଅନୁଷ୍ଠାନ ରେ ଶିକ୍ଷାରତ କୁନି କୁନି ଝିଅ ମାନେ ତାଙ୍କର ନୃତ୍ୟ ପରିବେଷଣ କରିଥିଲେ। ଶେଷ ସନ୍ଧ୍ୟାରେ ବିନୋରୀ ୱେଲ ଫେୟାର ଅର୍ଗାନାଇଜେସନ ର କଳାକାର ମାନଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇ ଥିଲା। ଶେଷରେ ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର କୁମାର ବିନ୍ଧାଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମହାବୀର କ୍ଲବର ବନ୍ଧୁମିଳନ ଉତ୍ସବ



**ନିଶ୍ଚିନ୍ତକୋଇଲି, ୨ ୯ । ୧ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ବ୍ଲକ ନିଶ୍ଚିନ୍ତକୋଇଲି ପଞ୍ଚାୟତଠାରେ ଅବସ୍ଥିତ ମହାବୀର କ୍ଲବ ପକ୍ଷରୁ ତା.୨୫.୦୧.୨୦୨୬ ରିଖ ରବିବାର ଏକ ବନ୍ଧୁ ମିଳନ ଉତ୍ସବ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୮୬ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ସମସ୍ତ ସଦସ୍ୟମାନଙ୍କୁ ନେଇ ଅନୁଷ୍ଠିତ ଏହି ବନ୍ଧୁ ମିଳନ ଉତ୍ସବରେ କ୍ଲବର ପୁରାତନ ଓ ବର୍ତ୍ତମାନର ବହୁ ସଦସ୍ୟ ଯୋଗଦେଇଥିବା ବେଳେ ସ୍ଥାନୀୟ ପଞ୍ଚାୟତର ବୟୋଜ୍ୟେଷ୍ଠ ମୁରବୀ ତଥା ପୂର୍ବତନ ସରପଞ୍ଚ କ୍ଷୀରୋଦ ଚନ୍ଦ୍ର ପଣ୍ଡା ଯୋଗଦେଇ କ୍ଲବ ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ କ୍ଲବର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି କ୍ଲବ ବିଭିନ୍ନ ସମୟରେ ସାଂସ୍କୃତିକ, ଜନସଚେତନତା ମୂଳକ କାର୍ଯ୍ୟକ୍ରମ ଏବଂ ଆଧାତ୍ମିକ କାର୍ଯ୍ୟକ୍ରମ କରି ଏ ଅଞ୍ଚଳରେ ବେଶ୍ କ୍ଷାତି ଅର୍ଜନ କରିପାରିଛି।

# ୫୦ ଲକ୍ଷ ମିଶନ ଶକ୍ତି ଭବନରେ ୪ ବର୍ଷ ହେବ ଝୁଲୁଛି ତାଲା



**ବୈପାରୀଗୁଡା, ୨ ୯ । ୧ (ସଂଚାର ବ୍ୟୁରୋ):** ମିଶନ ଶକ୍ତି ମହିଳା ଙ୍କ ପାଇଁ ପୂର୍ବ ସରକାର ୫୦ ଲକ୍ଷ ଟଙ୍କା ର ଏକ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷ ରେ ଅନୁଦାନ ପ୍ରଦାନ କରିଥିଲେ। ଏବଂ ୫୦ ଲକ୍ଷ ଟଙ୍କା ରେ ସୁନ୍ଦର ଭବନ ସହ ଆଧୁନିକ ସାଜସଜା ମଧ ରହିଛି କିନ୍ତୁ ନିର୍ମାଣ ସରି ୪ ବର୍ଷ ହେଲାଣି କାମରେ ଲାଗୁନି ବୈଠକ। ମିଶନ ଶକ୍ତି ବୈଠକ ହେଲେ ମା ମାନେ ନା ନା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ୫୦ ଲକ୍ଷ ଟଙ୍କା ର କୋଠା ଭୁତ କୋଠି ପାଲଟିଛି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ନିରବ ରହିଛି। ଗତ ଅଭିଯୋଗ ଶୁଣାଣୀ ରେ ବ୍ଲକ ଉପାଧକ୍ଷ ଏବଂ ଜିଲ୍ଲା ପରିଷଦ ସଭ୍ୟ ରାଜେଶ୍ୱର ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମନିତ ଶିଶୁ ବିକାଶ ଅଧିକାରୀ ଙ୍କୁ ତୁରନ୍ତ ମିଶନ ଶକ୍ତି ଭବନ କାର୍ଯ୍ୟ ରେ ଲଗାଇବା କୁ ନିର୍ଦ୍ଦେଶ ଦେଇଛନ୍ତି। କାମ ସାରି ୪ ବର୍ଷ ବିତିଲାଣି କିନ୍ତୁ କୋଠା ର ଚାବି ଖୋଲା ଯାଉନାହିଁ ଭିତରେ ଥିବା ଆସବାବ ବ୍ୟବହାର ନ ହେଇ ନଷ୍ଟ ହେବାକୁ ବସିଲାଣି। ଭୁତ କୋଠା ହୋଇ ଜିନିଷ ନଷ୍ଟ ହେବା ପୂର୍ବରୁ ମିଶନ ଶକ୍ତି ଭବନ କାର୍ଯ୍ୟ ରେ ଲଗାଇଲେ ମାଆ ମାନେ ଉପକୃତ ହୋଇପାରିବେ ।

# ଚାଲାଣ କଟା, ହେଲମେଟ ଯାଞ୍ଚରେ ସୀମିତ

## ସଡ଼କ ସୁରକ୍ଷା ଅଭିଯାନ ଫ୍ଲେକ୍ସରେ ସୀମିତ

**କାକଟପୁର/ଅସ୍ତରଙ୍ଗ, ୨ ୯ । ୧ (ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଜାନୁୟାରୀ ପହିଲାରୁ ୩୧ତାରିଖ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଛି। ଏହି ସମୟ ଭିତରେ ରାସ୍ତା ଦୁର୍ଘଟଣାର କାରଣ, ଏହାର ନୀରାକରଣ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗ ଉପରେ ସଚେତନତା ମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ଉଭୟ ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମିତି କିଛି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନି। ହେଲମେଣ୍ଟ ଯାଞ୍ଚ, ଚାଲାଣ କଟାରେ ଏହି ମାସ ସୀମିତ ଥିବା ବିଭିନ୍ନ ମହଲରୁ ଅଭିଯୋଗ ଆସିଛି। ଅନ୍ୟ ଥାନା ଅଞ୍ଚଳରେ ଲୋକଙ୍କ ସଂଖ୍ୟା ପୂର୍ବାପେକ୍ଷା ବଢୁଛି। ସେହି ତୁଳନାରେ ଗାଡି, ମଟର ସଂଖ୍ୟା ମଧ ବୃଦ୍ଧି ହେଉଛି। ମାତ୍ର ଏହି ଗାଡି, ମୋଟର ବେପରୁଆ ଚଳାଚଳ କୁ ନିୟନ୍ତ୍ରଣ କରିବା ପାଇଁ ଆବଶ୍ୟକ ମୁତାବକ ଭିତ୍ତିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉନି। ଫଳରେ ସଡ଼କ ଦୁର୍ଘଟଣା ଅସ୍ତରଙ୍ଗ ଓ ନୂଆଗଡ଼ ସାମୁଦ୍ରିକ ଥାନା ଅଞ୍ଚଳରେ ନିତିଦିନିଆ ଦେହ ସୁହା ଦୁର୍ଘଟଣା ପାଲଟିଛି। ନୂଆଗଡ଼ ମୁଖ୍ୟ ରାସ୍ତା ସମେତ ଅସ୍ତରଙ୍ଗ ରୁ ଜାହାନିଆ ପ୍ରତିଦିନ କେହି ନା କେହି ସଡ଼କ ଦୁର୍ଘଟଣା ଶିକାର ହେଉଛନ୍ତି। ଦୁର୍ଘଟଣା ପଛରେ ଅନେକ କାରଣ ରହିଥିବା ବେଳେ ସେଥି ମଧରୁ ନିଶାଶକ୍ତ ଅବସ୍ଥାରେ ଗାଡି ଚଳାଇବା ମଧ ଦୁର୍ଘଟଣା ର ଆଉ ଏକ କାରଣ ଭାବେ ଉଭା ହୋଇଛି। କାରଣ ଅସ୍ତରଙ୍ଗ ମୁଖ୍ୟ ବଜାର ରେ ତ୍ରିକୋଣୀୟ ମଦ ଦୋକାନ ଶହ ଗ୍ରାମାଞ୍ଚଳ ରେ ଚୋରା ମଦ ପର୍ଯ୍ୟାପ୍ତ ପରିମାଣରେ ମଦ ମିଳିବା ଏହି ଅଘଟଣ ପଛର ମୁଖ୍ୟ କାରଣ ବୋଲି ଅଭିଯୋଗ ହେଉଛି।

## ବାରିକପୁର ଜଳସେଚନ ବିଭାଗର ମହାଦୁର୍ନୀତି

# ଠିକାଦାର-ଯନ୍ତ୍ରୀ ମଧୁଚନ୍ଦ୍ରିକାରେ ୨ କୋଟିର ସରକାରୀ ଅର୍ଥ ହରିଲୁଟ ଉଦ୍ୟମ

● ବିନା ସୁଚନା ଫଳକ ରେ ଚାଲିଛି କାମ, ଜନ ଅସନ୍ତୋଷ ତୀବ୍ର



**ଧାମନଗର, ୨ ୯ । ୧ (ସଂଚାର ବ୍ୟୁରୋ):** ଆଖୁଆପଦା ଜଳସେଚନ ବିଭାଜନ ଅଧୀନସ୍ଥ ବାରିକପୁର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବେ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଛି। ଚନ୍ଦ୍ରପୁର ଠାରୁ ବଡ଼ଦାଣ୍ଡ ଇଛାପୁର ପୋଲ ପର୍ଯ୍ୟନ୍ତ କେନାଲ ରାସ୍ତା ରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟରେ ସବୁ ନିୟମକୁ ଉଲଙ୍ଘନ କରି ମନମୁଖୀ ଭାବରେ ବ୍ୟାପକ ପାଣ୍ଠି ହେରଫେର ହେଉଥିବା ଅଭିଯୋଗ ହୋଇଛି। ୨ କୋଟି ୧୩ ଲକ୍ଷ ଟଙ୍କାର ଏହି ବୃହତ ପ୍ରକଳ୍ପ ଏବେ "ଠିକାଦାର ପୋଷା" ଯୋଜନାରେ ପରିଣତ ହୋଇଛି।ଅନାବନା ଗଛ ଉପରେ ପଡୁଛି ମାଟି,ରାସ୍ତା ନିର୍ମାଣ ପୂର୍ବରୁ ବୁଦା ସଫା କରିବା ଓ ବେସ୍ ପ୍ରସ୍ତୁତ କରିବା ନିୟମ ଥିବାବେଳେ, ଠିକାଦାର ରାକେଶ ରଂଜନ ଭୋଇ ସମସ୍ତ ନୀତି ନିୟମକୁ ବେଖାତିରି କରିଛନ୍ତି। କେନାଲ ହୁଡ଼ାରେ ଥିବା ଛୋଟ ଛୋଟ ଅନାବନା ଗଛକୁ ନକାଟି ଏବଂ ତଳ ଭାଗରୁ ମାଟି ସଠିକ ଭାବେ ଡ୍ରେସିଂ ନକରି ତା' ଉପରେ ସିଧାସଳଖ ମାଟି ପକା ଯାଉଛି। ଏଭଳି "ଉପର ଚିକ୍କଣ ଭିତରେ ଫାଙ୍କା" କାମ ଯୋଗୁଁ ଆଗାମୀ ବର୍ଷାରେ ରାସ୍ତା ଧୋଇଯିବା ନିଶ୍ଚିତ ବୋଲି ସ୍ଥାନୀୟ ଲୋକେ ବିରୋଧ ପ୍ରଦର୍ଶନ କରିଛନ୍ତି।

## ବାଳିକା ହାଇସ୍କୁଲ ପ୍ରତିଷ୍ଠାତା ସମାଜସେବୀ ଉପେନ୍ଦ୍ର ବେହେରାଙ୍କ ଦେହାନ୍ତ



**ବୈଶିଙ୍ଗା, ୨ ୯ । ୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ବାଲକା ହାଇସ୍କୁଲର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ଉପେନ୍ଦ୍ର କୁମାର ବେହେରାଙ୍କର ଗୁରୁବାର ୯୨ ବର୍ଷରେ ଦେହାନ୍ତ ହୋଇଯାଇଥିବା ସୂଚନା ମିଳିଛି। ମୃତ୍ୟୁ ଖବର ପାଇ ଆଖପାଖ ଅଞ୍ଚଳର ଜନସାଧାରଣ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚିଥିଲେ। ସେ ତାଙ୍କ ଜୀବନକାଳ ମଧରେ ଅନେକ ଶିକ୍ଷାନୁଷ୍ଠାନ ଏବଂ ଧାର୍ମିକ ଅନୁଷ୍ଠାନ ଗୁଡିକରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ରହୁଥିଲେ। ତାଙ୍କ ମରଶରୀରକୁ ବାଲକା ଉଚ୍ଚ ବିଦ୍ୟାଳୟକୁ ଆଣାଯାଇ ସେଠାରେ ଏକ ଶୋକସଭା ଆୟୋଜନ କରାଯାଇଥିଲା ଏବଂ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷକ ମାନେ ଶେଷ ଦର୍ଶନ କରିଥିଲେ ଓ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଶେଷ ସମୟରେ ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ନାତି ନାତୁଣୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କବାଡ଼ି: ଅନାମିକା କ୍ଲବ ଚାମ୍ପିୟନ

**ସମ୍ବଲପୁର, ୨ ୯ । ୧ (ସଂଚାର ବ୍ୟୁରୋ):** ପ୍ରଗତୀ ସାମାଜିକ ଅନୁଷ୍ଠାନ ଆୟୋଜିତ ଜିଲାସ୍ତରୀୟ କବାଡି ପ୍ରତିଯୋଗିତା ଚେରୁଆପଡା ଫାର୍ମରୋଡଠାରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଅନାମିକା କ୍ଲବ ଏବଂ ପାଟଣେଶ୍ୱରୀ(କ) ଦଳ ମଧରେ ହୋଇଥିଲା। ଏଥିରେ ଅନାମିକା କ୍ଲବ ଚାମ୍ପିୟନ ହୋଇଛି।

ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଶ୍ୱିନୀ ସ୍ୱାଇଁ, ଭାଜପା ନେତା ସୁଧୀର ରଞ୍ଜନ ବହିଦାର, ନଳିନୀ ଦୋରା, ପ୍ରବୀଣ ସିଂଦେଓ ଏବଂ ଶିବ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅନୁଷ୍ଠାନର ସଭାପତି ମନୋଜ ନରେନ ମିଶ୍ର, ଦିବାକର କର ବଗର୍ତ୍ତୀ ଓ ବିନୋଦ ଭାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ତ୍ୱଚାକୁ ସୁନ୍ଦର କରିବ ଲୁଣ



ସୁନ୍ଦର ଦିଶିବା ପାଇଁ ଚାହୁଁଛନ୍ତି କି? ଖାସ୍ କରି ଝିଅମାନେ ନିଜକୁ ଅଧିକ ସୁନ୍ଦର ଦେଖାଯିବା ପାଇଁ ଅନେକ କାର୍ଯ୍ୟ କରିଥାନ୍ତି। ପାର୍ଲର ଯିବାଠାରୁ ଆରମ୍ଭ କରି ସବୁକିଛି କରିଥାନ୍ତି। ଖାଲି ଝିଅମାନେ ନୁହେଁ ବରଂ ପୁଅମାନେ ମଧ୍ୟ ସୁନ୍ଦର ଦେଖାଯିବା ପାଇଁ ଚାହିଁଥାନ୍ତି। ଏଥିପାଇଁ ବିଭିନ୍ନ ପ୍ରକାରର ପ୍ରଡକ୍ଟ ମଧ୍ୟ ବ୍ୟବହାର କରିଥାନ୍ତି। ଖାସ୍ କରି ଝିଅମାନେ ଫେସରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଥିସହ ସବୁ ସମୟରେ ଫେସ୍ ପ୍ୟାକ୍ ଠାରୁ ଆରମ୍ଭ କରି ପାର୍ଲର ଯାଇ ମଧ୍ୟ ଟିଟମେଣ୍ଟ ନେଇଥାନ୍ତି। କିନ୍ତୁ ଏସବୁ କରିବା ଦ୍ୱାରା କିଛି ଦିନ ମଧ୍ୟରେ ଆପଣଙ୍କ ଫେସ୍ ଖରାପ ହୋଇଯାଇଥାଏ। ଯଦି ଆପଣଙ୍କର ଏଭଳି ସମସ୍ୟା ହେଉଛି, ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଟିପ୍ସ ବିଷୟରେ। ଯାହାକୁ ଆପଣାଇଲେ ଖାଲି ଗ୍ଲୋ କରିବେ ନାହିଁ ଦାନ୍ତରେ ମଧ୍ୟ ଚମକ ଆସିବା ଆରମ୍ଭ କରିବ। ବର୍ତ୍ତମାନ ଦୁନିଆରେ ସମସ୍ତଙ୍କୁ ପ୍ରାୟ ଦାଗହୀନ ଏବଂ ଉଜ୍ଜଳ ତ୍ୱଚା ଦରକାର ହୋଇଥାଏ। ମହିଳାମାନେ ଅନେକ ବିଉଟି ପ୍ରୋଡକ୍ଟର ସାହାରା ମଧ୍ୟ ନେଇଥାନ୍ତି। କିନ୍ତୁ ଆପଣ ଜାଣିଛନ୍ତି କି, ରୋଷେଇ ଘରେ ଥିବା ଲୁଣକୁ ବ୍ୟବହାର କରି ଆପଣ ତ୍ୱଚାର ଚମକ ବଜାୟ ରଖିପାରିବେ। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ତେବେ ଆସନ୍ତୁ ଜାଣିବା ଖାଦ୍ୟର ସ୍ୱାଦ ବଢ଼ାଉଥିବା ସାମାନ୍ୟ ଲୁଣ କିପରି ଆପଣଙ୍କର ଚେହେରା କୁ ଉଜ୍ଜଳ କରିବାରେ ସାହାଯ୍ୟ କରିବ। ଗରମ ଦିନରେ ସାଧାରଣତଃ ତ୍ୱଚା ଶୁଷ୍କ ଓ ମଳିନ ପଡ଼ିଯାଏ। ତ୍ୱଚାକୁ ଉଜ୍ଜଳ କରିବାରେ ଲୁଣ ବହୁତ ଉପଯୋଗୀ ହୋଇଥାଏ। ଲୁଣ , ଅଲିଭ ତେଲ , ବାଦାମ କୁ ନେଇ ମିଶ୍ରଣ କରି ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହା ତ୍ୱଚାରେ ସ୍କ୍ରବ ଭାବେ ବ୍ୟବହାର କରି କିଛି ସମୟ ଶୁଖିବାକୁ ଛାଡିଦିଅନ୍ତୁ। ତା' ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇଦିଅନ୍ତୁ ଏବଂ ଦେଖିବେ ତ୍ୱଚାରେ ଚମକ ରହିବା ସହ ଉଜ୍ୱଳ ମଧ୍ୟ ଦେଖାଯିବ।

କେବଳ ତ୍ୱଚା ଉଜ୍ଜଳ ପାଇଁ ନୁହଁ ଆପଣଙ୍କ ଦାନ୍ତକୁ ଚାମକାଇବା ପାଇଁ ମଧ୍ୟ ଲୁଣ ବ୍ୟବହାର କରିପାରିବେ। ଏଥିପାଇଁ ଏକ ଚାମଚ ଲୁଣ ସହିତ ବେକିଙ୍ଗ ପାଉଡର ମିଶାଇ ତାହାକୁ ବ୍ରଶରେ ଲଗାଇ ବ୍ୟବହାର କରନ୍ତୁ, ଆପଣ କିଛିଦିନ ମଧ୍ୟରେ ପୂର୍ବ ଅପେକ୍ଷା ଅଧିକ ଚମକ ଦାନ୍ତ ପାଇପାରିବେ। ଖାଲି ଲୁଣ ନୁହେଁ ବରଂ ଲୁଣପାଣିରେ ମଧ୍ୟ ଲୁଚି ରହିଛି ଅନେକ ଫାଇଦା। ଲୁଣରେ କ୍ୟାଲସିୟମ ଏବଂ ମ୍ୟାଗ୍ନେସିୟମ ଭରପୂର ମାତ୍ରାରେ ରହିଛି। ଯାହା ତ୍ୱଚାକୁ ସଂକ୍ରମଣରୁ ରକ୍ଷା କରେ। ଯଦି ଦେହହାତ କୁଣ୍ଡାଇ ହେଉଥାଏ ତେବେ ଲୁଣ ପାଣିରେ ସ୍ନାନ କଲେ ଆରାମ ମିଳିଥାଏ। ଦେହହାତ ଦରଜ ହେଉଥିଲେ ଲୁଣପାଣିରେ ଗାଧୋଇଲେ ଦରଜ କମିଥାଏ। ଲୁଣପାଣି ତେଲିଆ ତ୍ୱଚା ପାଇଁ ଖୁବ୍ ଲାଭଦାୟକ। ଏହି ପାଣିରେ କେଶ ଧୋଇଲେ ଝଡ଼ିବା ବନ୍ଦ ହେବା ସହ ଚମକ ମଧ୍ୟ ଆସିଥାଏ। ପାଟିରୁ ବାହାରୁଥିବା ଦୁର୍ଗନ୍ଧକୁ ମଧ୍ୟ ଦୂର କରିବ ଏହି ଲୁଣ। ଲୁଣପାଣିକୁ ନିୟମିତ କୁଳି କଲେ କିଛି ଦିନ ମଧ୍ୟରେ ଆପଣଙ୍କ ମୁହଁରୁ ବାହାରୁଥିବା ଦୁର୍ଗନ୍ଧ ଦୂରେଇ ଯିବ। ଏଥିସହ ଏକ ଚାମଚ ଲୁଣ ସହ ଲେମ୍ବୁରସ, ଏକ ଚାମଚ ବେକିଙ୍ଗ ସୋଡ଼ା ଓ ଅଧା କପ ପାଣିରେ ମିଶେଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ନଖ ଉପରେ ଲଗାନ୍ତୁ। କିଛି ଦିନ ପରେ ଆପଣ ନଖ ଚମକିବ ଆରମ୍ଭ ମଧ୍ୟ କରିବ। ଯଦି ଆପଣ ଏହି ଟିପ୍ସକୁ ନିୟମିତ ଫଲୋ କରନ୍ତି, ତେବେ ମାତ୍ର କିଛି ଦିନ ମଧ୍ୟରେ ଦେଖିବେ ଆପଣଙ୍କ ରେଜଲ୍ଟ।

# ଖରାଦିନେ କେଉଁ ଫଳ ଖାଇବା ଅନୁଚିତ



ଆଗକୁ ଗ୍ରୀଷ୍ମ ଋତୁ ଆସିବାକୁ ଯାଉଛି। ଯେଉଁ ସମୟରେ ଅନେକ ସମସ୍ୟାର ସମ୍ମୁଖୀନ କରିବାକୁ ପଡିଥାଏ। ଜଳୀୟ ଅଂଶ ଅଭାବରୁ ନାନାଦି ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏଥିପାଇଁ ସତର୍କ ରହିବା ନିହାତି ଜରୁରୀ। ଯାହା ଦ୍ୱାରା ଆପଣ ସୁସ୍ଥ ଶରୀର ଗଠନ କରିପାରିବେ। ଶରୀରକୁ ସୁସ୍ଥ ରଖିବାକୁ କିଏ ବା ନ ଚାହେଁ। ବିଶେଷ କରି ଗରମ ଦିନରେ ଶରୀରରେ ଜଳୀୟ ଅଂଶକୁ ଠିକ୍ ରଖିବା ପାଇଁ ଲୋକମାନେ ଅତ୍ୟଧିକ ଫଳ ଖାଇଥାଆନ୍ତି।

ସମୟ ବଦଳିବା ସହିତ ଲୋକଙ୍କ ଖାଇବା ଶୈଳୀରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳୁଛି। ବର୍ତ୍ତମାନ ସମସ୍ତେ ନିଜ ଡାଏଟ ଲିଷ୍ଟରେ ଫଳକୁ ଆଡ୍ କରୁଛନ୍ତି। ଅଧିକାଂଶ ସମୟରେ ଜିମ୍ ଟେନରମାନେ ମଧ୍ୟ ଫଳ ଖାଇବାକୁ ପରାମର୍ଶ ଦେଇଥାଆନ୍ତି। ହେଲେ ଆପଣମାନେ ଜାଣିଥିବେ ନିଶ୍ଚୟ ଯେ ଫଳରେ ମିନେରାଲ୍ସ ଓ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ। ଅନେକ ସମୟରେ ଡାକ୍ତରମାନେ ମଧ୍ୟ ଫଳ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଯାହା ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟ ଭଲ ରହିଥାଏ ବୋଲି କୁହାଯାଏ। ପ୍ରତିଦିନ ଫଳ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବଢିଥାଏ। ଫଳ ମଧ୍ୟ ଆମ ଶରୀର ପାଇଁ ଆବଶ୍ୟକ। କିନ୍ତୁ ଏମିତି କିଛି ଫଳ ରହିଛି ଯାହାକୁ କିଛି ସମୟରେ ଖାଇବା ଦ୍ୱାରା ଶରୀରରେ ନକରାତ୍ମକ ପ୍ରଭାବ ପକାଇଥାଏ। ଆପଣ ଜାଣିଛନ୍ତି କି ଗ୍ରୀଷ୍ମଋତୁରେ କେଉଁ ଫଳକୁ ଅତ୍ୟଧିକ ଖାଇବା ଦ୍ୱାରା କଣ ସବୁ କ୍ଷତି ହୋଇଥାଏ। ତେବେ ଆସନ୍ତୁ ସେହି ୫ଟି ଫଳ ବିଷୟରେ ଜାଣିବା।

**ଲିଚୁ:** ଲିଚୁ କୋଳି ଖାଇବାକୁ ସାଧାରଣତଃ ସମସ୍ତେ ଭଲପାଆନ୍ତି। ବିଶେଷ କରି ଖରାଦିନେ ଲିଚୁ କୋଳି ଦେଖିଲେ ପାଟିରେ ପାଣି ମଧ୍ୟ ଆସିଯାଏ। ଏଥିରେ ସୁଗାରର ମାତ୍ରା ଅଧିକ ଥାଏ। କିନ୍ତୁ ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଝାଡା ଓ ପେଟ ଯନ୍ତ୍ରଣା ଭଳି ସମସ୍ୟା ହୋଇପାରେ।

**ସପୁରୀ:** ଖଟା ମିଠାକୁ ପସନ୍ଦ କରୁଥିବା ଲୋକେ ସପୁରୀ ଖାଇବା ପାଇଁ ବେଶ ଭଲ ପାଆନ୍ତି। ସପୁରୀରେ ଖଟା ଅଂଶ ଥିବାରୁ ଏସିଡିଟି ଏବଂ ପେଟ ଜଳାପୋଡା ଭଳି ସମସ୍ୟା ଦେଖା ଦେଇପାରେ। କିନ୍ତୁ ଯଦି ଆପଣ ସପୁରୀ ଅଧିକ ଖାଆନ୍ତି ତେବେ ପେଟ ଜନିତ ସମସ୍ୟା ହୋଇପାରେ।

**ତରଭୁଜ:** ଖରାଦିନରେ ତରଭୁଜ ଖାଇଦେଲେ ଆତ୍ମାକୁ ଶାନ୍ତି ମିଳିଥାଏ। ତରଭୁଜ ଏକ ଏଭଳି ଫଳ ଯାହାକୁ ଖାଇବା ଦ୍ୱାରା ଭୋକ ଓ ଶୋଷକୁ ମେଣ୍ଟାଇଦେଇଥାଏ। ଏହା ଡାଇବେଟିସ୍ ରୋଗୀଙ୍କ ସ୍ୱାସ୍ଥ୍ୟ ପାଇଁ ଆଦୌ ଉପଯୋଗୀ ନୁହେଁ।

**କଖାରୁ:** କଖାରୁରେ ଅନେକ ଭିଟାମିନ ଭରପୁର ରହିଥାଏ। କଖାରୁର ଅଧିକ ବ୍ୟବହାର ଦ୍ୱାରା ପେଟ ବଥା ହୋଇଥାଏ। ସେଥିପାଇଁ ଖରା ଦିନେ ଅଧିକ କଖାରୁ ଖାଇବା ଠିକ ନୁହେଁ।

**ଆମ୍ବ:** ଫଳ ଭିତରେ ଆମ୍ବକୁ ରାଜା ବୋଲି କୁହାଯାଏ। ଆମ୍ବ ଖାଇବାକୁ ସମସ୍ତେ ଖୁବ ଭଲପାଆନ୍ତି। କିନ୍ତୁ ଏଥିରେ ମିଠା ଅଂଶ ଅଧିକ ଥିବାରୁ ଡାଇବେଟିସ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥାଏ।

**ଅମୃତଭଣ୍ଡା:** କଞ୍ଚା ଅମୃତଭଣ୍ଡାକୁ ଆମେ ରୋଷେଇରେ ବ୍ୟବହାର କରିଥାଉ। ସେହିଭଳି ପାଚିଲା ଅମୃତଭଣ୍ଡା ମଧ୍ୟ ଆମ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇଥାଏ। କିନ୍ତୁ ଏହାର ଅଧିକ ସେବନ ଦ୍ୱାରା ପେଟ ଗରମ ହୋଇଥାଏ। ଯାହା ଫଳରେ ଆପଣଙ୍କ ସ୍ୱାସ୍ଥ୍ୟ ଆହୁରି ଖରାପ ହୋଇପାରେ। ସେଥିପାଇଁ ଖରାଦିନେ ଏହି ସବୁ ଫଳ ଅଧିକ ଖାଇବା ଉଚିତ ନୁହେଁ। ଫଳ ଖାଇବା ଆମ ଶରୀର ପାଇଁ ଫଳପ୍ରଦ ହୋଇଥାଏ। କିନ୍ତୁ କିଛି ଫଳକୁ ଖରାଦିନେ ଖାଇବାକୁ ବାରଣ କରାଯାଇଛି। ତେଣୁ ଖରାଦିନେ ଏହି ସବୁ ଫଳ ଖାଇବାରୁ ଦୂରେଇ ରୁହନ୍ତୁ।

# ରାତ୍ରୀଭୋଜନ କେତେବେଳେ ଖାଇବା ଉଚିତ?



ଆଜିକାଲି ଲୋକମାନେ ନିଜ ସ୍ୱାସ୍ଥ୍ୟ ପାଇଁ ବହୁତ କିଛି କରୁଛନ୍ତି। ଜିମ୍ ଯିବାଠୁ ଆରମ୍ଭ କରି ଡାଏଟ୍ ପର୍ଯ୍ୟନ୍ତ। କିନ୍ତୁ ଆପଣ ଜାଣନ୍ତି କି ଆପଣ ରାତିରେ କ'ଣ ଖାଉଛନ୍ତି ତାହା ଠାରୁ ଅଧିକ ଗୁରୁତ୍ୱ କେତେବେଳେ ଖାଉଛନ୍ତି। ଏହା ଶୁଣିବାକୁ ଅଜବ ଲାଗିପାରେ, କିନ୍ତୁ ବୈଜ୍ଞାନିକ ଏବଂ ଡାକ୍ତରମାନଙ୍କ ଅନୁସାରେ ଖାଦ୍ୟ ଖାଇବାର ସମୟ ଆପଣଙ୍କ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ପ୍ରାଚୀନ ଭାରତରେ ମଧ୍ୟ ଲୋକମାନେ ଶୀଘ୍ର ଖାଦ୍ୟ ଖାଉଥିଲେ। ସାଧାରଣତଃ ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ସେମାନଙ୍କର ଶେଷ ଖାଦ୍ୟ ଖାଉଥିଲେ। ଏହାର ଅନେକ କାରଣ ଥିଲା। ପ୍ରଥମଟି ହେଉଛି ପ୍ରାକୃତିକ ଜୈବିକ ଘଣ୍ଟା କିମ୍ବା ସର୍କାଡିଆନ୍ ତାଳ ସହିତ ସମାନ ହେବା। ଦ୍ୱିତୀୟଟି ହେଉଛି ପାଚନ ଏବଂ ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ। ତୃତୀୟ ଏବଂ ସରଳ କାରଣ ହେଉଛି ଯେ ସେତେବେଳେ ବିଦ୍ୟୁତ୍ କିମ୍ବା ଆଧୁନିକ ଆଲୋକ ନଥିଲା, ତେଣୁ ଲୋକମାନେ ଶୀଘ୍ର ଶୋଇଯାଉଥିଲେ। ଆୟୁର୍ବେଦ ମଧ୍ୟ କହିଛି ଯେ, ସୂର୍ଯ୍ୟାସ୍ତ ପରେ ପାଚନ ଶକ୍ତି ଦୁର୍ବଳ ହୋଇଯାଏ, ଯାହା ରାତିରେ ଖାଦ୍ୟ ହଜମ କରିବା କଷ୍ଟକର ହୋଇପଡ଼େ।

ରାତିରେ ବିଳମ୍ବିତ ଖାଦ୍ୟ ଖାଇବା ଦ୍ଵାରା ପେଟ ଏବଂ ଶରୀର ଉଭୟ ଉପରେ ପ୍ରଭାବ ପଡ଼ିପାରେ। ଏହା ଚର୍ବି କମାଇବା ପ୍ରକ୍ରିୟାକୁ ଧୀର କରିଦିଏ। ଇନସୁଲିନ୍ ସମ୍ବେଦନଶୀଳତା ୩୦-୪୦ ପ୍ରତିଶତକୁ ହ୍ରାସ ପାଇପାରେ। ପାଚନ ପ୍ରଣାଳୀ ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ। ଯେତେବେଳେ ଆପଣ ରାତିରେ ବିଳମ୍ବିତ ଖାଦ୍ୟ ଖାଆନ୍ତି, ସେତେବେଳେ ଆପଣଙ୍କ ଶରୀର ବିଷମୁକ୍ତ କରିବା ପରିବର୍ତ୍ତେ ପାଚନ ଉପରେ ଧ୍ୟାନ ଦେଇଥାଏ। ସେଥିପାଇଁ ଆପଣ ୮ ଘଣ୍ଟା ଶୋଇବା ପରେ ମଧ୍ୟ ପେଟ ଭାରି ଲାଗିବା, ଫୁଲିଯିବା କିମ୍ବା କ୍ଳାନ୍ତ ଅନୁଭବ କରିପାରନ୍ତି। ନ୍ୟାସନାଲ ଲାଇବ୍ରେରୀ ଅଫ୍ ମେଡିସିନରେ ପ୍ରକାଶିତ ଗବେଷଣାରୁ ଏହା ମଧ୍ୟ ଜଣାପଡିଛି ଯେ, ସନ୍ଧ୍ୟାରେ ଶୀଘ୍ର ରାତ୍ରୀ ଭୋଜନ ଖାଇବା ଶରୀର ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ। ଶୀଘ୍ର ରାତ୍ରୀଭୋଜନ ଖାଇବାର ଅନେକ ଲାଭ ଅଛି, ଯେଉଁଥିରେ ଇନସୁଲିନ୍ ସମ୍ବେଦନଶୀଳତାରେ ଉନ୍ନତି ଅନ୍ତର୍ଭୁକ୍ତ। ବିଳମ୍ବିତ ରାତ୍ରୀଭୋଜନ ଏବଂ ଶୀଘ୍ର ରାତ୍ରୀଭୋଜନ ମଧ୍ୟରେ ସମାନ କ୍ୟାଲୋରି ଗ୍ରହଣ ବଜାୟ ରଖିଲେ ନିଦ ଗୁଣବତ୍ତା ଉନ୍ନତ ହୁଏ। କାରଣ ନିଦରେ ସାହାଯ୍ୟ କରୁଥିବା ମେଲାଟୋନିନ୍ ସ୍ତର ସୂର୍ଯ୍ୟାସ୍ତ ପରେ ବୃଦ୍ଧି ପାଏ ଏବଂ ଇନସୁଲିନ୍ କ୍ଷରଣ ହ୍ରାସ ପାଏ। ଅଢ଼େଇ ଘଣ୍ଟାର ପାର୍ଥକ୍ୟ ମଧ୍ୟ ବହୁତ ବଡ଼ ପରିବର୍ତ୍ତନ ଆଣିପାରେ। ସନ୍ଧ୍ୟା ୭ଟାରେ ରାତ୍ରୀଭୋଜନ ଖାଇବା ଦ୍ୱାରା ଆପଣଙ୍କୁ ଭଲ ନିଦ ହେବ ଏବଂ ରକ୍ତ ଶର୍କରା ସ୍ତର ସ୍ଥିର ରହିବ। କିନ୍ତୁ, ରାତି ୯ଟା ୩୦ରେ ରାତ୍ରୀଭୋଜନ କରିବା ଦ୍ୱାରା ରକ୍ତ ଶର୍କରା ଦ୍ରୁତ ଗତିରେ ବୃଦ୍ଧି ପାଇବ। ଏହା ମଧୁମେହ କିମ୍ବା ଫ୍ୟାଟି ଲିଭର ଥିବା ଲୋକଙ୍କ ପାଇଁ ବିଶେଷ ଭାବରେ ବିପଜ୍ଜନକ ହୋଇପାରେ। ବିଳମ୍ବିତ ରାତିରେ ଖାଇବା ସେମାନଙ୍କ ରକ୍ତ ଶର୍କରା ସ୍ତରକୁ ୩୦-୫୦ ପ୍ରତିଶତ ବୃଦ୍ଧି କରିପାରେ।

# ପ୍ରତିଦିନ ଖାଲି ପେଟରେ ନିମ-ତୁଳସୀ ଓ ମହୁ ଖାଇବା ଶରୀର ପାଇଁ ବରଦାନ



ଆମ ଚାରିପାଖରେ ଅନେକ ପ୍ରାକୃତିକ ଉପାଦାନ ଅଛି, ଯାହାକୁ ଖାଇବା ଦ୍ୱାରା ଆମ ଶରୀରକୁ ଲାଭ ପଞ୍ଚାଇଥାଏ। କିନ୍ତୁ ଆମେ ପ୍ରାୟତଃ ସେଗୁଡ଼ିକ ବିଷୟରେ ଅଜ୍ଞ। ନିମ, ତୁଳସୀ ଏବଂ ମହୁ ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ। ତୁଳସୀର ଯଥେଷ୍ଟ ଧାର୍ମିକ ମହତ୍ତ୍ୱ ଅଛି। ଏହା ସହିତ, ସ୍ୱାସ୍ଥ୍ୟ ପାଇଁ ଅନେକ ଦିଗରେ ଲାଭଦାୟକ। ସେହିପରି ମହୁ ଏବଂ ନିମରେ ମଧ୍ୟ ଔଷଧୀୟ ଗୁଣ ରହିଛି। ଏହି ତିନୋଟି ଉପାଦାନକୁ ଏକାଠି ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଏକ ବରଦାନ। ଆୟୁର୍ବେଦ ସକାଳେ ନିମ, ତୁଳସୀ ଏବଂ ମହୁ ଖାଇବାର ଅନେକ ଲାଭ ବର୍ଣ୍ଣନା କରିଛି। ଆସନ୍ତୁ ଏହା ବିଷୟରେ ଅଧିକ ଜାଣିବା।

**ଥଣ୍ଡା ଏବଂ ଫ୍ଲୁରୁ ରକ୍ଷା କରେ:** ସକାଳେ ଖାଲି ପେଟରେ ନିମ, ତୁଳସୀ ଏବଂ ମହୁ ଖାଇବା ଦ୍ୱାରା ଥଣ୍ଡା ଏବଂ ଫ୍ଲୁ ରୋକିବାରେ ସାହାଯ୍ୟ କରିଥାଏ। ନିମ ଏବଂ ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିମାଇକ୍ରୋବାୟଲ୍ ଗୁଣ ଥାଏ, ଯେତେବେଳେ ମହୁରେ ଶାନ୍ତକାରୀ ଗୁଣ ଥାଏ। ତେଣୁ ଏହାର ମିଶ୍ରଣ ଶରୀରର ସଂକ୍ରମଣ, ଥଣ୍ଡା ଏବଂ ଫ୍ଲୁ ପ୍ରତି ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରେ। ନିମ ଖାଇବା ଦ୍ୱାରା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ ହୁଏ। ତୁଳସୀ ଯକୃତ ପାଇଁ ମଧ୍ୟ ଲାଭଦାୟକ। ମହୁ ଶରୀରକୁ ହାଇଡ୍ରେଟ୍ କରେ। ଏହି ତିନୋଟି ଶରୀରକୁ ସଫା କରିବାରେ ସାହାଯ୍ୟ କରେ ଓ ଚର୍ମ ଏବଂ ସାମଗ୍ରିକ ସ୍ୱାସ୍ଥ୍ୟକୁ ଉନ୍ନତ କରିଥାଏ।

**ପାଚନ ଶକ୍ତି ଉନ୍ନତ କରେ:** ତୁଳସୀ ପାଚନ ତନ୍ତ୍ର ପାଇଁ ଲାଭଦାୟକ। ନିମ ଖରାପ ଅନ୍ତନଳୀ ବ୍ୟାକ୍ଟେରିଆ ସହିତ ଲଢ଼ିଥାଏ। ମହୁ ଅନ୍ତନଳୀର ମାଇକ୍ରୋବାଇଓମରେ ସୁସ୍ଥ ସନ୍ତୁଳନ ବଜାୟ ରଖେ। ଖାଲି ପେଟରେ ଏହି ତିନୋଟି ଉପାଦାନ ଖାଇବା ଦ୍ୱାରା ପ୍ରଦାହ (ଜ୍ୱଳନ) କମିଯାଏ ଏବଂ ପୋଷକ ତତ୍ତ୍ୱ ଅବଶୋଷଣକୁ ସହଜ କରିଥାଏ।

**ଗଳା ଯନ୍ତ୍ରଣା କମ କରେ:** ନିମ ଏବଂ ତୁଳସୀ ନାସିକା ପାଇଁ ପ୍ରାକୃତିକ ଭାବରେ କଞ୍ଜେଷ୍ଟଣ୍ଟ। ମହୁ ଗଳା ଯନ୍ତ୍ରଣାକୁ କମ କରେ। ଏହି ମିଶ୍ରଣ ଶ୍ୱାସନଳୀକୁ ସଫା କରିବାରେ, କାଶ, ଥଣ୍ଡା ଏବଂ ଆଜମାକୁ ନିୟନ୍ତ୍ରିତ କରିବାରେ ସାହାଯ୍ୟ କରେ।

**ଚର୍ମ ପାଇଁ ପୁଷ୍ଟିକର ଖାଦ୍ୟ:** ଖାଲି ପେଟରେ ନିମ, ତୁଳସୀ ଏବଂ ମହୁ ଖାଇବା ଦ୍ୱାରା ଚର୍ମକୁ ପୋଷଣ ମିଳିଥାଏ। ନିମର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ, ତୁଳସୀର ଜ୍ୱଳନ ବିରୋଧୀ ପ୍ରଭାବ ଏବଂ ମହୁର ମୈଶ୍ଚରାଇଜିଂ ଗୁଣ ବ୍ରଣକୁ ରୋକିବାରେ ସାହାଯ୍ୟ କରେ। ଏହା ଦାଗ କମାଇବା ଏବଂ ଚର୍ମକୁ ଏକ ପ୍ରାକୃତିକ ଚମକ ଦେବାରେ ମଧ୍ୟ ସାହାଯ୍ୟ କରେ।

**ରକ୍ତ ଶର୍କରା ସ୍ତର ସ୍ଥିର ରଖେ:** ନିମ ଏବଂ ତୁଳସୀ ରକ୍ତ ଶର୍କରା ସ୍ତରକୁ ସ୍ଥିର କରିବାରେ ସାହାଯ୍ୟ କରେ। ମହୁ, ଯଦି ସୀମିତ ପରିମାଣରେ ସେବନ କରାଯାଏ, ତେବେ ଏହା ପରିଷ୍କୃତ ଚିନିର ଏକ ସୁସ୍ଥ ବିକଳ୍ପ ପ୍ରଦାନ କରେ। ଏହି ମିଶ୍ରଣ ମଧୁମେହ ପରିଚାଳନାରେ ସହାୟକ।

**ମାଢ଼ି ସଂକ୍ରମଣ ଦୂର କରେ:** ନିମ ଏବଂ ତୁଳସୀ ମୁଖ ଜୀବାଣୁ ସହିତ ଲଢ଼ନ୍ତି, ମାଢ଼ି ସଂକ୍ରମଣ ଏବଂ ପାଟି ଦୁର୍ଗନ୍ଧକୁ ରୋକିଥାଏ। ମହୁ ନିୟମିତ ଭାବରେ ସେବନ କଲେ, ମୁଖ ଘା'କୁ ଶାନ୍ତ କରିଥାଏ ଏବଂ ମୁଖ ପରିଷ୍କାର ରଖିଥାଏ।

**ଚାପ ଏବଂ ଚିନ୍ତା ହ୍ରାସ କରେ:** ତୁଳସୀ ଚାପ ସହିତ ଲଢ଼ିବାରେ ସାହାଯ୍ୟ କରେ। ନିମ ମନକୁ ଶାନ୍ତ କରେ। ମହୁ ତୁରନ୍ତ ଶକ୍ତି ପ୍ରଦାନ କରେ। ମିଳିତ ଭାବରେ, ଏହି ଦୁଇଟି ମାନସିକ ସ୍ୱାସ୍ଥ୍ୟ ସନ୍ତୁଳନରେ ଯୋଗଦାନ କରେ ଏବଂ ଚିନ୍ତା ହ୍ରାସ କରେ।

**ଓଜନ ହ୍ରାସରେ ସାହାଯ୍ୟ:** ମହୁ ରକ୍ତରେ ଶର୍କରା ବୃଦ୍ଧି ନକରି ପ୍ରାକୃତିକ ମିଠା ପ୍ରଦାନ କରେ, ଯେତେବେଳେ କି ନିମ ଏବଂ ତୁଳସୀ ମେଟାବୋଲିଜିମକୁ ବୃଦ୍ଧି କରେ। ସନ୍ତୁଳିତ ଖାଦ୍ୟ ସହିତ ସେବନ କଲେ, ଏହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିପାରେ।

**ଅକ୍ସିଡେଟିଭ ଚାପ କମ କରେ:** ନିମ ରକ୍ତକୁ ଶୁଦ୍ଧ କରିଥାଏ, ଯେତେବେଳେ ତୁଳସୀ କୋଲେଷ୍ଟ୍ରଲକୁ କମ କରିବାରେ ସାହାଯ୍ୟ କରିଥାଏ ଏବଂ ମହୁ ଶକ୍ତି ପ୍ରଦାନ କରିଥାଏ। ଏହି ମିଶ୍ରଣ ରକ୍ତ ସଞ୍ଚାଳନ ବୃଦ୍ଧି କରି ଏବଂ ଅକ୍ସିଡେଟିଭ ଚାପ ହ୍ରାସ କରିବାରେ ସାହାଯ୍ୟ କରେ।

● କବିର ଅନ୍ତଃଦୃଷ୍ଟି ନିବଦ୍ଧ ସେବା ଓ ସମର୍ପଣରେ

## ସମ୍ବଲପୁରୀ ସାହିତ୍ୟ ପରିଷଦର ସାରସ୍ୱତ ଆସର



**ଭେଡେନ,୨୯।୧( ସଂଚାର ବ୍ୟୁରୋ):** କବି ପ୍ରାଣର ସୁକ୍ଷ୍ମ ଅନ୍ତଃଚେତନା ସେବା ଓ ସମର୍ପଣ ଦିଗରେ ଗତି କରିଥାଏ। ସାହିତ୍ୟ ସର୍ଜନା ସହିତ ଅଭାବୀ ମଣିଷର କ୍ଷୁଧା ପ୍ରଶମିତ କରିବା ପ୍ରତ୍ୟେକ କବିର ଧର୍ମ ଅଟେ। ସମଲେଇପଦରସ୍ଥିତ ପାର୍ବତୀ ଗିରି ଅନାଥା ବୃଦ୍ଧାଶ୍ରମରେ, ସମ୍ବଲପୁରୀ ସାହିତ୍ୟ ପରିଷଦ, ବରଗଡ଼ ତରଫରୁ ଆୟୋଜିତ ସଭାରେ ଏପରି ମତ ପ୍ରକାଶ ପାଇଛି। ପରିଷଦର ନିଆରା କାର୍ଯ୍ୟକ୍ରମ ଫି ମାସ ଗୁଟେ ଦିନ, ସାହିତ୍ୟ ଭିତରେଁ ହେମା ଲିନ ଅବସରରେ ଚଳିତ ମାସ ଜୟନ୍ତୀ ପଡୁଥିବା କବି ଲାଲ ରତ୍ନାକର ସିଂ, ଭବାନୀ ଶଙ୍କର ପ୍ରଧାନ, ନରେନ୍ଦ୍ର ମହାନ୍ତି, ତେଜରୁ ବାରିକ, ଡ ନାରାୟଣ ଭୋଇ, ଭରତ ନାଏକ, ଦୁର୍ବାଦଳ ମେହେର ଓ ଯୋଗେଶ୍ୱର ତାଣ୍ଡି ପ୍ରମୁଖଙ୍କ ସାହିତ୍ୟିକ କୃତି ଓ ଜୀବନୀ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ଆଲୋଚନା ସଭାରେ ସାହିତ୍ୟିକ ଡ ସୁବାସ ମେହେର ଅଧକ୍ଷତା କରିଥିବା ବେଳେ, ସଭାକୁ ପରିଚାଳନା କରିଥିଲେ ଭାଷା ଗବେଷକ ଉତ୍ପନ୍ନ କୁମାର ଭୋଇ। ଏଥିରେ ବୃଦ୍ଧାଶ୍ରମର ସଭାପତି ସୁବାସ ପଧାନ, ଡ ଗୋବର୍ଦ୍ଧନ ସାହୁ ଓ ଲାଲସାହେବ ବାରିକ ଅତିଥି ଭାବେ ଯୋଗ ଦେଇଥିଲେ। କବି ସୁଭାଷ ଚନ୍ଦ୍ର ଭୁଏଁଙ୍କ ଲୋକାର୍ପିତ କବିତା ସଂକଳନ 'ଭାବ ଅମୃତ'କୁ ସମୀକ୍ଷା କରିଥିଲେ ପ୍ରାଧାପକ ସୁକୁମାର ଭୋଇ। ପରବର୍ତ୍ତୀ ପର୍ଯ୍ୟାୟରେ କବି ସୁରେଶ ଚନ୍ଦ୍ର ଭୋଇଙ୍କ ପରିଚାଳନାରେ ଅନୁଷ୍ଠିତ କବି ସମ୍ମିଳନୀରେ ଅତିଥି ଭାବେ ପରିବେଶବିତ ଜେଠୁ ଭୋଇ, ଦିଲ୍ଲୀପ କୁମାର ଦେବତା ଓ ମକରଧ୍ୱଜ ସାହୁ ଉପସ୍ଥିତ ଥିଲେ।

## ସୋଲେଇ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ



**କଳିଙ୍ଗନଗର,୨୯।୧ (ସଂଚାର ବ୍ୟୁରୋ):** ଦାନଗଦୀ ବ୍ଲକ ର ତ୍ରିଜଙ୍ଗା ପଞ୍ଚାୟତ ରେ ଥିବା ସୋଲେଇ ପ୍ରାଥମିକ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ୨୦୦୪ ମସିହାରେ ଆରମ୍ଭ ହୋଇଥିବା ବିଦ୍ୟାଳୟ ଟି ୨୨ ବର୍ଷରେ ପଦାର୍ପଣ କରିଛି। ବାର୍ଷିକ ଉତ୍ସବ ଆରମ୍ଭ ରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଅତିଥି ମାନେ ଉଦଘାଟନ କରିଥିଲେ। ପରେ ପରେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ। ଉତ୍ତରୀୟ ଓ ବ୍ୟାଚ ପ୍ରଦାନ କରିଲା ପରେ ପରିଚୟ ପର୍ବ ର ଦାୟିତ୍ୱ ଶିକ୍ଷକ କାଳୀଚରଣ ମାଝୀ ନେଇଥିଲେ। ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ଗଣନାଥ ମହାରଣାଙ୍କ ସଭାପତିତ୍ୱ ରେ ହୋଇଥିବା ସଭାରେ ବିଦ୍ୟାଳୟର ବାର୍ଷିକ ବିବରଣୀ ଶିକ୍ଷୟତ୍ରୀ ମୋହନ ମୋହିନୀ ମୁଦୁଲି ପାଠ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ମାଇନିଙ୍ଗ ୱାର୍କସ ୟୁନିୟନର ସଭାପତି ସବ୍ୟସାଚୀ ବଳସାମନ୍ତ ଯୋଗ ଦେଇ ସମସ୍ତ ଅଭିଭାବକ ମାନେ ଦାୟିତ୍ୱ ସମ୍ପନ୍ନ ହୋଇ ପିଲାମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ବିଦ୍ୟାଳୟକୁ ଦୈନିକ ପଠାଇ ପାଠ ପଢ଼ାରେ ସହଯୋଗ କରିବାକୁ ନିବେଦନ କରିଥିଲେ।

## ଶୀତ କାକରରେ ଜଗୁଛନ୍ତି ଚାଷୀ | ଧାନ ମଣ୍ଡିରେ ଦୁଇମାସରୁ ଉର୍ଦ୍ଧ୍ୱ ହେଲା ପଡ଼ିରହିଛି ଧାନ

**କେସିଙ୍ଗା,୨୯।୧ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧିନସ୍ଥ ବାଲସି ଧାନ ମଣ୍ଡିରେ ଦୀର୍ଘ ଦୁଇ ମାସ ହେଲା ଧାନ ପଡି ରହିଛି। ପ୍ରବଳ ଶୀତ କାକରରେ ଚାଷୀମାନେ ଖୋଲା ପଡ଼ିଆରେ ଦିନରାତି ପାଳିକରି ଧାନକୁ ଜଗିରହୁଛନ୍ତି। ରାଜ୍ୟରେ ଧାନ ମଣ୍ଡିରୁ ଉଠିବା ପ୍ରସଙ୍ଗକୁ ନେଇ ବୁଧବାର ରାଜ୍ୟ ତଥା ସମସ୍ତ ବ୍ଲକ ଓ ସହରରେ ରାସ୍ତା ଅବରୋଧ କରି ୮ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏହି ବାଲସି ଧାନ ମଣ୍ଡିରେ ୪୨ ଜଣ ଚାଷୀଙ୍କ ୧୬ ଶହ ରୁ ଉର୍ଦ୍ଧ୍ୱ କ୍ୱିଣ୍ଟାଲ ଧାନ ଖୋଲା ଜାଗାରେ ପଡି ରହିଛି। ଯେଉଁ ୩ଟି ଧାନ ମିଲକୁ ଜିଲାପାଳ ଉଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ମିଲର୍ସମାନେ କାହାରି କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ମିଲର୍ସମାନେ ମନମୁତାବ କ୍ୱିଣ୍ଟାଲ ପ୍ରତି ୬ ରୁ ୭ କେଜି ଧାନ କଟନି ଛଟନି କରୁଛନ୍ତି। ଏତେ ଶୀତ କାକରରେ ଧାନକୁ ପଲିଥିନରେ ଚାଷୀ ମାନେ ଘୋଡେଇ କରି ରଖିଛନ୍ତି। କେସିଙ୍ଗା ବ୍ଲକରେ ହାତୀର ଭୟ ରହୁଛି। ଏହି ଅଞ୍ଚଳରେ ରାତିରେ ବିଦ୍ୟୁତ କଟା ଯାଉଛି। ଯଦି ହାତୀ ପଲ ଆସିଲେ ଚାଷୀଙ୍କ ଧାନ କ୍ଷତି ହେବାର ବହୁ ସମ୍ଭାବନା ରହିଛି। ରାଜ୍ୟ ସରକାର ଧାନ ଉଠାଇବାରେ ବିଳମ୍ବକୁ ନେଇ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଉଛି। ଯଥାଶୀଘ୍ର ଏହି ବାଲସି ଧାନ ମଣ୍ଡିରୁ ଉଠାଇବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କାଣ୍ଡେଲ ପେକ୍ସ ସମ୍ପାଦକ ଯଶୋବନ୍ତ ବାଗଙ୍କୁ ପଚାରିବାରୁ ଦିନେ ଦୁଇ ଦିନ ମଧରେ ଉଠିବ ବୋଲି କହିଛନ୍ତି।



## ଅବସରପ୍ରାପ୍ତ ଶିକ୍ଷକଙ୍କ ଘରୁ ଚୋରି



**ବୈଶିଙ୍ଗା,୨୯।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଧୀନ ଦିଗାନଗର ଗ୍ରାମର ପଣସିଆ ବଜାର ସ୍ଥିତ ଥିବା ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘନ ପରିଡାଙ୍କ ବାସଭବନରେ ବୁଧବାର ରାତିରେ ଚୋରି ହୋଇଥିବା ନେଇ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି। ସୂଚନା ମୁତାବକ ଶ୍ରୀ ପରିଡା ଏବଂ ତାଙ୍କ ପରିବାର ସଦସ୍ୟ ବାଲେଶ୍ୱର ଜିଲ୍ଲା କୁରୁଡ଼ା ଅଞ୍ଚଳରେ ତାଙ୍କର ଏକ ନିକଟ ସମ୍ପର୍କୀୟଙ୍କ ବିବାହ ଉତ୍ସବକୁ ଯାଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ତାଙ୍କ କବାଟ ତାଲା କାଟି ସମସ୍ତ ଆଲମିରା ଭାଙ୍ଗି ନଗଦ ପଞ୍ଚାବନ ହଜାର ଟଙ୍କା ସମେତ ସୁନାରୁପା ଅଳଙ୍କାର ଏବଂ ଅନ୍ୟାନ୍ୟ ଆସବାବ ପତ୍ର ଚୋରି କରିନେଇଛନ୍ତି। ତେବେ ଗୁରୁବାର ସକାଳୁ ତାଙ୍କ ପୁତୁରା ତାଲା ଭଂଗାଯାଇଥିବା ଦେଖି ଶ୍ରୀଯୁକ୍ତ ପରିଡାଙ୍କୁ ଏ ବାବଦରେ ଫୋନ୍ ଯୋଗେ ଜଣାଇଥିଲେ। ଶତ୍ରୁଘନ ପରିଡା ଏବଂ ତାଙ୍କ ପରିବାର ସଦସ୍ୟ ଘରକୁ ଫେରିବା ପରେ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।

## ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ



**ବଲାଙ୍ଗିର,୨୯।୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଗୌରବ୍ ଶିବ୍ରାଜୀ ଇସଲୱାରଙ୍କ ସଭାପତିତ୍ୱରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କ ଆବାହନ କ୍ରମେ ଆଜି ପିଆର ହାଇସ୍କୁଲ ଖେଳ ପଡ଼ିଆରେ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ, ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ, ପୌରପରିଷଦ ଅଧକ୍ଷା ଲିକା ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା, ରସାୟନ ବୈଜ୍ଞାନିକ ଡାଃ ଶେଷ କିଶାନ, ସାଂସଦ ପ୍ରତିନିଧି ଦିନେଶ ଶର୍ମା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସରକାରୀ ସ୍କୁଲକୁ ମଡେଲ ସ୍କୁଲରେ ପରିଣତ କରିବାର ଲକ୍ଷ୍ୟ ରଖିଛି, ଯାହା ଆଧୁନିକ ପ୍ରଯୁକ୍ତିବିଦ୍ୟା, ସାମଗ୍ରିକ ବିକାଶ ଏବଂ ନବସୃଜନଶୀଳ ଶିକ୍ଷା ଉପରେ ଧାନ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଏବଂ ଉନ୍ନତ ଭିତ୍ତିଭୂମି ପ୍ରଦାନ କରିବ। ସହ ଏହି ସ୍କୁଲଗୁଡ଼ିକ ସ୍ମାର୍ଟ ଶ୍ରେଣୀଗୃହ, ବିଜ୍ଞାନ ପ୍ରୟୋଗଶାଳା ଏବଂ ଡିଜିଟାଲ୍ ଶିକ୍ଷା ଉପରେ ଗୁରୁତ୍ୱ ଦେଇ କାର୍ଯ୍ୟକାରୀ ହେବ। ଆମ ବଲାଙ୍ଗିର ଜିଲ୍ଲାର ଛାତ୍ରଛାତ୍ରୀ ଏହା ଦ୍ୱାରା ବେଶ ଉପକୃତ ହେବେ ବୋଲି ବିଧାୟକ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ପିଏମଶ୍ରୀ ଗୁଡିକ ଛାତ୍ରଛାତ୍ରୀଙ୍କୁ ପାଠପଢ଼ା, ଖେଳ ସହ ଅନ୍ୟ ସବୁ କ୍ଷେତ୍ରରେ ସୁଦକ୍ଷ କରିବାରେ ସହାୟକ ହେବ ବୋଲି ଜିଲ୍ଲାପାଳ ଶ୍ରୀ ଇସଲୱାର କହିଛନ୍ତି।

## ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଲେ ଛାତ୍ରୀଛାତ୍ର

**ଧର୍ମଶାଳା,୨୯।୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲା ରସୁଲପୁର ବ୍ଲକ କଳଣ ପଞ୍ଚାୟତ ନୂଆହାଟ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଅବିଭାବକ ଓ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି। ସୂଚନା ମୁତାବକ ବିଦ୍ୟାଳୟରେ ୫ଟି ଶ୍ରେଣୀରେ ମୋଟ ୧୬୧ ଛାତ୍ରୀଛାତ୍ର ପାଇଁ ଏବେ ମାତ୍ର ୨ ଜଣ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ଏସଆଇଆର୍ ପାଇଁ କାର୍ଯ୍ୟ କରୁଥିବାବେଳେ ଆଉ ମାତ୍ର ଜଣେ ଶିକ୍ଷକ ୧୬୧ ଛାତ୍ରୀଛାତ୍ରୀଙ୍କୁ କିପରି ପାଠ ପଢ଼ାଇବେ ବୋଲି ଅଭିଯୋଗ କରିଛନ୍ତି



ଅବିଭାବକ। ସେପଟେ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ମଳିକ କହିଛନ୍ତି, ସ୍କୁଲରେ ତିନି ଜଣ ଶିକ୍ଷକ ଅଛନ୍ତି। ଜଣେ ଏସଆଇଆର୍ ପାଇଁ କାର୍ଯ୍ୟ କରୁଛନ୍ତି ତଥାପି ଆଉ ଜଣେ ଶିକ୍ଷକ ଆଜି ଅପରାହ୍ନ ସୁଦ୍ଧା ସେଠାରେ କାର୍ଯ୍ୟ କରିବା ପାଇଁ ଯୋଗଦାନ କରିବେ ବୋଲି କହିଛନ୍ତି। ତେବେ ଅବିଭାବକମାନଙ୍କୁ ଏହି ପ୍ରତିଶ୍ରୁତି ଦେଇ ଅନୁରୋଧ କରିବା ପରେ ସେମାନେ ଧାରଣାରୁ ଉଠିଥିବା ଜଣାପଡିଛି।

## ଫ୍ୟାମିଲି ଫ୍ରେଣ୍ଡସ ତରଫରୁ ରକ୍ତଦାନ ଶିବିର ଓ ସମ୍ବର୍ଦ୍ଧନା ସଭା



**କଳିଙ୍ଗନଗର,୨୯।୧ (ସଂଚାର ବ୍ୟୁରୋ):** କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ଦାନଗଦୀ ଅଞ୍ଚଳ ଦୁଇଟି ପରିବାର ରୁ ଆରମ୍ଭ ହୋଇଥିବା ଫ୍ୟାମିଲି ଫ୍ରେଣ୍ଡସ ସାମାଜିକ ସଂଗଠନ ଚଳିତ ବର୍ଷ ୩୦ ଟି ପରିବାରକୁ ଏକାଠି କରି ତୃତୀୟ ବର୍ଷ ବାର୍ଷିକ ଉତ୍ସବ ପାଳନ କରିଛି। ଦାନଗଦୀ ସ୍ଥିତ ସ୍ୱରାଜ ଗାର୍ଡେନ ରେ ତାର ତୃତୀୟ ବାର୍ଷିକ ଉତ୍ସବ ପାଳିତ ସହ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଦାନଗଦୀ ବି. ଡି. ଓ ପ୍ରଦୀପ କୁମାର ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଦିନ ରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। ତାପରେ ଏକ ସଭା ହୋଇଥିଲା। ଉକ୍ତ ସଭା ରେ ମୁଖ୍ୟ ଅତିଥି ଭାବେ ଦାନଗଦୀ ବ୍ଲକର ବିଡିଓ ଯୋଗ ଦେଇ ଫ୍ୟାମିଲି ଫ୍ରେଣ୍ଡସ ର ହାତ ଗଣତି କେତୋଟି ପରିବାର କିପରି ନିଜ ପରିବାର ରୁ ଟଙ୍କା ଖର୍ଚ୍ଚ କରି ବର୍ଷ ସାରା ସେବା କାର୍ଯ୍ୟକ୍ରମ ମାନ କରିପାରୁଛନ୍ତି। ସେଥିପାଇଁ ସଂଗଠନ ର ସମସ୍ତଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିଶୁ ମନ୍ଦିରର ସମ୍ପାଦକ ମନମୋହନ ଆଏଚ ଆଜିର। ପରିବାର ବନ୍ଧୁ ପରି କେତୋଟି ପରିବାର କୁ ବହୁତ କଷ୍ଟକର ପରିସ୍ଥିତି ରେ ପ୍ରୟାସ କରି ରାଜୁ ଭାଇ ପରି ଜଣେ ଦରଦୀ ସରଳ ହୃଦୟବାନ ବ୍ୟକ୍ତିତ୍ୱ ଏକତ୍ରିତ କରି ଯେଉଁ ସବୁ ସେବା କାମ କରୁଛନ୍ତି ତାହା ପ୍ରଶଂସନୀୟ. ଏହି ଅବସରରେ ସାମାଜିକ କାର୍ଯ୍ୟ କରୁଥିବା ଦାନଗଦୀ ର ସାମ୍ବାଦିକ ଶ୍ରୀକାନ୍ତ ମହାପାତ୍ର ଫାମିଲି ଫ୍ରେଣ୍ଡସ ର ପଙ୍କଜ କୁମାର ମାଝୀ ଙ୍କୁ ସଂଗଠନ ପକ୍ଷରୁ ମାନପତ୍ର।

## ଦୋରା ସମାଜର ମକର ପାଣ୍ଡୁଗ୍ ଭେଟଘାଟ

**ନର୍ଲା,୨୯।୧(ସଂଚାର ବ୍ୟୁରୋ):** ନର୍ଲା ଆଞ୍ଚଳିକ ଦୋରା ସମାଜ ଆନୁକୂଲ୍ୟରେ ନାଗଝରୀ ଗ୍ରାମରେ ତୃତୀୟ ମକର ପାଣ୍ଡୁଗ୍ ଭେଟଘାଟ ପାଳିତ ହୋଇଯାଇଛି। ଆଞ୍ଚଳିକ ନର୍ଲା ମଣ୍ଡଳ ସଭାପତି ସୁଦର୍ଶନ ଦୋରାଙ୍କ ସଭାପତିତ୍ୱରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହ ଦୋରା ସମାଜ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ସମ୍ମାନିତ ଅତିଥି ଭାବରେ ନର୍ଲା ବ୍ଲକ ସମିତି ସଦସ୍ୟ ସଂଘ ସଭାପତି ଜୟ ମେହେର, ଅବହେଳିତ ଦୋରା ମହାସଂଘ ରାଜ୍ୟ ସଭାପତି ସତ୍ୟମ ସ୍ୱାଇଁ ଓ ସମ୍ପାଦକ ମକୁନ୍ଦ ଦୋରା, ଦୋରା ସଂଘର କଳାହାଣ୍ଡି ଜିଲ୍ଲା ସଭାପତି ଦଶରଥ ପାତ୍ର, ଲାଞ୍ଜିଗଡ଼ ମଣ୍ଡଳ ସଭାପତି ବିଶିକେଶନ ଆର୍ଯ୍ୟ, ମୁନିଗୁଡା ବ୍ଲକ ସମ୍ପାଦକ ବିକାଶେନ୍ଦୁ ଉଦଲି, ସ୍ଥାନୀୟ ସରପଞ୍ଚ ପର୍ଶୁରାମ ହରପାଲ ପ୍ରମୁଖ ମଞ୍ଚାସୀନ ରହି ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ସମାଜର ଶିଶୁ, କିଶୋର ଓ ଯୁବକ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଗୋପାଳଦାସ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ।

## ୧୨୭ ବାଟାଲିଆନ ସିଆରପିଏଫର ସିଭିକ୍ସ ଆକ୍ସନ ପ୍ରୋଗ୍ରାମ



**ତୁମୁଡିବନ୍ଧ,୨୯।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ଝିରିପାଣି ପଞ୍ଚାୟତର ସଭା ଗୃହରେ ୧୨୭ ବାଟାଲିଆନ ସିଆରପିଏଫର ସିଭିକ୍ସ ଆକ୍ସନ ପ୍ରୋଗ୍ରାମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୧୨୭ବାଟାଲିଆନର ସିଆରପିଏଫ କମାଣ୍ଡାଣ୍ଟ ପଙ୍କଜ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ କରାଯାଇଛି। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲକ୍ଷ୍ମୀ ନାରାୟଣ ପାସି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ଝିରିପାଣି ସରପଞ୍ଚ କାନ୍ତି ପାତ୍ର, ସମ୍ମାନୀତ ଅତିଥି ଭାବେ ସମିତି ସଭ୍ୟ ଡଗର ପାତ୍ର ଓ ଗୋରେଖ ପାତ୍ର ଯୋଗ ଦେଇଥିଲେ। ଏହି ସିଭିକ୍ସ ଆକ୍ସନ ପ୍ରୋଗ୍ରାମ ମାଧମରେ ଝିରିପାଣି ଅଞ୍ଚଳର ୨୦ ଜଣ ଯୁବତୀଙ୍କୁ ୧୫ଦିନିଆ ଏକ ସିଲେଇ ତାଲିମ ପ୍ରଦାନ କରାଯାଇଛି। ଏହାସହ ସେମାନଙ୍କୁ ସିଲେଇ ମେସିନ ମଧ ଦିଆଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆସିଷ୍ଟାଣ୍ଡ କାମାଣ୍ଡାଣ୍ଟ ପାସି ବୁଝାଇ କହିଥିଲେ ଯେ ଯୁବତୀମାନେ ଅସାମାଜିକ ଲୋକ ଓ ସଂଗଠନମାନଙ୍କ ପ୍ରଲୋଭନ ପଡ଼ିବା ଓ ଦାଦନ ଶ୍ରମିକ ଭାବେ ଅନ୍ୟ ରାଜ୍ୟକୁ ଯିବା ଭଳି କାର୍ଯ୍ୟରୁ ନିବୃତ ରୁହନ୍ତୁ। ନିଜେ ଆତ୍ମନିର୍ଭରଶୀଳ ହୋଇ ରୋଜଗାର କରନ୍ତୁ। ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ସ୍ୱାଗତ କରିବା ସହିତ ଧନ୍ୟବାଦ ଜଣାଇଛନ୍ତି।

## ନୂତନ ଖେଳ ପଡ଼ିଆରେ ପ୍ରଥମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟନ



**କନ୍ଧମାଳ,୨୯।୧(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ମଗଡ଼ିଙ୍ଗିଆ ଗ୍ରାମରେ ଥିବା ଆମ୍ବେଦକର ଖେଳ ପଡ଼ିଆ ଠାରେ କ୍ଲବ ଦ୍ୱାରା ଆୟୋଜିତ ପ୍ରଥମ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ଉଦ୍ ଘାଟନ ହୋଇଯାଇଛି ଓ କ୍ଲବ ର ସଭାପତି ରଞ୍ଜନ କୁମାର ଦିଗାଲ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଥିବା ଏହି ପ୍ରତିଯୋଗିତାରେ ଉଦଘାଟନ ଉତ୍ସବ ରେ ମୁଖ୍ୟ ଅତିଥି ଭାବରେ ବଣ୍ଡଗୁଡ଼ା ସରପଞ୍ଚ ସଞ୍ଜୟ ପ୍ରଧାନ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ସାରଙ୍ଗଡ଼ ଗ୍ରାମ ପଞ୍ଚାୟତ ସରପଞ୍ଚ ବରୁଣ କହଁର, ସମାଜ ସେବୀ ଅଶୋକ କୁମାର ପାତ୍ର, ରବିକିରଣ ପ୍ରଧାନ, ବଂଶିଧର ଦିଗାଲ, ପରମାନନ୍ଦ ମଲିକ, ଅନନ୍ତ ମଲିକ, ବିଜୟ ଚନ୍ଦ୍ର ପ୍ରଧାନ, ଭାସ୍କର ଦିଗାଲ, ବଶିଷ୍ଠ ବିନ୍ଧାଣି, ବିମ୍ବାଧର ମଲିକ ଅତିଥି ଭାବରେ ଯୋଗ ଦେଇଥିଲେ। ଦୀର୍ଘ ଆଠ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାରେ ବିଭିନ୍ନ ଗ୍ରାମାଞ୍ଚଳ ର ବଛାବଛା ୧୬ ଟି ଫୁଟବଲ ଟିମ ଭାଗ ନେଇଥିବା ବେଳେ ପ୍ରଥମ ଦିନରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ଅଞ୍ଚଳର ଜଣାଶୁଣା ରେଫରୀ ଅଶ୍ୱିନୀ କୁମାର ପାତ୍ର ଙ୍କ ସହ ବିଶ୍ୱନାଥ କହଁର ଓ ଅପିନାଥ କହଁର, ରଘୁନାଥ ମଲିକ ପରିଚାଳନା କରିଥିଲେ ଓତେବେ ଆଠ ଦିନ ଧରି କ୍ଲବ ର ଓ ସମସ୍ତ ସଦସ୍ୟ ଗ୍ରାମବାସୀ ମିଳିମିଶି ସହଯୋଗ କରିଥିଲେ।

## ଆଦର୍ଶ ସରାଟ ସେବା ସମବାୟ ସମିତିର ବାର୍ଷିକ ଉତ୍ସବ



**ବାଲିପାଟଣା,୨୯।୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ଆର୍ଥିକ ଉନ୍ନତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ଆସୁଥିବା ଆଦର୍ଶ ସରାଟ ସେବା ସମବାୟ ସମିତିର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ସମବାୟ ସମିତିର ସଭାପତି ଭାରତ ଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିପାଟଣା ପ୍ରେସ କ୍ଲବର ସଭାପତି ଦିଲ୍ଲୀପ ଓଝା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପମ୍ପାଲୋ ପଞ୍ଚାୟତ ସରପଞ୍ଚ ବାହାନ ଭୋଇ, ଖୋର୍ଦ୍ଧା କ୍ରେନ୍ଦ ସମବାୟ ବ୍ୟାଙ୍କର ଶାଖା ପରିଚାଳକ ଶକ୍ତି ପ୍ରସନ୍ନ ଜେନା, ଉପସଭାପତି କ୍ରିଷ୍ଣା ମହାପାତ୍ର, ସମ୍ପାଦକ ପ୍ରଭୁ ପ୍ରସାଦ ଜେନା, ପରିଚାଳନା ପରିଷଦର ସଦସ୍ୟ ଅମୂଲ୍ୟ ପ୍ରଧାନ, ମାନସ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସମବାୟ ଆନ୍ଦୋଳନର ଗୁରୁତ୍ୱ ଉପରେ ଆଲୋକପାତ କରି ସରାଟ ସେବା ସମବାୟ ସମିତି ଦ୍ୱାରା ଚାଷୀ, ଗରିବ ଓ ସାଧାରଣ ଲୋକଙ୍କ ପାଇଁ ନିଆଯାଇଥିବା ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ।ଶେଷରେ ସମିତିର ଉନ୍ନତି ଓ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ସମସ୍ତେ ଏକତ୍ରିତ ଭାବେ କାମ କରିବାକୁ ଆହ୍ୱାନ କରାଯାଇ ଉତ୍ସବର ସଫଳ ସମାପନ ହୋଇଥିଲା।ଅକ୍ଷୟ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଅଭିଷେକ ସ୍ୱାଇଁ, ସତରାଜ ଭୋଇ, ଶିଳ୍ପାସାଲିନି ବାରିକ, ସୁଜିତ୍ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ



**ସୁନ୍ଦରଗଡ଼,୨୯।୧ (ସଂଚାର ବ୍ୟୁରୋ):** ସାମୁହିକ କଲ୍ୟାଣ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରି, ଏନଟିପିସି ଦର୍ଲିପାଲି ପ୍ରଧାନମନ୍ତ୍ରୀ ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଅଧୀନରେ ନିକ୍ଷୟ ମିତ୍ର ଭାବରେ ଅଂଶଗ୍ରହଣ କରି ଯକ୍ଷ୍ମା ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ସହାୟତା ପ୍ରଦାନ କରିଛି। ଏହି ପଦକ୍ଷେପ ଅଧୀନରେ ଏନଟିପିସି ଦର୍ଲିପାଲି ପକ୍ଷରୁ ଲେଫ୍ରିପଡ଼ା ବ୍ଲକର ୬୦ ଜଣ ଯକ୍ଷ୍ମା ରୋଗୀଙ୍କୁ ଏକ ବର୍ଷ ପାଇଁ ପୁଷ୍ଟିକର ସହାୟତା ପ୍ରଦାନ କରିବାକୁ ପ୍ରତିବଦ୍ଧ ହୋଇଛି, ଯାହାର ଉଦ୍ଦେଶ୍ୟ ହେଉଛି ସେମାନଙ୍କ ଆରୋଗ୍ୟ, ରୋଗ ପ୍ରତିରୋଧକ ଶକ୍ତି ଏବଂ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା। ପର୍ଯ୍ୟାପ୍ତ ପୁଷ୍ଟିସାର ଯକ୍ଷ୍ମା ଚିକିତ୍ସାର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ଏବଂ ସ୍ୱାସ୍ଥ୍ୟ ଫଳାଫଳକୁ ଉନ୍ନତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରେ। ସର୍ଗିପାଲି ସମ୍ପ୍ରଦାୟ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଏନଟିପିସି ଦର୍ଲିପାଲିର ପ୍ରତିନିଧିଙ୍କ ଉପସ୍ଥିତିରେ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହା ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷ ଏବଂ ସଂଗଠନ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟକୁ ଉଜ୍ଜ୍ୱଳ କରିଥିଲା। ନିକ୍ଷୟ ମିତ୍ର ଭାବରେ ସାମିଲ ହୋଇ, ଏନଟିପିସି ଦର୍ଲିପାଲି ଭାରତ ସରକାରଙ୍କ ଯକ୍ଷ୍ମାମୁକ୍ତ ଭାରତର ଦୃଷ୍ଟିକୋଣକୁ ସକ୍ରିୟ ଭାବରେ ସମର୍ଥନ କରୁଛି। ଏହି ପଦକ୍ଷେପ ଏନଟିପିସିର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରୟାସର ଏକ ଅବିଚ୍ଛେଦ୍ୟ ଅଂଶ ଗଠନ କରେ ଯାହାର ଲକ୍ଷ୍ୟ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବା ଏବଂ ଏହାର ପ୍ରକଳ୍ପ କ୍ଷେତ୍ରର ଆଖପାଖରେ ଥିବା ସମ୍ପ୍ରଦାୟଗୁଡ଼ିକରେ ଜୀବନର ଗୁଣବତ୍ତା ଉନ୍ନତ କରିବା।

## ଅମର ଶହୀଦ୍ ସ୍ମୃତି ପାଳନ ଅବସରରେ ବଡବଙ୍ଗାରେ ରକ୍ତଦାନ ଶିବିର ଆୟୋଜିତ



**ସୁନ୍ଦରଗଡ଼,୨୯।୧(ସଂଚାର ବ୍ୟୁରୋ):** ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ବଡବଙ୍ଗା ଗ୍ରାମରେ ଅମର ଶହିଦ୍ ସ୍ମୃତି ପାଳନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଦେଶ ପାଇଁ ଜୀବନ ବଳିଦାନ କରିଥିବା ଅମର ଶହିଦ୍ ମାନଙ୍କ ସ୍ମୃତିରେ ଏହି ଶିବିର ଆୟୋଜିତ କରାଯାଇ ଯୁବକ- ଯୁବତୀମାନଙ୍କ ମଧ୍ୟରେ ଦେଶଭକ୍ତି ଓ ସେବାଭାବ ଜାଗ୍ରତ କରାଯାଇ ଥିଲା। ରକ୍ତଦାନ ଶିବିରରେ ସମୁଦାୟ ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ସେଥିରେ ୬ ଜଣ ମହିଳା ଥିଲେ। ଅଞ୍ଚଳର ବହୁ ସଂଖ୍ୟକ ଯୁବକ, ସମାଜସେବୀ ଓ ସାଧାରଣ ଜନତା ସ୍ୱଇଚ୍ଛାରେ ରକ୍ତଦାନ କରି ମାନବ ସେବାରେ ନିଜ ଅବଦାନ ରଖିଥିଲେ। ଅତିଥିମାନେ ଶହିଦ୍ ମାନଙ୍କ ବଳିଦାନକୁ ସ୍ମରଣ କରି ରକ୍ତଦାନକୁ ଏକ ମହାନ ପୁଣ୍ୟ କାର୍ଯ୍ୟ ବୋଲି ଅଭିହିତ କରିଥିଲେ ଓ ଏପରି କାର୍ଯ୍ୟକ୍ରମ ସମାଜରେ ମାନବିକତାର ସନ୍ଦେଶ ଦେଇଥାଏ ବୋଲି କହିଥିଲେ। ଶେଷରେ ଆୟୋଜକମାନେ ରକ୍ତଦାତା ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କ ଭୂମିକାକୁ ପ୍ରଶଂସା କରିଥିଲେ।

## କପ୍ତିପଦାରେ ଜବରଦଖଲ ଉଚ୍ଛେଦ



**ଉଦଳା,୨୯।୧ (ସଂଚାର ବ୍ୟୁରୋ):** ନୂତନ ଏନଏସି ଭାବେ କପ୍ତିପଦା ଘୋଷଣା ହୋଇଛି। ଏନଏସି ମାନ୍ୟତା ପାଇବା ପରେ ଆଜି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି କପ୍ତିପଦା ବ୍ଲକ ଠାରୁ ଗୋଲେଇ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଦୁଇ ଦିନ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଚ୍ଚ ମାସରେ ପୁନର୍ବାର ଜବରଦଖଲ ଉଚ୍ଛେଦ ହେବ। ପ୍ରଥମ ପର୍ଯ୍ୟାୟରେ ୧୮୭ ଦୋକାନୀ କରିଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଯାହାକି ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଏହି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। କପ୍ତିପଦା ତହସିଲଦାରଙ୍କ ସମେତ ଦୁଇ ଜଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଚାଲିଛି। ଏନଏସି ପାଇଁ ଆବଶ୍ୟକ ସମସ୍ତ ସରକାରୀ ଜାଗାକୁ ଖାଲି କରିବା ସହିତ ବିଶେଷ କରି ରାସ୍ତା ସମ୍ପ୍ରସାରଣ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିବା କହିଛନ୍ତି କପ୍ତିପଦା ତହସିଲଦାର। କୌଣସି ଅପ୍ରିତିକାର ପରିସ୍ଥିତିକୁ ନଜରରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ଏହା ସହିତ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଭେଣ୍ଡିଙ୍ଗ ଜୋନ କରି ଥଇଥାନ କରାଯିବ ବୋଲି କହିଛନ୍ତି ତହସିଲଦାର।

## ବ୍ୟାସ-ସରୋବର ମେଳା ମହୋତ୍ସବ ଲାଗି ବ୍ୟାସ-ମାରାଥନ



**ଯାଜପୁର ରୋଡ୍,୨୯।୧ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହରର ବ୍ୟାସ-ସରୋବର ମେଳା ମହୋତ୍ସବ ଉପଲକ୍ଷେ ଆଜି ବ୍ୟାସ-ମାରାଥନ ୨୦୨୬, ଗଣଦୌଡ଼ ବ୍ୟାସନଗର ପୌରାଧକ୍ଷ ଶ୍ରୀ ସୁବାସ ଚନ୍ଦ୍ର ବଳ'ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଗଣଦୌଡ଼କୁ ଯାଜପୁର ରୋଡ଼ ଆଦର୍ଶ ଥାନାର ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଜୀବ ଗାନ୍ଧୀ ଷ୍ଟାଡିୟମ ଠାରୁ ଐତିହାସିକ ପୀଠ ତଥା ବ୍ୟାସ-ସରୋବର ପର୍ଯ୍ୟନ୍ତ ଏହି ଗଣଦୌଡ଼ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୌର ନିର୍ବାହୀ ଅଧିକାରୀ ଶ୍ରୀ ପ୍ରଦୀପ କୁମାର ପାଢ଼ୀ, କାଉନସିଲର ମୋନାଲିସା ସାହୁ, ଶିବାନନ୍ଦ ନାୟକ, ବିଜୟ ଜେନା, ପାର୍ଥସାରଥୀ ନାୟକ, ଅଶୋକ କୁମାର ଦାସ, ଦିଲ୍ଲୀପ ସେଠୀ ଓ ପୌର କର୍ମଚାରୀ ଶ୍ରୀ ଉଦୟ କୁମାର ବାରିକ୍, ସ୍ୱଚ୍ଛତା ଅଧିକାରୀ ମାଣିକ ରଞ୍ଜନ ନାୟକ ବ୍ୟାସନଗର ପୌରସଂସ୍ଥାନର ସମସ୍ତ କର୍ମଚାରୀ, ଅଧିକାରୀ ଓ ଅଞ୍ଚଳ ଜନସାଧାରଣ, ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ।